# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ଜୁଲାଇ ୧୩/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, July 13/2025 | Page 16 | ₹ 7.00 | BERHAMPUR

୫୧ଶ ଭାଗ ୨୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 228 | ମୂଲ୍ୟ ₹୭/-







KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ରବିବାର, ଜୁଲାଇ ୧୩/୨୦୨୫ | Bhubaneswar, Sunday, July 13/2025 | ପୃଷ୍ଠା-୧



**ରାହୁଲଙ୍କ ଶତକ**
ଇଂଲଣ୍ଡ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ଶତକ ହାସଲ କରିଛନ୍ତି ଭାରତୀୟ ବ୍ୟାଟର କେ.ଏଲ୍. ରାହୁଲ। ୧୪

୧୦ **ଖଳନାୟକ ଭୂମିକାରେ କରନ୍‌ବୀର**
ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା 'ଶିଲା' ଫିଲ୍ମରେ ଅଭିନେତା କରନ୍‌ବୀର ମେହରାଙ୍କୁ ଖଳନାୟକ ଭୂମିକାରେ ଦେଖିବାକୁ ମିଳିବ।



# ନିର୍ଯାତନା ଅସହ୍ୟରୁ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ

## ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ, ଅଧ୍ୟାପକ ନିଲମ୍ବିତ

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ(ଏଚ୍ଓଡି) ଅନୁଚିତ ଅନୁଗ୍ରହ(ଫେବର) ଦେଖାଇବା ଆଳରେ ଜଣେ ଛାତ୍ରୀଙ୍କୁ ବାରମ୍ବାର ମାନସିକ ନିର୍ଯାତନା ସହ ଅସଦାଚରଣ କରୁଥିଲେ। ଏହା ଅସହ୍ୟ ହେବାରୁ ତାହାକୁ ବିରୋଧ କରି ଛାତ୍ରୀ ଜଣକ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏପରିକି ଗତ ୭ଦିନ ତଳେ ଛାତ୍ରୀ ଥାନାର ଦ୍ୱାରସ୍ଥ ହୋଇ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ହେଲେ ଇଣ୍ଟରନାଲ କମିଟି ଗଠନ କରାଯାଇଛି କହି କେହି କିଛି ଶୁଣିଲେ ନାହିଁ। ବାଧ ହୋଇ ଛାତ୍ରୀଜଣକ ଶନିବାର ମହାବିଦ୍ୟାଳୟ ଅଧକ୍ଷଙ୍କ ପ୍ରକୋଷ୍ଠ ସମ୍ମୁଖରେ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି। ଛାତ୍ରୀଙ୍କ ଶରୀରର ପ୍ରାୟ ୯୦ ପ୍ରତିଶତ ପୋଡ଼ି ଯାଇଥିବାବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସା କରାଯାଉଛି। ଏହି ଘଟଣାରେ ସମ୍ପୃକ୍ତ କଲେଜର ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପକ ସମୀର ରଞ୍ଜନ ସାହୁଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମହାବିଦ୍ୟାଳୟର ଅଧକ୍ଷ ଦିଲୀପ ଘୋଷ ଏବଂ ଅଧ୍ୟାପକ ସାହୁଙ୍କୁ ନିଲମ୍ବନ କରାଯାଇଛି। ଏଥିସହିତ ଘଟଣାର ତଦନ୍ତ ପାଇଁ ଯୁଗ୍ମ ସଚିବସ୍ତରୀୟ କମିଟି ଗଠନ କରାଯାଇଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି।


ଅଧକ୍ଷ ଦିଲୀପ ଘୋଷ


ଅଧ୍ୟାପକ ସମୀର ରଞ୍ଜନ ସାହୁ

ବାଲେଶ୍ୱର, ୧୨।୭(ବାଞ୍ଛାନିଧି ଦେ)

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ୍ ବିଏଡ୍‌ର ଦ୍ୱିତୀୟବର୍ଷରେ ଅଧ୍ୟୟନରତ ଜଣେ ଛାତ୍ରୀ ଗତ ୧ ତାରିଖରେ ଉକ୍ତ ବିଭାଗର ଏଚ୍ଓଡି ସମୀର ରଞ୍ଜନ ସାହୁଙ୍କ ନାମରେ ମାନସିକ ନିର୍ଯାତନା ଅଭିଯୋଗ ଆଣିଥିଲେ। ଗତ ୬ ମାସ ତଳେ ଅଧ୍ୟାପକ ସାହୁ ଛାତ୍ରୀଙ୍କ ସହ ମନ୍ଦ ଉଦ୍ଦେଶ୍ୟରେ ସମ୍ପର୍କ ରଖିବା ପାଇଁ ଚାହିଁଥିଲେ। ମାତ୍ର ଛାତ୍ରୀଜଣକ ଏଥିରେ ଅରାଜି ହେବାରୁ ଅଧ୍ୟାପକ ସାହୁ ତାଙ୍କୁ ମାନସିକ ଭାବେ ନିର୍ଯାତନା ଦେଇଆସୁଥିଲେ। ପ୍ରଥମେ କ୍ଲାସ ଅନୁପସ୍ଥିତିକୁ କେନ୍ଦ୍ର କରି ଫେଲ୍ କରିଦେବାର ଧମକ ଦେଇଥିଲେ। ତାଙ୍କର ବ୍ୟକ୍ତିଗତ ଜୀବନର କିଛି ଘଟଣାବଳୀକୁ ତାଙ୍କ ମାତାପିତାଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ଛାତ୍ରୀଜଣକ ଆତ୍ମରକ୍ଷା ପ୍ରଶିକ୍ଷଣରେ ଜଣେ ତାଲିମପ୍ରାପ୍ତ ଟ୍ରେନର। ସରକାରୀ ପ୍ରଶିକ୍ଷଣ ଶିବିର ଓ ବ୍ୟକ୍ତିଗତ କାରଣରୁ ସେ ବହୁ ସମୟରେ ଅନୁପସ୍ଥିତ ରୁହନ୍ତି। ଏହି ସୁଯୋଗର ଫାଇଦା ଉଠାଇ ଅଧ୍ୟାପକ ଜଣକ ବାରମ୍ବାର ଛାତ୍ରୀଙ୍କୁ ଅପମାନ କରିବା ସହ ଦୀର୍ଘ ମାସ ଧରି ନିର୍ଯାତନା ଦେଇଆସୁଥିଲେ। ଏଥିରେ ଅତିଷ୍ଠ ହୋଇ ଛାତ୍ରୀଜଣକ ପୂର୍ବରୁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏଚ୍ଓଡିଙ୍କ ବିରୋଧରେ ଅଧକ୍ଷଙ୍କଠାରେ ଅଭିଯୋଗ କରିବା ପରେ ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା, ସହଦେବଖୁଣ୍ଟା ଥାନା ଅଧିକାରୀ ଅଜୟ କୁମାର ମୁର୍ମୁଙ୍କ ଉପସ୍ଥିତିରେ କଲେଜ କର୍ତ୍ତୃପକ୍ଷ ଏ ଘଟଣାର ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଦିନକ ପରେ ହିଁ ଅଧ୍ୟାପକ ଜଣକ ନିଜ ସହକର୍ମୀ ଏବଂ ଛାତ୍ରୀଛାତ୍ରଙ୍କୁ ପ୍ରବର୍ତ୍ତାଇ ସମ୍ପୃକ୍ତ ଛାତ୍ରୀଙ୍କ ଉପରେ ମାନସିକ ଚାପ ପକାଉଛନ୍ତି ବୋଲି ପୁଣି ସେ ଅଭିଯୋଗ ☞ପୃଷ୍ଠା-୨

### ତଦନ୍ତ ପାଇଁ ଯୁଗ୍ମ ସଚିବସ୍ତରୀୟ କମିଟି ଗଠିତ: ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୧୨।୭ (ରବିନାରାୟଣ ଜେନା)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ମାମଲା ଏବେ ଭିନ୍ନ ମୋଡ଼ ନେଇଛି। ଏହି ଘଟଣାକୁ ରାଜ୍ୟ ସରକାର ତଥା ଉଚ୍ଚଶିକ୍ଷା ବିଭାଗ ଗୁରୁତ୍ୱର ସହ ଗ୍ରହଣ କରିଛି। ବିଭାଗ ପକ୍ଷରୁ ସମ୍ପୃକ୍ତ ଅଧ୍ୟାପକ ସମୀର କୁମାର ସାହୁ ଏବଂ ପ୍ରିନ୍ସିପାଲ ଦିଲୀପ କୁମାର ଘୋଷଙ୍କୁ ଶନିବାର ନିଲମ୍ବନ କରାଯାଇଛି। ଏଥିସହ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ଅଧକ୍ଷତାରେ ଜଣେ ଉଚ୍ଚସ୍ତରୀୟ ମହିଳା ଅଧିକାରୀ(ଯୁଗ୍ମସଚିବ ପାହ୍ୟା), ଜଣେ ବରିଷ୍ଠ ଏକାଡେମିସିଆନ(ଅନ୍ୟ କଲେଜ ଅଧକ୍ଷ)ଙ୍କୁ ନେଇ ଏକ କମିଟି ଗଠନ ହୋଇଛି। କମିଟିର ରିପୋର୍ଟକୁ ଆଧାର କରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। କଡ଼ା ପ୍ରତିକ୍ରିୟା ରଖି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
ସମାଜବାଦର ବିଜୟ

ଆଇଆଇଏମ୍ କଲିକତାରେ ଛାତ୍ରୀଙ୍କୁ ବଳାତ୍କାର ୧୦




No.T-
ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
***********
ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା
ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.14.07.2025ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।
ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0169/2526

DSPL-168
ସୁଭଦ୍ରା


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ପୋଷଣ ଅଭିଯାନ
ଓଜନ ଉତ୍ସବ ୨୦୨୫-୨୬ (ପ୍ରଥମ ପର୍ଯ୍ୟାୟ)
୧-୨୫ ଜୁଲାଇ ୨୦୨୫


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

- ଚଳିତ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟ **"ଓଜନ ଉତ୍ସବ"** ଜୁଲାଇ ମାସ ୧ ରୁ ୨୫ ତାରିଖ ମଧ୍ୟରେ ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ବିଭିନ୍ନ ସହଯୋଗୀ ବିଭାଗର ସହଭାଗିତାରେ ଆୟୋଜନ କରାଯାଉଛି।
- ୬ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ନିକଟସ୍ଥ ଅଙ୍ଗନୱାଡ଼ି କେନ୍ଦ୍ରରେ ଓଜନ ଏବଂ ଉଚ୍ଚତା ମାପ କରାଇବାକୁ ଅନୁରୋଧ।
- ଉତ୍ସବରେ ଶିଶୁଙ୍କ ପୌଷ୍ଟିକ ସ୍ଥିତି ଚିହ୍ନଟ ହେବାପରେ ଆବଶ୍ୟକୀୟ ଚିକିତ୍ସା କିମ୍ବା ଗୋଷ୍ଠୀ ସ୍ତରରେ ଯତ୍ନ ନିଆଯିବ।
- ବାଦ୍ ପଡ଼ିଯାଇଥିବା ତଥା ଅପହଞ୍ଚ କିମ୍ବା ଦୁର୍ଗମ ଅଞ୍ଚଳର ଶିଶୁମାନଙ୍କ ଶତ ପ୍ରତିଶତ ଓଜନ ଏବଂ ଉଚ୍ଚତା ଆକଳନକୁ ସୁନିଶ୍ଚିତ କରାଯିବ।

ସହାୟତା ନମ୍ବର
ପୋଲିସ୍ ହେଲ୍ପଲାଇନ୍ ୧୧୨
ମହିଳା ହେଲ୍ପଲାଇନ୍ ୧୮୧
ଶିଶୁ ହେଲ୍ପଲାଇନ୍ ୧୦୯୮
ସୁଭଦ୍ରା ହେଲ୍ପଲାଇନ୍ ୧୪୬୭୮
OIPR-33001/13/0098/2526
ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଖବରଦାତା ସମ୍ମିଳନୀ, ସ୍ଥାନ: ନେତାଜୀ ଭବନ, ୟୁନିଟ୍-୬, ସମୟ: ପୂର୍ବାହ୍ନ ୧୧ଟା।
- ଅଟଳ ପ୍ରତିଭା ସମ୍ମାନ, ସ୍ଥାନ: ପ୍ରେସ୍ କ୍ଲବ, ସମୟ: ମଧ୍ୟାହ୍ନ ୧୨ଟା।

## କଟକ
- ୪୨ ମୌଜା ଅନ୍ତର୍ଗତ ଭଗବତୀ ପୀଠରେ ବିଷ୍ଣୁପ୍ରିୟା ଚାରିଟେବଲ ଟ୍ରଷ୍ଟ ଆନୁକୂଲ୍ୟରେ ବନ ମହୋତ୍ସବ, ସ୍ଥାନ: ଶ୍ରୀରାମ ଭଗବତୀ ପୀଠ ନିକଟ, ସମୟ: ପୂର୍ବାହ୍ନ ୧୦ଟା।
- କାଠଯୋଡ଼ି ସାହିତ୍ୟ ସଂସଦ ପକ୍ଷରୁ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଓ କ୍ଷୁଦ୍ର କବିତା ଆସର, ସ୍ଥାନ: ମଧୁସୂଦନ ଜେନା ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା ୩୦।
- କର୍ମବୀର ଗୌରୀଶଙ୍କର ରାୟଙ୍କ ୧୮୭ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।
- ରୋଟାରୀ କ୍ଲବ ଅଫ୍ କଟକ ସେଣ୍ଟ୍ରାଲର ୩୩ତମ ଅଧିଷ୍ଠାନ ଦିବସ ସମାରୋହ, ସ୍ଥାନ: ରଶ୍ମି ପ୍ୟାଲେସ, ଚହଟା, ବିଡ଼ାନାସୀ, ସମୟ: ସନ୍ଧ୍ୟା ୬ଟା ୩୦।
- ରାଣୀହାଟ ହାଇସ୍କୁଲ ୧୯୮୦ ବ୍ୟାଚ୍ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ, ସ୍ଥାନ: ଆଶୁତୋଷ ମଣ୍ଡପ, ଶଙ୍କରପୁର ଉପରସାହି, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ମେଘମହ୍ଲାର କବିତା ପାଠ ଉତ୍ସବ ଓ ସାରସ୍ୱତ ସମାରୋହ, ସ୍ଥାନ:ଶାନ୍ତିକାନନ, ମଲ୍ଲିକାଶପୁର, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।
- ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ, ସ୍ଥାନ:ଗୁରୁଶକ୍ତି ହୋଟେଲ ସମ୍ମିଳନୀ କକ୍ଷ, ପଞ୍ଚଲିଙ୍ଗେଶ୍ୱର, ନୀଳଗିରି, ସମୟ:ପୂର୍ବାହ୍ନ ୧୦ଟା।
- ମା' ଅମ୍ବିକା ବିଶ୍ୱକଲ୍ୟାଣ ସାହିତ୍ୟ ସଂସଦର କବିତା ଆସର, ସ୍ଥାନ:ଗଡ଼ପୋଖରୀ ୟୁପି ସ୍କୁଲ, ଖଇରା, ସମୟ:ପୂର୍ବାହ୍ନ ୧୦ଟା।
- ଅବସରକାଳୀନ ସମ୍ବର୍ଦ୍ଧନା,ସ୍ଥାନ:ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମିଳନୀ କକ୍ଷ, ରୂପସା, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୧ଟା।
- ଅଧ୍ୟାପକ ସ୍ୱର୍ଗତଃ କୀର୍ତ୍ତନ ବିହାରୀ ଦାଶଙ୍କ ସ୍ମୃତିସଭା,ସ୍ଥାନ:ନୀଳକଣ୍ଠେଶ୍ୱର ମନ୍ଦିର ପରିସର, ମାର୍କୋଣା, ସିମୁଳିଆ, ସମୟ:ଅପରାହ୍ନ ୪ଟା।

## ଭଦ୍ରକ
- ଟାଇମପାସ୍ ପୁସ୍ତକ ପର୍ବ, ସ୍ଥାନ: ନୂଆବଜାର ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୫ଟା ୩୦।

## ମୟୂରଭଞ୍ଜ
- ଚିନ୍ମୟ ମିଶନ ଆନୁକୂଲ୍ୟରେ ରକ୍ତଦାନ ଶିବିର,ସ୍ଥାନ:ଚିନ୍ମୟ ଗୁରୁପାଦ ଆଶ୍ରମ, ମଧୁବନ, ବାରିପଦା,ସମୟ: ସକାଳ ୮ଟା।
- ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ,ସ୍ଥାନ: ବିଶ୍ୱବିଦ୍ୟାଳୟ ସମ୍ମିଳନୀ କେନ୍ଦ୍ରର ସଂଲଗ୍ନ କକ୍ଷ,ତକତପୁର ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଦୁର୍ଗାପୂଜା-୨୦୨୫ ନେଇ ପ୍ରସ୍ତୁତି ବୈଠକ,ସ୍ଥାନ:ଉଦଳା ସିପ୍ରୋନ ଇନ ହୋଟେଲ ବିବାହ ମଣ୍ଡପ,ସମୟ: ପୂର୍ବାହ୍ନ ୧୦ଟା ୩୦।
- କ୍ଷୁଦ୍ର ଚଳଚ୍ଚିତ୍ର 'ପ୍ରକୃତି' ଲୋକାର୍ପଣ ଉତ୍ସବ,ସ୍ଥାନ:ଉଦଳା ସନ୍ଧାନୀ ସଭାଗୃହ,ସମୟ: ଅପରାହ୍ନ ୨ଟା୧୫।
- ଜାତୀୟ ନାଟ୍ୟ ମହୋତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ:ଷ୍ଟାଡିୟମ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ଅପରାହ୍ନ ୪ଟା।

## ଢେଙ୍କାନାଳ
- ସନ୍ଧ୍ୟାତାରା ପକ୍ଷରୁ ମାସିକ ବିଶେଷ ଆସର, ସ୍ଥାନ: ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ସଭାଗୃହ, ସମୟ: ଅପରାହ୍ନ ୩ଟା ୩୦।
- ଢେଙ୍କାନାଳ ଲକ୍ଷ୍ମୀପୂଜା ପାଇଁ ଜରୁରୀ ବୈଠକ, ସ୍ଥାନ: ମୀନାବଜାର ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା
- ବନ ମହୋତ୍ସବ, ସ୍ଥାନ: ଲୋକନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଚ୍ଚାମୁଣ୍ଡାଇ, ସମୟ:ପୂର୍ବାହ୍ନ ୧୦ଟା।

## ରାୟଗଡ଼ା
- ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ ବୈଠକ, ସ୍ଥାନ: ରାୟଗଡ଼ା କିସ୍ କାର୍ଯ୍ୟାଳୟ, ସମୟ: ସକାଳ ୯ଟା ୩୦।
- ଆର୍‌ଏସ୍‌ଏସ୍‌ର ଗୁରୁ ପୂଜନ କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ଆର୍‌ଏସ୍‌ଏସ୍‌ର ଗୁରୁପୂର୍ଣ୍ଣିମା ଉତ୍ସବ, ସ୍ଥାନ: ଝରିଗାଁ ମାଉସୀମା ମନ୍ଦିର ପରିସର, ସମୟ: ପୂର୍ବାହ୍ନ୧୦ଟା।
- ଅବସରପ୍ରାପ୍ତ ଫାର୍ମାସିଷ୍ଟଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।

## କୋରାପୁଟ
- କିଶୋରୀ ବାଳିକାଙ୍କ ତାଲିମ ଶିବିର, ସ୍ଥାନ: ମଲ୍ଟିଫଙ୍କସନ ହଲ, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପୁସ୍ତକ ଉନ୍ମୋଚନ, ସ୍ଥାନ: ଏସ୍‌ଆର ମଲ୍ ସଭା କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ: ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟ, ସମୟ : ସକାଳ ୯ଟା।
- କଲମ ପରିବାର ଟ୍ରଷ୍ଟ ଓ ଆସାମ ଗୁଆହାଟିର ଆଜିର କବିତା ଅନୁଷ୍ଠାନ ଆୟୋଜିତ ଜାତୀୟ କବି ସମ୍ମିଳନୀ ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଉପଯୋଗୀତା କେନ୍ଦ୍ର, ସମୟ : ସକାଳ ୯ଟା।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ୍, ସମୟ : ସନ୍ଧ୍ୟା ୬ଟା ୩୦।
- ସମ୍ବଲପୁରୀ ଦିନ୍ ସକାଶେ ଏକତା ମଞ୍ଚର ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁର କଳା ପରିଷଦ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ନବନୀତା ଯୁବ ସାହିତ୍ୟ ସମାବେଶ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଜେଏସ୍‌ଏମ୍ କଲେଜର ଗ୍ରାଜୁଏଶନ୍ ଡେ ୨୦୨୫ ପାଳନ, ସ୍ଥାନ: ପିପି ଏକାଡେମୀ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ରୋଟାରୀ କ୍ଲବ ଅଫ୍ ଇଲିଟର ଇଷ୍ଟାଲେଶନ୍ ସେରେମନି, ସ୍ଥାନ: ସରୋଜିନୀ ରେସିଡେନ୍ସି, ବଲାଙ୍ଗୀର, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା
- ଗୃହରକ୍ଷୀ ପଦବୀ ପାଇଁ ଦକ୍ଷତା ପରୀକ୍ଷା, ସ୍ଥାନ: ରିଜର୍ଭ ପଡ଼ିଆ, ସମୟ: ପ୍ରାତଃ ୫ଟା।
- ସମ୍ଭାବନା ପକ୍ଷରୁ ବୃକ୍ଷରୋପଣ, ସ୍ଥାନ: ବରଟୋଲି, ସମୟ: ପୂର୍ବାହ୍ନ ୧୦ଟା।
- ତାରିଣୀ ପୀଠରେ ବନ ମହୋତ୍ସବ, ସ୍ଥାନ: ବାସନ୍ତୀ କଲୋନି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମଧୁସୂଦନ ରାଓଙ୍କ ସ୍ମୃତିରେ ସାହିତ୍ୟ ସଭା ଓ କବିତା ପାଠ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୭, ଇସ୍ପାତ ସାହିତ୍ୟ ସଂସଦ, ସମୟ: ସନ୍ଧ୍ୟା ୬ଟା।
- ରୋଟାରୀ କ୍ଲବ ରାଉରକେଲା ଅର୍ବାନର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୧୯, ରାଉରକେଲା କ୍ଲବ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ଶିବ ପୁରାଣ ପାରାୟଣ,ସ୍ଥାନ:ଜଗନ୍ନାଥ ମନ୍ଦିର ପରିସର, ଗାଇସିଲେଟ, ସମୟ: ସକାଳ ୯ଟା।
- ଲାୟନ୍ସ କ୍ଲବର ବାର୍ଷିକ ସମ୍ମିଳନୀ,ସ୍ଥାନ: ହୋଟେଲ ଗଣପତି, ବରଗଡ଼,ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି
- କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ରଜତ ଜୟନ୍ତୀ ସମାରୋହ, ସ୍ଥାନ: ଭବାନୀପାଟଣା ବିକାଶ ଉଇସ୍‌ଡମ୍ ପାର୍କ, ସମୟ: ପୂର୍ବାହ୍ନ ୧୦ଟା।
- ନିଖିଳ ଉତ୍କଳ ଖଣ୍ଡୁରା ସମାଜର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କିର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର୍ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଦେବଗଡ ସହର ବିଜେଡ଼ି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ ସହର, ସମୟ: ସନ୍ଧ୍ୟା ୬ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି କନକ ଦୁର୍ଗା ମନ୍ଦିର, ଦେବଗଡ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ବୀରମହାରାଜପୁର ମହାବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ଅନ୍ତର୍ଗତ ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ଓ ପୁରାଣ ପଠନ କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବଳହୀନ ରାଶ୍ୟାଧିପ କେତୁ ଯୁକ୍ତ ଯୋଗୁ ସ୍ୱାସ୍ଥ୍ୟହାନି ସହ ପାରିବାରିକ କଳହର କାରଣ ହୋଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ପରିବହନ, ସାହିତ୍ୟ, ସଙ୍ଗୀତ ପ୍ରଭୃତିରେ ବାଧା ରହିବ ନାହିଁ। ବନ୍ଧୁ ଆସିବେ, ମାତ୍ର ଫେରିବା ସମୟକୁ ବହୁତ କଥା ଶୁଣେଇ ପାରନ୍ତି । ସମୟାନୁବର୍ତ୍ତିତା ଓ କାର୍ଯ୍ୟଦକ୍ଷତା ହେତୁ ପ୍ରଶଂସିତ ହେବେ।

**ବୃଷ** ଶୁକ୍ର ନିଜ ଗୃହରେ ରହିଥିବାରୁ ଅର୍ଥ ଲାଭ ସହିତ ମଜାମଉଜରେ ଦିନଟି କଟିବ। ବୁଧାଦିତ୍ୟ ଯୋଗଜନିତ ସୁନ୍ଦର ମାଦକତାଭରା ପାରିବାରିକ ଜୀବନକୁ ଉପଭୋଗ କରିବେ। ଆନୁଷ୍ଠାନିକ କାମ ସକାଶେ ବିଶେଷ ଶ୍ରମ ଓ ସମୟ ବିନିଯୋଗ କରିବାକୁ ପଡ଼ିବ। ଶିଳ୍ପ, ବ୍ୟବସାୟ, ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** କର୍ମାଧିପ ରାଶିରେ ଅବସ୍ଥାନ କରି ସ୍ଥଗିତ କାର୍ଯ୍ୟ ସମୂହକୁ ପୂର୍ଣ୍ଣାଙ୍ଗ କରିପାରିବେ। ଆନୁଷ୍ଠାନିକ କ୍ଷେତ୍ରରେ ସଂକୋଚବଶତଃ ବନ୍ଧୁଙ୍କୁ ମନ କଥା କହିପାରିବେ ନାହିଁ। ମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନ ଭଲ ରହି ନ ପାରେ। ଆତ୍ମୀୟଙ୍କ ମନମୁଖି କାର୍ଯ୍ୟକଳାପ ଏବଂ ଆର୍ଥିକ ଅନଟନ ଲାଗି ରହିବା କାରଣରୁ ବିଚଳିତ ରହିପାରନ୍ତି।

**କର୍କଟ** ଶୁକ୍ରଙ୍କ ସୁପ୍ରଭାବରେ ସାହିତ୍ୟ, ସଙ୍ଗୀତ କ୍ଷେତ୍ରରୁ ଅର୍ଥ ଓ ସମ୍ମାନର ଅଭାବ ରହିବ ନାହିଁ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା, ପ୍ରତିବନ୍ଧକ ସାଙ୍ଗକୁ ବ୍ୟସ୍ତତା ବଢ଼ିଯିବ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ ; କିନ୍ତୁ ନିର୍ମାଣ, ପରିବହନରେ ସମସ୍ୟା ଦେଖାଦେବ। କଚେରି ମାମଲାରେ ବିଜୟୀ ହେବେ ଏବଂ ସମ୍ପର୍କୀୟଙ୍କ ଦ୍ୱାରା ଉପକୃତ ହେବେ।

**ସିଂହ** କର୍ମସ୍ଥାନରେ ଶୁକ୍ର ଅବସ୍ଥାନ କରିଥିବାରୁ କର୍ମାରମ୍ଭ ସକାଶେ ମନ ବଳାଇବେ। କିନ୍ତୁ ଜୀବିକା ନିର୍ବାହଜନିତ କର୍ମକ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାକୁ ପଡ଼ିପାରେ। ଟଙ୍କା ପଇସା ଯୋଗାଡ଼ କରିବା ପାଇଁ ବିଭିନ୍ନ ଫନ୍ଦିଫିକର କରିପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** ପାପଗ୍ରହଦୃଷ୍ଟ ଗୁରୁଜନିତ ପାରିବାରିକ ସମସ୍ୟା ଲାଗି ରହିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ନିଜର ସ୍ୱାର୍ଥ ହାସଲ ପରିପ୍ରେକ୍ଷୀରେ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ଦୀର୍ଘ ଦିନରୁ ରହି ଆସିଥିବା ବକେୟା ଅର୍ଥ ଆଦାୟ କରିବାରେ ଆଜିହିଁ ସକ୍ଷମ ହେବେ।

**ତୁଳା** କର୍ମାଧିପ ଚନ୍ଦ୍ର ଭାଗ୍ୟାଧିପ ଦୃଷ୍ଟିରେ ଥିବାରୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଲାଭ କରିବେ। ମୂଲ୍ୟବାନ୍ ଜିନିଷ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିବ। ଚାକିରିରେ, ସଭା ସମିତିରେ, ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଯେତେ ଭଲକାମ କଲେ ସୁଦ୍ଧା ପରିବାରରେ ସ୍ନେହ, ଶ୍ରଦ୍ଧା, ଆଦର ଦୁର୍ଲଭ ହୋଇପଡ଼ିବ।

**ବିଛା** ଭାଗ୍ୟାଧିପ ଭାଗ୍ୟ ସ୍ଥାନକୁ ଦେଖୁଥିବାରୁ ଅଭିଳାଷ ପୂରଣ ହେବାରେ ଅନୁକୂଳ ପରିବେଶ ସୃଷ୍ଟି ହେବ। ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଅତୀତ ଘଟଣା ମନକୁ ଆଲୋଡ଼ିତ କରିବା ଫଳରେ ମନ ଭଲ ଲାଗିବ ନାହିଁ। ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଦୂରେଇଯିବ।

**ଧନୁ** ରାଶ୍ୟାଧିପଙ୍କ ପ୍ରତ୍ୟକ୍ଷ ଦୃଷ୍ଟିରୁ ଆପଣଙ୍କ ସୁସ୍ଥ ବିଚାରଧାରା ହିଁ ସୁଫଳର ପରିଚାୟକ ହେବ। ଏତଦ୍ ବ୍ୟତୀତ ମାଲିମକଦ୍ଦମା, ପ୍ରତିଦ୍ୱନ୍ଦ୍ୱିତା ଓ ପ୍ରତିଯୋଗିତାରେ ସଫଳତା ମିଳିବ। ଦୂରଯାତ୍ରା କରିବାକୁ ବାଧ ହୋଇପାରନ୍ତି। ଧାତୁ ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିବାର ଆବଶ୍ୟକତା ଅନୁଭବ କରିବେ।

**ମକର** ସପ୍ତମାଧିପତି ରାଶିରେ ଅବସ୍ଥାନ କରି ପାରିବାରିକ ଏବଂ ବ୍ୟବସାୟିକ ଉନ୍ନତି ସହ ଯାତ୍ରାରେ ଲକ୍ଷ୍ୟପୂରଣ କରିବେ। ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମ ସୁବିଧାରେ ସମ୍ପନ୍ନ ହୋଇଯିବ, ମାତ୍ର ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତରେ ଉନ୍ନତି କରିବେ। ଭ୍ରମଣ ପରିପ୍ରେକ୍ଷୀରେ ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହେବେ।

**କୁମ୍ଭ** ରାଶିରେ ରାହୁ ଥିବାରୁ ପରୋକ୍ଷ ଶତ୍ରୁତାଜନିତ ସମସ୍ୟାରେ ମନକୁ ଭାରାକ୍ରାନ୍ତ କରାଇବ। ବାଣିଜ୍ୟ, ନିର୍ମାଣ, ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହେବ। ବନ୍ଧୁମାନଙ୍କ ମଧ୍ୟସ୍ଥତାରେ ବହୁତ ଦିନ ହେଲା ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ** ଶନିଙ୍କ ପ୍ରଭାବରେ ଆଜି ଭୁଲ୍ ନିଷ୍ପତ୍ତି ନେଇ ପଶ୍ଚାତ୍ତାପ କରିପାରନ୍ତି। ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ପରିଲକ୍ଷିତ ହୋଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ ବିବାଦ ଭିତରକୁ ଟାଣି ହୋଇଯିବେ। କଠୋର ପରିଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

ଆଜି ଜୁଲାଇ ୧୩ ତାରିଖ, କର୍ମବୀର ଗୌରୀ ଶଙ୍କରଙ୍କ ଜୟନ୍ତୀ, ଶ୍ରାବଣ କୃଷ୍ଣ ତୃତୀୟା ରବିବାର। ରାଶିନକ୍ଷତ୍ର-ଧନିଷ୍ଠା/ମକର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୦୪ ଗତେ ଘ.୦୯।୪୧ ମଧ୍ୟେ, ଘ.୦୧।୩୦ ଗତେ ଘ.୦୨।୫୫ ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୪୭ମି. ଗତେ ଘ.୦୬।୨୫ ମଧ୍ୟେ ରାହୁକାଳ।

# ଉଚ୍ଚଶିକ୍ଷା ମନ୍ତ୍ରୀ ଇସ୍ତଫା ଦିଅନ୍ତୁ: ଭକ୍ତ

ଭୁବନେଶ୍ୱର,୧୨।୭ (ରବିନାରାୟଣ ଜେନା): ଓଡ଼ିଶାରେ ମହିଳାମାନେ ଅସୁରକ୍ଷିତ ଥିବା କଥା ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ସମ୍ବିଧାନ ବଞ୍ଚାଅ ସମାବେଶରେ କହିବାର କେଇଘଣ୍ଟା ନପୁରୁଣୁ ବାଲେଶ୍ୱରର ଏଫ୍‌ଏମ୍ କଲେଜରେ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଲୋକଲୋଚନକୁ ଆସିଛି। ଜଣେ ଯୁବତୀ ନ୍ୟାୟ ପାଇଁ ସବୁଠାରୁ ବିଫଳ ହେବା ପରେ ଏଭଳି ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ ହେଲେ। ରାଜ୍ୟର କୌଣସି ସରକାରୀ କଲେଜରେ ସ୍ଥାୟୀ ଅଧ୍ୟକ୍ଷ ନାହାନ୍ତି। ଉଚ୍ଚଶିକ୍ଷା ମନ୍ତ୍ରୀ ନିଜ ବିଫଳତା ସ୍ୱୀକାର କରି ନୈତିକତା ଦୃଷ୍ଟିରୁ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ସେ କହିଛନ୍ତି ଯେ, ଅଧ୍ୟାପକଙ୍କ ଦ୍ୱାରା ଲୋଡ଼ାଯାଇଥିବା ଯୌନ ଅନୁଗ୍ରହ ଏବଂ ନିର୍ଯାତନା ବିଷୟରେ କର୍ତ୍ତୃପକ୍ଷ ଅବଗତ ଥିଲେ, କିନ୍ତୁ ଝିଅଟିକୁ ସୁରକ୍ଷା ଦେବା କିମ୍ବା ନ୍ୟାୟ ଦେବା ପାଇଁ କିଛି କରି ନଥିଲେ। ପିସିସି ସଭାପତି ଭକ୍ତଚରଣ ଦାସ ଯୁବତୀଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ରାଜ୍ୟ ସରକାର ଦାୟୀ: ବିଜେଡି

ଭୁବନେଶ୍ୱର,୧୨।୭(ରବିନାରାୟଣ ଜେନା)

ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମହତ୍ୟା ପାଇଁ ରାଜ୍ୟ ସରକାର ଦାୟୀ ବୋଲି ବିଜେଡି ଅଭିଯୋଗ କରିଛି। ଶନିବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି, ଛାତ୍ରୀ ଜଣକ ଜୁଲାଇ ୧ତାରିଖରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଅଧ୍ୟାପକ ତାଙ୍କଠାରୁ କିଭଳି ଶାରୀରିକ ସୁଖ ଚାହୁଁଥିଲା ତାହା ମଧ ସେ ଦର୍ଶାଇଥିଲେ। ଅଧ୍ୟକ୍ଷ ଏହି ଅଭିଯୋଗକୁ ଗୁରୁତ୍ୱର ସହ ନ ନେବାରୁ ପରେ ଥାନା ଏବଂ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ବ୍ୟକ୍ତିଗତ ସାକ୍ଷାତ କରି ତାଙ୍କ ଦୁଃଖ ଜଣାଇଥିଲେ ; ଯାହାକୁ ପ୍ରତାପ ଷଡ଼ଙ୍ଗୀ ଗଣମାଧ୍ୟମରେ ସ୍ୱୀକାର ମଧ କରିଛନ୍ତି। କିନ୍ତୁ ବିଡ଼ମ୍ବନାର କଥା ଏମ୍‌ପି ଛାତ୍ରୀଙ୍କୁ ନ୍ୟାୟ ଦେବା ପାଇଁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ । ଘଟଣାକୁ ହାଲୁକା ଭାବେ ନେବା ଯୋଗୁ ଶନିବାର ଛାତ୍ରୀ ଜଣକ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଲେ ବୋଲି ଇପ୍‌ସିତା କହିଛନ୍ତି। ଏହି ଅବସରରେ ବିଜୁ ଜନତା ଦଳର ଏକ ପ୍ରତିନିଧିମଣ୍ଡଳୀ ଏମ୍‌ସ ଗସ୍ତକରି ପୀଡ଼ିତାଙ୍କ ଭାଇଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି।

# ମୁହଁ ଖୋଲିଲେ ଅର୍ଚ୍ଚନା ନାଗ

## ବିଜେଡି ନେତା, ପୋଲିସ ଅଧିକାରୀଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ

- ଟଙ୍କାରେ ଅଭିଯୋଗକାରିଣୀଙ୍କୁ କିଣା ଯାଇଥିଲା
- 'ଜେଲରେ ଦିଆଯାଉଥିଲା ନିର୍ଯାତନା'

ଭୁବନେଶ୍ୱର,୧୨।୭(ସତ୍ୟଜିତ୍ ରାଉତ)

ବ୍ଲାକମେଲ୍ କରି ଟଙ୍କା ମାଗିବା ମାମଲାରେ ଜେଲ ଯାଇଥିବା ବହୁଚର୍ଚ୍ଚିତ ଅର୍ଚ୍ଚନା ନାଗ ଗୁମର ଖୋଲିଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିବାବେଳେ ଶନିବାର ଖବରଦାତା ସମ୍ମିଳନୀ କରି ଅର୍ଚ୍ଚନା ବିଜେଡି ନେତା ଓ ପୋଲିସ ଅଧିକାରୀଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଭୁବନେଶ୍ୱର ରୋଟାରି କ୍ଲବ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ତାଙ୍କ ସହ ବାପା ସୁରେନ୍ଦ୍ର ନାଗ, ସାମାଜିକ କର୍ମୀ ବିନ୍ଧୁଜା ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।

ଅର୍ଚ୍ଚନାଙ୍କ କହିବା ହେଲା 'ବିଜେଡିର କିଛି ଆଗଧାଡ଼ିର ନେତା ଓ ବରିଷ୍ଠ ପୋଲିସ ଅଧିକାରୀ ତାଙ୍କ ପଛରୁ ଛୁରି ମାରିଥିଲେ।' ଟଙ୍କା ଦେଇ ଅଭିଯୋଗକାରିଣୀଙ୍କୁ କିଣା ଯାଇଥିବାର ପ୍ରମାଣ ତାଙ୍କୁ ମିଳିଛି ବୋଲି ଅର୍ଚ୍ଚନା କହିଛନ୍ତି। ଅର୍ଚ୍ଚନା ଆହୁରି କହିଛନ୍ତି ଯେ, ତାଙ୍କୁ ନେଇ ବହୁତ କାହାଣୀ ଉପସ୍ଥାପନା କରାଯାଇଥିଲା। ସେ ଦୋଷୀ କି ନିର୍ଦ୍ଦୋଷ, କୋର୍ଟ ଏହାର ପ୍ରମାଣ କରିବେ। ୨୦୨୨ ଅକ୍ଟୋବର ୬ରେ ତାଙ୍କୁ ଗିରଫ କରାଯାଇଥିବା ଦେଖାଗଲା। ଅକ୍ଟୋବର ୪ରୁ ବାଲିଅନ୍ତା ଥାନାରେ ତାଙ୍କୁ ବେଆଇନ ଭାବେ ଅଟକ ରଖାଯାଇଥିଲା। ସମସ୍ତେ ସାଦା ପୋଷାକରେ ଥିବାରୁ ସେମାନଙ୍କୁ ସେ ଚିହ୍ନି ପାରି ନ ଥିଲେ। ଅଭିଯୋଗକାରିଣୀ କିଏ ଏବଂ ଅଭିଯୋଗ ବାବଦରେ ସେ ୬ଦିନ ପରେ ଜେଲରେ ଜାଣିଥିଲେ। ଖଣ୍ଡଗିରି ଥାନାରେ ମାମଲା ହୋଇଥିବା ବେଳେ ବାଲିଅନ୍ତା ଥାନାକୁ ତାଙ୍କୁ କାହିଁକି ଅଣାଯାଇଥିଲା ବୋଲି ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ତାଙ୍କ ପରିବାର ସଦସ୍ୟମାନଙ୍କୁ ୪୮ଘଣ୍ଟା ଅଟକ ରଖାଯାଇଥିଲା। ପୋଲିସ ତାଙ୍କ ଘରର ସିସିଟିଭି ହାର୍ଡ ଡିସ୍କକୁ ନଷ୍ଟ କରିଦେଇଥିଲା। କିଛି ବଡ଼ବଡ଼ିଆ, ବିଶିଷ୍ଟ ରାଜନୈତିକ ବ୍ୟକ୍ତିତ୍ୱମାନେ ଏହି ଘଟଣାରେ ସମ୍ପୃକ୍ତ ଥାଇ ତାଙ୍କୁ ପଛରୁ ଛୁରି ମାରିଛନ୍ତି।



ଗିରଫ ହେବାର ବହୁତ ଦିନ ପରେ ସେ ଏନେଇ ଜାଣିବାକୁ ପାଇଥିଲେ। ବିଜେଡି ନେତା ବବି ଦାସ, ମାନସ ମଙ୍ଗରାଜ, କର୍ପୋରେଟର ଅମରେଶ ଜେନା ଓରଫ ବାଇଁଆ, ଡିସିପି ପ୍ରତୀକ ସିଂ, ଏସିପି ହିମାଂଶୁ ସ୍ୱାଇଁ ପ୍ରମୁଖ ପୋଲିସ ଅଧିକାରୀମାନେ ଷଡ଼ଯନ୍ତ୍ରରେ ସମ୍ପୃକ୍ତ ଥିଲେ। ଏହା ଅଭିଯୋଗକାରିଣୀ ତାଙ୍କୁ କହିଥିବା ବେଳେ ତାଙ୍କ ପାଖରେ କଲ୍ ରେକର୍ଡିଂ ରହିଛି। ଏପରିକି ସେମାନେ କ୍ଷମତାର ଅପବ୍ୟବହାର କରି ଜେଲକୁ କିଣି ଦେଇଥିଲେ। ରାତାରାତି ଜଣେ ଜେଲରଙ୍କୁ ତାଙ୍କ ପାଇଁ ବଦଳି କରାଯାଇଥିଲା। ଜେଲ ଭିତରେ ତାଙ୍କୁ ବିଷ ଇଞ୍ଜେକ୍ସନ ଦେଇ ହତ୍ୟା କରିବାକୁ ଚେଷ୍ଟା ହୋଇଥିବାବେଳେ କିଛି ବିଚାରାଧୀନ କଏଦୀଙ୍କ ସାହାଯ୍ୟରେ ସେ ବଞ୍ଚିଥିଲେ। ଜେଲ ଭିତରକୁ ଡିସିପି ସିଂ, ଅତିରିକ୍ତ ଡିସିପି ପ୍ରକାଶ ପାଲ, ଏସିପି ହିମାଂଶୁ ବାରମ୍ବାର ଯାଉଥିଲେ। ତାଙ୍କୁ ପାଗଳୀ ବୋଲି ସ୍ୱୀକାର କରିବାକୁ ବାଧ କରାଯାଇଥିଲା। ଏପରିକି ରାଜ୍ୟ ଛାଡ଼ି ଯିବାକୁ ଚାପ ମଧ ପକାଯାଉଥିଲା ବୋଲି ଅର୍ଚ୍ଚନା କହିଛନ୍ତି। ତେବେ ବିଜେଡି ସରକାର ଯିବା ପରେ ଆଉ ଟଙ୍କା ଦିଆଯାଉ ନ ଥିବା ଅଭିଯୋଗକାରିଣୀ ଶ୍ରଦ୍ଧାଞ୍ଜଳି ବେହେରା କଲ୍‌ରେ କହିଥିବା ସେ କହିଛନ୍ତି। ଅର୍ଚ୍ଚନାଙ୍କ ଏଭଳି ଅଭିଯୋଗ ପରେ ବିଜେଡି ନେତା ଏବଂ ପୋଲିସ ଅଧିକାରୀଙ୍କ ଏକ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକ ରହିଛି ବୋଲି ଆଲୋଚନା ହେଉଥିବାବେଳେ ଏନେଇ ସମ୍ପୃକ୍ତ ନେତା ଓ ପୋଲିସ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ରୁଷି ଯାଇ ବାଡ଼ି ପଟରେ ବସୁ**
**କେହି ନ ଡାକିଲେ ମନକୁ ଆସୁ ।**

ସାଧାରଣତଃ ମାନ ଅଭିମାନ ବା ରାଗ ରୁଷା ନିଜ ଲୋକଙ୍କ ଉପରେ ହିଁ କରାଯାଇଥାଏ। ତେବେ ହରଘଡ଼ି ରୁଷୁଥିବା ବ୍ୟକ୍ତିଙ୍କୁ କେହି ଖୋସାମତ କରିବା ଆଦୌ ଉଚିତ ନୁହେଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ରାତି ପାହିଲାଣି ରାବଇ କାଉ**
**ଉଠ ଉଠ ମଠ ନ କର ଆଉ ।**

ରାତି ନ ପାହୁଣୁ କାଉ କା' କରେ। ଉଷାକାଳେ ବା ପ୍ରାତଃକାଳେ କାଉର ରାବ ନିଦ୍ରିତ ଲୋକଙ୍କୁ ଜାଗ୍ରତ କରାଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ନିର୍ଯାତନା ଅସହ୍ୟରୁ ...

କରିଥିଲେ। ଏହି ଘଟଣାରେ ଏବିଭିପି ପକ୍ଷରୁ ସ୍ୱର ଉତ୍ତୋଳନ କରାଯାଇ କଲେଜ କର୍ତ୍ତୃପକ୍ଷଙ୍କୁ ତଦନ୍ତ ପାଇଁ ଦାବି କରାଯାଇଥିଲା। ଏହାପରେ ଛାତ୍ରୀଛାତ୍ର ଏ ସମ୍ପର୍କରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ସାକ୍ଷାତ୍ କରି ଅଭିଯୋଗ ସମ୍ପର୍କରେ ଜଣାଇଥିଲେ। ଏମ୍‌ପି ଷଡ଼ଙ୍ଗୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ କଲେଜ ଅଧ୍ୟକ୍ଷ ଓ ଏସ୍‌ପିଙ୍କ ସହ କଥା ହୋଇଥିଲେ। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ତଦନ୍ତ କ'ଣ ହେଲା ଏବଂ କାର୍ଯ୍ୟାନୁଷ୍ଠାନ କାହିଁକି ନିଆଯାଇ ନାହିଁ ବୋଲି ଦାବି କରି ଶନିବାର ଛାତ୍ରୀଛାତ୍ର କଲେଜ ପରିସରରେ ଧାରଣାରେ ବସିଥିଲେ। ତେବେ ଧାରଣା ସମୟରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଘୋଷ ଉକ୍ତ ଛାତ୍ରୀଙ୍କୁ ଡାକି ଏକୁଟିଆ କିଛି ସମୟ ଆଲୋଚନା କରିଥିଲେ। ହେଲେ ସେଠାରୁ ଫେରିବା ପରେ ଛାତ୍ରୀଜଣକ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପେଟ୍ରୋଲ ଢାଳି ନିଜ ଦେହରେ ନିଆଁ ଲଗାଇଦେଇଥିଲେ। ଛାତ୍ରୀଜଣକ ନିଆଁରେ ଜଳି ଯାଉଥିବା ଦେଖି ମଧ ମହାବିଦ୍ୟାଳୟର କର୍ମଚାରୀ ମାନବିକତା ଦେଖାଇ ନ ଥିଲେ। ଛାତ୍ର ଜ୍ୟୋତିପ୍ରକାଶ ଛାତ୍ରୀଙ୍କୁ ବଞ୍ଚାଇବାକୁ ଯାଇ ଗୁରୁତର ଆହତ ହୋଇଥିଲେ। ସେତେବେଳକୁ ଛାତ୍ରୀ ଜଣକ ପ୍ରାୟ ୯୦% ପୋଡ଼ି ଯାଇଥିଲେ। ତୁରନ୍ତ ଉଭୟଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସଦର ବିଧାୟକ ମାନସ କୁମାର ଦତ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଆହତ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସିଡିଏମ୍‌ଓ ଏବଂ ଏଡିଏମ୍‌ଓଙ୍କ ସହ ଆଲୋଚନା କରିଥିଲେ। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଏସ୍‌ପି ରାଜ ପ୍ରସାଦ, ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା, ସହଦେବଖୁଣ୍ଟା ଥାନା ଅଧିକାରୀ ଅଜୟ କୁମାର ମୁର୍ମୁ, ଟାଉନ ଥାନା ଅଧିକାରୀ ବିଜୟ କୁମାର ଦାସ ପ୍ରମୁଖ କଲେଜ ପରିସରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରିନ୍ସିପାଲଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଅଭିଯୁକ୍ତ ଏଚ୍‌ଓଡି ସାହୁଙ୍କୁ ତୁରନ୍ତ ଗିରଫ କରାଯାଇଥିଲା।

ଏ ସମ୍ପର୍କରେ ଅଧ୍ୟକ୍ଷ ଘୋଷ କହିଛନ୍ତି, ଘଟଣାକୁ ନେଇ ଛାତ୍ରୀଛାତ୍ର ଧାରଣାରେ ବସିଥିଲେ। ଏକ କମିଟି ଗଠନ କରାଯାଇ ଛାତ୍ରୀଙ୍କ ଅଭିଯୋଗ ମୁତାବକ ତଦନ୍ତ କରାଯାଇଥିଲା। ଧାରଣା ସ୍ଥଳରୁ ଛାତ୍ରୀଙ୍କୁ ଡାକି ଅଫିସ୍‌ରେ ଆଲୋଚନା କରିଥିଲୁ। ଅଫିସ୍‌ରୁ ବାହାରି ମାନସିକ ଭାରସାମ୍ୟ ହରାଇ ସେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଛାତ୍ରୀଙ୍କ ଭାଇ କହିଛନ୍ତି, ଅଧ୍ୟାପକ ସମୀର ସାହୁ ବାରମ୍ବାର ତାଙ୍କ ଭଉଣୀଙ୍କୁ ଫେବର ଦେବା ପାଇଁ କହୁଥିଲେ। କ୍ଲାସ୍‌ରେ ଅନୁପସ୍ଥିତ ରହୁଥିବାରୁ ପରୀକ୍ଷାରେ ଫେଲ୍ କରିଦେବେ ବୋଲି କହିଥିଲେ। ଏପରିକି ସେ ଥିବା ପର୍ଯ୍ୟନ୍ତ ତାଙ୍କୁ କୌଣସି ମତେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ଦେବେ ନାହିଁ ବୋଲି ଚେତାବନୀ ଦେଇଥିଲେ। ଏନେଇ ସେ ପୂର୍ବରୁ ମଧ ଆତ୍ମହତ୍ୟା ଉଦ୍ୟମ କରିଥିଲା। ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିବା ପରେ ମଧ କୌଣସି ଲାଭ ହେଲା ନାହିଁ। ଭଉଣୀର ଯଦି କୌଣସି ପ୍ରକାର ଅଘଟଣ ଘଟେ ସେଥିପାଇଁ କଲେଜ କର୍ତ୍ତୃପକ୍ଷ ଦାୟୀ ରହିବେ। ସହପାଠୀ ସୁଶ୍ରୀ ଭୂୟାଁ କହିଛନ୍ତି, ସମ୍ପୃକ୍ତ ଅଧ୍ୟାପକ ବିଭିନ୍ନ ସମୟରେ ଛାତ୍ରୀମାନଙ୍କୁ ଅଶାଳୀନ ବ୍ୟବହାର କରିଥାନ୍ତି। ମନ୍ଦ ଉଦ୍ଦେଶ୍ୟ ରଖି ମାନସିକ ନିର୍ଯାତନା ଦେଇଥାନ୍ତି। ମୋ ସହପାଠୀଙ୍କ ଉପରେ ଖରାପ ନଜର ରଖି ଗତ ୬ମାସ ଧରି ହଇରାଣ ହରକତ କରୁଥିଲେ। ସେ ଅତିଷ୍ଠ ହୋଇ ସାଙ୍ଗମାନଙ୍କୁ ଜଣାଇବା ସହ ଅଧ୍ୟକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲା। ନ୍ୟାୟ ନ ମିଳିବାରୁ ପୁଣି ଧାରଣାରେ ବସିଥିଲୁ।

### ତଦନ୍ତ ପାଇଁ ଯୁଗ୍ମ ...

ସେ ଆହୁରି କହିଛନ୍ତି, ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ। ଉକ୍ତ ଘଟଣାରେ ବିଭାଗ ପକ୍ଷରୁ ତ୍ୱରିତ୍ ପଦକ୍ଷେପ ଗ୍ରହଣ କରାଯାଇ ପୀଡ଼ିତ ଛାତ୍ରୀଙ୍କୁ କିଭଳି ତ୍ୱରିତ୍ ଚିକିତ୍ସା ମିଳିପାରିବ ସେଥିପ୍ରତି ମୁଖ୍ୟମନ୍ତ୍ରୀଙ୍କ ସହିତ କଥାହୋଇ ପଦକ୍ଷେପ ଗ୍ରହଣ କରାଯିବ। ଏହି ଘଟଣାରେ ଛାତ୍ରୀ ଜଣକ ପୂର୍ବରୁ ରିପୋର୍ଟ କରିଥିଲେ ହେଁ କାହିଁକି ସରକାରୀ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ ତାକୁ ମଧ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମହାବିଦ୍ୟାଳୟର ପ୍ରିନ୍ସିପାଲ ଦିଲୀପ କୁମାର ଘୋଷ ଏବଂ ଅଧ୍ୟାପକ ସମୀର କୁମାର ସାହୁଙ୍କୁ ନିଲମ୍ବନ ନିର୍ଦ୍ଦେଶନାମା ଜାରି କରାଯାଇଛି। ସେଥିରେ ବିଭାଗୀୟ ଯୁଗ୍ମସଚିବ ଦର୍ଶାଇଛନ୍ତି, ଉକ୍ତ ଘଟଣାର ପ୍ରାଥମିକ ରିପୋର୍ଟ ଅନୁଯାୟୀ, ସମୀର କୁମାର ସାହୁଙ୍କୁ ନିଲମ୍ବନ କରାଯାଇଛି। ସେହିପରି ମାମଲାର ତଦନ୍ତଭାର ନେଇଥିବା ପ୍ରିନ୍ସିପାଲ ତଦନ୍ତରେ ବିଫଳ ହୋଇଥିବାରୁ ତାଙ୍କୁ ନିଲମ୍ବନ କରାଯାଇଛି। ସୂଚନାଯୋଗ୍ୟ, ୧ ତାରିଖରେ ସମ୍ପୃକ୍ତ ଅଧ୍ୟାପକଙ୍କ ନାଁରେ ପୀଡ଼ିତ ଛାତ୍ରୀ ଅଭିଯୋଗ ଆଣିଥିଲେ। ଅଧ୍ୟାପକଙ୍କ ଖରାପ ଉଦ୍ଦେଶ୍ୟ ଥିବା ଅଭିଯୋଗରେ ଦର୍ଶାଇଥିଲେ। ହେଲେ ମହାବିଦ୍ୟାଳୟ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଛାତ୍ରୀ ଜଣକ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ବାଛିଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ୍ କରିଛନ୍ତି। ଓଡ଼ିଶାର ବିକାଶ ପାଇଁ ମୋଦିଙ୍କର ପ୍ରେରଣା ଓ ଅତୁଟ ସମର୍ଥନ ନିମନ୍ତେ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ଓଡ଼ିଶାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ଭବିଷ୍ୟତ କାର୍ଯ୍ୟପନ୍ଥା, କେନ୍ଦ୍ର ରାଜ୍ୟ ସୁସମନ୍ୱୟ ତଥା ରାଜ୍ୟର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ଉପରେ ଉଭୟଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି । କେନ୍ଦ୍ର ଓ ରାଜ୍ୟ ମିଳିତ ଭାବେ ସମୃଦ୍ଧ ଓଡ଼ିଶା, ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଜଣାଇଛନ୍ତି।

# ଆଉ ପ୍ରତ୍ୟକ୍ଷ ନିର୍ବାଚନ ଲଢ଼ିବି ନାହିଁ: ଜୁଏଲ

ସମ୍ବଲପୁର,୧୨।୭ (ପ୍ରମୋଦ ବହିଦାର)

ଆଗକୁ ଆଉ ପ୍ରତ୍ୟକ୍ଷ ନିର୍ବାଚନରେ ଅବତୀର୍ଣ୍ଣ ହେବିନାହିଁ। ଶନିବାର ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ରୋଜଗାର ମେଳା କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଏହା କହିଛନ୍ତି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ। ସେ କହିଛନ୍ତି, ସୁନ୍ଦରଗଡ଼ ଲୋକ ସଭା କ୍ଷେତ୍ରରୁ ୬ ଥର ଏମ୍‌ପି ଓ ବଣାଇ ବିଧାନସଭା ନିର୍ବାଚନମଣ୍ଡଳୀରୁ ୨ ଥର ବିଧାୟକ ଭାବେ ନିର୍ବାଚିତ ହୋଇ ସାରିଛି। ପ୍ରତ୍ୟେକ ଥର ମତେ ଦିଆଯାଇଥିବା ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରି ଆସିଛି। ତେଣୁ ଜୀବନରେ କୌଣସି ପରିସ୍ଥିତିରେ ମଧ୍ୟ ମୋର ପଶ୍ଚାତ୍ତାପ କରିବାର କିଛି ନାହିଁ। ବର୍ତ୍ତମାନ ମୋର ରାଜନୈତିକ ଜୀବନରେ ମୁଁ ସମ୍ପୂର୍ଣ୍ଣ ସନ୍ତୁଷ୍ଟ। ତେଣୁ ଆଗକୁ ଆଉ ନିର୍ବାଚନରେ ପ୍ରତ୍ୟକ୍ଷ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ମୋର ଇଚ୍ଛା ନାହିଁ। ନୂତନ ପିଢ଼ିଙ୍କୁ ସୁଯୋଗ ଦେବା ମୋର ଇଚ୍ଛା। ତେବେ ପ୍ରତ୍ୟକ୍ଷ ନିର୍ବାଚନରେ ଅବତୀର୍ଣ୍ଣ ନ ହେଲେ ମଧ୍ୟ ଦଳ ଛାଡ଼ିବି ନାହିଁ। ଦଳ ପାଇଁ କାର୍ଯ୍ୟ ଅବ୍ୟାହତ ରଖିବି। ପ୍ରତ୍ୟକ୍ଷ ନିର୍ବାଚନ ପରିବର୍ତ୍ତେ ରାଜ୍ୟ ସଭା ସଦସ୍ୟ ବା ରାଜ୍ୟପାଳ ହେବାରେ କୌଣସି ଅସୁବିଧା ନାହିଁ। ପ୍ରତ୍ୟକ୍ଷ ନିର୍ବାଚନରୁ ଦୂରେଇ ରହିବା ମୋର ସମ୍ପୂର୍ଣ୍ଣ ବ୍ୟକ୍ତିଗତ ନିଷ୍ପତ୍ତି।



ଜୁଏଲ ଓରାମ

ମାତ୍ର ଦଳୀୟ ସ୍ୱାର୍ଥ ଦୃଷ୍ଟିରୁ ବା ଦଳ ପକ୍ଷରୁ ବାଧ କରାଗଲେ ଅନିଚ୍ଛା ସତ୍ତ୍ୱେ ନିର୍ବାଚନରେ ପ୍ରତ୍ୟକ୍ଷ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ବାଧ ହେବି ବୋଲି ଜୁଏଲ୍ କହିଛନ୍ତି। ସୂଚନାଯୋଗ୍ୟ ଯେ, ୧୯୯୮ ମସିହାରେ ସୁନ୍ଦରଗଡ଼ ଲୋକ ସଭା କ୍ଷେତ୍ରରୁ ପ୍ରଥମ ଥର ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ ଜୁଏଲ ଓରାମ। ୧୯୯୯ ମସିହାରେ ଗଠିତ ଅଟଳ ବିହାରୀ ବାଜପେୟୀଙ୍କ ମନ୍ତ୍ରିମଣ୍ଡଳରେ ନୂତନ ଭାବେ ଗଢ଼ା ଯାଇଥିବା ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ମନ୍ତ୍ରୀ ଭାବେ ସେ ନିଯୁକ୍ତ ହୋଇଥିଲେ।

# ବଜ୍ରପାତରେ ୨ ମହିଳାଙ୍କ ସମେତ ୩ ମୃତ

**ନୀଳଗିରି, ୧୨।୭(ପ୍ରଶାନ୍ତ ବିଶ୍ୱାଳ):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ରିଷିଆ ଡ୍ୟାମର ରାଇପାଳସ୍ଥିତ ଶାଖା କେନାଲ ମରାମତି କାମ ଚାଲିଥିବା ବେଳେ ଶନିବାର ବଜ୍ରପାତ ହେବାରୁ ୨ ମହିଳାଙ୍କ ସମେତ ୩ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ନୀଳଗିରି ଉପଖଣ୍ଡ ବରହମପୁର ଥାନା ଅଶୋକନାଳ ଗ୍ରାମର ମାମି ସିଂ(୩୦), ବଢ଼େଇପଲା ଗ୍ରାମର ଆଲାମଣି ସିଂ(୫୦) ଓ ବସ୍ତା ଥାନା ନଳବାହାର ଅଞ୍ଚଳର ଜେସିବି ଚାଳକ ଅଜିତ କୁମାର ହାଜିରା(୨୮)।

ସୂଚନା ଅନୁଯାୟୀ, କେନାଲ ମରାମତି କାର୍ଯ୍ୟରେ ୧୦ରୁ ଊର୍ଦ୍ଧ୍ୱ ଶ୍ରମିକ ନିୟୋଜିତ ଥିଲେ। ବର୍ଷାହେବାରୁ ଶ୍ରମିକମାନେ ନିକଟସ୍ଥ କ୍ୟାମ୍ପକୁ ଚାଲିଆସିଥିଲେ। ଅପରାହ୍ନ ପ୍ରାୟ ୨ଟା ବେଳେ ସମସ୍ତେ ବସି ଖାଉଥିବା ବେଳେ ହଠାତ କ୍ୟାମ୍ପ ଉପରେ ବଜ୍ରପାତ ହୋଇଥିଲା। ୩ଜଣ ଚେତାଶୂନ୍ୟ ହୋଇପଡିଥିଲା ବେଳେ ଆଉ ଦୁଇଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଶ୍ରମିକମାନେ ୩ଜଣଙ୍କୁ ବରହମପୁର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ବରହମପୁର ଏବଂ ନୀଳଗିରି ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ବୈଦ୍ୟନାଥ
ଅସଲି ଆୟୁର୍ବେଦ
GOODCARE® Authentic Ayurveda
ହର୍ବାଲ ହେଲ୍‌ଥ ଜୁସ୍
ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି ଏବଂ ସୁସ୍ଥ ରହିବା ପାଇଁ
Power of Pure




Scan to buy www.baidyanath.com amazon | Flipkart | TATA 1mg 1800 102 1855 (10 am - 6 pm)
ନିରାପଦ
ପ୍ରାକୃତିକ
ଫଳପ୍ରଦ

KALINGA INSTITUTE OF INDUSTRIAL TECHNOLOGY
KIIT DEEMED TO BE UNIVERSITY
(Established U/S 3 of UGC Act 1956), Bhubaneswar, Odisha, India
8th in India (both Govt. & Pvt.) in the Times Higher Education (THE) Asia University Ranking 2025
A++ Grade Accredited by NAAC
Tier 1 Re-accredited by NBA All Engineering Programs for 6 Years
Special Consultative Status by the UN-ECOSOC
ABET (US) Accreditation
THE 601-800 University Ranking World University Rankings 2024
IET Accredited Programme The Institute of Engineering and Technology
KIIT SCHOOL OF DESIGN
DIRECT ADMISSION OPEN
Apply Now Through the website www.kiitee.kiit.ac.in
Last Date to Apply 25th July 2025
Eligibility: UCEED/NID/NIFT /Any National Level Test Score
COURSE OFFERED
B. Design (B.Des) 4 Yrs
UX • Product • Graphic • Transportation & Automobile
Where creativity meets excellence
- Well Equipped First Design School in the Eastern India
- Industry-Oriented Curriculum
- International Tie-ups for Twinning Programs
- Experienced Faculty from IITs/NITs
- Capstone Projects and Industry Internships
- State-of-the-Art Labs/Workshops
- World Class Campus Facilities
Scan to Apply
Director, Admissions :
Admission Cell, Koel Campus, Po- KIIT Bhubaneswar-751024, Odisha, India | Ph: 8080 735 735 Fax : 0674 - 2741465 | Email: admission@kiit.ac.in Website: www.kiitee.ac.in
KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

DSPL-172
ଓଡ଼ିଶା ଶାସନ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସିଏମ୍ କିଷାନ
"ସିଏମ୍ କିଷାନ ଯୋଜନାର ହିତାଧିକାରୀ ମାନେ ଧ୍ୟାନ ଦିଅନ୍ତୁ"



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପିଏମ୍ କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବା ସିଏମ୍ କିଷାନ ହିତାଧିକାରୀ (କ୍ଷୁଦ୍ର ଓ ନାମମାତ୍ର ଚାଷୀ) ମାନେ, ସିଏମ୍ କିଷାନ ଯୋଜନାର ସହାୟତା ଜାରି ରଖିବା ପାଇଁ ନିମ୍ନଲିଖିତ ବାଧ୍ୟତାମୂଳକ ଆବଶ୍ୟକତା ଗୁଡ଼ିକ ପୂରଣ କରନ୍ତୁ

ପଞ୍ଜିକରଣ ପାଇଁ ବାଧ୍ୟତାମୂଳକ ଆବଶ୍ୟକତା
- ବ୍ୟାଙ୍କ୍ ଖାତା ସହ ଆଧାର ସଂଯୋଗୀକରଣ
- କୃଷକ ଓଡ଼ିଶା ପୋର୍ଟାଲ୍ ରେ ପଞ୍ଜିକରଣ

ପଞ୍ଜିକରଣର ଶେଷ ତାରିଖ
୦୭-୦୯ -୨୦୨୫

ଉପରୋକ୍ତ ଆବଶ୍ୟକତା ପୂରଣ କରିବା ପରେ ହିତାଧିକାରୀ ମାନେ ଆଧାର ଲିଙ୍କ୍ ଥିବା ମୋବାଇଲ୍ ନମ୍ବର୍ ଜରିଆରେ e-KYC ସହିତ ନିକଟସ୍ଥ ଜନ ସେବା କେନ୍ଦ୍ର କିମ୍ବା ବ୍ୟକ୍ତିଗତ ସ୍ତରରେ ସିଏମ୍ କିଷାନ ପୋର୍ଟାଲ୍ (cmkisan.odisha.gov.in)ରେ ପଞ୍ଜିକରଣ କରାଇ ନିଅନ୍ତୁ

ଅଧିକ ସୂଚନା ପାଇଁ
ବ୍ଲକ୍ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ କିମ୍ବା କୃଷି ସମୃଦ୍ଧି ହେଲ୍ପଲାଇନ୍ ନମ୍ବର୍ ୧୫୫୩୩୩ରେ ଯୋଗାଯୋଗ କରନ୍ତୁ

OIPR-01510/13/0065/2526

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୁଖୀ ଏକ ସତ୍ୟ। କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ। ସବୁ ବିଫଳତା ହେଉଛି ଏକ ଲୁକ୍କାୟିତ ସଫଳତା। ସବୁ ଦୁର୍ବଳତା ହେଉଛି- ପ୍ରକୃତିରେ ନିଜକୁ ଦେଖାଯାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା। -ଶ୍ରୀଅରବିନ୍ଦ

# ସମାଜବାଦର ବିଜୟ



ଆକାର ପଟେଲ

ଚଳିତ ମାସରେ ଆମେରିକାର ନ୍ୟୁୟର୍କ ସହରରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଗଣତାନ୍ତ୍ରିକ ଘଟଣା ସାମ୍ନାକୁ ଆସିଛି। ୩୩ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ଜୋହରାନ୍ ମାମଦାନି ସହରର ମେୟର ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଡେମୋକ୍ରାଟିକ୍ ପାର୍ଟି ପ୍ରାର୍ଥିତ୍ୱ(ନୋମିନେସନ) ହାସଲ କରିଛନ୍ତି। ଉକ୍ତ ନୋମିନେସନ ହେଉଛି ଏକ ପ୍ରକାର ସେମିଫାଇନାଲ ମ୍ୟାଚ୍। କିନ୍ତୁ ନ୍ୟୁୟର୍କ ଡେମୋକ୍ରାଟିକ୍ ପାର୍ଟି ସମର୍ଥକଙ୍କ ସହର ହୋଇଥିବା ଯୋଗୁ ଚଳିତ ବର୍ଷ ଶେଷ ଆଡ଼କୁ ହେବାକୁ ଥିବା ନିର୍ବାଚନ ଦୌଡ଼ରେ ସେ ଆଗରେ ରହିଛନ୍ତି ଏବଂ ଜିତିବା ସମ୍ଭାବନା ମଧ୍ୟ ଅଛି। ଜୋହରାନ ହେଉଛନ୍ତି ଜଣେ ଗୁଜରାଟୀ ମୁସଲମାନ ପରିବାରର ସଦସ୍ୟ। ତାଙ୍କ ପିତା ଜଣେ ବିଶ୍ୱବିଦ୍ୟାଳୟ ପ୍ରଫେସର ଏବଂ ସେ ୧୧ ସେପ୍ଟେମ୍ବର ୨୦୦୧ ଆତଙ୍କବାଦୀ ଆକ୍ରମଣ ପରେ 'ଗୁଡ୍ ମୁସ୍ଲିମ, ବ୍ୟାଡ୍ ମୁସ୍ଲିମ' ପୁସ୍ତକ ଲେଖିଥିଲେ। ଜୋହରାନଙ୍କ ମା' ହେଉଛନ୍ତି 'ମନ୍ସୁନ ୱେଡ୍' ଏବଂ 'ସଲାମ ବମ୍ବେ'ର ନିର୍ଦ୍ଦେଶିକା ମୀରା ନାୟାର। କିନ୍ତୁ ଜୋହରାନଙ୍କ ସଫଳତା ପଛରେ ଏହି ପାରିବାରିକ ପୃଷ୍ଠଭୂମି ଗୁରୁତ୍ୱପୂର୍ଣ୍ଣ ନୁହେଁ। ସେ ତାଙ୍କ ପାର୍ଟିର ଚାଣ୍ଡ୍ୟା ସମର୍ଥକ ନୋ ଆଣ୍ଡ୍ର୍ୟୁ କ୍ୟୁମୋଙ୍କୁ ପରାସ୍ତ କରିଛନ୍ତି, ଯିଏ ନ୍ୟୁୟର୍କ ରାଜ୍ୟର ଗଭର୍ନର ଥିଲେ। ଜୋହରାନଙ୍କ ଏଭଳି ସଫଳତା ଗୁରୁତ୍ୱପୂର୍ଣ୍ଣ, କାରଣ ନ୍ୟୁୟର୍କ ମେୟରଙ୍କର ବହୁତ କ୍ଷମତା ଅଛି। ମେୟର ୧୦୦ ବିଲିୟନ ଡଲାରରୁ ଅଧିକ ବଜେଟର ତଦାରଖ କରିଥାନ୍ତି, ଯାହା ଅଧିକାଂଶ ଦେଶର ବଜେଟଠାରୁ ବେଶି। ବିଭାଗପତି, ପୋଲିସ କମିଶନର ଏବଂ ସହରର ୪୦ରୁ ଊର୍ଦ୍ଧ୍ୱ ସଂସ୍ଥାର ମୁଖ୍ୟ, ବୋର୍ଡ ଓ କମିଶନଗୁଡ଼ିକର ସଦସ୍ୟଙ୍କୁ ମଧ୍ୟ ମେୟର ନିଯୁକ୍ତ କରନ୍ତି।

ଜୋହରାନଙ୍କ ସଫଳତା ପଛର ପ୍ରଥମ ବିଷୟ ହେଉଛି, ତାଙ୍କ ବିଚାରଧାରା ସମାଜବାଦ ଓ ନିଜକୁ ସମାଜବାଦୀ ଭାବେ ଉପସ୍ଥାପନ କରନ୍ତି। ଆମେରିକାରେ ଏହି ଶବ୍ଦକୁ କେହି ଗ୍ରହଣ କରନ୍ତି ନାହିଁ, କାରଣ ସାମ୍ୟବାଦ ବିରୋଧରେ ସମାଜବାଦର ଭଡିମାର ରହିଆସିଛି। କିନ୍ତୁ ଜୋହରାନ୍ ସମାଜବାଦର ସମର୍ଥକ ବୋଲି ଗର୍ବ କରନ୍ତି ଏବଂ ସେ ଶ୍ରମିକଶ୍ରେଣୀ ଓ ନ୍ୟୁୟର୍କ ପ୍ରବାସୀଙ୍କ ପ୍ରତିନିଧିତ୍ୱ କରିବା ପାଇଁ ସେଠାରେ ଅଛନ୍ତି ବୋଲି କହନ୍ତି, କିନ୍ତୁ ଧନୀଙ୍କ ପାଇଁ ନୁହେଁ। ପ୍ରଚାର ବେଳେ କହିଥିଲେ, ଜଣେ ମେୟର ଭାବେ ସେ ୨୦ ଲକ୍ଷ ଘରର ଭଡ଼ା ବୃଦ୍ଧି ବନ୍ଦ କରିବେ, ସିଟି ବସ୍‌ଭଡ଼ା ଛାଡ଼ କରିବେ, ମାଗଣାରେ ଶିଶୁ ଯତ୍ନ (ସେବା) ଯୋଗାଇଦେବେ ଏବଂ ପରୀକ୍ଷା ଭିତ୍ତିରେ ରାଜ୍ୟ ଦ୍ୱାରା ନ୍ୟୁୟର୍କରେ ୫ଟି ସହରାଞ୍ଚଳରେ ଗୋଟିଏ ଲେଖା ଗ୍ରୋସେରି ଦୋକାନ ଆରମ୍ଭ କରିବେ। ଏହା ସମ୍ଭବତଃ ଆମ ଦେଶର ରାଶନ କେନ୍ଦ୍ର ଭଳି ଏବଂ ଏହାର ଲକ୍ଷ୍ୟ ରିହାତିରେ ଖାଦ୍ୟଶସ୍ୟ ଯୋଗାଇବା। ଆୟକର ସାମାନ୍ୟ ବୃଦ୍ଧିକରି ସେ ଏହାର ଖର୍ଚ୍ଚ ଭରଣା କରିବେ, କିନ୍ତୁ ନ୍ୟୁୟର୍କବାସୀଙ୍କ ୧ ମିଲିୟନ ଡଲାର (୮ କୋଟି ଟଙ୍କାରୁ ବେଶି)ରୁ ଅଧିକ ଆୟ କରୁଥିବା ବ୍ୟକ୍ତିଙ୍କ ଉପରେ କେବଳ ଏହି ଟିକସ ଲାଗୁହେବ। ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା ଜୋହରାନଙ୍କ ପ୍ରଚାର ଶୈଳୀ। ପ୍ରାୟତଃ ଟିକ୍‌ଟକ୍ ଓ ଇନ୍‌ଷ୍ଟାଗ୍ରାମ ଭଳି ସୋସିଆଲ ମିଡିଆରେ ସେ ପ୍ରଚାର କରିଥିଲେ। ନ୍ୟୁୟର୍କ ସହରରେ ସବୁଦିନର ବାସିନ୍ଦାଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ବିଷୟ ରହିଥିବା ଭିଡିଓଗୁଡ଼ିକ ତାଙ୍କୁ ଜଣେ ଆକର୍ଷଣୀୟ ବ୍ୟକ୍ତିତ୍ୱ ଭାବେ ପ୍ରତିପାଦନ କରିଛି। ଦକ୍ଷିଣ ଏସିଆ ଓ ଲାଟିନ୍ ଆମେରିକୀୟଙ୍କୁ ଆକର୍ଷିତ କରିବାକୁ ହିନ୍ଦି, ସ୍ପାନିଶ୍ ଓ ବଙ୍ଗଳା ଭାଷାରେ ସ୍ପଷ୍ଟ ଭାବେ ଏଥିରେ ସମ୍ବୋଧିତ କରିଛନ୍ତି। ଆମେରିକାରେ ଥିବା ଅନ୍ୟ ଭାରତୀୟ ବଂଶୋଦ୍ଭବ ରାଜନୈତିକ ବ୍ୟକ୍ତିଙ୍କ ତୁଳନାରେ ଜୋହରାନ ନିଜକୁ ଜଣେ ଦକ୍ଷିଣ ଏସୀୟ ବୋଲି ସାଧାରଣରେ ପ୍ରକାଶ କରିବାକୁ ଦ୍ୱିଧା ପ୍ରକାଶ କରିନାହାନ୍ତି।

ତୃତୀୟ ତଥା ଉଲ୍ଲେଖନୀୟ ବିଷୟ ହେଉଛି, ଜୋହରାନ୍ ପାଲେଷ୍ଟାଇନୀୟଙ୍କ ଅଧିକାର ପାଇଁ କହୁଥିବାବେଳେ ଇସ୍ରାଏଲର କାର୍ଯ୍ୟାନୁଷ୍ଠାନକୁ ସମାଲୋଚନା କରୁଛନ୍ତି। ଏପରିକି ନିର୍ବାଚନ ଦୌଡ଼ରେ ଜୋହରାନ୍ ତାଙ୍କର ଏଭଳି ଦୃଷ୍ଟିକୋଣକୁ କୋହଳ କରିବା କିମ୍ବା ସେଥିରୁ ଓହରି ଯିବା ପାଇଁ ମନାକରିଦେବା ତାଙ୍କ ସାହସକୁ ଦର୍ଶାଇବା ହେଉଛି, ନ୍ୟୁୟର୍କ ଟାଇମ୍ସ ସମେତ ବହୁ ମିଡିଆ ଜୋହରାନ୍‌ଙ୍କୁ ଅନ୍ୟାୟଭାବେ ଭୟଙ୍କର ଆକ୍ରମଣ କରିବା ସତ୍ତ୍ୱେ ସେ ଆକର୍ଷଣୀୟ ବିଜୟ ହାସଲକଲେ। ଏହି ବିଜୟ ଦର୍ଶାଉଛି, ତାଙ୍କ ସାହସକୁ ନ୍ୟୁୟର୍କବାସୀ ସମ୍ମାନ ଦେଉଛନ୍ତି, ଗ୍ରହଣ ଓ ସମର୍ଥନ ମଧ୍ୟ କରିଛନ୍ତି। ତାଙ୍କ ସପକ୍ଷରେ ଏବେ କ୍ଲିଣ୍ଟନ୍, ବାଇଡେନ୍ କିମ୍ବା ଓବାମା ନାହାନ୍ତି, କାରଣ ଜୋହରାନ୍ ତାଙ୍କୁ ଜରୁରୀ ଓ କରୁଛନ୍ତି ତାହାକୁ ସମର୍ଥନ କରିବାରେ ସେମାନଙ୍କୁ ଭୟ ରହିଛି। ଅତୀତରେ ବର୍ନି ସାଣ୍ଡର୍ସଙ୍କ ଭଳି ଯେଉଁ ଡେମୋକ୍ରାଟ୍‌ମାନେ ସମାଜବାଦୀ ରାଜନୀତିକୁ ଉଠାଇବି କରିଛନ୍ତି, ସେମାନେ ପସନ୍ଦୀୟ ହେଲେ ମଧ୍ୟ ସେମାନଙ୍କ ବ୍ୟକ୍ତିତ୍ୱ ଗୌଣ ହୋଇଯିବା ଦେଖାଯାଉଛି। କିନ୍ତୁ ଜୋହରାନ୍‌ଙ୍କ ବ୍ୟକ୍ତିତ୍ୱ ପ୍ରତିଭା ଦେଉଛି ଯେ, ତାଙ୍କ ପାର୍ଟି ତାଙ୍କଠାରୁ ଶିକ୍ଷାଲାଭ କରିବା ଦରକାର, କାରଣ ଡୋନାଲ୍ଡ ଟ୍ରମ୍ପଙ୍କ ଉତ୍ଥାନ ପରେ ଡେମୋକ୍ରାଟ୍‌ମାନେ ଅବ୍ୟବସ୍ଥିତ ହୋଇଯାଇଛନ୍ତି ଓ ଦ୍ୱନ୍ଦ୍ୱରେ ରହିଛନ୍ତି। ନିକଟରେ ରିପବ୍ଲିକାନ୍‌ମାନେ ସରକାରଙ୍କ ତିନୋଟି ଶାଖା ହ୍ୱାଇଟ ହାଉସ, ହାଉସ ଅଫ୍ ରିପ୍ରେଜେଣ୍ଟେଟିଭ ଏବଂ ସିନେଟ୍‌କୁ ନିୟନ୍ତ୍ରଣ କରିଛନ୍ତି। ଟ୍ରମ୍ପଙ୍କ ବ୍ୟକ୍ତିତ୍ୱକୁ ନେଇ ଡେମୋକ୍ରାଟ୍‌ଙ୍କ ପାଖରେ କୌଣସି ଜବାବ ନାହିଁ। ତେବେ ଆମେରିକୀୟ ଶ୍ରମିକ ଶ୍ରେଣୀଙ୍କ ପାଇଁ ଜୋହରାନ୍‌ଙ୍କ ସଶକ୍ତ ଓ ସ୍ପଷ୍ଟ ନୀତିଗୁଡ଼ିକ କ୍ଷମତାକୁ ଫେରିବା ପାଇଁ ଡେମୋକ୍ରାଟ୍‌ଙ୍କୁ ଏକ ରାଷ୍ଟ୍ରୀୟ ମାର୍ଗ ଦେଖାଇଛି। ପ୍ରକୃତରେ ଗାଜାରେ ଜାରି ରହିଥିବା ଗଣହତ୍ୟା ଯୋଗୁ ପାଲେଷ୍ଟାଇନ୍ ଘଟଣା ଉପରେ ଅଧିକାଂଶ ଆମେରିକୀୟଙ୍କ ଦୃଷ୍ଟିକୋଣ ବଦଳିଯାଇଛି। ଡେମୋକ୍ରାଟିକ୍ ପାର୍ଟିରେ ସ୍ୱର ନିଷ୍ପନ୍ନ ହୋଇରହିଥିବା ଏହି ସଂଖ୍ୟାଗରିଷ୍ଠଙ୍କର ପ୍ରତିନିଧିତ୍ୱ କରିଛନ୍ତି ଜୋହରାନ୍। ଚଳିତ ବର୍ଷ ଶେଷ ଆଡ଼କୁ ହେବାକୁ ଥିବା ସାଧାରଣ ନିର୍ବାଚନରେ ଯଦି ସେ ଜିତିବାକୁ ସକ୍ଷମ ହୁଅନ୍ତି ଏବଂ ପରେ କମ୍ ସମୟରେ ତାଙ୍କ ନୀତିଗୁଡ଼ିକ କାର୍ଯ୍ୟକାରୀ କରିବାରେ ସକ୍ଷମ ହୁଅନ୍ତି, ତେବେ ତାଙ୍କ ଦଳ ତାଙ୍କ କଥାକୁ ବିଚାର କରିବ, ତାଙ୍କୁ ଅଧିକ ସମର୍ଥନ ଦେବ। ତେବେ ଆମେରିକାରେ ଆସନ୍ତା ବର୍ଷ ଶେଷ ଆଡ଼କୁ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ମଧ୍ୟବର୍ତ୍ତିକାଳୀନ ନିର୍ବାଚନରେ ଡେମୋକ୍ରାଟ୍‌ଙ୍କ ପାଖରେ ଏବେ ଜଣେ ଭାରତୀୟ ବା ଦେଶୀ ହିରୋ ଅଛନ୍ତି, ଯିଏ ସେମାନଙ୍କୁ ଶିକ୍ଷା ଦେବେ କେଉଁ ପ୍ରସଙ୍ଗରେ କେମିତି ଲଢ଼ିବାକୁ ହେବ।

Email:aakar.patel@gmail.com

# ବିପଦରେ ଶ୍ରମିକଙ୍କ ଅଧିକାର



ଡ. ସନ୍ତୋଷ କୁମାର ମହାପାତ୍ର

ଦେଶର ୬୦ କୋଟି ଶ୍ରମିକଙ୍କ ମଧ୍ୟରୁ ପ୍ରାୟ ୧୦% ସଂଗଠିତ ଓ ଅବଶିଷ୍ଟ ୯୦% ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ। ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ଚାକିରି ଅସୁରକ୍ଷିତ ଏବଂ ନିର୍ଦ୍ଦିଷ୍ଟ ମଜୁରି, ସାମାଜିକ ସୁରକ୍ଷା, ପେନ୍‌ସନ୍‌ଆଦିର ସେପରି ସୁଯୋଗ ନ ଥାଏ। ସଂଗଠିତ କ୍ଷେତ୍ରର ଶ୍ରମିକଙ୍କଙ୍କ କ୍ଷେତ୍ରରେ ଏହି ସୁବିଧା ଥିଲାବେଳେ ତାହା ଆଜିର ଜଗତୀକରଣ, ଉଦାରୀକରଣ ଓ ଘରୋଇକରଣ ଯୁଗରେ ବିପନ୍ନ ହେବାକୁ ବସିଛି। ଶ୍ରମିକଙ୍କ ସ୍ୱାର୍ଥ, ଅଧିକାର ଆଜି ବିପନ୍ନ ହୋଇଥିଲାବେଳେ ପେନ୍‌ସନ ସୁନିଶ୍ଚିତ ନୁହେଁ। ସାମାଜିକ ନ୍ୟାୟ ବିପନ୍ନ।

ଘରୋଇକରଣ ପ୍ରକ୍ରିୟା ଆହୁରି ଚାକିରିର ନିରାପତ୍ତା ବିପନ୍ନ କରିଛି। ଠିକା ଶ୍ରମିକ ବ୍ୟବସ୍ଥା, ଗିଗ ଅର୍ଥନୀତିର ବୃଦ୍ଧି, ଶ୍ରମିକଙ୍କ ବଦଳରେ ଯନ୍ତ୍ରପାତି, ସୂଚନା ଓ ପ୍ରଯୁକ୍ତିବିଦ୍ୟା ଏବଂ ପୁଞ୍ଜିର ବହୁଳ ବ୍ୟବହାର ଯୋଗୁ ଶ୍ରମିକମାନେ ଅଧିକ କ୍ଷତିଗ୍ରସ୍ତ ଓ ଶୋଷିତ ହେଉଛନ୍ତି, କର୍ମସଂସ୍ଥାନ ହରାଉଛନ୍ତି, ବେକାରି ବୃଦ୍ଧି ପାଉଛି। ଅପରପକ୍ଷରେ ଶିଳ୍ପପତିମାନେ ପ୍ରଚୁର ଲାଭର ପାହାଡ଼ ସୃଷ୍ଟି କରୁଛନ୍ତି। ପୁଞ୍ଜି କେବଳ ଶ୍ରମ-ଶକ୍ତିକୁ ଶୋଷଣ କରିବାକୁ ଚେଷ୍ଟା କରେ ନାହିଁ, ବରଂ ବିକାଶ ପ୍ରକ୍ରିୟାରେ ଏହାର ଅବଦାନକୁ ମଧ୍ୟ ଅଣଦେଖା କରେ। ପୁଞ୍ଜିପତିମାନେ ସେହି ପ୍ରକ୍ରିୟାରେ ଶ୍ରମିକଙ୍କ ଅବଦାନକୁ ଲୁଚାଇବାକୁ ଚାହାନ୍ତି। ଅପରପକ୍ଷରେ ଶ୍ରମିକମାନେ ସେମାନଙ୍କର ଅବଦାନକୁ ସମ୍ପୂର୍ଣ୍ଣ ସ୍ୱୀକୃତି ପାଇବାକୁ ଚେଷ୍ଟା କରନ୍ତି, ଯାହା ଆନ୍ଦୋଳନର ରୂପ ନିଏ।

ବାସ୍ତବରେ ଶିଳ୍ପପତି, ପୁଞ୍ଜିପତି କେବଳ ସମ୍ପଦ ସୃଷ୍ଟିକାରୀ ନୁହନ୍ତି, ବରଂ ଶ୍ରମିକମାନେ ସମ୍ପଦର ପ୍ରକୃତ ସୃଷ୍ଟିକର୍ତ୍ତା। କିନ୍ତୁ ଶ୍ରମିକଙ୍କ ସ୍ୱାର୍ଥ କ୍ୱଚିତ ସୁରକ୍ଷିତ। ପ୍ରକୃତରେ ଶ୍ରମିକମାନଙ୍କ ବାସ୍ତବ ମଜୁରି (ନାମମାତ୍ର ମଜୁରି ମୁଦ୍ରାସ୍ଫୀତି) ଶ୍ରମିକଙ୍କ କଲ୍ୟାଣର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସୂଚକାଙ୍କ ମଧ୍ୟରୁ ଗୋଟିଏ। ଯଦି ଦେଶର ଜିଡିପି ବୃଦ୍ଧି ସହିତ ପ୍ରକୃତ ମଜୁରି ବୃଦ୍ଧି ନ ପାଏ କିମ୍ବା ସମୟ ବିତିବା ସହିତ ବାସ୍ତବ ମଜୁରିରେ କୌଣସି ଯଥେଷ୍ଟ ବୃଦ୍ଧି ନ ପାଏ, ତେବେ ଶ୍ରମିକମାନେ ଶୋଷିତ ବୋଲି ଧରାଯାଏ। ଆଜି ଭାରତୀୟ ଅର୍ଥନୀତିରେ ଠିକ୍ ଏହା ଘଟୁଥିବା ପରି ମନେ ହେଉଛି। ବାସ୍ତବ ମଜୁରିରେ ଅଭୂତପୂର୍ବ ହ୍ରାସ ପାଇଛି। ଭାରତର ଅର୍ଥନୈତିକ ଅଭିବୃଦ୍ଧି ମଜୁରି ସଙ୍କଟକୁ ଘୋଡାଇ ଦେଉଛି। ୨୦୨୫ ମସିହାର ଅର୍ଥନୈତିକ ସର୍ଭେ ଅନୁଯାୟୀ, ଭାରତର ଅଭିବୃଦ୍ଧି ସତ୍ତ୍ୱେ, ପୁରୁଷମାନଙ୍କ ବାସ୍ତବ ମଜୁରି ହ୍ରାସ ପାଇଛି, ଯାହା ଅସମାନତାକୁ ବୃଦ୍ଧି କରୁଛି। ମୁଦ୍ରାସ୍ଫୀତି ଯୋଗୁ ମଧ୍ୟ କ୍ରୟ ଶକ୍ତି ହ୍ରାସ ଘଟୁଛି ଏବଂ ସମ୍ପଦର ସୁଷମ ବଣ୍ଟନ ନ ହେବା ଯୋଗୁ ଆର୍ଥିକ ଅସମାନତା ବୃଦ୍ଧି ପାଉଛି। ୨୦୨୩-୨୪ ମସିହାରେ ପୁରୁଷ ବେତନଭୋଗୀ ଶ୍ରମିକଙ୍କ ପ୍ରକୃତ ମାସିକ ମଜୁରି ୨୦୧୭-୧୮ ତୁଳନାରେ ୬.୪% କମ୍ ଥିଲା, ଯାହା କ୍ରୟ ଶକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଦର୍ଶାଉଛି। ଆତ୍ମନିଯୁକ୍ତି ପୁରୁଷଙ୍କ ପାଇଁ ସମାନ ସମୟ ମଧ୍ୟରେ ବାସ୍ତବ ଆୟ ୯.୧% ହ୍ରାସ ପାଇଛି। ଗ୍ରାମୀଣ ଭାରତରେ ଏହି ସଙ୍କୋଚନ ଆହୁରି ସ୍ପଷ୍ଟ।



ପୁଞ୍ଜିପତି ଓ ଶିଳ୍ପପତିଙ୍କ ସ୍ୱାର୍ଥସାଧନ ପାଇଁ ଶାସକ ଶ୍ରେଣୀ ଅଧିକ ଗୁରୁତ୍ୱ ଦେଲାବେଳେ ଶ୍ରମିକ ଓ କର୍ମଚାରୀଙ୍କ ଅଧିକାର କ୍ଷୁଣ୍ଣ କରିବା ସହ ଶୋଷଣ ବିରୋଧରେ ପ୍ରତିବାଦ କରିବାର ସେମାନଙ୍କ ଅଧିକାରକୁ ଦୁର୍ବଳ କରୁଛନ୍ତି। ଦୈନିକ କାର୍ଯ୍ୟ ନିର୍ଘଣ୍ଟକୁ ବୃଦ୍ଧି କରାଯାଉଛି। ଇଂରେଜ ଶାସନ କାଳରୁ ଆଜିଯାଏ କର୍ମଚାରୀଙ୍କ ସୁରକ୍ଷା ଓ ମଙ୍ଗଳ ପାଇଁ ଉଦ୍ଦିଷ୍ଟ ସମୁଦାୟ ୪୪ଟି ଶ୍ରମ ଅଧିନିୟମରୁ ୧୫ଟିକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ବାକି ୨୯ଟି ଅଧିନିୟମକୁ କେନ୍ଦ୍ର ସରକାର ଶିଳ୍ପପତି, ନିଯୁକ୍ତିଦାତାଙ୍କୁ ସୁହାଇଲା ଭଳି ୪ଟି ଶ୍ରମ ସହିଂତାରେ ପରିଣତ କରିସାରିଛନ୍ତି। ସେଗୁଡିକ ହେଉଛି 'ମଜୁରି ସଂହିତା ୨୦୧୯'; 'ଔଦ୍ୟୋଗିକ ସମ୍ପର୍କ ସଂହିତା ୨୦୨୦' ;'ସାମାଜିକ ସୁରକ୍ଷା ସଂହିତା ୨୦୨୦'; ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ସର୍ତ୍ତାବଳୀ ସଂହିତା ୨୦୨୦। ଯାହାକୁ ନେଇ ଶ୍ରମିକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି ଏବଂ ସେମାନେ ଆନ୍ଦୋଳନ ଭିତରକୁ ଯାଉଛନ୍ତି। ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍‌ଓ) ଦୈନିକ ୮ ଘଣ୍ଟା କାର୍ଯ୍ୟ ଦିବସକୁ ଅନୁମୋଦନ କରିଥିଲା, ଯାହା ବିଶ୍ୱ ଶ୍ରମ ଆନ୍ଦୋଳନର ଗୁରୁତ୍ୱକୁ ଦୃଢ଼ କରିଥିଲା। ଭାରତର କାରଖାନା ଆଇନ ୧୯୪୮ ଅନୁଯାୟୀ ପ୍ରତି ସପ୍ତାହରେ ୪୮ ଘଣ୍ଟା କାର୍ଯ୍ୟ ନିର୍ଘଣ୍ଟରେ ସୀମିତ କରିବା ସତ୍ତ୍ୱେ, ସହରାଞ୍ଚଳରେ ଅନେକ କର୍ମଚାରୀ ପ୍ରାୟତଃ ପର୍ଯ୍ୟାପ୍ତ କ୍ଷତିପୂରଣ ବିନା ଅଧିକ ସମୟ କାମ କରନ୍ତି। ଶ୍ରମିକମାନଙ୍କୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ଶ୍ରମ ଆଇନଗୁଡ଼ିକ ସର୍ବଦା ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରାଯାଏ ନାହିଁ, ଯାହା ଫଳରେ ସେମାନେ ଶୋଷଣର ଶିକାର ହୁଅନ୍ତି। ଦୁର୍ଭାଗ୍ୟବଶତଃ, ନିଯୁକ୍ତିଦାତାଙ୍କ ଲାଭ ବୃଦ୍ଧି କରିବା ପାଇଁ ସପ୍ତାହକୁ ୪୮ ଘଣ୍ଟାରୁ ୭୦ ଘଣ୍ଟା ପର୍ଯ୍ୟନ୍ତ, ଏପରିକି ୯୦ ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟ ସମୟ ବୃଦ୍ଧି କରିବା ବିଷୟରେ ଆଲୋଚନା ହେଉଛି। ନୂତନ ଭାରତୀୟ ଶ୍ରମ ସଂହିତା ୪-ଦିନର କାର୍ଯ୍ୟ ସପ୍ତାହକୁ ଅନୁମତି ଦିଏ, କିନ୍ତୁ ସର୍ବାଧିକ ପୂର୍ବପରି ୪୮ ଘଣ୍ଟାର ସାପ୍ତାହିକ କାର୍ଯ୍ୟନିର୍ଘଣ୍ଟ ପୂରଣ କରିବା ପାଇଁ ଦୈନିକ ୧୨-ଘଣ୍ଟା ପର୍ଯ୍ୟନ୍ତ କାମ କରିବାକୁ ପଡ଼ିବ। ପ୍ରକୃତରେ ଶିଳ୍ପପତି ୪ ଦିନର କାର୍ଯ୍ୟ ସପ୍ତାହ ନୁହେଁ ବରଂ ୬ଦିନ ଅର୍ଥାତ ୭୨ ଘଣ୍ଟା କାର୍ଯ୍ୟ କରିବାକୁ ଶ୍ରମିକମାନଙ୍କୁ ବାଧ କରିବେ।

ପୁନଶ୍ଚ ଆଉ ଦୈନିକ ୩ଟା ସିଫ୍ଟ ନରହି ୨ଟା ସିଫ୍ଟ ହେବ ଏବଂ ଅଧିକାଂଶ ନିଯୁକ୍ତି ବା କର୍ମ ସଂସ୍ଥାନ ହରାଇବେ। ସପ୍ତାହରେ ୬ ଦିନ ବା ୪ ଦିନ କାର୍ଯ୍ୟ କରିବା ଯେତିକି ଚିନ୍ତାଜନକ ନୁହେଁ ଦୈନିକ ୧୨ ଘଣ୍ଟା କାର୍ଯ୍ୟ କଲେ, ଶ୍ରମିକ ଓ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡ଼ିବ। ମହିଳାମାନଙ୍କ ଜୀବନ ବିପର୍ଯ୍ୟସ୍ତ ହେବ। ବୈବାହିକ ତଥା ପାରିବାରିକ ଜୀବନରେ ଝଡ଼ଝଞ୍ଜା ଆସିବ । ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ଏକ ମିଳିତ ଅଧ୍ୟୟନ ଅନୁଯାୟୀ, ଓଭର୍‌ଟାଇମ ସହିତ ଜଡିତ ମୃତ୍ୟୁ ଭାରତରେ ପ୍ରାୟ ସର୍ବାଧିକ। ଏହି ସମୟରେ ଗୁଜରାଟ ସରକାର କାରଖାନା କାର୍ଯ୍ୟ ଆଇନରେ ସଂଶୋଧନ କରିଛନ୍ତି। ମହିଳାମାନଙ୍କ ପାଇଁ ୧୨ ଘଣ୍ଟା ସିଫ୍ଟ ଏବଂ ରାତି ଡ୍ୟୁଟିକୁ ଅନୁମତି ଦେଇଛନ୍ତି। ଏହି ପଦକ୍ଷେପ କାରଖାନା (ଗୁଜରାଟ ସଂଶୋଧନ) ଅଧ୍ୟାଦେଶ, ୨୦୨୫ର ଏକ ଅଂଶ, ଯାହାକୁ ରାଜ୍ୟ ବିଧାନସଭା ଅଧିବେଶନ ଅନୁପସ୍ଥିତିରେ ଶ୍ରମ, ଦକ୍ଷତା ବିକାଶ ଏବଂ ନିଯୁକ୍ତି ବିଭାଗ ଦ୍ୱାରା ୧ଜୁଲାଇରେ ଜାରି କରାଯାଇଥିଲା। ପୁନଶ୍ଚ ନୂତନ ଶ୍ରମ ସଂହିତା ଅନୁସାରେ ଦୈନିକ ମଜୁରି ପ୍ରଦାନ ବ୍ୟବସ୍ଥା ବଦଳରେ ଘଣ୍ଟା ପ୍ରତି ମଜୁରି ପ୍ରଦାନ ବ୍ୟବସ୍ଥା ପ୍ରଚଳନ କରାଯାଇଛି। ବର୍ତ୍ତମାନ କାମ ସମ୍ପୂର୍ଣ୍ଣ ଦିନର ହୋଇନଥିଲେ ମଧ୍ୟ ସମ୍ପୂର୍ଣ୍ଣ ଦିନ ପାଇଁ ମଜୁରି ଦେବାକୁ ପଡୁଛି। ତେବେ ଏବେ ନିଯୁକ୍ତିଦାତା ଘଣ୍ଟା ହିସାବରେ ଅଳ୍ପ ମଜୁରି ଦେଇ ଅଧିକ କାମ କରାଇପାରିବେ। ପରୋକ୍ଷରେ ଶୋଷଣ କରିବେ।

ସେହିପରି ସ୍ଥାୟୀ ନିଯୁକ୍ତି ବଦଳରେ ଏକ ନିର୍ଦ୍ଦିଷ୍ଟ ଅବଧି ଯଥା ୧ ବା ୨ ବା ୪ ବର୍ଷ ପାଇଁ ନିଯୁକ୍ତି ପ୍ରଦାନ କରାଯିବ। ଏହାର ବାର୍ଷିକ ନବୀକରଣ ନିଯୁକ୍ତିଦାତାଙ୍କ ଇଚ୍ଛା ଉପରେ ନିର୍ଭର କରିବ। ଏହା ଶ୍ରମିକଙ୍କୁ ସଂଗଠିତ ହେବା ଏବଂ ନିଜ ଦାବି ପାଇଁ ଆନ୍ଦୋଳନ କରିବାରୁ ନିବୃତ୍ତ କରିବ। ଚାକିରି ହରାଇବା ଭୟ ସର୍ବଦା ଘାରିବ। ପୁନଶ୍ଚ ଆଗରୁ ୧୦୦ କିମ୍ବା ତା'ଠାରୁ ଅଧିକ ଶ୍ରମିକ ଥିବା ଏକ ସଂସ୍ଥା ବନ୍ଦ କରିବା ପାଇଁ ମାଲିକଙ୍କୁ ସରକାରଙ୍କ ଅନୁମତି ଆବଶ୍ୟକ ପଡୁଥିଲା। କିନ୍ତୁ ସେହି ସୀମାକୁ ୩୦୦କୁ ବୃଦ୍ଧି କରାଯାଇଛି। ଫଳସ୍ୱରୂପ ୬୦% ବ୍ୟବସାୟିକ ପ୍ରତିଷ୍ଠାନ ଶ୍ରମ ଆଇନ ପରିସର ବାହାରେ ରହିବ। ନୂତନ ନିୟମରେ ବନ୍ଦ ପାଇଁ କୌଣସି କ୍ଷତିପୂରଣ ଉଲ୍ଲେଖ କରାଯାଇ ନାହିଁ। ପୁନଶ୍ଚ ବର୍ତ୍ତମାନ ଧର୍ମଘଟ ପୂର୍ବରୁ ୧୪ ଦିନର ନୋଟିସ ଅବଧି ଆବଶ୍ୟକ, ଯାହାକୁ ୬୦ ଦିନକୁ ବୃଦ୍ଧି କରାଯାଇଛି। ଏହା ଯୋଗୁ ସାମୂହିକ ମୂଲଚାଲ ଅଧିକାର ଏକ ସ୍ୱପ୍ନ ହୋଇରହିଯିବ। ଶ୍ରମିକମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରିବ ଏବଂ ନ୍ୟାଯ୍ୟ ଦାବି ପାଇଁ ସେମାନଙ୍କର ଧର୍ମଘଟ କରିବାର ଶକ୍ତି ଏବଂ ଗଣତାନ୍ତ୍ରିକ ଅଧିକାରକୁ ସୀମିତ କରିବା ପାଇଁ ଏକ ପରିବେଶ ସୃଷ୍ଟି କରିବ।

ମୋ:୯୪୩୭୨୦୮୭୬୨

# ତ୍ରୁଟି ସଂଶୋଧନ



ଦେବେନ୍ଦ୍ର କର

ତ୍ରୁଟି ଏକ କ୍ଷୁଦ୍ର ଶବ୍ଦ ହେଲେ ମଧ୍ୟ ଏହାର ଅର୍ଥ ବ୍ୟାପକ। ତ୍ରୁଟି ମଧ୍ୟରେ ଲୁକ୍କାୟିତ ରହିଛି ଆମ ଦୋଷ, ଦୁର୍ବଳତା ଓ ଅକ୍ଷମତା। ତ୍ରୁଟି ଆମକୁ ତର୍ଜମା କରିବାକୁ ଏକ ସୁଯୋଗ ପ୍ରଦାନ କରେ। ଆମେ ଚାହିଁଲେ ନିଜ ତ୍ରୁଟିକୁ ଲୁଚାଇ ମୁହଁ ଟାଣକରି ଯୁକ୍ତି ବାଢ଼ିପାରିବା ଆଉ ଚାହିଁଲେ ନତମସ୍ତକ ହୋଇ କ୍ଷମା ପ୍ରାର୍ଥନା। ଉଭୟ ଆମ ଉପରେ ନିର୍ଭର। ବିବେକୀ ଦାୟିତ୍ୱବାନ୍ ଲୋକଟି ନିଜ ଦୋଷତ୍ରୁଟି ଦେଖିଲେ ସଙ୍ଗେ ସଙ୍ଗେ ନୀରବି ଯାଏ ଆଉ ଅବିବେକୀ ଅଳସୁଆ ଲୋକଟି ପ୍ରମାଣ ମାଗିବା ସହିତ ଉଚ୍ଚ ସ୍ୱରରେ ଯୁକ୍ତି ବାଢ଼େ। ଏ ଦୁନିଆରେ ସମ୍ପୂର୍ଣ୍ଣ ନିର୍ଭୁଲ ମଣିଷ ମିଳିବା ଆଦୌ ସମ୍ଭବ ନୁହେଁ କାରଣ ମଣିଷ ମାତ୍ରକେ ଭୁଲ୍। ତ୍ରୁଟିକୁ ସ୍ୱୀକାର ସତ୍ୟତାର ମାର୍ଗ ଆଉ ତ୍ରୁଟି ଲୁଚାଇବା ମିଥ୍ୟାର ମାର୍ଗ। ପ୍ରତ୍ୟେକ ଘଟଣା ଦୁର୍ଘଟଣା ପଛରେ କିଛି ନା କିଛି ତ୍ରୁଟି ରହିଥାଏ। ସମୟ ପୂର୍ବରୁ ସଂଶୋଧନ କରିନେଲେ ବଡ଼ ବିପତ୍ତି ଟଳି ଯାଏ । ଅନେକ ସମୟରେ ଆମେ ଅଘଟଣା ପୂର୍ବର ଆଭାସ ପାଇ ସୁଦ୍ଧା ଅଣଦେଖା କରିଦେଉ ଆଉ ଏହାର ପରିଣାମ ଆଖି ସାମ୍ନାରେ ରୂପାନ୍ତରିତ ହୋଇଯାଏ ସ୍ୱଳ୍ପ ସମୟରେ। ତ୍ରୁଟିକୁ ଅବିଳମ୍ବେ ସ୍ୱୀକାର କରୁଥିବା ବ୍ୟକ୍ତି ଦାୟିତ୍ୱବାନ୍ ଓ କର୍ତ୍ତବ୍ୟପରାୟଣର ପରିଚୟ ଦିଏ। ଭୁଲ୍ ହେବ ପୁଣି ଠିକ୍ କରାଯିବ। ଜୀବନର ଏହା ଏକ ନିରନ୍ତର ପ୍ରକ୍ରିୟା। ଆବଶ୍ୟକସ୍ଥଳେ ବଡ଼ ଗୁରୁଜନ ଓ ପୁରୁଖା ଲୋକଙ୍କ ପରାମର୍ଶ ଜରୁରୀ ହୁଏ। ଯେପରି ଆଗାମୀ ଦିନରେ ସେଇ ସମାନ ଭୁଲ୍‌ର ପୁନରାବୃତ୍ତି ନ ଘଟେ ସେଥି ଲାଗି ପ୍ରୟାସ କରିବାକୁ ହୁଏ। ନିଜ ତ୍ରୁଟିକୁ ଯିଏ ସ୍ୱୀକାର କରେ ଓ ନିରାକରଣ କରେ ସେ ହୁଏ ସଫଳ ବ୍ୟକ୍ତିତ୍ୱର ଅଧିକାରୀ। ଯିଏ ପାଲଟା ଦୋଷ ଲଦେ ଆଉ ନିଜ ଦୋଷ ତ୍ରୁଟିକୁ ଘୋଡ଼ାଏ ସେ କଦାପି ଜୀବନରେ ସଫଳ ହୋଇ ପାରେନି। ନିଜ ତ୍ରୁଟିର ଅନ୍ୟ କେହି ନୁହେଁ ବରଂ ନିଜେ ହିଁ ଏହାର ସମାଧାନ ଦିଗରେ ଯତ୍ନବାନ୍ ହେବା ବଡ଼ କଥା। ମୂଳ କଥା ହେଲା ନିଜ ତ୍ରୁଟିରୁ ତୁମେ କ'ଣ ଶିକ୍ଷା ପ୍ରାପ୍ତ କଲ। ସେଇ ଶିକ୍ଷାରୁ ଆଗାମୀ କାଲି ପାଇଁ ଏକ ସହଜ, ସରଳ ଆଉ ସୁନ୍ଦର ସୂତ୍ର ମିଳିପାରିବ। ଏ ଦୁନିଆରେ ତିନି ପ୍ରକାର ଲୋକ ଅଛନ୍ତି। ଜଣେ ଯିଏ ବହୁ ବୁଝିଲାବାଲା, ଆଉ ଜଣେ ବୁଝିଲାବାଲା, ଆଉ ଜଣେ ଯିଏ ମୂର୍ଖ। ବହୁ ବୁଝିଲାବାଲା ଅନ୍ୟର ଦୋଷ ତ୍ରୁଟି ଦେଖି ନିଜକୁ ଆଗୁଆ ସଂଶୋଧନ କରେ, ଆଉ ବୁଝିଲାବାଲା ନିଜ ଭୁଲ୍‌ରୁ ଶିକ୍ଷା ପାଇ ଆଉ ନ ଦୋହରାଇବାକୁ ତତ୍ପର ହୁଏ। ଆଉ ଶେଷରେ ମୂର୍ଖ ଯିଏ ନା ନିଜ ଦୋଷ ତ୍ରୁଟିରୁ କିଛି ଶିଖେ ନା ଅନ୍ୟର। କେବଳ ଅବାନ୍ତର ଯୁକ୍ତିରେ ତା' ସମୟ ବିତେ। ତ୍ରୁଟି ଆମ ଅଭିଜ୍ଞତାକୁ ବୃଦ୍ଧି କରିବାରେ ସହାୟ ହେବ ଏଥିଲାଗି ଲୋଡ଼ା କେବଳ ନିଜ ଦୋଷ ତ୍ରୁଟିକୁ ସ୍ୱୀକାର କରିବାର ସତ୍‌ସାହସ। କିଏ କ'ଣ କହିଲା ନ କହିଲା ସେଆଡ଼େ କାନ ଡେରିବାର ନାହିଁ। ବଡ଼ବଡ଼ ସମସ୍ୟା ବି ସତ୍ ସାହସ ଆଗରେ ହାର୍ ମାନିଯିବ ଏଥିରେ ଆଦୌ ଦ୍ୱିମତ ନାହିଁ।



ଗୋଟେ ମନ୍ଦିରରେ ଜଣେ ବୟୋଜ୍ୟେଷ୍ଠ ପୂଜକ ଥିଲେ। ମନ୍ଦିରର ଦୈନନ୍ଦିନ ପୂଜାପାଠ ନୀତିକାନ୍ତି ନିୟମରେ ସେ ନିଷ୍ଠା ରଖୁଥିଲେ। ଏଣୁ ଭକ୍ତ ଓ ଆଖପାଖ ଲୋକଙ୍କର ତାଙ୍କ ପ୍ରତି ଗଭୀର ଆସ୍ଥା ବିଶ୍ୱାସ ଥିଲା। ବୟସ ବଢ଼ିବାରୁ ମନ୍ଦିର ଦାୟିତ୍ୱ ତୁଲାଇବା ତାଙ୍କ ପକ୍ଷେ କଷ୍ଟକର ହେଲା। ଏଣୁ ସେ ଜଣେ ଯୁବ ପୂଜକଙ୍କୁ ଦାୟିତ୍ୱ ଦେଇ ବିଶ୍ରାମ ନେବାକୁ ସ୍ଥିର କଲେ। ମନ୍ଦିରକୁ ମାତ୍ର ସ୍ୱଳ୍ପ ସମୟ ପାଇଁ ଆସିଲେ। ଯୁବ ପୂଜକ ଖୁବ୍ ମନ ଲଗେଇ ସବୁ କାମ କଲେ। ନୂଆ ନୂଆ ଯୁବକଙ୍କ କାମ ଦେଖି ବୃଦ୍ଧ ପୂଜକ ବହୁତ ପ୍ରଶଂସା କଲେ ଆଉ ନିଶ୍ଚିତ ହେଲେ ସେ ଦାୟିତ୍ୱବାନ ଓ ସଚ୍ଚୋଟ ମଧ୍ୟ। ଏପଟେ ଯୁବ ପୂଜକ ସୁଯୋଗର ଅପବ୍ୟବହାର କରିବାକୁ ଲାଗିଲେ। ଧୂପ, ଫୁଲ, ଭୋଗ ସାମଗ୍ରୀ ମୂଲ୍ୟ ବଢ଼େଇ ଦେଲେ। ଦାନ ଦକ୍ଷିଣା ଆଡ଼କୁ ତାଙ୍କର ଖୁବ୍ ଧ୍ୟାନ ରହିଲା। ମନ୍ଦିରର ଯତ୍ନ ପରିଷ୍କାର ଆଗପରି ଆଉ ନିୟମିତ ହେଲା ନାହିଁ। ଧୀରେ ଧୀରେ ଠାକୁରଙ୍କ ନୀତିକାନ୍ତିରେ ବ୍ୟତିକ୍ରମ ଘଟିଲା। ଭକ୍ତ ଅସନ୍ତୁଷ୍ଟ ହେଉଥିଲେ ବି ମୁହଁ ଖୋଲିଲେ ନାହିଁ। ଦିନେ ଯୁବ ପୂଜକଙ୍କ ହାତଘଣ୍ଟା କେଉଁଠି ହଜିଗଲା। ଆଖପାଖ ଲୋକଙ୍କ ଉପରେ ମିଥ୍ୟା ଆକ୍ଷେପ କରି ଗାଳିମନ୍ଦ କଲେ। ବୃଦ୍ଧ ପୂଜକ ତାଙ୍କୁ ବୁଝାଇଲେ ଜିନିଷ ହଜିବାର ମୂଳ କାରଣ ତୁମ ଅସାବଧାନତା। ତ୍ରୁଟି ପ୍ରଥମେ ନିଜ ପାଖରୁ ଦେଖିବାକୁ ହୁଏ। ନିଜ ଦୋଷ ତ୍ରୁଟି ସୁଧାରେ ଆଉ ନିଜକୁ ବଦଳାଏ ଦେଖିବ ସବୁ ଠିକ୍ ହେବ। ବୃଦ୍ଧ ପୂଜକଙ୍କ ଉପଦେଶଗୁଡ଼ିକ ତାଙ୍କ ଉପରେ ଆଦୌ ପ୍ରଭାବ ପକାଇଲା ନାହିଁ। ସେ ତାଙ୍କର ଇଚ୍ଛାରେ କାମ କରୁଥାନ୍ତି। ଆଉ ଦିନେ ଯୁବ ପୂଜକଜଣଙ୍କ ମନ୍ଦିର ପାହଚ ଓହ୍ଲେଇଲା ବେଳେ ପାଦ ଖସିଗଲା ଆଉ ତାଙ୍କ ଗୋଡ଼ମାଡ଼ ହେଲା। ଡାକ୍ତର କହିଲେ ଗୋଡ଼ହାଡ଼ ଭାଙ୍ଗିଛି ପ୍ଲାଷ୍ଟର କରି ଗୋଟେ ମାସ ସମ୍ପୂର୍ଣ୍ଣ ବିଶ୍ରାମ ନେବାକୁ ହେବ। ବୃଦ୍ଧ ପୂଜକଙ୍କୁ ପୁନର୍ବାର ମନ୍ଦିର କାମରେ ଯୋଗ ଦେବାକୁ ପଡ଼ିଲା। କିଛିଦିନ ପରେ ଦିନେ ବୃଦ୍ଧ ପୂଜକ ଯୁବକଙ୍କ ହାଲଚାଲ ବୁଝିବାକୁ ତାଙ୍କ ଗୃହକୁ ଗଲେ। ଯୁବକ ଧୀରେ ଧୀରେ ସୁସ୍ଥ ହେଉଥିଲେ। ବୃଦ୍ଧ ପୂଜକ କହିଲେ ମୁଁ ଆଗରୁ କହିଥିଲି ଏବେ ବି କହୁଛି ତୁମ ନୀତି ନିୟମରେ କେଉଁଠି ତ୍ରୁଟି ରହିଛି। ଯାହା ଲାଗି ଆଜି ଏଭଳି ସମୟର ସାମ୍ନା ହେଲା। ତୁମ ଘଡ଼ି ହଜିବା ଆଉ ଆଜି ଏ ଅବସ୍ଥା ଏ ସବୁ ତୁମ ତ୍ରୁଟିର କାରଣ। ଭଗବାନ୍‌ଙ୍କୁ ଧନ୍ୟବାଦ ଦିଏ ଯେ ତୁମ ସହିତ ସେପରି କିଛି ବଡ଼ ଅଘଟଣ ଘଟି ନାହିଁ। ଯଥାଶୀଘ୍ର ନିଜକୁ ସଂଶୋଧନ କର ଆଉ ଆଗାମୀ କାଲି ପାଇଁ ପ୍ରସ୍ତୁତ ହୁଅ। ମନୁଷ୍ୟ ପାଖରେ ବୁଦ୍ଧି, ଜ୍ଞାନ ଓ କ୍ଷମା ସାଇତା ହୋଇଥାଏ, ନିଜ ବିବେକକୁ ପଚାରି କର୍ମ କଲେ ପ୍ରମାଦ ନ ପଡ଼େ କେବେ। ଯୁବକ ଜଣଙ୍କ ନିଜ ଦୋଷ ତ୍ରୁଟିକୁ ସ୍ୱୀକାର କଲେ ଆଉ ବୃଦ୍ଧ ପୂଜକଙ୍କ ନିକଟରେ କ୍ଷମାପ୍ରାର୍ଥନା କଲେ।

ମଙ୍ଗଳାବାଗ, ନିୟୋଗି କଲୋନି, କଟକ,
ମୋ: ୯୯୩୭୯୬୩୯୧୦

## ଏଇ ଭାରତରେ

ସମସ୍ତେ ଜାଣନ୍ତି ମହୁଲ ଫୁଲ କେବଳ ମହୁଲି ପାଇଁ। ଝାଡ଼ଖଣ୍ଡର ବୋକାରୋ ଜିଲା ଉଦ ମାଝଲିତଣ୍ଡ, ଗାଁରେ ଆଉ ମହୁଲ ଫୁଲରୁ ମହୁଲି ପ୍ରସ୍ତୁତ ହେଉନି, ବରଂ ସେଥିରୁ ଲଡ୍ଡୁ, କୁକିଜ ଓ ଆଚାର ତିଆରି ହେଉଛି। ଗ୍ରାମବାସୀ ଗ୍ରାମସଭା ମାଧ୍ୟମରେ ଏଭଳି ନିଷ୍ପତ୍ତି ନେଇ ନିଜର ତଥା ପିଲାମାନଙ୍କ ଭବିଷ୍ୟତ ପାଇଁ ପଦକ୍ଷେପ ନେଇଛନ୍ତି। ଦିନଥିଲା ଏହି ଗାଁରେ ମହୁଲ ଫୁଲ ସଂଗ୍ରହକୁ ନେଇ ଝଗଡ଼ା ହେଉଥିଲା, କିନ୍ତୁ ଏବେ ଏହି ଗଛର ସୁରକ୍ଷା ଓ ତା' ଫୁଲର ସଦ୍‌ବ୍ୟବହାରରେ ସେମାନେ ଏକତା ଭାବ ପ୍ରଦର୍ଶନ କରିବା ସହ ନିଯୁକ୍ତି ସୃଷ୍ଟି କରିପାରିଛନ୍ତି। ଗାଁରେ ଆର୍ଥିକ ସମୃଦ୍ଧି ଆଣିପାରିଛନ୍ତି। ଗ୍ରାମବାସୀଙ୍କୁ ଏହି ପଥ ଦେଖାଇବାରେ ସ୍ଥାନୀୟ ଏନ୍‌ଜିଓ ସାମ୍ବାଦ ମୁଖ୍ୟ ଭୂମିକା ନେଇଛି। ଗାଁର ସୀମାରେ ଥିବା ପାଖାପାଖି ୧୨,୮୦୦ ମହୁଲ ଗଛକୁ ପରିବାର ମଧ୍ୟରେ ବାଣ୍ଟି ଦିଆଯାଇଛି। ପ୍ରତି ପରିବାର ସେହିସବୁ ଗଛରୁ ଫୁଲ ସଂଗ୍ରହ କରୁଛନ୍ତି। ଫଳରେ ସେମାନଙ୍କ ମଧ୍ୟରେ କୌଣସି ବିବାଦ ଉପୁଜୁନାହିଁ। ସେମାନେ ଫୁଲ ସଂଗ୍ରହ କରିବା ପରେ ଏନ୍‌ଜିଓ ମାଧ୍ୟମରେ ସେଥିରୁ ଲଡ୍ଡୁ, କୁକିଜ ଓ ଆଚାର ପ୍ରସ୍ତୁତ କରି ରୋଜଗାର ବଢ଼ାଇବାରେ ସକ୍ଷମ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୩ ଜୁଲାଇ ୧୯୭୬

- ଭିଏତ୍‌ନାମର ମୁକ୍ତିଦାତା ତଥା ସ୍ୱର୍ଗତ ରାଷ୍ଟ୍ରପତି ହୋ-ଚି-ମିନ୍‌ଙ୍କ ସମ୍ମାନାର୍ଥେ ସାଇଗନ୍ ସହରକୁ ସରକାରୀ ଭାବେ 'ହୋ-ଚି-ମିନ୍ ନଗରୀ' ରୂପେ ନାମିତ କରାଯାଇଛି।
- ଭାରତୀୟ ତୁଳା କର୍ପୋରେସନ ହଂକଂ ଓ ବ୍ୟାଙ୍କକ୍‌କୁ ୪ କୋଟି ୭୪ ହଜାର ଟଙ୍କା ମୂଲ୍ୟର ୩୦ ହଜାର ଗାଣ୍ଠି ତୁଳା ରପ୍ତାନି କରିଛି।
- କେନ୍ଦ୍ର ସରକାରଙ୍କ ସାଂସ୍କୃତିକ ବ୍ୟାପାର ବିଭାଗ ୫୦ ଜଣ ତରୁଣତର ଶିଳ୍ପୀଙ୍କୁ ମାସିକ ବୃତ୍ତି ଦେବା ନିମନ୍ତେ ଚୟନ କରିଛନ୍ତି।

## ସୁଡୋକୁ

su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 7 | | | 6 | | 2 | | |
| 1 | | | 2 | | | | | 9 |
| | | | 1 | | | | | |
| | | 6 | 3 | | | | | |
| | | | 5 | | | | 6 | |
| 2 | | | | | | 8 | 7 | |
| | 2 | 1 | | | 3 | 4 | | 5 |
| | | 5 | | 1 | | | 8 | 7 |
| 4 | | 8 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 8 | 7 | 3 | 6 | 2 | 1 | 9 | 4 |
| 2 | 3 | 4 | 8 | 1 | 9 | 5 | 6 | 7 |
| 9 | 6 | 1 | 4 | 7 | 5 | 2 | 8 | 3 |
| 8 | 2 | 5 | 7 | 9 | 4 | 6 | 3 | 1 |
| 6 | 7 | 3 | 1 | 5 | 8 | 9 | 4 | 2 |
| 1 | 4 | 9 | 2 | 3 | 6 | 7 | 5 | 8 |
| 4 | 9 | 8 | 5 | 2 | 7 | 3 | 1 | 6 |
| 7 | 1 | 6 | 9 | 8 | 3 | 4 | 2 | 5 |
| 3 | 5 | 2 | 6 | 4 | 1 | 8 | 7 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପାସ୍ ବନ୍ଦ ହେଉ

ମହାଶୟ,

ଭଲ ହେଉ କି ମନ୍ଦ ହେଉ, ଶ୍ରୀଗୁଣ୍ଡିଚା ଯାତ୍ରା ସରିଛି। ଦୋଷୀ ଦଣ୍ଡ ପାଇଲେ । ସରକାରୀ କର୍ମଚାରୀ ତାଙ୍କ ମୁଣ୍ଡରେ ଦୋଷ ଲଦି ଅଧୁନା ସରକାର ବାହୁସ୍ଫୋଟ ମାରୁଛନ୍ତି। ତେବେ ପତିତପାବନ ଯାତ୍ରାରେ ପାସ୍ ପାଇଥିବା ଭିଆଇପିମାନେ ନିଶ୍ଚିତ ପତିତ ନୁହନ୍ତି। ମନ୍ଦିର ଓ ଯାତ୍ରାରେ ଏମାନଙ୍କୁ ସ୍ୱତନ୍ତ୍ର ସୁବିଧା ଯୋଗାଇ ଦେବାରେ ସରକାର ଓ ସରକାରୀ କର୍ମଚାରୀ ବ୍ୟସ୍ତ ଏବଂ ସାଧାରଣ ପତିତ ଜନତା କ୍ଷୁବ୍ଧ। ସାଧାରଣତଃ ଦଉଡ଼ିଘେର ମଧ୍ୟରେ ରଥ ରଖି ଆଗକୁ ନେଇଯିବା ହିଁ ଶୃଙ୍ଖଳା। ଏହି ଶୃଙ୍ଖଳାକୁ ଅଣଦେଖା କରି ପର୍ଯ୍ୟାପ୍ତ ପରିମାଣରେ ପାସ୍ କରି ରଥ ଓ କର୍ଡନ ମଧ୍ୟକୁ ନେଇଯିବାରେ ପ୍ରଭୁ ଅସନ୍ତୁଷ୍ଟ। ସେବାୟତମାନେ ପ୍ରଭୁଙ୍କୁ ସେବା କରିବା ପାଇଁ ପ୍ରଚୁର ପାରିଶ୍ରମିକ ମନ୍ଦିର ପକ୍ଷରୁ ପାଇଥାନ୍ତି। ଡେପୁଟେଶନରେ ଆସିଥିବା କର୍ମଚାରୀଙ୍କୁ ମଧ୍ୟ ସୁବିଧା ମିଳେ। ମାତ୍ର ଏମାନେ ଭିଆଇପି ପାସ୍‌ଧାରୀଙ୍କୁ ସେବା ଯୋଗାଇ ଅନ୍ୟ କର୍ତ୍ତବ୍ୟକୁ ହେଳା କରିଦିଅନ୍ତି, ଯାହାପାଇଁ ବିଶୃଙ୍ଖଳା ହୁଏ। ଏଣୁ ଆଗାମୀ ବର୍ଷ ପାସ୍ ବ୍ୟବସ୍ଥା ସଂପୂର୍ଣ୍ଣ ଉଠାଇ ଦିଆଯାଉ।

– ରମାକାନ୍ତ ପୁରୋହିତ, ନିରାକାରପୁର, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମୋର ପ୍ରିୟ ସବୁ ଦେଶେ ଅଛି ସବୁ କାଳେ,
ଅଛି ମସ୍ତୁଖରେ, ଅଛି ଦୂର ଚକ୍ରବାଳେ,
ଥିଲେ ହେଁ ମୁଁ ଅଜ୍ଞ ରୂପେ
ଚିରଦିନ ଅନ୍ଧକୂପେ
ତହିଁ ତୋ ଅଧର ହାସ କି ଆଲୋକ ଢାଳେ !
(ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ବିଶାଳ ଯୁବ ଶକ୍ତି ହେଉଛି ଭାରତର ସର୍ବଶ୍ରେଷ୍ଠ ପୁଞ୍ଜି



ପୂର୍ବତଟ ରେଳପଥ ପକ୍ଷରୁ ରେଳ ଅଡିଟୋରିୟମରେ ଅନୁଷ୍ଠିତ ରୋଜଗାର ମେଳାରେ ନବନିଯୁକ୍ତଙ୍କ ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଅତିଥିମାନେ।

## ୧୬ତମ ରୋଜଗାର ମେଳାରେ ୫୧ ହଜାରଙ୍କୁ ନିଯୁକ୍ତି

ଭୁବନେଶ୍ୱର, ୧୨।୭ (ଅନୁରାଧା ମହାରଣା)

କେନ୍ଦ୍ର ସରକାରଙ୍କ ୧୬ଶ ରୋଜଗାର ମେଳା ଦେଶର ୪୭ଟି ସ୍ଥାନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସରେ ଯୋଗଦେଇ ବିଭିନ୍ନ ବିଭାଗ ପାଇଁ ୫୧ ହଜାରରୁ ଅଧିକ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ପୂର୍ବତଟ ରେଳପଥ ପକ୍ଷରୁ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମରେ ରୋଜଗାର ମେଳାର ଆୟୋଜନ କରାଯାଇଥିଲା। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ୨୦୧ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ରେଳ ମନ୍ତ୍ରଣାଳୟରେ ସର୍ବାଧିକ ୧୪୩ଜଣ ନିଯୁକ୍ତିପତ୍ର ପାଇଥିବାବେଳେ ପୋଷ୍ଟାଲ ବିଭାଗରେ ୩୬ଜଣ, ଆର୍ଥିକ ସେବା ବିଭାଗରେ ୯ଜଣ, ଏମ୍‌ସ ଭୁବନେଶ୍ୱରରେ ୭ଜଣ, ଗୃହ ମନ୍ତ୍ରଣାଳୟ ଓ ରେଭିନ୍ୟୁ ବିଭାଗରେ ୨ଜଣ ଲେଖାଏ ଏବଂ ଶିକ୍ଷା ମନ୍ତ୍ରଣାଳୟ ଓ ଇଣ୍ଡିଆନ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚରେ ଜଣେ ଲେଖାଏ ବ୍ୟକ୍ତିଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ତେବେ ପ୍ରଧାନମନ୍ତ୍ରୀ ମୋଦି ଭର୍ଚ୍ଚୁଆଲରେ ସମାବେଶକୁ ସମ୍ବୋଧିତକରି କହିଲେ, ବିଶ୍ୱର ସର୍ବବୃହତ୍ ଯୁବ ଜନସଂଖ୍ୟା ଏବଂ ସର୍ବବୃହତ୍ ଗଣତନ୍ତ୍ର ସହ ଭାରତ ଘରୋଇ ଏବଂ ବିଶ୍ୱସ୍ତରରେ ଭବିଷ୍ୟତକୁ ଗଢ଼ିତୋଳିବାର ଅନନ୍ୟ ସମ୍ଭାବନା ରଖିଛି। ଏହି ବିଶାଳ ଯୁବଶକ୍ତି ହେଉଛି ଭାରତର ସର୍ବଶ୍ରେଷ୍ଠ ପୁଞ୍ଜି ଏବଂ ସରକାର ଏହି ପୁଞ୍ଜିକୁ ରାଷ୍ଟ୍ରର ଦୀର୍ଘକାଳୀନ ସମୃଦ୍ଧି ପାଇଁ ସୁବିନିଯୋଗ କରିବା ନିମନ୍ତେ ନିରନ୍ତର ପ୍ରୟାସରତ। ବିଶ୍ୱର ସର୍ବବୃହତ୍ ଲୋକୋମୋଟିଭ ଉତ୍ପାଦକ ଭାବରେ ଭାରତର ଉଦୟ ଏବଂ ଲୋକୋମୋଟିଭ, ରେଳ କୋଚ୍ ଏବଂ ମେଟ୍ରୋ କୋଚ୍ କ୍ଷେତ୍ରରେ ଦେଶର ଦୃଢ଼ ରପ୍ତାନି ପ୍ରଦର୍ଶନକୁ ସେ ପ୍ରଶଂସା କରିଥିଲେ। ଅଟୋମୋବାଇଲ କ୍ଷେତ୍ର ମାତ୍ର ୫ ବର୍ଷ ମଧ୍ୟରେ ୪୦ ବିଲିୟନ ଡଲାରର ଏଫ୍‌ଡିଆଇ ଆକର୍ଷିତ କରିଛି, ଯାହାଫଳରେ ନୂତନ କାରଖାନା, ନୂତନ ନିଯୁକ୍ତି ସୁଯୋଗ ଏବଂ ରେକର୍ଡ ଯାନବାହନ ବିକ୍ରୟ ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ପ୍ରତ୍ୟେକ ନାଗରିକଙ୍କୁ 'ନାଗରିକ ଦେବୋ ଭବ' ଭାବେ ଅଭିହିତ କରିବା ସହ ନବନିଯୁକ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ କହିଲେ, ଦେଶ ଯୁବପିଢ଼ିଙ୍କ ଆର୍ଥିକ ଏବଂ ସାମାଜିକ ବିକାଶ ଦିଗରେ ଆଗକୁ ବଢ଼ୁଛି। ଭାରତ ଖୁବ୍‌ଶୀଘ୍ର ବିଶ୍ୱର ତୃତୀୟ ଆର୍ଥିକ ବିକଶିତ ଦେଶ ହେବ। ଏହି ବିକାଶ ଯୁବପିଢ଼ିଙ୍କ ନିଯୁକ୍ତି ସୃଷ୍ଟି ପାଇଁ ନୂତନ ସୁଯୋଗ ସୃଷ୍ଟି କରୁଛି। କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଉପରେ ସେ ଗୁରୁତ୍ୱାରୋପ କରିବା ସହ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ମାତୃଭାଷାର ବ୍ୟବହାର ସହ ବହୁଳ ପ୍ରଚାର ପ୍ରସାର ପାଇଁ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କ୍‌ୱାଲଙ୍କ ସହିତ ଡାକ ବିଭାଗ, ଆଇସିଏମ୍‌ଆର୍, ଏମ୍‌ସ ଭୁବନେଶ୍ୱର, ଜିଏସ୍‌ଟି, କେନ୍ଦ୍ରୀୟ ଉତ୍ପାଦ ଏବଂ ସୀମା ଶୁଳ୍କ, ଆଇଜର, ଏସ୍‌ଏଲ୍‌ବିସି ଏବଂ ସିଆର୍‌ପିଏଫ୍‌ର ଅଧିକାରୀ ଯୋଗଦେଇଥିଲେ।

# 'ଏକାକୀ ନୁହେଁ, ଏକତ୍ର କାମକଲେ ସଫଳତା ମିଳିଥାଏ'



କାର୍ଯ୍ୟକ୍ରମରେ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ସହ ଅନ୍ୟ ଅତିଥିମାନେ।

## ଲୟୋଲା ସ୍କୁଲରେ ପ୍ରଥମ ମଡେଲ ୟୁନାଇଟେଡ୍ ନେଶନ

ଭୁବନେଶ୍ୱର, ୧୨।୭(ଅନୁରାଧା ମହାରଣା)

ଲୟୋଲା ସ୍କୁଲର ରଜତ ଜୟନ୍ତୀ ଅବସରରେ ଶନିବାର ପ୍ରଥମ ମଡେଲ ୟୁନାଇଟେଡ୍ ନେଶନ (ଏମ୍‌ୟୁଏନ୍) ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ସମ୍ମାନିତ ଅତିଥି ଭାବେ ରେକ୍ଟର ଫାଦର ଏ. ଏଜାକୁନେଲ ଏସ୍‌ଜେ, ପ୍ରିନ୍ସିପାଲ ଫାଦର ଏ. ଅମଲାଦୋସ ଏସ୍‌ଜେ, ଭାଇସ୍ ପ୍ରିନ୍ସିପାଲ ନନ୍ଦିତା ପଟ୍ଟନାୟକ, ଲୟୋଲା ଏମ୍‌ୟୁଏନ୍‌ର ସେକ୍ରେଟାରୀ ଜେନେରାଲ ଅନ୍ୱେଷା ପ୍ରିୟଦର୍ଶିନୀ ପ୍ରଧାନ, ଡେପୁଟି ସେକ୍ରେଟାରୀ ଜେନେରାଲ ସୃଷ୍ଟି ରାୟ ଯୋଗଦେଇ ଏମ୍‌ୟୁଏନ୍‌କୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଆଦ୍ୟାଶା କହିଲେ, ଏପରି କାର୍ଯ୍ୟକ୍ରମଗୁଡ଼ିକ ସହଯୋଗ, ଗୁରୁତ୍ୱପୂର୍ଣ୍ଣ ଚିନ୍ତନ ଓ ଦଳୀୟ କାର୍ଯ୍ୟକୁ ପ୍ରୋତ୍ସାହିତ କରେ। ଏହା ଶୈକ୍ଷିକ ପ୍ରତିଯୋଗିତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ବାସ୍ତବ ଜୀବନରେ ଏକାକୀ ନୁହେଁ, ଏକତ୍ର କାମ କରିବା ଦ୍ୱାରା ସଫଳତା ମିଳିଥାଏ। ଆଦ୍ୟାଶା ତାଙ୍କ ଅନୁଭୂତିରୁ ଅନେକ ଉଦାହରଣ ଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସେ କହିଲେ, ଜ୍ଞାନ ହେଉଛି ଶକ୍ତି। ଆମେ କେଉଁ କାର୍ଯ୍ୟ ପ୍ରତି ଉତ୍ସାହିତ ତାହା ଖୋଜିବା ପରିବର୍ତ୍ତେ ଆମେ ବିଭିନ୍ନ ଦିଗରେ କାର୍ଯ୍ୟ କରିବା ଦରକାର। ଏହାଦ୍ୱାରା ଆମକୁ କୌଣସି ଦାୟିତ୍ୱକୁ ଚାପ ପରି ମନେ ହେବ ନାହିଁ ବରଂ ଆମେ ତାହାକୁ ଉପଭୋଗ କରିଥାଉ। ଯେତେବେଳେ ଆପଣ ଆଗ୍ରହର ସହିତ ସକ୍ରିୟ ଭାବେ ଜଡ଼ିତ ହୁଅନ୍ତି, ଚାପ ଦୂର ହୋଇଯାଏ। ଏହା ହିଁ ପ୍ରକୃତ ବିକାଶ ଓ ସଫଳତାର ଆରମ୍ଭ ବୋଲି ଆଦ୍ୟାଶା କହିଥିଲେ।

ଏ. ଅମଲାଦୋସ ଏସ୍‌ଜେ କହିଲେ, ଏହି ଏମ୍‌ୟୁଏନ୍ ଛାତ୍ରୀଛାତ୍ରଙ୍କ ଆତ୍ମବିଶ୍ୱାସ, ଚିନ୍ତନଶକ୍ତି, ଗଭୀର ଅନ୍ତର୍ଦୃଷ୍ଟି ଓ ସାର୍ବଜନିକ କଥାବାର୍ତ୍ତା କ୍ଷମତା ବୃଦ୍ଧି କରିଛି। ଏହା ସେମାନଙ୍କୁ ବିଶ୍ୱସ୍ତରର ସମସ୍ୟାଗୁଡ଼ିକୁ ବୁଝିବା, ଶ୍ରେଣୀକକ୍ଷର ଜ୍ଞାନକୁ ବ୍ୟବହାର କରିବା, ଅନୁସନ୍ଧାନ କ୍ଷମତା, ବୈଜ୍ଞାନିକ ଭାବନା ଓ ଦଳରେ କାମ କରିବା ଦକ୍ଷତା ଉନ୍ନତ କରିବାର ସୁଯୋଗ ଦେଇଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱରର ୧୯ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟର ୨୧୦ ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୟୁଏନ୍‌ଜିଏ, ଡିଆଇଏସ୍‌ଇସି, ୟୁଏନ୍‌ଏଚ୍‌ଆରସି, ଏଆଇପିପିଏମ୍ ଓ ଆଇପିସି ଆଦି ଉପସମିତି ଗଠନ କରି ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ବିଷୟରେ ଚର୍ଚ୍ଚା କରାଯାଇଥିଲା। ଲୟୋଲା ବିଦ୍ୟାଳୟର ସଙ୍ଗୀତ ଦଳ ଦ୍ୱାରା ସୁନ୍ଦର ସଙ୍ଗୀତ ଏବଂ ବିଦ୍ୟାଳୟର ସ୍କାଉଟ୍ସ ଓ ଗାଇଡ୍ସ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ଲୟୋଲା ଏମ୍‌ୟୁଏନ୍‌ର ଡେପୁଟି ସେକ୍ରେଟାରୀ ଜେନେରାଲ ସୃଷ୍ଟି ରାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଦ୍ୟାଳୟ ପ୍ରେସିଡେଣ୍ଟ ଅବଧୂତ ଆନନ୍ଦ ବିଶି ଉଦ୍‌ବୋଧନ ଦେଇଥିଲେ।

# ପ୍ଲାଟଫର୍ମରୁ ୨ ମୃତଦେହ ଜବତ

ବ୍ରହ୍ମପୁର, ୧୨।୭(ସୁବାସ ଚନ୍ଦ୍ର ପାଢ଼ୀ)

ସରକାରୀ ରେଲ୍‌ୱେ ପୋଲିସ (ଜିଆରପି) ଶନିବାର ଅପରାହ୍ଣରେ ପ୍ଲାଟଫର୍ମରୁ ୨ ଅଚିହ୍ନା ମୃତଦେହ ଜବତ କରିଛି। ସେମାନଙ୍କ ମଧ୍ୟରେ ଜଣେ ମହିଳା ରହିଛନ୍ତି। ଉଭୟଙ୍କ ବୟସ ୫୫ରୁ ୬୦ ବର୍ଷ ହେବ। ଏ ସଂକ୍ରାନ୍ତରେ ପୋଲିସ ନଂ. ୬୬/୨୫ ଓ ୬୭/୨୫ରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଏମ୍‌କେସିଜି ମେଡିକାଲକୁ ପଠାଇଛି।

ବ୍ରହ୍ମପୁର ରେଳଷ୍ଟେଶନ ୪ନଂ. ପ୍ଲାଟଫର୍ମ ଛତ୍ରପୁର ପଟରେ ଥିବା ଫୁଟ୍ ଓଭରବ୍ରିଜ ତଳେ ଜଣେ ମହିଳା ଓ ଜଣେ ପୁରୁଷ ଦୀର୍ଘ ସମୟ ଧରି ପଡ଼ିରହିଥିବା ଜିଆରପି ଖବର ପାଇଥିଲା। ପୋଲିସ ପହଞ୍ଚି ଦେଖିବା ବେଳକୁ ଉଭୟଙ୍କ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଥିଲା। ସେମାନଙ୍କ ଶରୀରରେ କୌଣସି କ୍ଷତ ଚିହ୍ନ ନ ଥିବା ବେଳେ ଉଭୟେ ବିଷପାନ କରିଥିବା ସନ୍ଦେହ କରାଯାଉଛି। ପରିଚୟ ଜାଣିବା ଲାଗି ଉଭୟ ମୃତଦେହ ସଂରକ୍ଷିତ ରଖାଯାଇଛି। ପ୍ଲାଟଫର୍ମରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି। ସେମାନେ ବିଷପାନ କରିଥିଲେ ନା ଅନ୍ୟ କେହି ଖାଦ୍ୟରେ କିଛି ମିଶାଇ ଉଭୟଙ୍କୁ ଦେଇଥିଲେ ସେ ନେଇ ତଦନ୍ତ କରାଯାଉଥିବା ଥାନା ଭାରପ୍ରାପ୍ତ ଅଧିକାରୀ ବିକାଶ ପୋଲାଇ କହିଛନ୍ତି।

# ମୁମ୍ବାଇରୁ ଫେରିଲେ ନବୀନ, ନେତା କର୍ମୀ ଉତ୍ସାହିତ

ଭୁବନେଶ୍ୱର, ୧୨।୭ (ରବିନାରାୟଣ ଜେନା)

ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ମୁମ୍ବାଇ ଗସ୍ତ କରିଥିବା ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଶନିବାର ଓଡ଼ିଶା ଫେରିଛନ୍ତି। ଭୁବନେଶ୍ୱର ବିମାନବନ୍ଦରରେ ଅପରାହ୍ଣ ପ୍ରାୟ ସାଢ଼େ ଗୋଟାଏରେ ପହଞ୍ଚିବା ପରେ ତାଙ୍କୁ ଦଳ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶତାଧିକ ନେତୃବୃନ୍ଦ, କର୍ମୀ, ଶୁଭେଚ୍ଛୁ ତାଙ୍କୁ ନବୀନ ନିବାସ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ନବୀନଙ୍କ ପ୍ରତ୍ୟାବର୍ତ୍ତନକୁ ନେଇ ବିଜେଡି କର୍ମୀ,



ନବୀନ ପଟ୍ଟନାୟକଙ୍କୁ ବିମାନ ବନ୍ଦରରୁ ନବୀନ ନିବାସକୁ ପାଛୋଟି ନେଉଛନ୍ତି ନେତା, କର୍ମୀ ଓ ସମର୍ଥକ।

ନେତା ଓ ଜନତାଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ଜୁନ୍ ୨୦ରେ ନବୀନ ମୁମ୍ବାଇ ଯାଇଥିଲେ। ୨୨ ତାରିଖରେ ତାଙ୍କର ମୁମ୍ବାଇର କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ସଫଳତାର ସହ ସର୍ଭିକାଲ ଆର୍ଥ୍ରାଇଟିସ୍ ଅପରେଶନ ହୋଇଥିଲା। ନବୀନଙ୍କ ସ୍ୱାସ୍ଥ୍ୟ ପରାମର୍ଶଦାତା ଡାକ୍ତର ରମାକାନ୍ତ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଅସ୍ତ୍ରୋପଚାର କରିଥିଲେ। ଚଳିତମାସ ୭ରେ ନବୀନ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିଲେ ହେଁ ୪ଦିନ ଧରି ଅବଜରଭେଶନରେ ରହିଥିଲେ। ନବୀନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ରାଜ୍ୟରେ ଦଳୀୟ ନେତାଙ୍କଠାରୁ ଆରମ୍ଭ କରି କର୍ମୀ ଏବଂ ଶୁଭେଚ୍ଛୁମାନେ ଆଶୁଆରୋଗ୍ୟ କାମନା କରି ଦୀପଦାନ କରିଥିଲେ।

# ହରିଶଙ୍କରକୁ ଯୋଡ଼ିବ ରେଳପଥ

**ବଲାଙ୍ଗୀର-ନୂଆପଡ଼ା ଭାୟା ପାଟଣାଗଡ଼ ରେଳପ୍ରକଳ୍ପ ଆଶା ଉଜ୍ଜୀବିତ**

- ରାଜ୍ୟ ସରକାରଙ୍କୁ ଆବଶ୍ୟକ ଜମି ଯୋଗାଇ ଦେବାକୁ ଅନୁରୋଧ କରିଛି ରେଲ୍‌ୱେ ବୋର୍ଡ
- ଡିପିଆର୍ ମାଗିଲା ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ

ଯାଜପୁର, ୧୨।୭(ହର୍ଷବର୍ଦ୍ଧନ ବେହେରା)

ବଲାଙ୍ଗୀରଠାରୁ ନୂଆପଡ଼ା ଭାୟା ପାଟଣାଗଡ଼ ୧୦୦ କି.ମି. ନୂତନ ରେଳଲାଇନ ନିର୍ମାଣ ଆଶା ଉଜ୍ଜୀବିତ ହୋଇଛି। ରେଲ୍‌ୱେ ବୋର୍ଡର ଅତିରିକ୍ତ ସଦସ୍ୟ ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କୁ ମାଗଣାରେ ଆବଶ୍ୟକ ଜମି ଯୋଗାଇ ଦେବା ସହ ସମୁଦାୟ ଖର୍ଚ୍ଚର ୫୦% ଅଂଶୀଦାର ହେବାକୁ ଅନୁରୋଧ କରିଛନ୍ତି। ବୋର୍ଡର ଏହି ପ୍ରସ୍ତାବ ଉପରେ ରାଜ୍ୟ ସରକାର କୌଣସି ନିଷ୍ପତ୍ତି ନେବା ନିମନ୍ତେ ସବିଶେଷ ପ୍ରକଳ୍ପ ରିପୋର୍ଟ (ଡିପିଆର), ପ୍ରକଳ୍ପ ବାବଦ ଖର୍ଚ୍ଚ ନିର୍ଦ୍ଧାରଣ ସମ୍ପର୍କିତ ରେଲ୍‌ୱେ ଗାଇଡ୍‌ଲାଇନ୍ ଆବଶ୍ୟକ। ଏ ସମ୍ପର୍କିତ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ପୂର୍ବତଟ ରେଲ୍‌ୱେର ଜେନେରାଲ ମ୍ୟାନେଜରଙ୍କୁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ସରୋଜ କୁମାର ରାଉତ (ପତ୍ରସଂଖ୍ୟା ୮୨୭୦/୭।୭।୨୦୨୫) ଅନୁରୋଧ କରିଛନ୍ତି। ଦୀର୍ଘଦିନ ହେଲା ସର୍ଭେ ହୋଇ ଅଟକି ରହିଥିବା ଏହି ପ୍ରକଳ୍ପ ନିର୍ମାଣ ହେଲେ ରାଜ୍ୟର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ହରିଶଙ୍କର ସମେତ ନୃସିଂହନାଥକୁ ରେଳ ଯୋଗାଯୋଗ ସମ୍ଭବ ହୋଇପାରିବ ବୋଲି ଅଞ୍ଚଳବାସୀ ଆଶା ପ୍ରକଟ କରିଛନ୍ତି।

ଓଡ଼ିଶାରେ ୧୭ଟି ପ୍ରକଳ୍ପ ସର୍ଭେ ପ୍ରକ୍ରିୟାରେ ରହିଛି। ତେବେ ସର୍ଭେ କେବେ ସରିବ, ଚୂଡ଼ାନ୍ତ ରିପୋର୍ଟକୁ ଅନୁମୋଦନ କେବେ ମିଳିବ ସେ ନେଇ ସମ୍ପୃକ୍ତ ଅଞ୍ଚଳବାସୀ ଚାହିଁ ରହିଛନ୍ତି। ଏଥିରେ ପୁଣି ଜମି ଅଧିଗ୍ରହଣ, ଜଙ୍ଗଲ ଜମି କିସମ ପରିବର୍ତ୍ତନ, କ୍ଷତିପୂରଣ ଆଦି ରହିଛି। ଏହିକ୍ରମରେ ଗତ ୩୦ ବର୍ଷ ହେବ ଖୋର୍ଦ୍ଧାରୋଡ-ବଲାଙ୍ଗୀର ନୂତନ ରେଳପ୍ରକଳ୍ପ ପୂର୍ଣ୍ଣତାଲାଭ କରିପାରିନାହିଁ। ସେହିପରି ୭ଟି ନୂତନ ରେଳ ଲାଇନ ପ୍ରକଳ୍ପ ମଞ୍ଜୁର ଲାଭ କରି ନିର୍ମାଣ କାର୍ଯ୍ୟ ଚାଲିଛି ବୋଲି ରିପୋର୍ଟ ମିଳିଛି। ଏହିକ୍ରମରେ ଗୋଟିଏ ପରେ ଗୋଟିଏ ରେଳ ପ୍ରକଳ୍ପ ପାଇଁ ଜମି ଓ ଆବଶ୍ୟକ ଅର୍ଥ ଯୋଗାଇ ଦେବାକୁ ରେଲ୍‌ୱେ ବୋର୍ଡ ପକ୍ଷରୁ ଅନୁରୋଧ ହେଉଥିବାବେଳେ ରାଜ୍ୟ ସରକାରଙ୍କ ତତ୍ପରତାର ଆବଶ୍ୟକତା ରହିଛି। ବଲାଙ୍ଗୀରଠାରୁ ନୂଆପଡ଼ା ଭାୟା ପାଟଣାଗଡ଼ ରେଳ ପ୍ରକଳ୍ପ ନିର୍ମାଣ ହେଲେ ରାୟପୁରକୁ ସିଧାସଳଖ ରେଳଲାଇନ ସଂଯୋଗ ହୋଇପାରିବ। ଏଥିସହ ବଲାଙ୍ଗୀର ଜିଲାର ଅର୍ଦ୍ଧାଧିକ ଅଞ୍ଚଳବାସୀ ରେଳ ସୁବିଧା ପାଇପାରିବେ।

# ମାନବ ଅଧିକାର କମିଶନରେ ମାମଲା ରୁଜୁ

**ପ୍ରେମୀଯୁଗଳଙ୍କୁ ଜୁଆଳି ପକାଇ ହଳ କରାଇବା ଘଟଣା**

ରାୟଗଡ଼ା, ୧୨।୭(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍ ସିକରପାଇ ପଞ୍ଚାୟତ କଞ୍ଚାମଯୋଡ଼ି ଗ୍ରାମରେ ଗୁରୁବାର ପ୍ରେମୀଯୁଗଳଙ୍କୁ ଜୁଆଳି ପକାଇ ବଳଦ ବଦଳରେ ହଳ କରାଯାଇଥିଲା। ଶୁକ୍ରବାର ଏହା ଜଣାପଡ଼ିବା ପରେ ଘଟଣା ସମଗ୍ର ଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏ ନେଇ ଶନିବାର ମାନବ ଅଧିକାର କମିଶନରେ ମାମଲା ରୁଜୁହୋଇଛି। ନିଖୋଜ ପ୍ରେମୀଯୁଗଳଙ୍କ ସ୍ଥିତି ନେଇ କଲ୍ୟାଣସିଂହପୁର ପୋଲିସ ଓ ପ୍ରଶାସନ ତନାଘନା ଆରମ୍ଭ କରିଛି। କଙ୍ଗାରୁକୋର୍ଟ ଯାହା ମୂଳତଃ ପକ୍ଷପାତିତା କିମ୍ବା ଅନ୍ୟାୟର ଅନେକ ସମୟରେ ମାନବ ଅଧିକାର ଉଲ୍ଲଂଘନ କରେ। ଏହା ଭାରତୀୟ ସମ୍ବିଧାନର ଧାରା ୨୧କୁ ଉଲ୍ଲଂଘନ କରୁଛି। ଏହାସହ ଧାରା ୧୪ (ଆଇନ ସମ୍ମୁଖରେ ସମାନତା), ୧୫ (ଭେଦଭାବ ନିଷେଧ) ଏବଂ ୧୯ (ବାକ୍ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା)ର ଉଲ୍ଲଂଘନ ମଧ୍ୟ କରୁଛି। ଏହାକୁ ନେଇ କୋରାପୁଟ ଜିଲା ଜୟପୁର ସହରର ଆଇନଜୀବୀ ତଥା ମାନବ ଅଧିକାର କର୍ମୀ ଅନୁପ କୁମାର ପାତ୍ର ଏହି ପ୍ରସଙ୍ଗଟି ସମ୍ବିଧାନର ଧାରା ୨୧,୧୪, ୧୫ ଏବଂ ୧୯ ଅନୁଯାୟୀ ମାନବ ଅଧିକାର ସମ୍ପୂର୍ଣ୍ଣ ଉଲ୍ଲଂଘନ ବୋଲି ଅଭିଯୋଗ କରିଛନ୍ତି। ସମ୍ବିଧାନ ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାର ପୀଡ଼ିତଙ୍କୁ ନ୍ୟାୟଦେବା ପାଇଁ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଶନିବାର ପାତ୍ର ଅଭିଯୋଗ କରିଛନ୍ତି। ଏଥିପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବା ପାଇଁ କମିଶନଙ୍କ ନିକଟରେ ସେ ଦାବି କରିଛନ୍ତି।

# ହଷ୍ଟେଲ୍ ଛାତରୁ ଡେଇଁ ଛାତ୍ରଙ୍କ ଆତ୍ମହତ୍ୟା

ଚମ୍ପୁଆ, ୧୨।୭(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ସଦରମହକୁମାସ୍ଥିତ ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ହୃଦୟ ବିଦାରକ ଘଟଣା ଘଟିଯାଇଛି। ସ୍କୁଲ ହଷ୍ଟେଲର ୪ ମହଲା ଛାତରୁ ପୂର୍ବାହ୍ଣ ୧୦ଟାରେ ଜଣେ ଦଶମ ଶ୍ରେଣୀ ଛାତ୍ର ଡେଇଁ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଝାଡ଼ଖଣ୍ଡ ରାଜ୍ୟର ଷଢ଼େଇକଳା ଅଞ୍ଚଳର ସୁଧାଂଶୁ ଶେଖର ପ୍ରଧାନଙ୍କ ପୁଅ କ୍ରିଷ୍ଣା ପ୍ରଧାନ। ପରିବାର ଲୋକେ ପୁଅକୁ ନିର୍ଯାତନା ତଥା ମାଡ଼ ମରାଯାଇଥିବା ଅଭିଯୋଗ କରିଛନ୍ତି। ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସ୍କୁଲ ଓ ଡାକ୍ତରଖାନାରେ ଉତ୍ତେଜନା ଦେଖାଯାଇଥିଲା।

ସୂଚନା ଅନୁଯାୟୀ, ଛାତ୍ର ଜଣଙ୍କ ସ୍କୁଲ ହଷ୍ଟେଲରେ ରହି ଅଧ୍ୟୟନ କରୁଥିଲେ। ଶନିବାର ସକାଳେ ପ୍ରାର୍ଥନା ସାରି ନିଜ ରୁମ୍‌କୁ ଯାଇଥିଲେ। କିଛି ସମୟ ପରେ ଏକ ଖୋଲା ଝରକା ଦେଇ ତଳକୁ ଡେଇଁ ପଡ଼ିଥିଲେ। ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ଉଦ୍ଧାର କରି ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଚମ୍ପୁଆ ପୋଲିସ ଓ ଅଭିଭାବକଙ୍କୁ ସୂଚନା ଦେଇଥିଲେ। ଅଭିଭାବକ ଚମ୍ପୁଆ ଡାକ୍ତରଖାନାରେ ପହଞ୍ଚି ଛାତ୍ରଙ୍କ ମୃତ୍ୟୁ ହୋଇଥିବା ଦେଖିଥିଲେ। ପୁଅକୁ ସ୍କୁଲରେ ମାଡ଼ ମାରାଯାଇଥିବା ନେଇ ଅଭିଯୋଗ କରିବା ସହିତ ବିଦ୍ୟାଳୟରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରିବା ପାଇଁ ପୋଲିସକୁ ଅନୁରୋଧ କରିଥିଲେ। ପରିବାରର ୩ ସଦସ୍ୟଙ୍କୁ ସିସିଟିଭି ଯାଞ୍ଚ ପାଇଁ ଅନୁମତି ପ୍ରଦାନ କରାଯାଇଥିଲା। ମାତ୍ର ପରିବାର ପକ୍ଷରୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷ ଆଲୋଚନାକୁଆସନ୍ତୁବୋଲିଦାବିକରିଥିଲେ। ଏନେଇ ବିଦ୍ୟାଳୟ ଓ ଡାକ୍ତରଖାନା ଆଗରେ ଉତ୍ତେଜନା ପରିସ୍ଥିତି ଉପୁଜିଥିଲା। ପରିବାର ଲୋକେ ମୃତଦେହ ବ୍ୟବଚ୍ଛେଦ କରିବାକୁ ଛାଡ଼ି ନ ଥିଲେ। ପରିସ୍ଥିତି ଅଣାୟତ ହେବାରୁ ଆଡିଶିନାଲ ଏସ୍‌ପି, ଚମ୍ପୁଆ ଏସ୍‌ଡିପିଓ, ଚମ୍ପୁଆ ଆଇଆଇସି, ବଡ଼ବିଲ ଆଇଆଇସି, ତୁରୁମୁଙ୍ଗା ଆଇଆଇସି, ପ୍ରୋବେସନାଲ ଏସ୍‌ଡିପିଓ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲେ। ଘଟଣାସ୍ଥଳରେ ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡ଼ା, ତହସିଲଦାର ସଜତ ମାର୍କେ, ଅତିରିକ୍ତ ତହସିଲଦାର ପ୍ରତୀକ୍ଷା ପ୍ରିୟଦର୍ଶିନୀ ପହଞ୍ଚି ବୁଝାଶୁଝା କରିବା ପରେ ପରିବାର ଲୋକେ ବ୍ୟବଚ୍ଛେଦ ପାଇଁ ରାଜି ହୋଇଥିଲେ। ଚମ୍ପୁଆ ପୋଲିସ ଏକ ମାମଲା(ନଂ.୧୮୭/୨୫)ରୁଜୁ କରିଛି।



## ସଂକ୍ଷେପରେ

### ନିୟମିତ ହେଲେ ୧୭ କନିଷ୍ଠ ଶିକ୍ଷକ

ଗଞ୍ଜାମ,୧୨।୭ (ବିଦ୍ୟାଧର ସାହୁ)

ଗଞ୍ଜାମ ଜିଲାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଗଞ୍ଜାମ ବ୍ଲକ୍‌ରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକଙ୍କୁ ନିୟମିତ ଶିକ୍ଷକ ଭାବେ ୧୭ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ୨୦୧୯ରେ କନିଷ୍ଠ ଶିକ୍ଷକ ଭାବେ ନିଯୁକ୍ତି ପାଇଥିବା ଏବଂ ୬ ବର୍ଷ କାର୍ଯ୍ୟ କରିଥିବା କନିଷ୍ଠ ଶିକ୍ଷକଙ୍କୁ ଗଞ୍ଜାମ ବିଇଓ କାର୍ଯ୍ୟାଳୟ ପରିସରରେ ନିଯୁକ୍ତପତ୍ର ପ୍ରଦାନ କରାଯାଇଥିଲା। ଗଞ୍ଜାମ ବିଇଓ ପ୍ରସନ୍ନ ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିନିତା ମିଶ୍ର, ଗଞ୍ଜାମ ବ୍ଲକ୍ ମିଳିତ ଶିକ୍ଷକ ସଂଘ ସଭାପତି ପ୍ରଶାନ୍ତ ବେହେରା, ଭବାନୀ ପଟ୍ଟନାୟକ, ରାଜ୍ୟ ପିଷ୍ଟା ଏନ୍‌ପିଏସ୍ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବେହେରା, ବ୍ଲକ୍ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ଗଜେନ୍ଦ୍ର ମାଝୀ,ସମ୍ପାଦକ ଲକ୍ଷ୍ମଣ ନାହାକ, ଗଞ୍ଜାମ ବ୍ଲକ୍ ସିଆରସିସି ଉପସ୍ଥିତ ଥିଲେ।

### ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘ ବୈଠକ

ବୁଗୁଡ଼ା,୧୨।୭(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ୍ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘ ବୈଠକ ଶିକ୍ଷକ ଭବନ ପରିସରରେ ସଭାପତି ବିଶ୍ୱମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ କାର୍ଯ୍ୟକାରୀ ସଭାପତି ହରେକୃଷ୍ଣ ପାତ୍ରଙ୍କ ସମେତ ସମସ୍ତ କାର୍ଯ୍ୟକାରୀ ପରିଷଦ ସଦସ୍ୟମାନେ ଉପସ୍ଥିତ ଥିଲେ। ସମ୍ପାଦକ ପ୍ରକାଶ ଚନ୍ଦ୍ର ରଥ ବିବରଣୀ ପାଠ କରିଥିଲେ। ୨୪।୭।୨୫ରେ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ପୂର୍ଣ୍ଣ ହେବାକୁ ଯାଉଥିବାରୁ ନୂତନ ସଭାପତି ନିର୍ବାଚନ ଲାଗି ଆଲୋଚନା ହୋଇଥିଲା। ଉପସ୍ଥିତ ସଦସ୍ୟମାନେ ଏବେ ଦାୟିତ୍ୱରେ ଥିବା କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ଜାନୁୟାରୀ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରି ୭।୧।୨୦୨୬ରେ ନୂତନ କର୍ମକର୍ତ୍ତା ନିର୍ବାଚନ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହା ମଞ୍ଜୁର ହୋଇଥିଲା। ସଂଘ ପ୍ରତିଷ୍ଠା ଦିବସ ଦିନ ୧୮ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଶିକ୍ଷକଙ୍କୁ ସୌରଭ ସମ୍ମାନ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା। ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ଫୁଲବାଣୀରେ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଫୁଲବାଣୀ,୧୨।୭(ରାକେଶ କୁମାର ରାଉତ)

ଫୁଲବାଣୀ ବିଧାନସଭା ନିର୍ବାଚନମଣ୍ଡଳୀରେ ଥିବା ସମସ୍ତ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ବ୍ଲକରେ ଥିବା ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ସୁପରଭାଇଜରମାନେ ପ୍ରଶିକ୍ଷଣ ନେଇଛନ୍ତି। ଉପଜିଲାପାଳ ଭିକାରୀ ସାହୁ, ସହକାରୀ ଜିଲାପାଳ ବିବେକାନନ୍ଦ ସାହୁ, ଜିତେନ୍ଦ୍ର ମାଝୀ ଯୋଗଦେଇ ସମସ୍ତ ଭୋଟରଙ୍କୁ କିପରି ଭୋଟର ତାଲିକାରେ ସାମିଲ କରିବା, ଭୋଟର କାର୍ଡରେ ଥିବା ତ୍ରୁଟିକୁ ସଂଶୋଧନ କରିବା ବିଷୟରେ ତାଲିମ ପ୍ରଦାନ କରିଥିଲେ। ଦିଲ୍ଲୀରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଫୁଲବାଣୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଫିରିଙ୍ଗିଆ ବ୍ଲକର ବୁଥ୍‌ସ୍ତରୀୟ ସୁପରଭାଇଜର ସୀମାଞ୍ଚଳ ମୁଖୀ ତାଲିମ ଗ୍ରହଣକରି ଆସିଥିଲେ। ସେ ଏହି ଶିବିରରେ ଯୋଗଦେଇ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ଶିବିରରେ ଫୁଲବାଣୀ ତହସିଲଦାର ସୁଶ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କୁ ସାମ୍ବିଧାନିକ ବିଧିବ୍ୟବସ୍ଥା ବିଷୟରେ ଅବଗତ କରାଇଥିଲେ।

### ଲିଟିଲ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ରମ୍ଭା,୧୨।୭(ବନବାସୀ ସେଠୀ)

ଶିକ୍ଷାର ବିକାଶ ପାଇଁ ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ପୋଡ଼ମପେଟା ଓଡ଼ିଆରପି କଲୋନୀରେ ଦୁଇଦିନିଅର ଲିଟିଲ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ସାମ୍ବାଦିକ ସଂଘର ଗଞ୍ଜାମ ଜିଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଲିଟିଲ ଶିକ୍ଷକ ପ୍ରଶିକ୍ଷଣର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଗୁରୁ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ଥିଲେ। କୋଡିନେଟର ଜେ. ଟିଟୁ ସଭାପତିତ୍ୱ କରିଥିବା ବେଳେ ଟ୍ରେନର ସି.ଏଚ.ପଦ୍ମିନୀ ଉପସ୍ଥିତ ଛାତ୍ରୀଛାତ୍ର ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପୂର୍ବତନ ୱାର୍ଡ ମେମ୍ବର ବି.ହାଡ଼ି ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ରହିଥିଲେ।

# ଅନୁପଯୁକ୍ତ ସ୍ଥାନରେ ନିର୍ମାଣ ହେବ ଅଟଳ ବସ୍‌ଷ୍ଟାଣ୍ଡ

## ପାଟପୁର,କୋଲାଥିଆ ଓ ଅଙ୍କୁଶପୁରରେ ନିର୍ମାଣ ପାଇଁ ବନ୍ଧ, ଜନବସତିଠାରୁ ଦୂରରେ ହୋଇଛି ଜମି ଚିହ୍ନଟ

ଛତ୍ରପୁର, ୧୨।୭(ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲାରେ ଅଟଳ ବସ୍‌ଷ୍ଟାଣ୍ଡ ନିର୍ମାଣ ନେଇ ବିଭିନ୍ନ ବ୍ୟତିକ୍ରମ ଦେଖିବାକୁ ମିଳୁଛି। କେଉଁଠି ବନ୍ଧ ଜମିରେ ତ ଆଉ କେଉଁଠି ଅପନ୍ତରିଆ ସ୍ଥାନ କିମ୍ବା ଜନବସତିଠାରୁ ଦୂରରେ ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜମି ଚିହ୍ନଟ ହୋଇଛି । ପାଟପୁର,କୋଲାଥିଆ ଓ ଅଙ୍କୁଶପୁରଠାରେ ଚିହ୍ନଟ ଜମି ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ରାଜସ୍ୱ ବିଭାଗଠାରୁ ଲିଜ୍‌ରେ ନିଆଯାଉଛି । ଜିଲାର ରଙ୍ଗେଇଲୁଣ୍ଡା ବ୍ଲକ୍ ବ୍ୟତୀତ ଅନ୍ୟ ସମସ୍ତ ୨୧ଟି ବ୍ଲକ୍‌ରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ସ୍ଥିର ହୋଇଥିଲା। ଏସବୁ ପର୍ଯ୍ୟାୟକ୍ରମେ ନିର୍ମାଣ ହେବ। ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ ଲାଗି ଆବଶ୍ୟକ ଜମି ଯୋଗାଇଦେବାକୁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ରାଜସ୍ୱ ବିଭାଗକୁ ଚିଠି ଲେଖି ଅନୁରୋଧ କରିଥିଲା। ଏହି ପରିପ୍ରେକ୍ଷୀରେ ପର୍ଯ୍ୟାୟକ୍ରମେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ରାଜସ୍ୱ ବିଭାଗ ଜମି ଦେବାକୁ ସମ୍ମତି ଦେଇଛି । ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଗଞ୍ଜାମ ଆର୍‌ଟିଓ ମାନସ ରଞ୍ଜନ ସାହୁ ଫର୍ମ ୨-ଏରେ ୩ ସମ୍ପୃକ୍ତ ତହସିଲଦାରଙ୍କ ନିକଟରେ ଜମି ଲିଜ୍ ପାଇଁ ଆବେଦନ କରିଛନ୍ତି। ସାନଖେମୁଣ୍ଡି ବ୍ଲକ୍ ପାଟପୁରରେ ୧.୦୯୦ ଏକର ବନ୍ଧ ଜମିରେ ଅଟଳ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜମି ଚିହ୍ନଟ ହୋଇଛି। ସେହିପରି ଚିକିଟି ବ୍ଲକ୍‌ର କୋଲାଥିଆଠାରେ ୦.୮୯୨ ଏକର ଜମି ଚିହ୍ନଟ ହୋଇଛି। ଚିକିଟିଠାରୁ ଦୂରରେ ଏହି ବସଷ୍ଟାଣ୍ଡ ନିର୍ମାଣ ହେବ। ସେହିପରି କୁକୁଡାଖଣ୍ଡି ବ୍ଲକ ଅଙ୍କୁଶପୁରଠାରେ ୧ଏକର ଜମିରେ ବସଷ୍ଟାଣ୍ଡ ପାଇଁ ଚିହ୍ନଟ ହୋଇଥିବାବେଳେ ଏହା କୁକୁଡ଼ାଖଣ୍ଡିଠାରୁ ଦୂରରେ ରହିଛି। ତହସିଲଦାରମାନଙ୍କ ପକ୍ଷରୁ ଚିହ୍ନଟ ଅଧିକାଂଶ ଜମି ଅନୁପଯୁକ୍ତ ସ୍ଥାନରେ ରହିଥିବା ଜଣାଯାଇଛି। ତେବେ ସରକାରୀ ଜମି ଉପଲବ୍ଧ ଅନୁଯାୟୀ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରଦାନ କରାଯାଉଥିବା କୁହାଯାଇଛି। ଯଦି ଏହିସବୁ ସ୍ଥାନରେ ବସ୍‌ଷ୍ଟାଣ୍ଡ ହୁଏ ତେବେ ତାହା ଲୋକଙ୍କ ଦ୍ୱାରା ବ୍ୟବହାର ଉପଯୋଗୀ ହେବ କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ଅଲୋଡ଼ା ହେଲେ ପରବର୍ତ୍ତୀ ସମୟରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିବା ନେଇ ଆଶଙ୍କା କରାଯାଉଛି। ଉପଯୁକ୍ତ ସ୍ଥାନରେ ବସ୍‌ଷ୍ଟାଣ୍ଡ ନିର୍ମାଣ ନ ହେଲେ ଛତ୍ରପୁର, ହଳଦିଆପଦର ବସ୍‌ଷ୍ଟାଣ୍ଡ ଯେପରି ନିର୍ମାଣର ବହୁ ବର୍ଷ ପରେ ମଧ୍ୟ ଅଲୋଡ଼ା ହୋଇ ପଡ଼ି ରହିଛି ସେପରି ଏହି ସବୁ ନୂଆ ବସ୍‌ଷ୍ଟାଣ୍ଡର ଅବସ୍ଥା ହୋଇପାରେ ବୋଲି ସାଧାରଣରେ ଆଲୋଚନା ହେଉଛି। ବ୍ରହ୍ମପୁର ଉପକଣ୍ଠ ହଳଦିଆପଦର ବସ୍‌ଷ୍ଟାଣ୍ଡରେ ଏବେ ତହସିଲ ଅଫିସ ଚାଲିଥିବା ବେଳେ ଛତ୍ରପୁର ବସ୍‌ଷ୍ଟାଣ୍ଡରେ ଏନ୍‌ଏସି ଆହାର କେନ୍ଦ୍ର ରୋଷେଇ ଘର ଓ ଉପର ମହଲାରେ ଏନ୍‌ଏସି ଅଫିସ କାର୍ଯ୍ୟ କରୁଛି। ସୂଚନାଯୋଗ୍ୟ, ଏହି ଯୋଜନା ପାଇଁ କେନ୍ଦ୍ର ସରକାର ଆର୍ଥିକ ସହାୟତା ଦେଉଥିବା ବେଳେ ନୂଆ ବସ୍‌ଷ୍ଟାଣ୍ଡଗୁଡ଼ିକର ପରିଚାଳନା ଦାୟିତ୍ୱ ୫ ବର୍ଷ ପର୍ଯ୍ୟନ୍ତ ଓଏସ୍‌ଆର୍‌ଟିସି ନେବ।

# ଶିକ୍ଷକଙ୍କ ବଦଳି ପ୍ରତିବାଦରେ ଆନ୍ଦୋଳନ



ସ୍କୁଲ ଫାଟକ ସମ୍ମୁଖରେ ଆନ୍ଦୋଳନରତ ଅଭିଭାବକ ଓ ଛାତ୍ରୀଛାତ୍ର।

ଛତ୍ରପୁର,୧୨।୭( ଦିଲ୍ଲୀପ ସାମଲ/ ସନ୍ତୋଷ ପାଢ଼ୀ)

ସ୍କୁଲ ଶିକ୍ଷକଙ୍କ ବଦଳି ବାତିଲ କରିବା ଦାବି ନେଇ ଛତ୍ରପୁର ବ୍ଲକ୍ ଟାକିରିଆ ବ୍ରହ୍ମପୁର ଅଞ୍ଚଳର ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଶନିବାର ଆନ୍ଦୋଳନ କରିଛନ୍ତି। ସେମାନେ ସକାଳୁ ସ୍କୁଲ ଫାଟକ ସମ୍ମୁଖରେ ଆନ୍ଦୋଳନ କରିବା ସହ ଫାଟକରେ ତାଲା ପକାଇ ରଖିଛନ୍ତି। କୌଣସି ଶିକ୍ଷକଙ୍କୁ ସେମାନେ ସ୍କୁଲ ଭିତରକୁ ଛାଡ଼ି ନ ଥିଲେ। ଏଠାରୁ ବଦଳି ହୋଇଥିବା ଶିକ୍ଷକଙ୍କ ବଦଳି ବାତିଲ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ, ସ୍କୁଲରେ ତାଲା ପଡ଼ିଥିବ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଛତ୍ରପୁର ବ୍ଲକ୍ ଟାକିରିଆ ବ୍ରହ୍ମପୁର ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲର ଶିକ୍ଷକ ଜେ.କୁର୍ମା ରାଓଙ୍କୁ ସୁନ୍ଦରପୁରର ସୁନ୍ଦରେଶ୍ୱର ସ୍କୁଲକୁ ବଦଳି ହୋଇଯାଇଛି। ଏହି ଶିକ୍ଷକଙ୍କ ବଦଳି ହୋଇଥିବାରୁ ଏଠାରେ ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ହେବ। ଶୁକ୍ରବାର ଅଭିଭାବକମାନେ ଏକ ସ୍ମାରକପତ୍ର ବ୍ଲକ୍ ଶିକ୍ଷାଧିକାରୀ ସୁଜିତ ପାଢ଼ୀଙ୍କୁ ପ୍ରଦାନ କରିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ସ୍କୁଲ ଫାଟକରେ ତାଲା ପଡ଼ିଥିଲା ଏବଂ ଆନ୍ଦୋଳନ ଜାରି ରହିଥିଲା।

# ତହସିଲ କାର୍ଯ୍ୟାଳୟ ଆସି ହଟହଟା ହେଉଛନ୍ତି ବିଦ୍ୟାର୍ଥୀ

ଦାରିଙ୍ଗବାଡ଼ି,୧୨।୭ (ଅରୁଣ ସାହୁ)




■ପେଣ୍ଡିଂ ପଡ଼ିଛି ଏକାଧିକ ସାର୍ଟିଫିକେଟ
■ଠିକ୍ ସମୟରେ ମିଳୁନି ପ୍ରମାଣପତ୍ର

ଦାରିଙ୍ଗବାଡ଼ି ତହସିଲ କାର୍ଯ୍ୟାଳୟରେ ଉପଭୋକ୍ତା ହଇରାଣ ହେଉଛନ୍ତି। ଲୋକଙ୍କ ସେବାରେ ଥିବା ଅଧିକାରୀମାନେ ସଠିକ ସମୟରେ କାର୍ଯ୍ୟ କରିଦେଉ ନ ଥିବା ଅଭିଯୋଗ ହେଉଛି। ଏବେ ବିଦ୍ୟାର୍ଥୀମାନଙ୍କ ବିଭିନ୍ନ ବିଦ୍ୟାଳୟରେ ନାମ ଲେଖା ଚାଲିଛି। ଏଥିପାଇଁ ଆବଶ୍ୟକ ଇନ୍‌କମ୍ ସାର୍ଟିଫିକେଟ ସମେତ ସ୍ଥାୟୀ ବାସିନ୍ଦା ଓ ଜାତିଗତ ପ୍ରମାଣ ପତ୍ର ପାଇଁ ଅନ୍‌ଲାଇନ୍ ଆବେଦନ କରାଯାଉଛି। ହେଲେ ଆବେଦନକାରୀଙ୍କ ଡକ୍ୟୁମେଣ୍ଟ ବିଭିନ୍ନସ୍ତର ଦେଇ ଅଧିକାରୀଙ୍କ ଅନୁମୋଦନ ପାଇଁ ଯାଇଥାଏ। ବିଶେଷ କରି ରାଜସ୍ୱ ନିରୀକ୍ଷକ, ଡ୍ରିଲିଂ ଆସିଷ୍ଟାଣ୍ଟ ଦେଇ ଅତିରିକ୍ତ ତହସିଲଦାର କିମ୍ବା ତହସିଲଦାରଙ୍କ ଅନୁମୋଦନ ପରେ ସାର୍ଟିଫିକେଟ ପ୍ରଦାନ ହୁଏ। କିନ୍ତୁ ଅତିରିକ୍ତ ତହସିଲଦାର କିମ୍ବା ତହସିଲଦାରଙ୍କ ନିକଟରେ ଏବେ ଶହଶହ ସାର୍ଟିଫିକେଟ୍ ଆବେଦନ ଫର୍ମ ଅଟକି ରହିଛି। ଉକ୍ତ ତହସିଲ କାର୍ଯ୍ୟାଳୟର ଶ୍ରାନିକେତା ପଞ୍ଚାୟତର ସଂଗୀତା ସାହୁ ଜୁନ୍‌ରୁ ଇନ୍‌କମ୍ ସାର୍ଟିଫିକେଟ ଆବେଦନ କରିଥିଲେ ବି ଆଜି ସୁଦ୍ଧା ମିଳି ନ ଥିବା ସେ କହିଛନ୍ତି। ଏବେ ମଧ୍ୟ ତାଙ୍କ ଆବେଦନ ଅଣ୍ଡର ପ୍ରୋସେସ୍‌ରେ ଅଟକି ରହିଥିବା ସେ ଅନ୍‌ଲାଇନ୍‌ରୁ ଦେଖି ଜାଣିଥିବା କହିଛନ୍ତି। ଖାଲି ବିଦ୍ୟାର୍ଥୀ ନୁହନ୍ତି ଅନେକ ଲୋକଙ୍କର ଚାକିରି ପାଇଁ ପ୍ରମାଣପତ୍ର ଆବଶ୍ୟକତା ରହିଥିବା ବେଳେ ହଇରାଣ ଭୋଗୁଥିବା କହିଛନ୍ତି। ଏନେଇ ଦାରିଙ୍ଗବାଡ଼ି ତହସିଲଦାର ଧୀରୋଜ ପାତ୍ରଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଅତିରିକ୍ତ ତହସିଲଦାରଙ୍କ ବଦଳି ହୋଇଯାଇଛି। ଶୁକ୍ରବାରଠାରୁ ଜି.ଉଦୟଗିରି ତହସିଲ କାର୍ଯ୍ୟାଳୟର ଅତିରିକ୍ତ ତହସିଲଦାର ଫାଲଗୁନି କୁମାର ଅତିରିକ୍ତ ଦାୟିତ୍ୱ ନେବେ ଓ ସେ ସମସ୍ତ ସାର୍ଟିଫିକେଟକୁ ଇସ୍ୟୁ କରିଦେବେ।

### ରାଷ୍ଟ୍ରପତି ପୁରସ୍କାର ପାଇଁ ଆସିକା ଏନ୍‌ଏସି ମନୋନିତ

ଆସିକା ୧୨।୭ (ସୁରେନ୍ଦ୍ର ନାଥ ସାହୁ)

ଭାରତ ସରକାରଙ୍କ ନଗର ଉନ୍ନୟନ ଓ ଗୃହ ବିଭାଗ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ୍ ୨୦୨୪-୨୫ ସ୍ୱଚ୍ଛ ସର୍ବେକ୍ଷଣରେ ସ୍ୱଚ୍ଛ ସହର ରୂପେ ସର୍ବଭାରତୀୟ ସ୍ତରରେ ଆସିକା ଏନ୍‌ଏସି ପ୍ରଥମ ସ୍ଥାନ ପାଇଥିବା ୧୧ ତାରିଖରେ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ୧୭ ଜୁଲାଇରେ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯିବ ବୋଲି ଉଲ୍ଲେଖ ରହିଛି । ଏହି ସଫଳତା ପାଇଁ ଆସିକା ଏନ୍‌ଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ନିର୍ବାହୀ ଅଧିକାରୀ ରାଜେଶ ମହାପାତ୍ର, ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଓ ଆସିକା ଏନ୍‌ଏସିର ସମସ୍ତ ଜନସାଧାରଣଙ୍କୁ ଏହି ପୁରସ୍କାରର ଶ୍ରେୟ ଦେଇଛନ୍ତି ।

# ବିଜ୍ଞାନ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଆସିକା ୧୨।୭ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ୫୮ତମ ପ୍ରତିଷ୍ଠା ଦିବସ ଶନିବାର ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଡ.ସନ୍ତୋଷ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଆସିକା ବିଧାୟକ ସରୋଜ ପାଢୀ ଓ ମହାବିଦ୍ୟାଳୟରେ ପୂର୍ବତନ ଅଧ୍ୟକ୍ଷ ଡ.ତାରା ପ୍ରସାଦ ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୁରାତନ ଛାତ୍ର ସଂସଦର ସଭାପତି ଡ. ନିରାକର ଭଞ୍ଜ, ପ୍ରଶାସନିକ ଅଧିକାରୀ ବିଭୂତି ଭୂଷଣ ବେର୍ବା ମଞ୍ଚାସୀନ ଥିଲେ । ଏଥିରେ ଉଚ୍ଚ ଶିକ୍ଷା ବିଭାଗର ଆର୍ଥିକ ସହାୟତାରେ ନବନିର୍ମିତ ଶ୍ରେଣୀଗୃହରୁ ବିଧାୟକ ପାଢୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟସ୍ତରରେ ସୁନାମ ଅର୍ଜନ କରିଥିବା ଏହି ମହାବିଦ୍ୟାଳୟର ପ୍ରତିଷ୍ଠାରେ ପୂର୍ବତନ ବିଧାୟକ ହରିହର ଦାଶ ଓ ଆସିକା ଅଞ୍ଚଳର ଆଖୁଚାଷୀଙ୍କ ପ୍ରଚେଷ୍ଟା ଓ ତ୍ୟାଗର ସ୍ମୃତିଚାରଣ କରାଯାଇଥିଲା। ଛାତ୍ରୀଛାତ୍ରମାନେ କଠିନ ପରିଶ୍ରମୀ, ମନଯୋଗି ଏବଂ ସମୟାନୁବର୍ତ୍ତି ପରାୟଣ ହେବା ପାଇଁ ଅତିଥିମାନେ କହିଥିଲେ। ବିଜ୍ଞାନ ମହାବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନ, କଳା, ବାଣିଜ୍ୟ ଓ ଧନ୍ଦାମୂଳକ ବିଭାଗର ଶ୍ରେଷ୍ଠତମ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଧାପକ ଡ.ଅଜିତ ମୁନୀ ସଞ୍ଚାଳନା କରିଥିବା ବେଳେ ସହ ପ୍ରଶାସନିକ ଅଧିକାରୀ ଡ.ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ ।

# ୧୮ରୁ ୧୧ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ କୋଠା ନାହିଁ

ବୁଗୁଡ଼ା,୧୨।୭(କାଳିଚରଣ ଦାଶ)



ଅଧାପନ୍ତରିଆ ହୋଇ ପଡିଥିବା ଏକ ଅଙ୍ଗନୱାଡି ଗୃହ ।

**ବୁଗୁଡ଼ା ଏନଏସି**

ଗଞ୍ଜାମ ଜିଲା ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ଅନ୍ତର୍ଗତ ୧୩ଟି ୱାର୍ଡରେ ଥିବା ୧୮ଟି ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୧୧ଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ କୋଠା ନାହିଁ। ଫଳରେ କେଉଁଠି ଭଡାଘରେ ତ ଅନ୍ୟ କେଉଁଠି ଗ୍ରାମ କୋଠଘରେ ଓ ସ୍କୁଲ କୋଠାରେ ସେହି ସବୁ ଅଙ୍ଗନୱାଡି କେନ୍ଦ୍ର ଚାଲୁଥିବା ଦେଖିବାକୁ ମିଳୁଛି। ଫଳରେ କୋମଳମତି ଶିଶୁମାନଙ୍କ ପାଠପଢ଼ାରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। କେନ୍ଦ୍ରଗୁଡ଼ିକୁ ଆସୁଥିବା ଚାଉଳ, ଡାଲି ଓ ଅନ୍ୟାନ୍ୟ ସାମଗ୍ରୀ ରଖିବା ଲାଗି କର୍ମୀମାନଙ୍କୁ ମଧ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ବୁଗୁଡା ଏନ୍‌ଏସିର କାଞ୍ଜିଆପଲ୍ଲୀ, ମୋଟିସାହି, ବ୍ଲକ୍ କଲୋନୀ, ତଳଓଡିଆ ସାହି, କାଦପଡା ଓ ଗୋଲାସାହିର ଦୁଇଟି କେନ୍ଦ୍ରର ନିଜସ୍ୱ କୋଠାଘର ରହିଛି। ରଘୁନାଥ ସାହି କେନ୍ଦ୍ରର ନିର୍ମିତ କୋଠାଘର ଉଦ୍‌ଘାଟିତ ହୋଇଥିଲେ ସୁଦ୍ଧା ସେଠାକୁ ଯିବାକୁ ରାସ୍ତା ନ ଥିବାରୁ ତାହା କାର୍ଯ୍ୟକ୍ଷମ ହୋଇ ନ ପାରି ପଡିରହିଛି। ପୁରୁଣା ବାଲିପିଣ୍ଡି ସାହି ଅଙ୍ଗନୱାଡି କେନ୍ଦ୍ରର ନବ ନିର୍ମିତ ନିଜସ୍ୱ କୋଠାରେ ଜଳ ଯୋଗାଣରେ ଅବ୍ୟବସ୍ଥା ହେତୁ କାମରେ ଲାଗୁନାହିଁ। ଅନ୍ୟପକ୍ଷରେ ବୀରଧନଞ୍ଜୟପୁର, କୃଷ୍ଣଶରଣପୁର ଓ ନେଳିଆବନ୍ଧ ସାହି ଆଦି ୩ଟି ଅଙ୍ଗନୱାଡି କେନ୍ଦ୍ରର କୋଠାଘର ଦୀର୍ଘ ବର୍ଷ ହେଲା ଅଧପନ୍ତରିଆ ହୋଇ ପଡ଼ିଛି। ସେହିପରି ଶକ୍ତି ନଗର, ତେଲି ସାହି ଓ ଖଡାଳ ସାହି ଆଦି ୩ଟି କେନ୍ଦ୍ରର ନିଜସ୍ୱ କୋଠାଘର ନିର୍ମାଣ ପାଇଁ ସଂପୃକ୍ତ ୱାର୍ଡଗୁଡ଼ିକରେ କୌଣସି ସରକାରୀ ଜାଗା ମିଳୁନି। ଏହି ୩ ଅଞ୍ଚଳର ଅଙ୍ଗନୱାଡି କେନ୍ଦ୍ର ଅଙ୍ଗନୱାଡି କର୍ମୀଙ୍କ ଘରେ କିମ୍ବା ଅନ୍ୟ କେଉଁଠାରେ କାମଚଳା ଭାବେ ଚାଲିଛି। ଗୋଲାମୁଣ୍ଡୁଳା, ନୂଆସାହି ଓ କୁମ୍ଭାର ସାହି କେନ୍ଦ୍ରର କୋଠାଘର ପାଇଁ ଜାଗା ଚିହ୍ନଟ ହୋଇଥିଲେ ସୁଦ୍ଧା ପ୍ରଶାସନିକ ଅବହେଳା ଯୋଗୁ ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ। ବୁଗୁଡା ଏନ୍‌ଏସି ଅନ୍ତର୍ଗତ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରର ଏଭଳି ଅବସ୍ଥା ପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

### ମରଣାନ୍ତକ ଆକ୍ରମଣ ଘଟଣା, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୧୨।୭(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ପୋଲିସ ଶନିବାର କେ.ନୂଆଗାଁ ଥାନା ମେଘଝୋଳି ଗ୍ରାମର ନରସିଂହ ଗୌଡ଼ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କେସ୍ ନଂ.୨୪୬/୨୫ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଯାଇଛି। ଶୁକ୍ରବାର କଇଁଠଖଣ୍ଡି ଗ୍ରାମର ବିନ ଗୌଡ଼ ମେଘଝୋଳି-କଇଁଠଖଣ୍ଡି ଗ୍ରାମ ରାସ୍ତାର ମା' ଯୋଗାଡ଼ଦିଆ ଠାକୁରାଣୀ ମନ୍ଦିର ନିକଟରେ ଗାଈ ପଲ ଚରାଉଥିଲେ। ନରସିଂହ ଏବଂ ତାଙ୍କ ପୁଅ କୁରେଶୁ ଗୌଡ଼ ପହଞ୍ଚି ଆମ ଜମିରେ କାହିଁକି ଗାଈ ଛାଡ଼ିଛ ବୋଲି ପଚାରିଥିଲେ। ପରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ନରସିଂହ ଏକ ଠେଙ୍ଗାରେ ବିନଙ୍କ ମୁଣ୍ଡକୁ ଆଘାତ କରିଥିଲେ। କୁରେଶୁ ମଧ୍ୟ ତାଙ୍କୁ ମାଡ଼ ମାରି ଚାଲିଯାଇଥିଲେ। କେତେଜଣ ବ୍ୟକ୍ତି ସେଠାରୁ ଚେତାଶୂନ୍ୟ ଅବସ୍ଥାରେ ବିନଙ୍କୁ ଉଦ୍ଧାର କରି ଘରକୁ ନେଇଥିଲେ। ଏନେଇ ଏତଲା ପରେ ଦିଗପହଣ୍ଡି ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ ପାତ୍ର ଅଭିଯୁକ୍ତ ବାପ, ପୁଅଙ୍କ ବିରୋଧରେ ମାମଲା ରୁଜୁ କରି କରିଥିଲେ। ଏସ୍‌ଆଇ ଜ୍ୟୋତି ରଞ୍ଜନ ବେହେରା ତଦନ୍ତ କରୁଥିଲେ। କୁରେଶୁ ଫେରାର ଥିବା ଜଣାପଡିଛି।

# ଅଘୋଷିତ ବିଦ୍ୟୁତ୍ କାଟ୍ ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବୁଗୁଡ଼ା,୧୨।୭(କାଳିଚରଣ ଦାଶ)- ବୁଗୁଡ଼ା ବ୍ଲକ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ରାଜ୍ୟ ସରକାର ବିଦ୍ୟୁତ୍ କାଟ ହେବନାହିଁ ବୋଲି ଘୋଷଣା କରିଥିବା ବେଳେ ଏହାକୁ ବିଦ୍ୟୁତ୍ ବିତରଣ ଦାୟିତ୍ୱ ନେଇଥିବା ଟିପିଏସ୍‌ଓଡିଏଲ୍ ମାନୁ ନ ଥିବା ଅଭିଯୋଗ ହେଉଛି। ବୁଗୁଡ଼ା ଅଞ୍ଚଳରେ ଗତ କିଛି ମାସ ଧରି କୌଣସି କାରଣ ନ ଥାଇ ବାରମ୍ବାର ବିଦ୍ୟୁତ୍ କାଟ ହେଉଛି। କରଚୁଲି ଗ୍ରାମବାସୀଙ୍କ ପକ୍ଷରୁ ଏନେଇ ମୁଖ୍ୟମନ୍ତ୍ରୀ, ଶକ୍ତିମନ୍ତ୍ରୀ ଓ ବିଭାଗୀୟ ସଚିବଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ସାଧାରଣ ବର୍ଷା ପବନରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ ହେବା, ବିଦ୍ୟୁତ୍ କାଟର ଦୀର୍ଘ ସମୟ ପରେ ମଧ୍ୟ ବିଦ୍ୟୁତ୍ ଯୋଗାଣ ନ ହେବା, ବିଭାଗୀୟ ସହକାରୀ ଓ କନିଷ୍ଠ ଯନ୍ତ୍ରୀ ଫୋନ କଲ୍‌ର ଉତ୍ତର ନ ଦେବା, ନୂତନ ଗ୍ରୀଡ୍ ନିର୍ମାଣ କରିବା ଏବଂ ପୂର୍ବ ସୂଚନା ନ ଦେଇ ମନଇଚ୍ଛା ବିଦ୍ୟୁତ୍ କାଟ କରିବା ଯୋଗୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ସମସ୍ୟାଗୁଡିକର ତୁରନ୍ତ ସମାଧାନ କରି ବିଦ୍ୟୁତ୍ କାଟ୍ ନ କରି ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ନିମନ୍ତେ ଦାବି କରାଯାଇଛି। ଏହା ସହ ବିଭାଗ ତଥା ସରକାରଙ୍କୁ ଚେତାବନୀ ପୂର୍ବକ ଯଦି ସମସ୍ୟର ସମାଧାନ ନ ହୁଏ ତେବେ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବା ପାଇଁ ଲୋକେ ଚେତାବନୀ ଦେଇଛନ୍ତି।

# ଯୁକ୍ତ ୩ ସ୍ପଟ ନାମଲେଖା ତାଲିକା ପ୍ରକାଶିତ

## କେଏସ୍‌ୟୁବି କଲେଜରେ ଖାଲି ଅଛି ୪୦୮ ସିଟ୍

ଭଞ୍ଜନଗର,୧୨।୭(ବାବୁଲା ପ୍ରଧାନ)

ଯୁକ୍ତ ୩ କଳା, ବାଣିଜ୍ୟ, ବିଜ୍ଞାନ ସମେତ ଅନ୍ୟାନ୍ୟ ବିଭାଗର ନାମ ଲେଖା ୩ଟି ପର୍ଯ୍ୟାୟରେ ପୂର୍ବରୁ ସରିଛି। ଶନିବାର ଅପରାହ୍ନ ୨ ଟାରେ ସ୍ପଟ୍ ନାମ ଲେଖାପାଇଁ ତାଲିକା ପ୍ରକାଶିତ ହୋଇଛି। ଛାତ୍ରୀଛାତ୍ରମାନେ ନିଜ ଆଇଡିରେ ନାମ ଦେଖିପାରିବେ। ରାଜ୍ୟରେ ୧୦୫୨ଟି କଲେଜରେ ଯୁକ୍ତ ୩ରେ ୨ ଲକ୍ଷ ୭୩ହଜାର ୯୯୩ଟି ସିଟ ଥିବା ବେଳେ ସେଥିମଧ୍ୟରୁ ୧ଲକ୍ଷ ୫୯ ହଜାର ୮୭୪ ଛାତ୍ରୀଛାତ୍ର ତୃତୀୟ ପର୍ଯ୍ୟାୟ ସୁଦ୍ଧା ନାମ ଲେଖାଇଛନ୍ତି। ବଳକା ୧ ଲକ୍ଷ ୧୪ ହଜାର ୧୧୯ ସିଟ୍ ଖାଲି ଥିବା ବେଳେ ଉକ୍ତ ସିଟ ଗୁଡ଼ିକ ପୂରଣ ପାଇଁ ଆଜି ସ୍ପଟ ନାମଲେଖା ତାଲିକା ପ୍ରକାଶିତ ହୋଇଛି। ଗଞ୍ଜାମ ଜିଲାରେ ୬୮ଟି କଲେଜରେ ୨୩ହଜାର ୪୦୦ ସିଟ୍ ରହିଛି। ସେଥିରୁ ୧୩ ହଜାର ୮୯୦ ଛାତ୍ରୀଛାତ୍ର ତୃତୀୟ ପର୍ଯ୍ୟାୟ ସୁଦ୍ଧା ନାମ ଲେଖାଇଛନ୍ତି। ବଳକା ୯ହଜାର ୫୧୦ ସିଟ୍ ଖାଲି ପଡ଼ିଛି। ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ମଧ୍ୟ ଶନିବାର ସ୍ପଟ ନାମଲେଖା ପାଇଁ ତାଲିକା ପ୍ରକାଶିତ ହୋଇଛି। ଏହି ମହାବିଦ୍ୟାଳୟରେ କଳା, ବାଣିଜ୍ୟ ଓ ବିଜ୍ଞାନରେ ମୋଟ ୮୯୬ ସିଟ୍ ଥିବାବେଳେ ସେଥିରୁ ତୃତୀୟ ପର୍ଯ୍ୟାୟ ସୁଦ୍ଧା ୪୮୮ ଜଣ ନାମ ଲେଖାଇଛନ୍ତି। ୪୦୮ଟି ସିଟ୍ ଖାଲିପଡିଛି। ଏହା ପୂରଣ ପାଇଁ ତାଲିକା ପ୍ରକାଶିତ ହୋଇଛି। ସ୍ପଟ ନାମଲେଖା ଆସନ୍ତା ୧୫ ଓ ୧୬ ତାରିଖ ଦୁଇଦିନ ଧରି ହେବ। ଅଧ୍ୟାପକ ଦୁର୍ଗା ମାଧବ ସାହୁ ଦାୟିତ୍ୱରେ ଥିବା ବେଳେ ଅଧ୍ୟକ୍ଷ ରାଜେନ୍ଦ୍ର ଦାସ, ପ୍ରଶାସନିକ ଅଧିକାରୀ ବିଭାସ ଦାସ, ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ମହାପାତ୍ର, ହର ପ୍ରସାଦ ଶତପଥୀ ତଦାରଖ କରୁଛନ୍ତି। ସୂଚନାଯୋଗ୍ୟ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ବାଣିଜ୍ୟରେ ୨୫୬ ସିଟ୍ ଅନୁମୋଦନ ହୋଇଥିବା ବେଳେ ଆଜିକୁ ବହୁବର୍ଷ ହେବ ୨୦ରୁ ୩୦ ପ୍ରତିଶତ ପୂରଣ ହେଉଛି। କଳା ବିଭାଗରେ ଉଦ୍ଦିଷ୍ଟ ସିଟ୍ ପ୍ରତିବର୍ଷ ପ୍ରାୟ ପୂରଣ ହୋଇଯାଉଥିବା ବେଳେ ବିଜ୍ଞାନରେ ଅଳ୍ପ କିଛି ସିଟ୍ ଖାଲି ପଡୁଛି।

# ୪ ଶ୍ରେଣୀଗୃହରେ ୩୮୫ ଛାତ୍ରୀ

ଗଞ୍ଜାମ,୧୨।୭(ବିଦ୍ୟାଧର ସାହୁ)

## ଗଞ୍ଜାମ ବାଳିକା ବିଦ୍ୟାଳୟରେ ଅବ୍ୟବସ୍ଥା



ଗଞ୍ଜାମ ବାଳିକା ବିଦ୍ୟାଳୟ

ଗଞ୍ଜାମ ସହର କରଣ ସାହି ଷ୍ଟେସନ ରୋଡ଼ଠାର ପୁରାତନ ବାଳିକା ଉଚ୍ଚ ବିଦ୍ୟାଳୟ ଅବ୍ୟବସ୍ଥା ଘେରରେ ରହିଛି। ଏହି ବିଦ୍ୟାଳୟ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିଲେ ମଧ୍ୟ ଶିକ୍ଷା ବିଭାଗର ଦୃଷ୍ଟି ପଡୁନାହିଁ। ଏଥିସହ ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ମଧ୍ୟ ଏଠି ସ୍ପଷ୍ଟ ବାରି ହେଉଛି। ଏଠାରେ ଆବଶ୍ୟକ ମୁତାବକ ଶ୍ରେଣୀ ଗୃହ ନ ଥିବାରୁ ଆଜବେଷ୍ଟ ଘରେ ପାଠପଢ଼ା ଚାଲିଛି। ୪ଟି ଶ୍ରେଣୀରେ ଚଳିତ ବର୍ଷ ମୋଟ ୩୮୫ ଜଣ ଛାତ୍ରୀ ଅଧ୍ୟୟନ କରୁଛନ୍ତି। ନବମ ଏ ଓ ବି ଶ୍ରେଣୀରେ ଯଥାକ୍ରମେ ୬୮ ଜଣ ଛାତ୍ରୀ ଏବଂ ଦଶମ ଏ ଓ ବି ଶ୍ରେଣୀରେ ଯଥାକ୍ରମେ ୭୨ ଜଣ ଛାତ୍ରୀ ବସୁଛନ୍ତି। ଗୋଟିଏ ଶ୍ରେଣୀ ଗୃହରେ ୪୦ ପିଲା ବସିବାକୁ ଥିବା ବେଳେ ଶ୍ରେଣୀ ଗୃହ ଅଭାବରୁ ଗୋଟିଏ ଶ୍ରେଣୀରେ ୮୦ ପିଲା ବସି ପାଠ ପଢିବାକୁ ବାଧ ହେଉଛନ୍ତି ବୋଲି ବିଜ୍ଞାନ ଶିକ୍ଷକ ରବୀନ୍ଦ୍ର ନାଥ ନେପାକ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ପିଲାମାନଙ୍କ ଜଏନିଂ ପ୍ରକ୍ରିୟା ଚାଲିଛି। ଏଣୁ ପିଲାଙ୍କ ସଂଖ୍ୟା ୪୦୦ରୁ ଊର୍ଦ୍ଧ୍ୱ ହେବ ବୋଲି ଆଶଙ୍କା ରହିଛି। ଏହା ସହିତ ଆବଶ୍ୟକ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ଅନିଲ ପାଣିଗ୍ରାହୀ କହିଛନ୍ତି। ଏଥିସହ ଉକ୍ତ ବିଦ୍ୟାଳୟରେ ପରିସରରେ ହରିଜନ ଛାତ୍ରୀ ନିବାସ ଥିବାବେଳେ ସ୍ଥାୟୀ ପ୍ରଧାନ ଶିକ୍ଷକ ନାହାଁନ୍ତି। ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ପ୍ରାୟ ଦେଢ଼ ଶହରୁ ଊର୍ଦ୍ଧ୍ୱ ଛାତ୍ରୀ ଥିବା ବେଳେ ମାତ୍ର ୩ ଶିକ୍ଷକ। ଫାଇବ ଟି ସ୍କୁଲ ରୂପାନ୍ତିକରଣ ବେଳେ ବିଦ୍ୟାଳୟ ପରିସରରେ ଥିବା ଗୋଟିଏ ଶ୍ରେଣୀ ଗୃହକୁ ଭାଙ୍ଗି ଦିଆଯାଇଥିଲା। କିନ୍ତୁ ନୂତନ ଗୃହ ନିର୍ମାଣ ହେଲାନି। ଗତ ୨ ମାସ ତଳେ ଏହାର ଟେଣ୍ଡର ହୋଇଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି। ଏଥିସହ ଏଠାରେ ପାନୀୟ ଜଳ ସମସ୍ୟା ମଧ୍ୟ ରହିଛି। ମଧ୍ୟାହ୍ନ ଭୋଜନ ରୋଷଇ ପାଇଁ ଗୋଟିଏ ପାଣି ଷ୍ଟାଣ୍ଡ ପୋଷ୍ଟ ଦିଆଯାଇଛି କିନ୍ତୁ ଅନ୍ୟାନ୍ୟ ସମସ୍ୟା ସମାଧାନ ଦିଗରେ ପ୍ରଶାସନ ଦୃଷ୍ଟି ଦିଆଯାଉ ନ ଥିବା ବିଦ୍ୟାଳୟର ଜଣେ ଶିକ୍ଷକ କହିଛନ୍ତି। ଖେଳ ପଡିଆ ନ ଥିବାରୁ ପିଲାମାନେ ଖେଳକୁଦରୁ ବଞ୍ଚିତ ହେଉଛନ୍ତି।

## ଜନଗଣନା ସଚେତନତା ଅଭିଯାନ ବୈଠକ

ମୋହନା,୧୨।୭(ମନ୍ମଥ ମିଶ୍ର)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଶିବ ମନ୍ଦିରଠାରେ ଜନ ଗଣନା ସଚେତନତା ଅଭିଯାନ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଖଣ୍ଡ ସଂଯୋଜକ ବାବୁଲା ସେଠୀଙ୍କ ସଂଯୋଜନାରେ ହୋଇଥିବା ଏହି ବୈଠକରେ ବିଶ୍ୱହିନ୍ଦୁ ପରିଷଦ ପ୍ରାନ୍ତ ସାମାଜିକ ସମରସତା ପ୍ରମୁଖ ତରଣୀ ସେନ ଦାସ, ବନବାସୀ କଲ୍ୟାଣ ଆଶ୍ରମ ପୂର୍ବତନ ରାଜ୍ୟ ସଭାପତି ରାଘବ ନାୟକ, ବନବାସୀ କଲ୍ୟାଣ ଆଶ୍ରମ ପ୍ରାନ୍ତ ଉପ ସଭାପତି କବିରାଜ ମଲିକ, ସମାଜିକ କର୍ମୀ ଭିକାରୀ ଚରଣ ବେହେରା, କୁଇ ସମାଜ ସଂସ୍କାର ସଭାପତି ନାରଦ ମଲିକ, ଆରଏସ୍ଏସ୍ ସହ ଜିଲା ଶାରୀରିକ ପ୍ରମୁଖ ଚୈତନ୍ୟ ମଲିକ, ଖଣ୍ଡ ବୌଦ୍ଧିକ ପ୍ରମୁଖ ବାଳକୃଷ୍ଣ ମଲିକ, ଭାଜପା ଜିଲା ସାଧାରଣ ସମ୍ପାଦକ କାମଦେବ ବଡ଼ନାୟକ, ପୂର୍ବତନ ସାଧାରଣ ସମ୍ପାଦକ ରମା ରମଣ କାର୍ଜି, ସରପଞ୍ଚ ବୃନ୍ଦାବନ ପାଇକ, ଛବିପ୍ରିୟ ପାଣିଗ୍ରାହୀ, ତ୍ରିନାଥ ନାୟକଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଆଗାମୀ ଜନଗଣନା ପାଇଁ ଜନ ଜାଗରଣ ଉପରେ ହୋଇଥିବା ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପି. ଶ୍ରୀନିବାସ ରାଓ, ମନୋଜ ସାହୁ ଓ ଅଂଶୁମାନ ପଣ୍ଡା ସହଯୋଗ କରିଥିଲେ ।

# ନୂତନ କୋଠା ନିର୍ମାଣ କାର୍ଯ୍ୟ ବିଳମ୍ବ

- ପରିତ୍ୟକ୍ତ ଗୃହରେ ଚାଲିଛି ଅଙ୍ଗନାୱାଡି କେନ୍ଦ୍ର
- ଶିଶୁ, ଗର୍ଭବତୀ, କିଶୋରୀ ହଇରାଣ ଭୋଗୁଛନ୍ତି

ଦାରିଙ୍ଗବାଡ଼ି,୧୨।୭ (ଅରୁଣ ସାହୁ)



ଦାରିଙ୍ଗବାଡି ବ୍ଲକ୍ ଶ୍ରୀନିକେତା ପଞ୍ଚାୟତ ଡଲାବାଡି ୧୪ ନଂ. ୱାର୍ଡରେ ଅଙ୍ଗନାୱାଡି କେନ୍ଦ୍ର ପରିତ୍ୟକ୍ତ ଗୃହରେ ଚାଲିଛି । ବିପଦସଂକୁଳ ଅବସ୍ଥାରେ ରହିଥିବା ଆଜିବେଷ୍ଟିସ୍ କୋଠରୀ ମଧ୍ୟରେ ଶିଶୁଙ୍କୁ ଶିକ୍ଷାଦାନ କରାଯିବା ସହ ଛତୁଆ, ଅଣ୍ଡା ଆଦି ପୁଷ୍ଟିକର ଖାଦ୍ୟ ଦିଆଯାଉଛି । ସେହିପରି କିଶୋରୀଙ୍କ ସମେତ ଗର୍ଭବତୀ, ପ୍ରସୁତୀ ମହିଳାଙ୍କୁ ମଧ୍ୟ ଏହି ବିପଦ ସଂକୁଳ ପରିତ୍ୟକ୍ତ ଗୃହକୁ ଆସି ଶିକ୍ଷାପ୍ରାପ୍ତ କରୁଛନ୍ତି । ଏହି ଅଙ୍ଗନାୱାଡି କେନ୍ଦ୍ରଟି ବ୍ଲକ୍ ହେଡକ୍ୱାଟର ଠାରୁ ମାତ୍ର ୩ କିମି ଦୂରରେ ରହିଛି । ସମସ୍ତ ଅଧିକାରୀ ଏ ବିଷୟରେ ଜାଣିଥିଲେ ମଧ୍ୟ ନୂତନ କୋଠା ନିର୍ମାଣରେ ବିଳମ୍ବ ହେଉଥିବା ଉକ୍ତ ଗ୍ରାମର କିଶୋରୀ ସ୍ୱର୍ଣ୍ଣଲତା ପଟ୍ଟନାୟକ, ଅଗ୍ନିଶିଖା ପ୍ରଧାନ ପ୍ରମୁଖ କହିଛନ୍ତି । ଅଙ୍ଗନାୱାଡିରେ ସହାୟିକା ଗତ କିଛି ମାସ ହେଲା କେଉଁଆଡେ ପଳାଇଯାଇଥିବାରୁ ଅଙ୍ଗନାୱାଡିକର୍ମୀ ନିଜେ ହିଁ ଶିଶୁଙ୍କୁ ରୋଷେଇ କରି ଦେଉଥିବା କର୍ମୀ ନିରଳା ପ୍ରଧାନ କହିଛନ୍ତି । ଶୀଘ୍ର କୋଠା ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି । ଅନ୍ୟପଟେ ଅଙ୍ଗନାୱାଡ଼ି କେନ୍ଦ୍ର ଗୁଡ଼ିକୁ 'ସକ୍ଷମ' କେନ୍ଦ୍ର ଭାବେ ବିଭାଗ ଘୋଷଣା କରାଯାଇଛି । କିନ୍ତୁ ଶ୍ରୀନିକେତା ପଞ୍ଚାୟତର ଡଲାବାଡି ଅଙ୍ଗବାଡ଼ିକେନ୍ଦ୍ର ସ୍ଥାପନ ହେବାର ୪ ବର୍ଷ ବିତିଯାଇଥିବା ବେଳେ ଉକ୍ତ ପଞ୍ଚାୟତ ଦଣ୍ଡିମା ଗ୍ରାମ ସିସାମାହା ଅଙ୍ଗନବାଡ଼ି ସ୍ଥାପନ ହେବାର ୧୪ ବର୍ଷ ବିତିଯାଇଥିଲେ ବି ନିଜସ୍ୱ କୋଠା ନାହିଁ । ଯାହାକୁ ନେଇ ଶିଶୁମାନଙ୍କ ଭବିଷ୍ୟତ ଚିନ୍ତାବଢ଼ିଛି । ଏନେଇ ବିଡ଼ିଓ ପ୍ରୀତିରଞ୍ଜନ ରଥ କହିଛନ୍ତି କୋଠା ନିର୍ମାଣ ପାଇଁ ଅନୁଦାନ ପହଞ୍ଚିଲା ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୮ ଲକ୍ଷ ସମେତ ମୋଟ ୧୨ଲକ୍ଷ ରହିଛି । ଶୌଚାଳୟ ସମେତ କୋଠା ନିର୍ମାଣ କରାଯିବ ବୋଲି ସେ କହିଛନ୍ତି । ଯେଉଁ ସବୁ କେନ୍ଦ୍ର ଗୁଡ଼ିକର କୋଠା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରାଯାଇଛି ସେଗୁଡିକୁ ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ଲକ୍ଷ୍ମୀଚରଣ

## ସହଯୋଗର ହାତ ବଢାଇଲେ ବିଧାୟକ



ବିଧାୟକ ସହାୟତା ପ୍ରଦାନ କରୁଛନ୍ତି ।

ଛତ୍ରପୁର,୧୨।୭(ଦିଲ୍ଲୀପ ସାମଲ/ ସନ୍ତୋଷ ପାଢ଼ୀ)

ଛତ୍ରପୁର ବ୍ଲକ ଅନ୍ତର୍ଗତ ବଡ଼ମାଧପୁର ଗ୍ରାମର ଯୁବକ ଲକ୍ଷ୍ମୀ ଚରଣ ବେହେରା (୪୫) କିଡ଼ନି ଏବଂ ଲିଭରଜନିତ ରୋଗରେ ଗତ ଅକ୍ଟୋବର ମାସରୁ ପଡିଛନ୍ତି । ତାଙ୍କ ନିକଟରେ ଥିବା ସଞ୍ଚିତ ଅର୍ଥ ଚିକିତ୍ସାରେ ସରିଯାଇଛି । ମାତ୍ର ବର୍ତ୍ତମାନ ଚିକିତ୍ସା ଲାଗି ଅର୍ଥ ସାଜିଛି ବାଧକ । ଶଯ୍ୟାଶାୟୀ ହୋଇପଡିଥିବା ଲକ୍ଷ୍ମୀଚରଣଙ୍କ ସମ୍ପର୍କରେ ଜାଣିବା ପରେ ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଆର୍ଥିକ ସହଯୋଗର ହାତ ବଢ଼ାଇଛନ୍ତି । ସରକାରୀ ସ୍ତରରେ ସହଯୋଗ କରିବାକୁ ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।
ସୂଚନାଯୋଗ୍ୟ, ସ୍ତ୍ରୀ, ଦୁଇ ଝିଅ ଓ ଗୋଟେ ପୁଅକୁ ନେଇ ଲକ୍ଷ୍ମୀଚରଣଙ୍କ ପରିବାର । ସେ ଶଯ୍ୟାଶାୟୀ ହୋଇପଡିବା ପରଠାରୁ ପରିବାର ଚଳିବା କଷ୍ଟକର ହୋଇପଡୁଛି । ସରକାର ତାଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।

# କେନ୍ଦ୍ର ଖାଉଟି କଲ୍ୟାଣ ବିଭାଗ ଟିମର କନ୍ଧମାଳ ଗସ୍ତ

ଫୁଲବାଣୀ,୧୨।୭(ରାକେଶ କୁମାର ରାଉ)



କନ୍ଧମାଳ ଗସ୍ତରେ ଆସିଥିବା ଟିମ୍ ।

କେନ୍ଦ୍ର ଖାଉଟି ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଉପ ସଚିବ ରଶ୍ମିତା ଖାଲକୋଙ୍କ ନେତୃତ୍ୱରେ ଏକ ଟିମ କନ୍ଧମାଳ ଜିଲାକୁ ୨ ଦିନିଆ ଗସ୍ତରେ ଆସିଛନ୍ତି । ଟିମ୍ ସଦସ୍ୟମାନେ ଜିଲାର ବିଭିନ୍ନ ବ୍ଲକରେ ଥିବା ଖାଉଟି ସାମଗ୍ରୀ ଯୋଗାଣ କେନ୍ଦ୍ରମାନଙ୍କୁ ଯାଇ ସେଠାରେ ସଠିକ ଭାବେ ଖାଉଟି ମାନଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ସାମଗ୍ରୀ ସବୁ ବିତରଣ ହେଉଛି କି ନାହିଁ ତାହା ଯାଞ୍ଚ କରିଥିଲେ । ଏହି ଟିମରେ କେନ୍ଦ୍ରୀୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସହକାରୀ ଶାଖା ଅଧିକାରୀ ସୋନି ଗୋୟେଲ, ଭାରତୀୟ ଖାଦ୍ୟ ନିଗମର ଗୁଣ ନିୟନ୍ତା ପ୍ରବନ୍ଧକ ଚରଣ ସାହୁ ସାମିଲ ଥିଲେ । ଜିଲା ସହକାରୀ ଖାଦ୍ୟ ଯୋଗାଣ ଅଧିକାରୀ ସୂର୍ଯ୍ୟ ପାଣିଗ୍ରାହୀ ଓ ଜିଲା ଖାଉଟି ଯୋଗାଣ ଅଧିକାରୀ ଦାୟିତ୍ୱରେ ଥିବା ପି.ଭାର୍ଗବୀ ଟିମ ସହ ବିଭିନ୍ନ ଅଞ୍ଚଳ ଗସ୍ତ କରିଥିଲେ । ଜିଲାର କଇଁଝର, କଟିମାହା, ପାବୁରିଆ, ଗୁଟିଙ୍ଗିଆ, ଖଜୁରିପଡା, ଫିରିଙ୍ଗିଆ, ଚକାପାଦ ଓ ଫୁଲବାଣୀ ଆଦି ଅଞ୍ଚଳରେ ଥିବା ସମସ୍ତ ଖାଉଟି ଯୋଗାଣ କେନ୍ଦ୍ର ବୁଲି ସେଠାରେ ଲୋକଙ୍କୁ ଠିକ ଭାବରେ ଖାଉଟି ସାମଗ୍ରୀ ଠିକ ସମୟରେ ଏବଂ ସଠିକ ଓଜନ ମାପରେ ବିତରଣ ହେଉଛି କି ନାହିଁ, ତାର ଯାଞ୍ଚ କରିଥିଲେ । ପରେ ଫୁଲବାଣୀରେ ଏଫସିଆଇ ଗୋଦାମରେ ପହଞ୍ଚି ସେଠାରେ ମଧ୍ୟ ପରିଦର୍ଶନ କରିଥିଲେ ।

## ଛତ୍ରପୁର ବ୍ଲକରେ ଷ୍ଟପ୍ ଡାଇରିଆ ଅଭିଯାନ

ଛତ୍ରପୁର,୧୨।୭ (ସନ୍ତୋଷ ପାଢ଼ୀ)

ଛତ୍ରପୁର ବ୍ଲକ୍‌ର ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୧୮ ପଞ୍ଚାୟତର ଗ୍ରାମ ଗୁଡ଼ିକରେ ଷ୍ଟପ୍ ଡାଇରିଆ ଅଭିଯାନ ଚାଲିଛି । ଏହା ଜୁନ୍ ୧୬ରୁ ଆରମ୍ଭ ହୋଇ ଜୁଲାଇ ୩୧ ପର୍ଯ୍ୟନ୍ତ ଚାଲିବ । ପ୍ରତିଦିନ ଏହାର ମନିଟରିଙ୍ଗ ହେଉଥିବାବେଳେ ଆଶାକର୍ମୀମାନେ ସପ୍ତାହକୁ ଥରେ ରିପୋର୍ଟ ଦେଉଛନ୍ତି । ଏଭଳି ସ୍ୱତନ୍ତ୍ର ଅଭିଯାନ ଛତ୍ରପୁର ବ୍ଲକ୍‌ରେ ପ୍ରଥମ ବୋଲି ଡାକ୍ତର ସ୍ୱାଧୀନ ରଥ କହିଛନ୍ତି । ଏହି ବ୍ଲକ୍‌ର ବଡ଼ମାଧପୁର, ଗୋବା, ଅଗସ୍ତିନୂଆଗାଁ, ନରେନ୍ଦ୍ରପୁର ଅଞ୍ଚଳରେ ହୋଇଛି । ବର୍ଷା ଦିନ ଯୋଗୁ ଡେଙ୍ଗୁ, ମ୍ୟାଲେରିଆ ସମ୍ପର୍କରେ ସଚେତନ କରାଯାଉଛି । ଆଶାକର୍ମୀ ଏହା ସମ୍ପାଦନ କରୁଥିବାବେଳେ ସ୍ୱେଚ୍ଛାସେବୀଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି । ପୂର୍ବରୁ ଟିବି ମୁକ୍ତ ଛତ୍ରପୁର ବ୍ଲକ୍ ସଫଳତା ପାଇଁ ଏହି ଗୋଷ୍ଠୀକେନ୍ଦ୍ର ପ୍ରଶଂସିତ ହୋଇ ସୁପରିଡେଣ୍ଟ ପୁରସ୍କୃତ ହୋଇଛନ୍ତି ।

# ମାଆଙ୍କ ପାଇଁ ବୃକ୍ଷଟିଏ କାର୍ଯ୍ୟକ୍ରମରେ ଯୋଗଦେଲେ ବିଧାୟକ



ବେଲଗୁଣ୍ଠା,୧୨।୭
(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ ଗାଙ୍ଗପୁର ସ୍ଥିତ ଶରତଚନ୍ଦ୍ର ପଣ୍ଡା ସ୍ମାରକୀ ଉଚ୍ଚ ବିଦ୍ୟାଳୟରେ ଶନିବାର ମାଆଙ୍କ ପାଇଁ ବୃକ୍ଷଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ସାହୁଙ୍କ ଆବାହନ କ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୋରଡା ବିଧାୟକ ନୀଳମଣି ବିଷୋୟୀ ଯୋଗ ଦେଇ ସୁସ୍ଥ ସମାଜ ଗଠନ ଦିଗରେ ପ୍ରଦୂଷଣ ଏବଂ ଦୁର୍ନୀତିକୁ ହଟାଇବା ଜରୁରୀ ବୋଲି ବକ୍ତବ୍ୟ ରଖିବା ସହିତ ପ୍ରଦୂଷଣକୁ ହଟାଇବା ପାଇଁ ବୃକ୍ଷରୋପଣ ହିଁ ଏକମାତ୍ର ବିକଳ୍ପ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗାଙ୍ଗପୁର ବନପାଳ ମିତା ପୋଲାଇ, ଗାଙ୍ଗପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିବରାମ ମହାନ୍ତି, ସିଆରସିସି ମୃତ୍ୟୁଞ୍ଜୟ ପଣ୍ଡା, ଶିକ୍ଷକ ଆକୁଳ ସାହୁ, ପୂର୍ବତନ ଗ୍ରାମ୍ୟ ପରିଚାଳନା କମିଟି ସଭାପତି ନିତ୍ୟାନନ୍ଦ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ ।

## ପାଇଲିପଡ଼ା କୂଳ ସମାଜର ବାର୍ଷିକୋତ୍ସବ

ବେଲଗୁଣ୍ଠା,୧୨।୭(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ ବିଞ୍ଜଣା ସ୍ଥିତ ପଞ୍ଚାନନ ନାଇକଙ୍କ ବାସଗୃହଠାରେ ପାଇଲିପଡ଼ା ମୁଠାହାଡ଼ି କୂଳ ସମାଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ ସଭାପତି ପବିତ୍ର ନାଇକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଉଁଶଲୁଣ୍ଡି ରାଧାକୃଷ୍ଣ ପାଠାଗାର ସମାଜର ସଭାପତି ନିରଞ୍ଜନ ପ୍ରଧାନ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ରୂପେ ପଦ୍ମଚରଣ ପ୍ରଧାନ ଯୋଗ ଦେଇଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଅଭିମନ୍ୟୁ ଗୌଡ଼ ଏବଂ ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର ଯୋଗଦେଇ ହାଡ଼ି ସମାଜର ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ । କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଦାମୋଦର ନାଇକ ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ପାଇଲିପଡ଼ା ମୁଠା ହାଡ଼ି ସମାଜର ଉପସଭାପତି ଗୋଲା ନାଇକ, ସମ୍ପାଦକ ପଞ୍ଚାନନ ନାଇକ, କୋଷାଧ୍ୟକ୍ଷ ସୁଧୀର ନାଇକ, ଉପଦେଷ୍ଟା ସାଇବ ନାଇକ ଯୋଗ ଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ସନିଆ ନାଇକ, ପ୍ରବୀଣ ନାଇକ, ଟୁକୁନା ନାଇକ, ରବି ନାଇକ ପ୍ରମୁଖ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ।

# ଦୁର୍ନୀତି ନିବାରଣ ବିଭାଗ ଏସ୍‌ପିଙ୍କୁ ଭେଟି ତଦନ୍ତ ଦାବିକଲେ ଗ୍ରାମବାସୀ

## ଚେକ୍‌ଡ୍ୟାମ୍ ନିର୍ମାଣ ରେ ଅନିୟମିତତା ଅଭିଯୋଗ

କବିସୂର୍ଯ୍ୟନଗର,୧୨।୭(କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବ୍ଲକ ଆସିକା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲ୍ୟାସରା ପଞ୍ଚାୟତ ଅନ୍ତର୍ଗତ ସଦାର୍ଭ ନୂଆଗାଁଠାରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ଚେକଡ୍ୟାମ ଭୁଶୁଡି ପଡିଛି । ଫଳରେ ଚାଷୀମାନେ ଚାଷକାର୍ଯ୍ୟ କରିବାକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗତ ଦୁଇବର୍ଷ ଧରି ଏହାର ନିର୍ମାଣ କାର୍ଯ୍ୟ ଚାଲିଥିଲା । ଗତ ୭ ତାରିଖରେ ସ୍ଥାନୀୟ ତହସିଲଦାରଙ୍କୁ ଚାଷୀ ଓ ସ୍ଥାନୀୟ ପ୍ରତିନିଧି ଭେଟି ଦାବିପତ୍ର ଦେବାସହ ଏହି ଚେକଡେମକୁ ତୁରନ୍ତ ତିଆରି କରି ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ । ଏନେଇ କୌଣସି ସୁଫଳ ନ ମିଳିବାରୁ ଶୁକ୍ରବାର ଚାଷୀମାନେ ବ୍ରହ୍ମପୁର ଦୁର୍ନୀତି ନିବାରଣ ଏସ୍‌ପିଙ୍କୁ ଭେଟିଥିଲେ । ସାମାନ୍ୟ ବର୍ଷାରେ ଟଳି ପଡ଼ିଥିବା ଚେକ ଡ୍ୟାମ ପୁନଃ ନିର୍ମାଣ କରାଯିବା ସହ ହୋଇଥିବା ନିମ୍ନମାନର କାର୍ଯ୍ୟର ତଦନ୍ତ କରିବାକୁ ନିବେଦନ କରିଥିଲେ । ଏପରକି କ୍ଷୁଦ୍ର ଜଳସେଚନ ବିଭାଗରେ ବହୁ ଦୁର୍ନୀତି ହୋଇଛି । ଏନେଇ ଖୋଳାତାଡ଼ କଲେ ଦୁର୍ନୀତି ଲୋକଲୋଚନକୁ ଆସିପାରିବ ବୋଲି ସେମାନେ ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ବାଲ୍ୟସରା ସରପଞ୍ଚ ରବୀନ୍ଦ୍ର ପୋଲାଇ, ସୁନାରିଝୋଲା ସରପଞ୍ଚ ରାଧା ରେଡ୍ଡୀ, ବାଲ୍ୟସରା ସମିତିସଭ୍ୟା ପ୍ରତିନିଧି ଗୌତମ ଖଣ୍ଡୁଆଳ, ଜିଲା ପରିଷଦ ପ୍ରତିନିଧି ହାଡୁବନ୍ଧୁ ସ୍ୱାଇଁ, ଦାଶରଥି ନାୟକ, ଗଙ୍ଗା ସ୍ୱାଇଁ, କବିସୂର୍ଯ୍ୟନଗର ସେବା ସମବାୟ ସମିତି ସଭାପତି ମନ୍ମଥ ପରିଡା, ନୀଳାଞ୍ଚଳ ମଣ୍ଡଳ, ଅଭିମନ୍ୟୁ ଚର୍ଚ୍ଚି, ଗଙ୍ଗାଧର ସ୍ୱାଇଁ, ଶ୍ରୀରାମ ସ୍ୱାଇଁ,ଓ ଗଞ୍ଜାମ ଜିଲା ବିଜେଡି ଯୁବ ଜୋନ ସଭାପତି ନଚିକେତା ସ୍ୱାଇଁଙ୍କ ବହୁ ଚାଷୀ ଉପସ୍ଥିତ ଥିଲେ ।

## ସାଇକେଲକୁ ଧକ୍କା ଦେଲା ଟ୍ରକ, ନାବାଳକ ଆହତ

ଛତ୍ରପୁର,୧୨।୭ (ଦିଲ୍ଲୀପ ସାମଲ)

ଗଞ୍ଜାମ ଜିଲା ଚମାଖଣ୍ଡି ଥାନା ନିକଟସ୍ଥ ଜାତୀୟ ରାଜପଥରେ ଏକ ଟ୍ରକ ଧକ୍କାରେ ଜଣେ ନାବାଳକ ସାଇକେଲ ଆରୋହୀ ଆହତ ହୋଇଛନ୍ତି । ଶନିବାର ଅପରାହ୍ଣ ୪ଟାରେ ସିଦ୍ଧାର୍ଥ ରେଡ୍ଡୀ (୧୪) ନାବାଳକ କାଳିଆବାଲିରୁ ଚମାଖଣ୍ଡି ଖେଳ ପଡିଆକୁ ସାଇକେଲ ଯୋଗେ ଯାଉଥିବା ବେଳେ ତାଙ୍କୁ ଟ୍ରକ (ଏପି ୩୯ ୟୁଏଲ୍- ୭୭୯୯) ଧକ୍କା ଦେଇଥିବା ଜଣାପଡିଛି । ଖବର ପାଇ ଜାତୀୟ ରାଜପଥ ପେଟ୍ରୋଲିଂ ଟିମ୍ ପହଞ୍ଚି ଆହତ ସିଦ୍ଧାର୍ଥଙ୍କୁ ଉଧାର କରି ଛତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି । ଚମାଖଣ୍ଡି ପୋଲିସ ଘଟଣାର ତଦନ୍ତ କରୁଛି ।

# ଓଜନରେ ଠକୁଥିଲେ ମାଣ୍ଡିଆ, ଧରାପଡ଼ିଲେ ଯୋଗାଣ ସହାୟକ

## ଲୋକଙ୍କ ଅସନ୍ତୋଷ ପରେ ଭୁଲ୍ ମାନିଲେ

ମୋହନା,୧୨।୭(ମନ୍ମଥ ମିଶ୍ର)



ସରକାରଙ୍କ ନିର୍ଦ୍ଧାରିତ ଓଜନଠାରୁ ଲୋକଙ୍କୁ କମ ଓଜନର ମାଣ୍ଡିଆ ବଣ୍ଟନ କରି ଯୋଗାଣ ସହାୟକ ଧରାପଡିଛନ୍ତି । ଲୋକଙ୍କ ରୋଷର ଶିକାର ହେବା ପରେ ଶେଷରେ ସେ ନିଜ ଭୁଲ୍ ମାନିଛନ୍ତି । ଲୋକଙ୍କୁ ଠିକ୍ ପରିମାଣରର ମାଣ୍ଡିଆ ଦେଇଛନ୍ତି । ଗଜପତି ଜିଲା ମୋହନା ବ୍ଲକ ଚାନ୍ଦିପୁଟ ପଞ୍ଚାୟତରେ ଏପରି ଦେଖିବାକୁ ମିଳିଛି । ସରକାରଙ୍କ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଚାନ୍ଦିପୁଟ ପଞ୍ଚାୟତରେ ପ୍ରତି ହିତାଧିକାରୀଙ୍କ କାର୍ଡ ପିଛା ୧.୭୫୦ ଗ୍ରାମ ମାଣ୍ଡିଆ ଯୋଗାଣ ବ୍ୟବସ୍ଥା ରହିଛି । ମାତ୍ର ଯୋଗାଣ ସହାୟକ ବଦ୍ରିନାଥ ନାୟକ ଜାଣିଶୁଣି ଅଖା ଓଜନ କରୁଥିବା ଦର୍ଶାଇ ଖାଉଟିଙ୍କୁ କାର୍ଡ ପିଛା ୧ କେଜି ଓ କିଛି ଅଧିକ ପରିମାଣର ମାଣ୍ଡିଆ ଦେଉଥିଲେ । ଠିକ୍ ପରିମାଣର ମାଣ୍ଡିଆ ଦେଉଥିବା କହୁଥିଲେ । ଖାଉଟିମାନେ ସନ୍ଦେହ ହେବାରୁ ଅନ୍ୟ ଦୋକାନରେ ଯାଇ ଓଜନ କରିବାରୁ ସେମାନେ ପାଇଥିବା ମାଣ୍ଡିଆ ୧.୨ କି.ଗ୍ରା. ଥିବା ଜଣାପଡିଥିଲା । ଏହାକୁ ନେଇ ସେମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ଅସନ୍ତୋଷ ପ୍ରକାଶ କରି ପାଟିତୁଣ୍ଡ କରିଥିଲେ । ଯୋଗାଣ ସହାୟକ ନାୟକ ନିଜ ଭୁଲ ସ୍ୱୀକାର କରି ଯାନ୍ତ୍ରିକ ତ୍ରୁଟି ଯୋଗୁ ଏଭଳି ହୋଇଥିବା କହିଥିଲେ । ପରେ ସେ ହିତାଧିକାରୀଙ୍କୁ ୧କିଗ୍ରା ୨ଶହ ଗ୍ରାମ ବଦଳରେ ୧କିଗ୍ରା ୭୫୦ ଗ୍ରାମ ମାଣ୍ଡିଆ ଦେଇଥିଲେ । ଯଦି ଯାନ୍ତ୍ରିକ ତ୍ରୁଟି ଯୋଗୁ ଏପରି ହୋଇଥିଲା ତେବେ ଲୋକେ ପାଟିତୁଣ୍ଡ କରିବା ପରେ କିପରି ଓଜନ ଯନ୍ତ୍ରପାତି ଠିକ୍ ହୋଇଗଲା ଏବଂ ଖାଉଟି ଠିକ୍ ପରିମାଣର ମାଣ୍ଡିଆ ପାଇଲେ ବୋଲି ଏଠାରେ ପ୍ରଶ୍ନ ଉଠୁଛି । ଏନେଇ ଶିବରାମ ସାହୁଙ୍କ ସହ ହିତାଧିକାରୀମାନେ ତୁରନ୍ତ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ଏ ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀ ସତ୍ୟ ନାରାୟଣ ଭୋଇଙ୍କୁ ପଚାରିବା ଲାଗି ତାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା ।

**Tender Notice**

**BAIF Institute for Sustainable Livelihoods and Development**

Invites sealed quotations from reputed vendors for Supply, installation, commissioning & testing of solar based drinking water pumping systems at Kaniha block of Angul district, Odisha. Refer www.baif.org.in & www.baifodisha.org for details.

Plot no.: 1565/2682, At Bhatra,
PO. Dhanupali, Sambalpur, Odisha – 768005
Telephone: +91-7894418530

**ପୂର୍ବ ତଟ ରେଳପଥ**

S&T-OT-AMC-IPS-STATCON ENERGIAA-477, ତା. : 04.07.2025ରିଖ

**କାର୍ଯ୍ୟର ନାମ :** ତିନି ବର୍ଷର ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ମେସର୍ସ ଷ୍ଟେଟକନ୍ ଏନର୍ଜିଆ ଇଣ୍ଡିଆ ଲିମିଟେଡ ଦ୍ୱାରା ନିର୍ମିତ SMPS ଆଧାରିତ ଏକିକୃତ ବିଦ୍ୟୁତ୍ ଯୋଗାଣ ପ୍ରଣାଳୀ ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଅନୁବନ୍ଧର ବ୍ୟବସ୍ଥା ।

**ଟେଣ୍ଡର ମୂଲ୍ୟ :** ₹ 43,35,466.74, EMD : ₹ 86,700/-, ବିକ୍ରି ଆରମ୍ଭ ହେବା ତାରିଖ : 14.07.2025, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 3,540/-


**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.07.2025ରିଖ 1100 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ,
PR-345/Q/25-26 ଖୋର୍ଦ୍ଧା ରୋଡ୍

**वरीय पुलिस अधीक्षक का कार्यालय, राँची।**
**सर्वसाधारण के लिए सूचना।**



**नाम–मुकेश बड़ाईक, उम्र–24 वर्ष, रंग–साँवला,**
**ऊँचाई–05 फीट 6 ईंच, पहनावा–टी शर्ट एवं नीला रंग का जींस पैंट हुए है।**

उपरोक्त लापता व्यक्ति मुकेश बड़ाईक, पिता–महेश्वर बड़ाईक, उम्र–24 वर्श, पता–जगरनाथपुर चौक, थाना–जगरनाथपुर, जिला–राँची, जो दिनांक–22.05.2025 को घर से बगैर बताए कहीं चले गए जो आजतक अपने घर वापस नहीं आए है। जिसके संबंध में जगननाथपुर थाना सनहा संख्या–22/2025, दिनांक–24.05.2025 दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**
पुलिस उपाधीक्षक, हटिया, राँची। – 9431706143
थाना प्रभारी जगरनाथपुर, राँची। – 9431706169

पुलिस उप–महानिरीक्षक–सह–
वरीय पुलिस अधीक्षक, राँची।

PR 357176 Police (25-26)D

# ଅର୍ଦ୍ଧନିର୍ମିତ ଅବସ୍ଥାରେ ଗୃହ, ଭଡ଼ାରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର

ପାରଳାଖେମୁଣ୍ଡି,୧୨।୭(ଗିରିଧାରୀ ପରିଛା)



ଗଜପତି ଜିଲାର ୧୩ଟି ୱାର୍ଡକୁ ନେଇ ଗଠିତ ଏକମାତ୍ର ବିଜ୍ଞାପିତ ଅଞ୍ଚଳ ପରିଷଦ ହେଉଛି କାଶୀନଗର । ସହରରେ ଉନ୍ନତ ଶିକ୍ଷା ପାଇଁ ପ୍ରାଥମିକ ବିଦ୍ୟାଳୟ ସମେତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ କଲେଜ ରହିଛି । ମାତ୍ର ଏଠାରେ ଶିଶୁମାନଙ୍କ ନୂତନ ଶିକ୍ଷା ନିମନ୍ତେ ଅଙ୍ଗନୱାଡ଼ି କେନ୍ଦ୍ର କୋଠା ନାହିଁ । ଫଳରେ ଭଡ଼ାଘରେ ଶିଶୁ ଶିକ୍ଷା ଚାଲିଛି । କିଛି ମାସ ତଳେ କାଶୀନଗରର ୧,୨,୩,୯ ଓ ୧୦ ନମ୍ବର ୱାର୍ଡରେ ନୂତନ ଅଙ୍ଗନୱାଡି କୋଠା ନିର୍ମାଣ ପାଇଁ ଅନୁଦାନ ଆସିଥିଲା । ଉକ୍ତ ପାଣ୍ଠି ଦ୍ୱାରା ନିର୍ମାଣ ଆରମ୍ଭ ହୋଇଥିବା କୋଠାଗୁଡ଼ିକ ଏବେ ଅଧାପନ୍ତରିଆ ହୋଇ ପଡ଼ିଛି । ଏ ନେଇ ଠକାଦାରଙ୍କୁ ପଚାରିଲେ ଆସିଥିବା ପାଣ୍ଠିରେ ଯେତିକି କାମ ହେବା କଥା ସେତିକି ହୋଇଥିବା ସେ କହୁଛନ୍ତି । ବର୍ତ୍ତମାନ ଏହି ଅଧାପନ୍ତରିଆ କୋଠାଗୁଡ଼ିକ ରାତି ସମୟରେ ନିଶାଖୋର ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି । ଏଥିପ୍ରତି ଏନ୍‌ଏସି କର୍ତ୍ତୃପକ୍ଷ ଦୃଷ୍ଟିଦେଉନାହାନ୍ତି । ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଘରଭଡ଼ା ଭରୁଥିବା ପ୍ରଶାସନ ଅର୍ଥବ୍ୟବସ୍ଥା କରି ଅର୍ଦ୍ଧନିର୍ମିତ ଅଙ୍ଗନୱାଡି କେନ୍ଦ୍ରକୁ ସାରୁ ନ ଥିବା ସାଧାରଣରେ ଆଲୋଚନା ହେଉଛି । ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି ।

**DISTRICT PROJECT OFFICE, SAMAGRA SHIKSHA, SUBARNAPUR**
No.1379//Dt.11.07.2025

**OFFICE ORDER**

Applications are invited from the eligible Female candidates for engagement Warden and Part Time Teachers (Math/ Science/ English / Sanskrit) against the vacancies in Kasturba Gandhi Balika Vidyalaya (KGBV) of the district. The engagement is purely temporary and terminable at any time without assigning any reason thereof. The details of vacancies, qualifications, selection other criteria and prescribed application forms can be available in the District Project Office in all working days and District website **subarnapur.odisha.gov.in** & **osepa.odisha.gov.in**.The application in prescribed format along with all required documents and testimonials should be submitted to the Office of the **District Project Coordinator, SSA, Subarnapur by 30th July, 2025 at 5.00 PM in registered post/ Speed Post/ Courier**. Incomplete applications and applications received late will be rejected. The undersigned is not responsible for any kind of postal delay.

By the Order of Collector and Chairperson,
SS, Subarnapur

**Sd./- District Education Officer cum DPC,**
**Samagra Shiksha, Subarnapur**

**पुलिस अधीक्षक का कार्यालय, गुमला**
**(गुमशुदा की तलाश)**



सर्व साधारण को सुचित किया जाता है कि पीड़िता मुक्ता टोप्पो, उम्र– 14 वर्ष, पे0–स्व0 इंजीनियुस टोप्पो ग्राम–पुण्डी, थाना–जारी, जिला–गुमला (झारखण्ड) जो माह अप्रैल 2014 दिल्ली से लापता है, जिसे अंतिम बार रोहतक (हरियाणा) में देखा गया था। इस संबंध में अहतु थाना कांड सं0 14/2021 दिनांक–28.08.2021 दर्ज कर खोजबीन किया जा रहा हैं। **जिसका रंग सावला, शरीर सामान्य, बाल काला, भाषा सादरी एवं हिन्दी बोलती है। पीड़िता का आधार नं0 xxxx-10148-9996** है । इनकी खोजबीन हेतु जनता का सहयोग अपेक्षित है। उपरोक्त सूचना को सार्वजनिक किया जाना आव यक है।

अतः सभी जन साधारण से अनुरोध है कि उपरोक्त पीड़िता मुक्ता टोप्पो, उम्र–14 वर्ष के बारे में कोई पहचान/जानकारी मिलने पर पुलिस अधीक्षक का कार्यालय गुमला या निम्नांकित मो0 नं0 पर संपर्क कर इसकी सूचना दे सकते इस लापता लड़की के संबंध में अगर किसी भी प्रकार की कोई जानकारी/ पहचान होने पर नीचे लिखे अंकित मो0 नं0 पर सम्पर्क कर सूचित कर सकते है।

1. पुलिस अधीक्षक गुमला – 9431706376
2. पुलिस उपाधीक्षक (मु0) गुमला। – 9471182113
3. अनुमण्डल पुलिस पदाधिकारी गुमला – 9431706202
4. थाना प्रभारी, अहतु – 8986604606

पुलिस अधीक्षक,
गुमला।

PR.NO.357121 Police Wireless Headquarter(25-26):D

## ଟ୍ରାକ୍ଟର ଓଲଟି ମାଲିକଙ୍କ ମୃତ୍ୟୁ

ଭଞ୍ଜନଗର,(ବାବୁଲା ପ୍ରଧାନ)ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ଟାଙ୍ଗଣ ଗ୍ରାମରେ ଶନିବାର ସନ୍ଧ୍ୟାରେ କାଦଅ ଜମିରେ ଟ୍ରାକ୍ଟର ଓଲୋଟି ମାଲିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ମିଟୁ ପାତ୍ର (୪୭)। ଖବର ପାଇ ଭଞ୍ଜନଗର ଦମକଳ ବାହିନି ଘଟଣାସ୍ଥଳରେ ପହଞ୍ଚି ଗାଡ଼ିରୁ ମୃତଦେହକୁ ବାହାର କରିଛି। ଏଥିସହ ତାରସିଂ ପୋଲିସ ଘଟଣା ସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ଘଟଣାରୁ ପ୍ରକାଶ ଯେ ମିଟୁଙ୍କ ଟ୍ରାକ୍ଟର ଗ୍ରାମରେ ଚାଷ କରୁଥିଲେ। ଏହି ସମୟରେ କାଦୁଅରେ ଗାଡ଼ିଟି ଲାଗିଯାଇଥିଲା। ଡ୍ରାଇଭର ଗାଡ଼ିକୁ କାଦରୁ ବାହାର କରିପାରି ନ ଥିଲେ। ମିଟୁ ଗାଡ଼ିଟିକୁ ବାହାର କରିବାକୁ ଯାଇଥିଲେ। ଏହି ସମୟରେ ଟ୍ରାକ୍ଟରଟି ଓଲୋଟି ପଡ଼ି ମିଟୁଙ୍କର ମୃତ୍ୟୁ ହୋଇଛି।

## ଡ୍ରାଇଭରଙ୍କ ଅସାବଧାନତା, ଗଲା ଗର୍ଭବତୀଙ୍କ ଜୀବନ: ୩ ଗୁରୁତର

ବାଲିଗୁଡା, ୧୨।୭
(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ବ୍ଲକ ବୁଡ଼ାଗୁଡା ପଞ୍ଚାୟତ ବଜାର ରାସ୍ତା କଡରେ ଶନିବାର ସନ୍ଧ୍ୟାରେ ବୋଲେରୋ ମାକ୍ସ ପିକଅପ ଭ୍ୟାନ ଗାଡ଼ିର ଡ୍ରାଇଭରଙ୍କ ଅସାବଧାନତା ହେତୁ ଜଣେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ହୋଇଛି। ୩ ଜଣ ମହିଳା ଗୁରୁତର ହୋଇଛନ୍ତି।

ଖବରରୁ ପ୍ରକାଶ, ଡ୍ରାଇଭର ଜଣକ ବୁଡ଼ାଗୁଡା ବଜାରରେ ଗାଡ଼ି ରଖି ନିକଟସ୍ଥ ଏକ ଦୋକାନକୁ ଯାଇଥିଲେ। ମାତ୍ର ଗାଡ଼ିରେ ଚାବି ଲାଗି ରହିଥିଲା। ଏହି ସମୟରେ ଗାଡି ଲକ ଖୋଲା ଥିବା ଦେଖି ଡ୍ରାଇଭରଙ୍କ ୩ ଜଣ ସାଙ୍ଗ ଚଢିଥିଲେ। ଗାଡ଼ିରେ ଲାଗିଥିବା ଚାବିକୁ ଅନ୍ କରି ସେମାନେ ଚଳାଇବାକୁ ଉଦ୍ୟମ କରୁଥିବା ବେଳେ ହଠାତ ଗାଡି ଦ୍ରୁତ ଗତିରେ ଆଗକୁ ମାଡି ଚାଲିଲା। ସେହି ସମୟରେ ଏହି ରାସ୍ତାରେ ରଜନ୍ତୀ ପ୍ରଧାନ, ରମନ୍ତି ପ୍ରଧାନ, ଗର୍ଭବତୀ ଥିବା ଆଲୋଜିନୀ ପ୍ରଧାନ ଓ ଅନ୍ୟଜଣେ ମହିଳା ଆସୁଥିଲେ। ସେମାନଙ୍କ ଉପରେ ଗାଡି ଚଢିଯାଇଥିଲା। ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା ପରେ ପରେ ଲୋକେ ବାଲିଗୁଡା ଡାକ୍ତରଖାନା ନେଇଥିଲେ। ସେଠାରେ ଗର୍ଭବତୀ ଥିବା ଆଲୋଜିନୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ରଜନ୍ତୀଙ୍କୁ ଫୁଲବାଣୀ ସ୍ଥାନାନ୍ତର କରାଯାଇଥିଲା। ଗାଡିଟି ଦ୍ରୁତ ଗତିରେ ଗଡି ଯାଉଥିବା ବେଳେ ଅନ୍ୟ ଏକ ଗାଡିକୁ ଧକ୍କା ଦେଇ ରହିଯାଇଥିବା ଜଣାପଡିଛି। ଦୁର୍ଘଟଣା ପରେ ଗାଡିରେ ଥିବା ୩ ଯୁବକ ବାହାରି ଫେରାର ହୋଇଯାଇଛନ୍ତି। ଆହତ ମହିଳାମାନଙ୍କୁ ବିପ୍ରଚରଣ ଶତପଥୀ, ସୁଶାନ୍ତ ପ୍ରଧାନ ଓ ସରପଞ୍ଚ ତାତୁରା ପ୍ରଧାନ ଘଟଣା ସ୍ଥଳରେ ରହି ସହଯୋଗ କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ସ୍ଥିତି ଅନୁଧାନ କରି ଗାଡିକୁ ଜବତ କରିଛି।

# ମତ୍ସ୍ୟ ଚାଷ, ଚାଷୀଙ୍କ ଉନ୍ନତି ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ

ବ୍ରହ୍ମପୁର, ୧୨।୭( ସୁବାସ ଚନ୍ଦ୍ର ପାଢ଼ୀ)



କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀଙ୍କ ସହ ଅନ୍ୟମାନେ।

### ଭାରତୀୟ ମତ୍ସ୍ୟ ଚାଷର ଦୃଷ୍ଟିକୋଣ ୨୦୨୫ ଉଦ୍‌ଘାଟିତ

ମାଣ୍ଡିଆପଲ୍ଲୀ ସ୍ଥିତ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟରେ ଶନିବାର ଦ୍ୱିତୀୟ ଭାରତୀୟ ମତ୍ସ୍ୟ ଚାଷର ଦୃଷ୍ଟିକୋଣ ୨୦୨୫ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଏହା ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ମୁଖ୍ୟ ଅତିଥି ଭାବେ ମତ୍ସ୍ୟ, ପ୍ରାଣୀସମ୍ପଦ ବିକାଶ,ସୁକ୍ଷ୍ମ,କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରି ଭାରତୀୟ ମତ୍ସ୍ୟ ଚାଷ କ୍ଷେତ୍ରରେ ରାଜ୍ୟର ଭୂମିକା ଓ ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଧିକାରୀଙ୍କ ସଠିକ୍ ଦିଗଦର୍ଶନ ହେତୁ ସଫଳ ହେଉଥିବା ମତ୍ସ୍ୟଚାଷୀଙ୍କ ଉନ୍ନତି ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଦିନରେ ମତ୍ସ୍ୟ ବିଭାଗର ଉନ୍ନତି ନିମନ୍ତେ ସରକାରଙ୍କ ଦ୍ୱାରା ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସେ ସୂଚନା ଦେଇଥିଲେ। ଭୁବନେଶ୍ୱରସ୍ଥିତ ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଯୋଗ ଦେଇ କୃଷି ଓ ଆନୁସାଙ୍ଗିକ ବିଭାଗରେ ମତ୍ସ୍ୟ ବିଜ୍ଞାନରେ ଓୟୁଏଟିର ଅବଦାନ ଏବଂ ଆଗାମୀ ଦିନରେ ମତ୍ସ୍ୟ ବିଭାଗର ଉନ୍ନତି ପାଇଁ ଚାଲିଥିବା ଉଦ୍ୟମ ଉପରେ ମତ ରଖିଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମୁଖ୍ୟ ସଚିବ ସୁରେଶ କୁମାର ବୈଶିଷ୍ଠ ଯୋଗଦେଇ ଚଳିତ ବର୍ଷ ମତ୍ସ୍ୟ ବିଭାଗର ଉନ୍ନତି ନିମନ୍ତେ ସରକାରଙ୍କ ପଦକ୍ଷେପ ନିଷୟରେ ଆଲୋକପାତ କରିଥିଲେ। କୋଲକାତା ଆଇସିଏଆରର ନିର୍ଦ୍ଦେଶକ ଡ଼.ବସନ୍ତ କୁମାର ଦାଶ, ହାଇଦ୍ରାବାଦର ଏନଏଫଡ଼ିବିର ମୁଖ୍ୟ ନିର୍ବାହୀ ଅଧିକାରୀ ଡ଼.ବିଜୟ କୁମାର ବେହେରା, ନ୍ୟୁ ଦିଲ୍ଲୀର ମତ୍ସ୍ୟ ବିଜ୍ଞାନ ଓ ଶିକ୍ଷା ବିଭାଗର ଉପ ମହାପ୍ରଭନ୍ଧକ ଡ଼.ଜୟକୃଷ୍ଣ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ମତ୍ସ୍ୟ ଚାଷ ଓ ମତ୍ସ୍ୟଚାଷୀଙ୍କ ଉନ୍ନତି ନେଇ ଅତିଥିମାନେ ବିଭିନ୍ନ ପ୍ରସ୍ତାବ ରଖିଥିଲେ। ଏହି ଅବସରରେ ବିଭିନ୍ନ ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ଛାତ୍ରୀଛାତ୍ର ଓ ବୈଜ୍ଞାନିକମାନଙ୍କୁ ସ୍ମୃତି ଉପହାର ଦେଇ ସମ୍ମାନିତ କରାଯାଇଥିଲା। କଲେଜ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ ଉଦଗାତା ଧନ୍ୟବାଦ ଦେଇଥିଲେ। ରାଜ୍ୟ ଓ ରାଜ୍ୟ ବାହାରୁ ଛାତ୍ରୀଛାତ୍ର, ବୈଜ୍ଞାନିକ, ଗବେଷିକାଗବେଷକ, ଅଧ୍ୟାପକ ଯୋଗ ଦେଇଥିଲେ। ପରେ ମତ୍ସ୍ୟ ପାଳନ ଏବଂ ଉପକରଣ ପ୍ରଦର୍ଶନୀ ମେଳା ଉଦ୍‌ଘାଟିତ ହୋଇଥିଲା।

## ପ୍ଲଟ କିଣିବା ଆଳରେ ୧୦ ଲକ୍ଷ ଧାର ନେଇ ସାଙ୍ଗକୁ ଧୋକ୍କା

ବ୍ରହ୍ମପୁର,୧୨।୭(ସୁବାସ ଚନ୍ଦ୍ର ପାଢ଼ୀ)

ପ୍ଲଟ କିଣିବା ଆଳରେ ଜଣେ ଯୁବକ ତାଙ୍କ ସାଙ୍ଗ ଠାରୁ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଧାର ନେଇ ଧୋକ୍କା ଦେଇଛନ୍ତି। ଠକେଇର ଶିକାର ହୋଇଥିବା ବିଭୂତି କୁମାର ପଣ୍ଡା ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏସଂକ୍ରାନ୍ତରେ ନଂ.୨୦୬/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ବିଜୟ ବିହାର ଅଞ୍ଚଳର ବିଭୂତିଙ୍କ ସହ ଜି.ମୋହନ ରାଓଙ୍କ ବନ୍ଧୁତା ଥିଲା। ମୋହନ ପ୍ଲଟ କିଣିବା ଆଳରେ ତାଙ୍କ ସାଙ୍ଗକୁ ଆର୍ଥିକ ସହାୟତା ମାଗିଥିଲେ। ସେ କୌଶଳକ୍ରମେ ବିଭୂତିଙ୍କ ଠାରୁ ବିଭିନ୍ନ ପର୍ଯ୍ୟାୟରେ ୧୦ ଲକ୍ଷ ୧୭ ହଜାର ୫୦୦ ଟଙ୍କା ଧାର ନେଇଥିଲେ। ବିଭୂତି ତାଙ୍କର ବନ୍ଧୁ ମୋହନ କଥାରେ ବିଶ୍ୱାସ କରି ଅନଲାଇନରେ ଉପରୋକ୍ତ ଟଙ୍କା ତାଙ୍କୁ ଦେଇଥିଲେ। ସେ ଉକ୍ତ ଟଙ୍କା ଫେରସ୍ତ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏପରିକି ଉକ୍ତ ଟଙ୍କା ବାବଦକୁ ମୋହନ ଦୁଇଟି ଚେକ ବିଭୂତିଙ୍କୁ ଦେଇଥିଲେ। ନିର୍ଦ୍ଧାରିତ ସମୟ ପରେ ବି ମୋହନ ଧାର ନେଇଥିବା ଉକ୍ତ ଟଙ୍କା ତାଙ୍କ ବନ୍ଧୁଙ୍କୁ ଫେରାଇନଥିଲେ। ଏପରିକି ବିଭୁତି ତାଙ୍କ ସାଙ୍ଗକୁ ବାରମ୍ବାର ଯୋଗାଯୋଗ କରିବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ଶେଷରେ ବିଭୂତି ଉକ୍ତ ଚେକ ଧରି ବ୍ୟାଙ୍କକୁ ଯାଇ ଯାଞ୍ଚ ବେଳେ ମୋହନଙ୍କ ଆକାଉଣ୍ଟରେ ଟଙ୍କା ନଥିବା ଜାଣିବାକୁ ପାଇଥିଲେ। ଶେଷରେ ସେ ମୋହନଙ୍କୁ ଭେଟି ତାଙ୍କ ଟଙ୍କା ଫେରସ୍ତ ପାଇଁ କହିଥିଲେ। କିଛିଦିନର ସମୟ ମାଗି ମୋହନ ସେଠାରୁ ଚାଲିଯାଇଥିଲା। ପରେ ସେ ତାଙ୍କ ସାଙ୍ଗକୁ ବିଭିନ୍ନ ଆଳରେ ସମୟ ପରେ ସମୟ ଦେବାରେ ଲାଗିଥିଲେ। ଶେଷରେ ବିଭୂତି ଠକେଇର ଶିକାର ହୋଇଥିବା ଜାଣି ନିମଖଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତ ମୋହନଙ୍କ ମୋବାଇଲ ଟ୍ରାକିଂ କରୁଥିବା ବେଳେ ତାଙ୍କ ମୋବାଇଲ ସୁଇଚଅଫ ଥିବା ଜଣାପଡିଛି।

## ବିଶ୍ୱନାଥ ସାହୁଙ୍କ ଜନ୍ମ ଶତବାର୍ଷିକୀ ସ୍ମାରକୀ ବକ୍ତୃତା


କାର୍ଯ୍ୟକ୍ରମରେ ଉପସ୍ଥିତ ବକ୍ତା ଉଦ୍‌ବୋଧନ ଦେଉଛନ୍ତି।

ବ୍ରହ୍ମପୁର, ୧୨।୭(ସ୍ମୃତି ରଞ୍ଜନ ମହାଲିକ)

ଦେଶରେ କୃଷକମାନେ ସର୍ବାଧିକ ବିପନ୍ନ। କୃଷକ ଅନ୍ନଦାତା ହୋଇଥିବା ବେଳେ ସେମାନଙ୍କ ପ୍ରତି ସର୍ବାଧିକ ଅସମାନତା ବ୍ୟବହାର କରାଯାଉଛି ବୋଲି ଭାରତର ପ୍ରସିଦ୍ଧ କୃଷି ବିଶେଷଜ୍ଞ ପି.ସାଇନାଥ କହିଛନ୍ତି। ଶନିବାର ସହିଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ ପରିସରରେ ପୂର୍ବତନ ବିଧାୟକ ତଥା କୃଷକନେତା ବିଶ୍ୱନାଥ ସାହୁଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ସାଇନାଥ ଯୋଗ ଦେଇ ଏହା କହିଛନ୍ତି।ସେ କହିଛନ୍ତି ଯେ, ରାଜ୍ୟରେ ମଧ୍ୟ କୃଷକ ଉତ୍ପାଦିତ ଫସଲର ଉଚିତ ମୂଲ୍ୟ ପାଇପାରୁ ନାହିଁ। ଓଡିଶାକୁ କୃଷକଙ୍କ ରାଜ୍ୟ କୁହାଯାଉଥିବା ବେଳେ ଚାଷୀର ଜମିକୁ ପାଣି ଆସିବା ଅଭାବ ହୋଇଛି। ବିଭିନ୍ନ ନଦୀର ପାଣିକୁ କମ୍ପାନୀକୁ ଦେବା ପାଇଁ ବାସ୍ତବରେ ସରକାର ବିଗତ ଅନେକ ଦଶନ୍ଧୀ ହେବ ପ୍ରୟାସ କରୁଛନ୍ତି। ବିଘ୍ନେଶ୍ୱର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ କମିଟି ଦ୍ୱାରା ବିଶ୍ୱାସର ସାଥୀ ବିଶ୍ୱନାଥ ସ୍ମରଣିକା ଏବଂ ଦିଗପହଣ୍ଡିର ଶତବାର୍ଷିକୀ କମିଟି ଦ୍ୱାରା ପ୍ରକାଶିତ ସ୍ମୃତିରେ ପୁସ୍ତିକା ଅତିଥିଙ୍କ ଦାରା ଲୋକାର୍ପିତ ହୋଇଥିଲା। ବରିଷ୍ଠ ସିପିଏମ ନେତା ଅଳି କିଶୋର ପଟ୍ଟନାୟକ, ସିପିଆଇ ରାଜ୍ୟ ସମ୍ପାଦକ ଆଶୀଷ କାନୁନଗୋ, ପୂର୍ବତନ ବିଧାୟକ ଡା ତ୍ରିନାଥ ବେହେରା, କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ଏନ ନାରାୟଣ ରେଡି, ଫରୱାଡ ବ୍ଲକ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଂଜନ ମହାପାତ୍ର, ସିପିଆଇ ଜିଲା ସମ୍ପାଦକ ପ୍ରକାଶ ପାତ୍ର, ସିପିଆଇ ଏମଏଲ ଜିଲା ସମ୍ପାଦକ ନିରାକାର ନାୟକ, ବିଶ୍ୱନାଥ ସାହୁଙ୍କ ଝିଅ ବୀଣାପାଣି ସାହୁ ଯୋଗ ଦେଇ ସ୍ମୃତିଚାରଣ କରିବା ସହ ବିଶ୍ୱନାଥ ସାହୁ କୃଷକଙ୍କ ବିକାଶ ଓ ସମସ୍ୟା ନିରାକରଣ ପାଇଁ ସର୍ବଦା ଉଦ୍ୟମ କରିଥିଲେ ବୋଲି ମତ ପ୍ରକାଶ ପାଇଥିଲା। ରବି ରଥ ଧନ୍ୟବାଦ ଦେଇଥିଲେ।

## କେନାଲରେ ଭାସିଲା ନବଜାତ ଶିଶୁର ମୃତଦେହ

ବାଲିଗୁଡ଼ା,୧୨।୭ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କୋଟଗଡ ବ୍ଲକ୍ ସୁବର୍ଣ୍ଣଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଉପର ସୁବର୍ଣ୍ଣଗିରି କେନାଲରେ ଏକ ନବଜାତ ଶିଶୁର ମୃତଦେହ ଜବତ ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ ଉପର ସୁବର୍ଣ୍ଣଗିରି କେନାଲରେ ଶନିବାର ସକାଳୁ ଏକ ଶିଶୁ ଭାସି ଭାସି ସାହି ଦେଇ ଯାଉଥିବା କେନାଲରେ ଦେଖିବାକୁ ପାଇଥିଲେ। ଏହାପରେ ଉଦ୍ଧାର କରି ଦେଖିବା ବେଳକୁ ମୃତ ଶିଶୁ ବୋଲି ଜଣାପଡିଥିଲା। କିନ୍ତୁ କାହାର ବୋଲି ଜଣାପଡ଼ି ନ ଥିଲା। ନିକଟର ରହିଥିବା ସୁବର୍ଣ୍ଣଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ପଚରାଉଚରା କରିବା ପରେ ମଧ୍ୟ କୌଣସି ସୁରାକ ମିଳିନଥିଲା। ଏହା ପରେ ସୁବର୍ଣ୍ଣଗିରି ମେଡିକାଲ ଇନଚାର୍ଜ ଭଗବାନ ସୋରେନ ଘଟଣାର ତଦନ୍ତ କରିବା ପାଇଁ ସମ୍ପୃକ୍ତ ଆଶା, ଅଙ୍ଗନୱାଡି ଓ ଏଏନଏମଙ୍କୁ ଏ ନେଇ ରିପୋର୍ଟ ତଲବ କରୁଥିବା ଜଣାପଡିଛି।

## ୧୪ରେ ବିଧାନସଭା ଷ୍ଟାଣ୍ଡିଂ କମିଟିର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଗସ୍ତ

ବ୍ରହ୍ମପୁର,୧୨।୭ (ସୁବାସ ଚନ୍ଦ୍ର ପାଢ଼ୀ)

ବିଧାନସଭା ଷ୍ଟାଣ୍ଡିଂ କମିଟି ଆସନ୍ତା ୧୪ ତାରିଖରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଗସ୍ତରେ ଆସୁଥିବା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଏହି କମିଟିର ଅଧ୍ୟକ୍ଷ ତଥା ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସମେତ ୧୨ ବିଧାୟକ ଓ ଉଚ୍ଚ ଶିକ୍ଷା ବିଭାଗର ୫ ଅଧିକାରୀ ମଧ୍ୟ ଆସିବେ। ବିଶ୍ୱବିଦ୍ୟାଳୟର ଅଭାବ ଅସୁବିଧା ନେଇ ବିଭିନ୍ନ ବିଭାଗୀୟ ମୁଖ୍ୟ, ବିଦ୍ୟାର୍ଥୀ ସମେତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀଙ୍କ ସହ ଆଲୋଚନା କରି ଏକ ରିପୋର୍ଟ ପ୍ରସ୍ତୁତି କରି ସରକାରଙ୍କୁ ପ୍ରଦାନ କରିବେ ବୋଲି ଜଣାପଡିଛି। ଏ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରସ୍ତୁତି ଚାଲିଛି। ସମସ୍ତେ ପ୍ରସ୍ତୁତ ରହିବାକୁ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ ତ୍ରିପାଠୀ ଚିଠି କରିଛନ୍ତି। ଏଥିସହ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ନିର୍ଦ୍ଦେଶ କ୍ରମେ କୁଳସଚିବ ସଚ୍ଚିଦାନନ୍ଦ ନାୟକଙ୍କ ପକ୍ଷରୁ ଆସନ୍ତା ୧୪ ତାରିଖରେ ଷ୍ଟାଣ୍ଡିଂ କମିଟି ବିଶ୍ୱବିଦ୍ୟାଳୟ ଛାଡ଼ିବା ପର୍ଯ୍ୟନ୍ତ ସମସ୍ତ ଶିକ୍ଷକ,ଅଣଶିକ୍ଷକ ଓ ବିଦ୍ୟାର୍ଥୀ ଏବଂ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଦିନକୁ ନୋ ଭେଇକଲ ଜୋନ ଭାବେ ଘୋଷଣା କରିବା ସହ କ୍ୟାମ୍ପସ ପରିସରରେ ଯାଆଆସ ନିମନ୍ତେ କେବଳ ବ୍ୟାଟେରୀ ଚାଳିତ ଗାଡି ବ୍ୟବହାର କରାଯିବାକୁ କୁହାଯାଇଛି। ପୂର୍ବତନ କୁଳପତି ପ୍ରଫେସର ଦିପକ କୁମାର ବେହେରାଙ୍କ ସମୟରେ ଗତ ୨୦୧୪ରେ ଅନୁରୂପ ଭାବେ ତାରାପ୍ରସାଦ ବାହିନୀପତିଙ୍କ ନେତୃତ୍ୱରେ ଏକ ଷ୍ଟାଣ୍ଡିଂ କମିଟି ବିଶ୍ୱବିଦ୍ୟାଳୟ ଗସ୍ତରେ ଆସି ରିପୋର୍ଟ ପ୍ରସ୍ତୁତି କରିଥିଲେ। କିନ୍ତୁ ସେହି ରିପୋର୍ଟର କ'ଣ କାର୍ଯ୍ୟକାରିତା ହେଲା ତାହା ସାର୍ବଜନୀନ ହୋଇନାହିଁ। ପୁଣି ଦୀର୍ଘ ୧୧ ବର୍ଷ ପରେ ଏକ ଷ୍ଟାଣ୍ଡିଂ କମିଟି ବିଶବିଦ୍ୟାଳୟ ପରିଦର୍ଶନ ରେ ଆସି କ'ଣ ରିପୋର୍ଟ ପ୍ରସ୍ତୁତି କରିବେ ଓ ତାହା କିପରି କାର୍ଯ୍ୟକାରୀ ହେବ ତାହା ନେଇ ଆଲୋଚନା ଜୋର ଧରିଛି।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମ

ବ୍ରହ୍ମପୁର,୧୨।୭(ସୁବାସ ଚନ୍ଦ୍ର ପାଢ଼ୀ)

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗ ଆନୁକୂଲ୍ୟରେ ପ୍ରଯୁକ୍ତିବିଦ୍ୟା ଆଧାରିତ ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଣପତି ସାବତ ଫାଉଣ୍ଡେସନର ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭାଗୀୟ ଅଧ୍ୟାପକ ଡ. ବିଭୂତି ପ୍ରସାଦ ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗ ମୁଖ୍ୟ ଡ. ସୁଶୀଲ କୁମାର ରାଠୋର ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ଗଣପତି ସାବତ ଫାଉଣ୍ଡେସନର ମୁଖ୍ୟ ତଥା ପୂର୍ବତନ ବୈଜ୍ଞାନିକ ଡ. ବି. ସି. ସାବତ ଯୋଗଦେଇ ସାମ୍ପ୍ରତିକ ସମୟରେ ଉଦ୍ୟମିତା ବିକାଶ କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବରେ ଡ. ଭି. ଭି. ରାମାରାଓ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଡ. ଏସ. ପି. ସାହୁ, ଜିଲ୍ଲା ଶିଳ୍ପ କେନ୍ଦ୍ରର ମୁଖ୍ୟ ପ୍ରିୟାଂଶୁ ପଟ୍ଟନାୟକ, ଇଲେଟ କ୍ରିଞ୍ଜ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମିନାକ୍ଷୀ ଦାଶ ପ୍ରମୁଖ ଯୋଗଦେଇ ଉଦ୍ୟମିତା ବିକାଶରେ ପ୍ରଯୁକ୍ତି ବିଦ୍ୟାର ଭୂମିକା ସମ୍ପର୍କରେ କହିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ଏବଂ ବିଶ୍ୱବିଦ୍ୟାଳୟ କୁଳସଚିବ ବରିଷ୍ଠ ପ୍ରଶାସନିକ ଅଧିକାରୀ ପାର୍ବତୀ ମଞ୍ଜରୀ ମହାଳିକ ଉପସ୍ଥିତ ଥିଲେ। କରୁଣାଲତା ଧନ୍ୟବାଦ ଦେଇଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ଅଧିବେଶନ: ମୃତ୍ୟୁକାଳୀନ ପେନସନ୍‌ରୁ ବାଦ ପଡିଥିବାରୁ ଉଦ୍‌ବେଗ

ବ୍ରହ୍ମପୁର,୧୨।୭(ସୁବାସ ଚନ୍ଦ୍ର ପାଢ଼ୀ)


ଅଧିବେଶନରେ ଉପସ୍ଥିତ ସଂଘର ନେତୃବୃନ୍ଦ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଙ୍ଘର ୫୨ତମ ବାର୍ଷିକ ଅଧିବେଶନ ଓ ନୂତନ ବର୍ଷ ପାଇଁ କର୍ମକର୍ତ୍ତା ଚୟନ ହୋଇସାରିଛି। ସଭାପତି ଡ. ମିହିର କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସରକାରୀ ଏନ. ପି. ଏସ ନିୟମରେ ଭୁକ୍ତଥିବା କର୍ମଚାରୀମାନଙ୍କ ପରିବାର ସଦସ୍ୟଙ୍କୁ ମୃତ୍ୟୁକାଳୀନ ପେନ୍‌ସନ୍ ମିଳୁଥିବା ବେଳେ ବିଶ୍ୱବିଦ୍ୟାଳୟ କର୍ମଚାରୀମାନେ ସେଥିରୁ ବାଦ ପଡିଛନ୍ତି। ସରକାରୀ କର୍ମଚାରୀଙ୍କୁ ୟୁ.ପି.ଏସ. ଲାଗୁହେଉଥିବା ବେଳେ ବିଶ୍ୱବିଦ୍ୟାଳୟ ଗୁଡିକରେ ଲାଗୁ ନାହିଁ। ସରକାରଙ୍କ ଏଭଳି ନୀତି ଯୋଗୁଁ କର୍ମଚାରୀମାନେ ଦୁଃଖ ପ୍ରକାଶ କରିଥିଲେ। ଏଥିସହ ସରକାରଙ୍କ ବିଶ୍ୱବିଦ୍ୟାଳୟରୁ ବିଭିନ୍ନ ପଦପଦବୀ ଉଚ୍ଛେଦ ଦ୍ୱାରା କର୍ମ କ୍ଷେତ୍ରରେ ବିଭିନ୍ନ ଅସୁବିଧା ଉପରେ ଆଲୋଚନା ହୋଇଥିଲା। ବରିଷ୍ଠ ସଦସ୍ୟ ସୁଶାନ୍ତ କୁମାର ସାହୁ ସଭା ପରିଚାଳନା କରିଥିଲେ। ୨୦୨୫ – ୨୬ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ମଧ୍ୟରେ ସଭାପତିଭାବେ ଡ. ମିହିର କୁମାର ତ୍ରିପାଠୀ, କାର୍ଯ୍ୟକାରୀ ସଭାପତିଭାବେ ସତ୍ୟ ନାରାୟଣ ଶତପଥୀ, ମନୋଜ କୁମାର ଶତପଥୀ, ଉପସଭାପତିଭାବେ ଦେବୀ ପ୍ରସାଦ ବେହେରା, ସଂଗ୍ରାମ କେଶରୀ ନାୟକ, ସାଧାରଣ ସମ୍ପାଦକ ଭାବେ ଇନ୍ଦ୍ର ପ୍ରସାଦ ବେହେରା, ସଂଗଠନ ସମ୍ପାଦକ ଭାବେ ପ୍ରଦୀପ କୁମାର ବେହେରା, ସଂପାଦକ ଭାବେ ମିତ୍ରଭାନୁ ମେହେର, ଦେବୀ ପ୍ରସାଦ ମିଶ୍ର, ସହ ସମ୍ପାଦକ ଭାବେ ଏମ. ତାରିଣୀୟା ରେଡ୍ଡୀ, ଏନ. ଭୀମରାଜୁ ରେଡ୍ଡୀ, କୋଷାଧ୍ୟକ୍ଷ ଭାବେ ସୀମାଞ୍ଚଳ ବେହେରା ଏବଂ ଉପଦେଷ୍ଟା ଡ. ଗୌରୀ ଶଙ୍କର ମହାରଣା ପ୍ରମୁଖ ମନୋନୀତ ହୋଇଛନ୍ତି। ୨୮ଜଣ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ଚୟନ ହୋଇଛନ୍ତି। ଗତ ବର୍ଷର କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କୁମାର ପାତ୍ର, ସହ ସମ୍ପାଦକ କୁରେଶ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଇନ୍ଦ୍ର ପ୍ରସାଦ ବେହେରା ଧନ୍ୟବାଦ ଦେଇଥିଲେ।

## ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରତିଭା ବିକାଶ କରିବାକୁ ପରାମର୍ଶ



ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ବ୍ରହ୍ମପୁର,୧୨।୭(ସୁବାସ ଚନ୍ଦ୍ର ପାଢ଼ୀ)

ଚଳିତ ମାସ ୨୫ ତାରିଖ ଓଡିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ। ଏହି ଅବସରରେ ଗଞ୍ଜାମ ଜିଲାସ୍ତରୀୟ ସାହିତ୍ୟ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ସ୍ଥାନୀୟ ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ପୌର ଉଚ୍ଚ ବିଦ୍ୟାଳୟଠାରେ ଶନିବାର ଆୟୋଜିତ ହୋଇଯାଇଛି। ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ପ୍ରବନ୍ଧ,ବକ୍ତୃତା,କବିତା ଆବୃତ୍ତି, ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ଓ ଇଂରାଜୀ ଶୀର୍ଷକ ସଂସ୍କରଣକୁ ଓଡିଆ ଅନୁବାଦ ଆଦି ପ୍ରତିଯୋଗିତା ହୋଇଥିଲା। ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶରେ ଜିଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର, ପୂର୍ବତନ ଜିଲା ସଂସ୍କୃତି ଅଧିକାରୀ ରବି ନାରାୟଣ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଚାରକ ଥିଲେ ପ୍ରଫେସର ଭି. ରାଜେନ୍ଦ୍ର ରାଜୁ, ରାମକୃଷ୍ଣ ସାହୁ , ନିବେଦିତା ପାଢୀ, ସୁଜତା ମହାରଣା,ଉପାଳି ଅପରାଜିତା, ସବିତା ଚୌଧୁରୀ, ପ୍ରମୋଦ କୁମାର ପଣ୍ଡା, ସବିତା ପଣ୍ଡା, ସୁଜ୍ଞାନୀ କୁମାରୀ ସାଇଁ, ବିକାଶ କୁମାର ନାୟକ। ପ୍ରଥମ ହୋଇଥିବା ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସାମିଲ ହେବେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରଭାତୀ ମହାପାତ୍ରଙ୍କ ସମେତ ବିଚାରକଗଣ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ପ୍ରତିଭା ବିକଶିତ କରିବାକୁ ପରାମର୍ଶ ଦେଇଥିଲେ। ପ୍ରବନ୍ଧ ବରିଷ୍ଠରେ କୃଷକ ନୋଡାଲ ଉଚ୍ଚ ବିଦ୍ୟାଳୟ ,ହୁଗୁଳାପଟ୍ଟା ଅର୍ଚ୍ଚିତା ସ୍ୱାଇଁ ପ୍ରଥମ ହୋଇଛନ୍ତି। କନିଷ୍ଠ ପ୍ରବନ୍ଧରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଚିକିଲିର ପିଙ୍କି ବେହେରା, ବ୍ରହ୍ମପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅଙ୍କିତା ସାହୁ ବକ୍ତୃତାରେ ପ୍ରଥମ ହୋଇଛନ୍ତି। ସେହିପରି କନିଷ୍ଠ ବର୍ଗ ବକ୍ତୃତାରେ ସରକାରୀ ପୌର ଉଚ୍ଚ ବିଦ୍ୟାଳୟ ଆଙ୍କୁଲିର ଦେବାଶିଷ ପାଢ଼ୀ, ବରିଷ୍ଠ ବର୍ଗ କବିତା ଆବୃତ୍ତିରେ ପି.ଏମ.ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଞ୍ଚୁରୁର ହରପ୍ରିୟା ମହାନ୍ତି, କନିଷ୍ଠ ବର୍ଗରେ ଭିଢିଗିରି ସରକାରୀ ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟର ଖୁସି ସାହୁ, ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ଓ ଇଂରାଜୀ ଶୀର୍ଷକ ସଂସ୍କରଣକୁ ଓଡିଆ ଅନୁବାଦ ବରିଷ୍ଠ ବର୍ଗରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବ୍ଲକ କଲୋନୀ କନିଷିର ଅଭିଷେକ କୁମାର ନାୟକ, ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ଓ ଇଂରାଜୀ ଶୀର୍ଷକ ସଂସ୍କରଣକୁ ଓଡିଆ ଅନୁବାଦ (କନିଷ୍ଠ ବର୍ଗ)ରେଓଡିଶା ଆଦର୍ଶ ବିଦ୍ୟାଳୟ,କରାପଲ୍ଲୀର ପ୍ରଣୟ ପାଣିଗ୍ରାହୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ରବିବାର କନିଷ୍ଠ ବର୍ଗ ଏବଂ ଆସନ୍ତା ୨୦ ତାରିଖ ବରିଷ୍ଠ ବର୍ଗ ଭୁବନେଶ୍ୱର ସଙ୍ଗୀତ ମହାବିଦ୍ୟାଳୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି କୁହାଯାଇଛି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ବ୍ରହ୍ମପୁର, ୧୨।୭ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କେରିୟର କାଉନସେଲିଂ କକ୍ଷ ଏବଂ ଏସ ବି ଆଇ ମିଳିତ ସହଯୋଗରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ କୁଳପତି ତଥା ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରି ଏହାର ଉପଦୟତା ଉପରେ କହିଥିଲେ। ବ୍ରହ୍ମପୁର ଏସବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ହରିକୃଷ୍ଣ ପଣ୍ଡା ଯୋଗଦେଇ ଏସବିଆଇର ବିଭିନ୍ନ ଯୋଜନା ଓ ଏଥିରେ ନିଯୁକ୍ତି କିପରି ପାଇ ପାରିବେ ସେ ନେଇ ପରାମର୍ଶ ଦେଇଥିଲେ। ଭଞ୍ଜବିହାର ଶାଖାର ମହାପ୍ରବନ୍ଧକ ରିତେଶ ପଣ୍ଡା ଏବଂ ଯୁଗ୍ମ ମହାପ୍ରବନ୍ଧିକା ଶୁଭଶ୍ରୀ ସାମନ୍ତରାୟ ନିଜ ନିଜ ମତ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡ଼.ସୁମନ କଲ୍ୟାଣ ଚୌଧୁରୀ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ବିଭାଗର ଶହେରୁ ଅଧିକ ଛାତ୍ରୀଛାତ୍ରଯୋଗ ଦେଇଥିଲେ।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅବ୍ୟବସ୍ଥା

### ୟୁଡାଇସ କୋଡ ବିଗାଡ଼ିଦେଲା ୪ ବର୍ଷ ହେଲା ସମସ୍ୟା ବଢୁଛି

ସୋରଡା,୧୨।୭(ରଜନୀ ମହାପାତ୍ର)

ସୋରଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବେ ସମସ୍ୟା ଘେରରେ ରହିଛି। ଶିକ୍ଷା ବିଭାଗର ଅବହେଳାରୁ ଛାତ୍ରୀମାନେ ହନ୍ତସନ୍ତ ହେଉଛନ୍ତି। ବିଶେଷ କରି ୟୁଡାଇସ (ୟୁନିଫାଇଡ ଡିଷ୍ଟ୍ରିକ୍ଟ ଇନଫରମେଟିଭ ସିଷ୍ଟମ ଅଫ ଏଜୁକେସନ) କୋଡ ଯୋଗୁ ଏହି ପୁରାତନ ହାଇସ୍କୁଲରେ ସମସ୍ୟା ବଢ଼ିବାରେ ଲାଗିଛି। ୪ ବର୍ଷ ହେଲା କୌଣସି ଅନୁଦାନ ଆସୁନାହିଁ। ଏହି ସ୍କୁଲ ଶଶିଭୂଷଣ ଉଚ୍ଚ ବିଦ୍ୟାଳୟରେ ମିଶ୍ରଣ ହୋଇଯାଇଥିବା ଦିନରୁ ଧୀରେ ଧୀରେ ଅବ୍ୟବସ୍ଥା ଭିତରକୁ ଚାଲିଯାଇଛି ବୋଲି ଅନେକ ଶିକ୍ଷାବିତ ମତ ଦେଇଛନ୍ତି। ସୋରଡାରେ ସ୍ୱତନ୍ତ୍ର ବାଳିକା ଶିକ୍ଷା ପାଇଁ ୧୯୬୪ରେ ଉକ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖୋଲିଛି। ଏହି ବିଦ୍ୟାଳୟକୁ ୬୧ ବର୍ଷ ପୂରିଛି। ଏହା ପୂର୍ବରୁ ଏକ ସ୍ୱତନ୍ତ୍ର ବିଦ୍ୟାଳୟ ହୋଇ ରହିଥିଲା। କିନ୍ତୁ ବର୍ତ୍ତମାନ ଏହି ବିଦ୍ୟାଳୟ ଶଶୀଭୂଷଣ ଉଚ୍ଚ ବିଦ୍ୟାଳୟରେ ମିଶିବା ପରେ ମଧ୍ୟାହ୍ନଭୋଜନ ଅନୁଦାନ ଆସୁନାହିଁ। ଫଳରେ ଛାତ୍ରୀମାନେ ଜାତୀୟ ରାଜପଥ ପାର ହୋଇ ୨୦୦ରୁ ୩୦୦ ମିଟର ଶିଶି ଭୂଷଣ ଉଚ୍ଚ ବିଦ୍ୟାଳୟକୁ ଆସୁଛନ୍ତି ଓ ଖାଇ ସାରି ଫେରୁଛନ୍ତି। ଏସମ୍ପର୍କରେ ଜିଲା ଶିକ୍ଷାଅଧିକାରୀଙ୍କୁ ଅଭିଯୋଗ ପରେ ବର୍ତ୍ତମାନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଏବେ ମଧ୍ୟାହ୍ନଭୋଜନ ପାଇଁ ଆବଶ୍ୟକ ସାମଗ୍ରୀ ପଠାଇଦିଆଯାଉଛି। କିନ୍ତୁ ବିଦ୍ୟାଳୟର ଆବଶ୍ୟକ ମୌଳିକ ସୁବିଧା ପାଇଁ ଆର୍ଥିକ ଅନୁଦାନଆସୁନି ବୋଲି କହିଛନ୍ତି। ବିଦ୍ୟାଳୟ ମିଶ୍ରଣ ଫଳରେ ଦୁଇ ବିଦ୍ୟାଳୟକୁ ଗୋଟିଏ ଅନୁଦାନ ଆସୁଛି। ତେଣୁ ବିଦ୍ୟାଳୟର ଅତ୍ୟାବଶ୍ୟକ ମୌଳିକ ସମସ୍ୟା ରହୁଛି। ସ୍କୁଲ ପରିବେଶ ଜଙ୍ଗଲ ଭଳି ଦିଶୁଛି। ସ୍କୁଲ ମିଶ୍ରଣ ପରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ୮ ମ ଶ୍ରେଣୀକୁ ବାହାର କରି ଶଶି ଭୂଷଣ ଉଚ୍ଚ ବିଦ୍ୟାଳୟରେ ମିଶାଇ ଦିଆଯାଇଛି। ସ୍କୁଲ ମିଶ୍ରଣ ପରେ ବି ସ୍କୁଲର ୟୁନିଫାଇଡ କୋଡ ୨୦୨୨ ପର୍ଯ୍ୟନ୍ତ ଚାଲୁଥିଲା। ପରେ ତାହାକୁ ବନ୍ଦ କରି ଦିଆଯାଇଛି। କିନ୍ତୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଇଚ୍ଛୁକତା ପତ୍ର ଏନେଇ ଦିଆଯାଇନଥିବା ଜଣାପଡିଛି। ତତ୍କାଳୀନ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧ୍ୟ ଏସମ୍ପର୍କରେ କୌଣସି ଲିଖିତ ସମ୍ମିଶ୍ରଣ ପତ୍ର ଜିଲା ଶିକ୍ଷାଅଧିକାରୀଙ୍କୁ ଦେଇଛନ୍ତି କି ନାହିଁ ତାହା ବି ଜଣାପଡୁନଥିବା ସ୍କୁଲ ପକ୍ଷରୁ କୁହାଯାଇଛି। ଜାତୀୟ ଦିବସଠାରୁ ଆରମ୍ଭ କରି ବାର୍ଷିକ ଉତ୍ସବ ଓ ଦୈନନ୍ଦିନ କ୍ରୀଡା ପାଇଁ ଜାଗା ଟିକେନାହିଁ। ବିଦ୍ୟାଳୟରେ ଥିବା ନାଳରେ ସ୍ଥାନୀୟ କେତେକେ ଲୋକ ପାଇଖାନା କରିଥିବା ଯୋଗୁ ଦୁର୍ଗନ୍ଧରେ ନାକ ଫାଟୁଛି, ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପକ୍ଷେ ଯାହାକି ଅହିତକର। ଏସମ୍ପର୍କରେ ସୋରଡା ବିଧାୟକଙ୍କୁ ମଧ୍ୟ ଅବଗତ କରାଯାଇଛି। ସୋରଡା ବିଇଓଙ୍କ ସମେତ ଜିଲା ଶିକ୍ଷାଧିକାରୀ ସମସ୍ତେ ଅବଗତ ଥିଲେ ମଧ୍ୟ ସ୍ୱତନ୍ତ୍ର ୟୁଡାଇସ କୋଡ ଖୋଲିବା ପ୍ରକ୍ରିୟା ଏଯାବତ ଆରମ୍ଭ ହୋଇନାହିଁ। ଏହି ବାଳିକା ଉଚ୍ଚବିଦ୍ୟାଳୟକୁ ସ୍ୱତନ୍ତ୍ର କରାନଗଲେ ବିଦ୍ୟାଳୟର ବିକାଶ ଅସମ୍ଭବ ହେଉଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ଲାଗି ରହିଛି। ଜିଲା ଶିକ୍ଷାଧିକାରୀ ଏଥିପ୍ରତି ଦୃଷ୍ଟିଦେବାକୁ ଅଭିଭାବକ ମହଲରେ ଦାବି ହୋଇଛି।

# ଯୁବକଙ୍କୁ ଦଳିଦେଲା ଦନ୍ତା

**ଜଣେ ବୃଦ୍ଧ ଗୁରୁତର**

ପାଟଣା,୧୨।୭(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଞ୍ଚଳରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟଜଣେ ବୃଦ୍ଧ ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଯାଜପୁର ଜିଲା ଜେନାପୁର ଥାନା ସଁପାରୁ ଗାଁର ସୁଲଭ ଚନ୍ଦ୍ର ଜେନାଙ୍କ ପୁଅ ବିରଞ୍ଚି ଜେନା (୪୦) ଓ ଗୁରୁତର ଯାଜପୁର ଜିଲା ବଡ଼ଚଣା ଥାନା କମ୍ପାଲୁ ମଙ୍ଗରାଜପୁର ଗ୍ରାମର ଯୋଗେନ୍ଦ୍ର ବାହାଲିଆ (୬୦)। ଉଭୟ ଏକ ଠିକାସଂସ୍ଥା କ୍ୟାମ୍ପରେ ରହି କାମ କରୁଥିଲେ। ପ୍ରକାଶ ଯେ, ପାଟଣା ରେଞ୍ଜ ତଣ୍ଡବିଟ ଡୁମୁରିଆ ପଞ୍ଚାୟତ ଜାମୁଳେଇବେଡ଼ାରୁ ଭାଲୁପାହାଡି ସାହି ରାସ୍ତା ମଧ୍ୟରେ ଥିବା ପିଛୁଳାବେଡ଼ା ଚତୁରି ନାଳ ଉପରେ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଏକ ପୋଲ ନିର୍ମାଣ ହେବ। ଏ ନେଇ ଏକ ଠିକାସଂସ୍ଥା ସଏଲ ଟେଷ୍ଟ ପାଇଁ ବୋରିଂ କାର୍ଯ୍ୟ କରୁଛି। ନାଳ ନିକଟରେ ଶ୍ରମିକ ଓ ମିସ୍ତ୍ରୀମାନେ ଅସ୍ଥାୟୀ ତମ୍ବୁ ପକାଇ ଶୁକ୍ରବାର ରାତିରେ ଶୋଇଥିଲେ। ଶୁକ୍ରବାର ରାତି ୩ଟା ୩୦ରେ ଏକ ଦନ୍ତାହାତୀ ତମ୍ବୁ ଉପରେ ତୁହାକୁ ତୁହା ଆକ୍ରମଣ କରି ଉପରେ ଚାଲିଥିଲା। ତମ୍ବୁ ଭିତରେ ଥିବା ୪ ଜଣଙ୍କ ମଧ୍ୟରୁ ୨ଜଣ ଦୌଡ଼ି ପଳାଇଥିଲେ। ବିରଞ୍ଚି, ଯୋଗେନ୍ଦ୍ର ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ବିରଞ୍ଚିଙ୍କ ମୃତ୍ୟୁ ଘଟିଥିବା ବେଳେ ଯୋଗେନ୍ଦ୍ର ଗୁରୁତର ହୋଇଥିଲେ। ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର, ବନପାଳ ନିରଞ୍ଜନ ସେଠୀ ପହଞ୍ଚି ମୃତଦେହ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଗୁରୁତରଙ୍କୁ କେନ୍ଦୁଝର ଧରଣୀଧର ମେଡିକାଲ କଲେଜକୁ ପଠାଇଥିଲେ। ବିରଞ୍ଚି ଉକ୍ତ ଠିକାସଂସ୍ଥାରେ ମିସ୍ତ୍ରୀଭାବେ କାର୍ଯ୍ୟ କରୁଥିଲେ। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଗାଁ ଥାନାରେ ଏକ ମାମଲା(ନଂ.୩୨/୨୫) ରୁଜୁ ହୋଇଥିବା ଥାନା ଅଧିକାରୀ ପ୍ରଶାନ୍ତ ସାମଲ କହିଛନ୍ତି। ରେଞ୍ଜର ବନ ବିହାରୀ ସର୍ଦ୍ଦାର କହିଛନ୍ତି, ଗୁରୁତରଙ୍କ ଚିକିତ୍ସା ବ୍ୟବସ୍ଥା କରାଯାଇଛି। ମୋବାଇଲ ଆପରେ ଅସୁବିଧା କାରଣରୁ ମୃତକଙ୍କ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ କରାଯାଇପାରିନାହିଁ। ଅନ୍ୟପକ୍ଷେ ଦନ୍ତା ଅଟେଇ ସଂରକ୍ଷିତ ଜଙ୍ଗଲରେ ଡେରା ପକାଇଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି।

# ମାଈ ହାତୀର ମୃତଦେହ ଠାବ

ବନ୍ତଲା,୧୨।୭ (ସୁଶିତ ସାହୁ)



ମାଈ ହାତୀର ମୃତଦେହ।

ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ବନ୍ତଲା ପଞ୍ଚାୟତ ସାହାରାଗୁଡ଼ା ଜଙ୍ଗଲ ନିକଟରୁ ଶନିବାର ଏକ ମାଈ ହାତୀର ମୃତଦେହ ବନ ବିଭାଗ ଜବତ କରିଛି। ଅନୁଗୋଳ ଡିଏଫ୍ଓ ସରୋଜ ପଣ୍ଡା, ବନପାଳ ହରମୋହନ ନାଏକ ଘଟଣାସ୍ଥଳରେ ପହଞ୍ଚି ହାତୀ ମୃତଦେହ ଜବତ କରିବା ସହ ତଦନ୍ତ କରିଛନ୍ତି। ଏଥିସହ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସହାୟତାରେ ମୃତ ହାତୀର ବ୍ୟବଚ୍ଛେଦ କରାଯାଇଛି। ମୃତଦେହରୁ ବିଭିନ୍ନ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଲାବରେଟୋରିକୁ ପଠାଯାଇଛି। ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ମୃତ ହାତୀର ବୟସ ୫୦ ରୁ ୬୦ ବର୍ଷ ମଧ୍ୟରେ ହୋଇଥିବା ବ୍ୟବଚ୍ଛେଦ କରିଥିବା ପ୍ରାଣୀ ଚିକିତ୍ସକ ଡା. ଦେବାଶିଷ ପଣ୍ଡା କହିଛନ୍ତି।

## ରେଡିଓକଲାର ଲାଗିଥିବା ଦନ୍ତା ହାତୀ ଆହତ



ଆହତ ହୋଇଥିବା ଦନ୍ତା ହାତୀ।

ଛେଣ୍ଡିପଦା,୧୨।୭ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ କଣଲୋଇ ଗାଁ ନିକଟରେ ଘୁରି ବୁଲୁଥିବା ଏକ

**ବାମ କାନ ପଛରେ ଗୁଳି ବାଜିଥିବା ସନ୍ଦେହ**

ଦନ୍ତା ହାତୀ ଆହତ ହୋଇଛି। ହାତୀ ବେକରେ ରେଡିଓକଲାର ଲାଗିଥିବା ବେଳେ କାନ ପଛରେ ଗୁଳି ବାଜିଥିବା ସନ୍ଦେହ କରାଯାଉଛି। ସୂଚନା ଅନୁଯାୟୀ, ୬ ମାସ ତଳେ ଉକ୍ତ ହାତୀ ଦେହରେ ଗୁଳି ବାଜିଥିଲା। ବନ ବିଭାଗ ପକ୍ଷରୁ ତାହାର ଚିକିତ୍ସା କରାଯିବା ସହ ବେକରେ ରେଡିଓକଲାର ଲଗା ଯାଇଥିଲା। ହାତୀର ନାମ ଗଜେନ୍ଦ୍ର ରଖାଯିବା ସହ ତାହା ଉପରେ ନଜର ରଖାଯାଇଥିଲା। ଚିକିତ୍ସା ପରେ ହାତୀଟି ଛେଣ୍ଡିପଦା, କଣିହାଁ ଓ ହଣ୍ଡପା ବନାଞ୍ଚଳର ବିଭିନ୍ନ ଗାଁ ନିକଟରେ ଘୁରି ବୁଲୁଥିଲା। ଏବେ ଗଜେନ୍ଦ୍ର ପୁଣି ଆହତ ହୋଇ ଛେଣ୍ଡିପଦା ବନାଞ୍ଚଳର କଣଲୋଇ ଗାଁ ନିକଟରେ ଥିବା ଦେଖାଯାଇଛି। ବାମ କାନ ପଛରୁ ପୂଜ ବାହାରୁଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ହାତୀଟିର ତୁରନ୍ତ ଚିକିତ୍ସା ପାଇଁ ଦାବି କରିଛନ୍ତି। ତେବେ ଦନ୍ତା ଦେହରେ ଗୁଳି ବାଜିଥିବା କଥାକୁ ବନ ବିଭାଗ ପକ୍ଷରୁ ଅସ୍ୱୀକାର କରାଯାଇଛି। ଶନିବାର ଏକ ଟିମ୍ ପହଞ୍ଚି ହାତୀର କ୍ଷତକୁ ଅନୁଧ୍ୟାନ କରିବା ପରେ ଚିକିତ୍ସା କରାଯିବ ବୋଲି ରେଞ୍ଜ ଅଧିକାରୀ ଶୁଭ୍ରାଶୁଚିସ୍ମିତା ମହାପାତ୍ର ପ୍ରକାଶ କରିଛନ୍ତି।


No.CAD-1055

idco | ODISHA NEW OPPORTUNITIES

**OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR**

Tender Call Notice No. BBSR/ELECT-II/E-371/25-26/1660 Dated : 07.07.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. **Name of the work** : Supply, Installation, Testing and commissioning of 500 KVA, 11/0.4 KV plinth mounted Distribution Transformer for 3rd Boys Hostel of OUTR, Ghatikia, Bhubaneswar

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID. No. BBSR/ ELECT-II/e-21/25-26 | 14.07.2025 at 12.00 Hrs. | 22.07.2025 at 16.00 Hrs. |

Further details can be seen from the e-procurement portal, www.tendersorissa.gov.in. Corrigendum or Addendum if any will not be published in newspapers and can be seen **in the e-procurement portal** as well as in **IDCO website**.

Sd./- Divisional Head (Elect-II)
IDCO, Bhubaneswar

OIPR-14003/11/0196/2526

**OFFICE OF THE DISTRICT MANAGER ODISHA STATE CIVIL SUPPLIES CORPORATION LTD. (OSCSC), SUNDARGARH (DISTRICT)**

Phone: 94382-00060, District Website: https://sundargarh.odisha.gov.in/

Tender No. 2179 Dt.10.07.2025

No. CAD-1104: District Manager, Odisha State Civil Supplies Corporation Ltd., Sundargarh invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the Work | Selection and appointment of Level-I Transport Contractor for transportation of Wheat from FSD/FCI depot to all RRCs of Sundargarh district for the biennial 2025-27 |
| 2 | Availability of bid document in the portal | From 11.07.2025 |
| 3 | Last Date/time for receipt of bids in the portal | Dt.25.07.2025 upto 5.30 (P.M.) |
| 4 | Date/time of Opening of Technical Bid | Level-I Transport Contractor - 29.07.2025 at 11.00 A.M., Place: Office Chamber of ADM (General), Sundargarh |
| 5 | Name and address of the Officer Inviting Tender | District Manager, OSCSC Ltd., Sundargarh |

Tender documents & other details can be seen from the e-procurement portal **www.oscsc.in, www.foododisha.in** & **www.tendersodisha.gov.in** along with district website. Amendments/Corrigendum/Cancellation/ Re-tenders etc. if any shall be published only in above websites.

Sd./- District Manager
OSCSC Ltd., Sundargarh

OIPR-07017/11/0008/2526

ଆମ ଶିମିଳିପାଳ ଆମ ଗର୍ବ | OUR SIMILIPAL OUR PRIDE

**OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION**

At: Matiagarh Chhaka, P.O.: K. Jashipur, Dist.: Mayurbhanj, Odisha - 757091
Tel.: 06797-295030, Email: dfo.similipalnorthwl@odisha.gov.in / ddsimilipalnorth@gmail.com

**NOTICE**

Order No. 79 Dated: 10.07.2025

No. MM-121: As per Notice No. 123, Dtd.29.06.2025 of the Director, Similipal Tiger Reserve-cum-Regional Chief Conservator of Forests, Baripada that Similipal Tiger Reserve closed from 01.07.2025 for the Monsoon season. Further, the following Forest Rest House under Similipal North WL Division, Jashipur are hereby closed with effect from 11.07.2025 for necessary repair and maintenance work, until further orders.

| Sl. No. | Name of the Range | Name of the Forest Rest House | Closed From |
|---|---|---|---|
| 1 | Gurguria WL Range | Gurguria Forest Rest House | Closed from 11.07.2025 |
| 2 | Ecotourism Range | Khairi Forest Rest House (Khairi Niwas) | Closed from 11.07.2025 |

Sd./- (Sri Prashant Patel, IFS)
Deputy Director
Similipal (North WL Division, Jashipur)

OIPR-08133/11/0020/2526

**OFFICE OF THE MUNICIPAL COUNCIL : KEONJHARGARH**

No.4957/KGM Dt. 10.07.2025

**Expression of Interest**

**No.C-653** : Seal EOI are invited by the undersigned from the intending Registered Architect (s)/ Developer (s)/ Designer (s) Govt. Registered Contractor (s) having past experience for doing similar nature of work and having GST registration Certificate for Preparation of MAP of Keonjhargarh Municipality with Ward Boundary, Roads, parks and Important land Marks etc required for clear-cut identification of details of Keonjhargarh Municipality with Street Maping as required by the undersigned. (Enclosed Annexure-I) The prescribed EOI papers can be obtained from the office of the Municipal Council, Keonjhargarh during office hours from date.**14.07.2025 to 23.07.2025** (expect Government Holidays) on payment of **Rs.1000/- (Rupees One thousand) only** Non-Refundable in shape of Demand Draft in any Nationalized Bank, inclusive of all taxes. The complete EOI accompanied with all relevant valid documents like-Registration Certificate if any GST Registration Certificate/ PAN Card etc. will be received by the undersigned on or before **dt.25.07.2025 at 5.00 P.M by Registered Post/ Speed Post or by person** and same will be **opened on dt-28.07.2025 at 11.00 A.M** in presence of the Bidder(s) or their authorized representatives if present. The EOI received after the scheduled date and time will not be entertained. The undersigned will not held any responsibility for any postal delay. The rates should be quoted clearly for the item as prescribed including all taxes and the work will be completed within 15 (Fifteen) days from the date of issue of work order unfailingly. The EOI will be available in the district web site- **https://kendujhar.odisha.gov.in**.

The authority reserves the right to reject any of all quotations without assigning any reason thereof.

Sd./- Executive Officer
Keonjhargarh Municipality

OIPR-13115/11/0040/2526

**OFFICE OF THE ENGINEER-IN-CHIEF RURAL WATER SUPPLY & SANITATION**

**JAL "O" PARIMAL BHAWAN, UNIT-V, BHUBANESWAR-751001, ODISHA**

Tel : 0674-2395734, Fax : 0674-2394946, e-mail : cerwssodisha@gmail.com

**NOTICE INVITING BIDS (NIB)**

**No.8619/Date : 11.07.2025**

**No.O-423** : The Engineer-in-Chief, RWSS, Odisha, Bhubaneswar, Jal-O-Parimal Bhawan, Unit-V, Bhubaneswar-751001, Odisha on behalf of the Government of Odisha in Panchayat Raj and Drinking Water Department invites bids through e-Procurement in conformity with terms and conditions of the Detailed Tender Call Notice (DTCN) in double cover system for the following work. The bids should be submitted on-line in website www.tendersodisha.gov.in by eligible reputed registered manufacturing agencies/Authorized Distributor/Dealer having sufficient experience in similar type of works. The bidder should have the necessary portal Enrolment (with his own Digital Signature Certificate).

| Sl. No. | Name of the Rural Water Supply Project | Bid Identification No | Cost of Bid document (in Rs.) Online | Availability of Bid document for online Bidding | |
|---|---|---|---|---|---|
| | | | | From | To |
| 1 | Supply and delivery of 5 Nos. Truck mounted Mobile Water Treatment Plant having 2000 ltrs/hr. capacity for treating turbid/flood water/brackish water and make it potable on spot, disinfection through ozonation including provision of polythene pouch marking facility of 4000 pouch/hr capacity (Polyethylene thickness not less than 50 micron) with operation and maintenance for 05-years. | EIC/RWSS/ 05/2025-26 | 10,000 | 5.00 P.M. of 14.07.2025 | 5.00 P.M. of 29.07.2025 |

Name & address of officer inviting Bid : Engineer-in-Chief, RWSS
Jal "O: Parimal Bhawan, Unit-V, Bhubaneswar, Ph : 0674-2395734/0674-2531533
e-mail : cerwssodisha@gmail.com

Further details can be seen from the e-procurement portal http://tendersodisha.gov.in

Sd./- Engineer-in-Chief, RWSS

OIPR-25003/11/0026/2526

**DEPUTY DIRECTOR, NANDANKANAN ZOOLOGICAL PARK**
**P.O. - BARANG, DIST. - KHURDA, PIN - 754005**
**PHONE - (M) 9437022023**
Email : deputydirector.kanan@gmail.com
NANDANKANAN
Web : www.nandankanan.org

No.MM-119 **e-PROCUREMENT NOTICE**

**Tender No. DD-NKN- 16/PMU/NKZP-2025-26 Dt. 09.07.2025**

| | | | |
|---|---|---|---|
| 1 | Name of the work | : | CONSTRUCTION FOR GREATER ADJUTANT STROK ENCLOSURE UNDER THE THEME NORTH EAST PANORAMA INSIDE NANDANKANAN ZOOLOGICAL PARK |
| 2 | No. of works | : | 1 (one) no. |
| 3 | Date of availability of bid document in the portal | : | 11.07.2025 |
| 4 | Last date for receipt of bids in the portal | : | 24.07.2025 up to 5.00 P.M. |
| 5 | Date of opening of Technical Bid (Cover-I) | : | 25.07.2025 at 11.00 A.M. |
| 6 | Name & Address of Officer Inviting Tender (OIT) | : | Deputy Director, Nandankanan Zoological Park, P.O. - Barang, Dist. - Khorda, Pin - 754005 |

Further details can be seen from the e-procurement portal https//tendersodisha.gov.in.

Sd./- Deputy Director
Nandankanan Zoological Park

OIPR-08070/11/0095/2526

ଓଡ଼ିଶା

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**

(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)

ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ – ୮, ଭୁବନେଶ୍ୱର – ୭୫୧୦୧୨

ସଂଖ୍ୟା: ୧୩୦୦୩/IND-II-PH-୧୨୭୫ ତାରିଖ: ୧୦।୦୭।୨୦୨୫

**ବିଜ୍ଞାପନ**

No. CAD-1100: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ଅଲଟ୍ରାଟେକ୍ ସିମେଣ୍ଟ ଲିମିଟେଡ୍, ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା, କିର୍ମିରା ତହସିଲ ଅନ୍ତର୍ଗତ ପୋଷ୍ଟ: ଆର୍ଡା, ଧୁତ୍ରା ଗ୍ରାମସ୍ଥିତ ଝାରସୁଗୁଡ଼ା ସିମେଣ୍ଟ ୱାର୍କ୍ସ ୟୁନିଟଠାରେ ନୂତନ ଲାଇନ-II (୩.୦ ନିୟୁତ ଟିପିଏ) ସ୍ଥାପନ ଦ୍ୱାରା ସିମେଣ୍ଟ ଉତ୍ପାଦନ କ୍ଷମତାକୁ ୫.୧ ନିୟୁତ ଟିପିଏରୁ ୮.୧ ନିୟୁତ ଟିପିଏକୁ ବୃଦ୍ଧି କରିବା ନିମନ୍ତେ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ (MoEF & CC), ଭାରତ ସରକାରଙ୍କ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୪।୦୮।୨୦୨୫ରିଖ ଦିବା ୧୧.୦୦ ଘଟିକା ସମୟରେ ଝାରସୁଗୁଡ଼ା ଜିଲ୍ଲା, ଅର୍ଡା ମୌଜାସ୍ଥିତ ଖାତା ନଂ. ୬୧୯ (ରକ୍ଷିତ), ପ୍ଲଟ ନଂ. ୪୭୭୩(ପି), ୦.୮୦ ଏକର ଅଞ୍ଚଳ, ଗୋଚର କିସମଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ା।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଝାରସୁଗୁଡ଼ା।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ,ଝାରସୁଗୁଡ଼ା।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର – ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଝାରସୁଗୁଡ଼ା।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ **https://ospcboard.odisha.gov.in**ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ଝାରସୁଗୁଡ଼ା ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସଦସ୍ୟ ସଚିବଙ୍କ ଆଦେଶ ଅନୁଯାୟୀ
ସ୍ୱା./– ମୁଖ୍ୟ ପରିବେଶ ଯନ୍ତ୍ରୀ

OIPR-08012/11/0301/2526

**EXPRESSION OF INTEREST**

**No.PP-26 : "EOI"** for installation of permanent lighting system at **Odisha Crafts Museum-Kalabhoomi**.

For details of EOI & TOR etc. Please visit the websites **www.sidacodisha.org.in** or **www.odishacraftsmuseum.odisha.gov.in**. The last date for submission of EOI in the office of SIDAC, Handicrafts Complex, Gandamunda, Khandagiri, Bhubaneswar Ph: 0674-2350318 is upto 05:00 P.M. on 01.08.2025. The details of EOI will be available in the website w.e.f. 12.07.2025.

**Sd./- Member Secretary**

SIDAC
**State Institute for Development of Arts & Crafts**
Handlooms, Textiles & Handicrafts Department, Govt. of Odisha
Handicrafts Complex, Gandamunda, Bhubaneswar-751030 Tel. No. +91 (0)674 2350138,E-mail: sidacorissa@gmail.com, www.sidacodisha.org.in

OIPR-31036/11/0024/2526

**NOTICE INVITING TENDER** No.CAD-1073

**Office of District Manager Odisha State Civil Supplies Corporation Ltd. (OSCSC) Gajpati**

**Name of Unit or Block : Mohana, R.Udayagiri, Nuagada, Rayagada, Gosani, PKD (MPLTY), Gumma, Kashinagar Block/NAC**
**Tender No. 2191, 2192, 2193, 2194, 2195, 2196, 2197, 2198**
**Dated : 09.07.2025**

**Cost of Tender Document : Rs.5900/- Inclusive of GST for each RRC to Unit (Block/ULB) combination of the district**

Online Tenders are invited from eligible bidders for selection and appointment of level-II contractor for transporation of Custom Milled Rice (CMR) from Rice Receiving Centre (RRC) to Retail Centre (FPS).

| | | |
|---|---|---|
| 1 | Availability of tender documents | From Date 10-07-2025. Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference. | On dt 14-07-2025 at CSO Office Paralakhemundi, Collectorate Building, Dist-Gajapati |
| 3 | Last date and time for online submission of completed Tender Documents with enclosures | Through e-Procurement portal www.tendersodisha.gov.in Up to 28-07-2025, 5.30 PM |
| 4 | Date, time and venue for opening of Technical Bid by the Tender Committee | On dt 29-07-2025 11.00 AM at Civil Supplies Office, Collectorate Building,Paralakhemundi, Dist-Gajapati |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt 29-07-2025 11.30 AM at Civil Supplies Office, Collectorate Building, Paralakhemundi, Dist-Gajapati |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Venue of the opening of Technical & Financial Bids | Civil Supplies Office, Collectorate Building, Paralakhemundi, Dist-Gajapati |
| 8 | Validity Period | Tenders are to remain open for acceptance for 180 days inclusive of date of opening of tender. |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk telephone no | (1) OSCSC Ltd.: District Manager :-9438200040 Accounts Head:-9437202126 (ii) State Procurement Cell:-0674-2530998 18003456765 |

2. District Tender Committee reserves the right to cancel any/all of the tenders at any time without assigning any reason thereof.
3. Further details can be obtained in the website www.tendersodisha.gov.in.
4. The bidder must deposit Tender Document Fee and EMD at the time of submission of tender through online payment gate way service.
5. Any amendment/ cancellation/ re-tender/ corrigendum please refer to the website www.tendersodisha.gov.in, www.oscsc.in & www.foododisha.in.

Sd./- District Manager
OSCSC Ltd., Gajapati

OIPR-07087/11/0006/2526

PUBLIC SERVICE COMMISSION ODISHA

**ODISHA PUBLIC SERVICE COMMISSION, CUTTACK**

**NOTICE**

No.4914/PSC Dt.11.07.2025
(1R-08-24/25) (DR-V)

**Assistant Professor (Stage-I) in Geography (Advertisement No. 27 of 2023-24)**

No. D-: It is for information of all concerned that, document verification of **110 (One hundred ten)** candidates having **PPSAN** mentioned below for the post of **Assistant Professor (Stage-I) "Geography",** pursuant to advertisement No. 27 of 2023-24 shall be held from **23.07.2025 to 29.07.2025 except 26.07.2025 & 27.07.2025** as per the following programme in the Office of the Commission at 19, Dr. P.K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 23.07.2025 | 10.30 A.M. | P240309635, P220059641, P240314045, P240294164, P240250549, P240294704, P240300524, P240302138, P240308259, P220059777, P240297833 & P240290058 **= 12 Candidates** |
| | 02.30 P.M. | P240303203, P220081350, P240313717, P240307292, P240311924, P240307253, P240309256, P220086183, P240309871 & P240305388 **= 10 Candidates** |
| 24.07.2025 | 10.30 A.M. | P240298299, P240306248, P240252704, P240308395, P230098156, P240303648, P240308396, P240311405, P220080613, P230098058, P240297963 & P230149661 **= 12 Candidates** |
| | 02.30 P.M. | P230149942, P220082469, P240302693, P230151202, P230209315, P240307031, P240307459, P240312692, P220031775 & P240300423 **= 10 Candidates** |
| 25.07.2025 | 10.30 A.M. | P230136692, P240308120, P240304622, P220071384, P220034775, P240302358, P240308042, P220003488, P240301808, P220055040, P240285886 & P240274265 **= 12 Candidates** |
| | 02.30 P.M. | P240301471, P220040387, P220010865, P240304229, P240304011, P230141511, P240306748, P230137505, P230148246 & P240287654 **= 10 Candidates** |
| 28.07.2025 | 10.30 A.M. | P220032270, P230135082, P220052271, P240256148, P230122446, P240260941, P220053474, P240285642, P240312024, P220051525, P240267497 & P230155245 **= 12 Candidates** |
| | 02.30 P.M. | P230118682, P240303837, P240303930, P220055626, P240287059, P230096465, P240308359, P240309607, P220083675 & P220064584 **= 10 Candidates** |
| 29.07.2025 | 10.30 A.M. | P220028221, P230138041, P240279765, P240263164, P220038496, P220019033, P240266118, P220050535, P230160574, P230225109, P220011591 & P220083150 **= 12 Candidates** |
| | 02.30 P.M. | P220029136, P240252458, P230223162, P220031782, P230151439, P230145838, P230162036, P240304462, P220005503 & P220057540 **= 10 Candidates** |

The candidates are required to submit the documents as per this office **Notice No. 4271/PSC, Dt.21.06.2025** which is available on the Website of the Commission i.e. **www.opsc.gov.in**.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

OIPR-12002/11/0268/2526 **Sd./- Secretary**

See Career Appointment on every Wednesday & Saturday

# ୧ ସେକେଣ୍ଡରେ ଉଭୟ ଇଞ୍ଜିନକୁ ଇନ୍ଧନ କଟ୍‌ଅଫ୍ ହୋଇଥିଲା



## ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ନେଇ ଏଏଆଇବି ରିପୋର୍ଟ

ନୂଆଦିଲ୍ଲୀ,୧୨।୭(ପି.ଟି/ରଏଟର୍ସ)

୨୦୨୫ ଜୁନ୍ ୧୨ରେ ଗୁଜରାଟର ଅହମଦାବାଦସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଏୟାର ଇଣ୍ଡିଆ ଫ୍ଲାଇଟ୍ ଏଆଇ୧୭୧ (ବୋଇଂ ୭୮୭ ଡ୍ରିମ୍‌ଲାଇନର୍) ଲଣ୍ଡନ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା। ତେବେ କିଛି ସେକେଣ୍ଡ ପରେ ବିମାନର ଉଭୟ ଇଞ୍ଜିନକୁ ତୈଳ ଯୋଗାଣ ହଠାତ୍ ବନ୍ଦ ହୋଇଯିବାରୁ ଉଡ଼ାଣର ମାତ୍ର ୩୨ ସେକେଣ୍ଡ ମଧ୍ୟରେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିମାନର ପାଇଲଟ ଦ୍ୱୟ ଥ୍ରଷ୍ଟକୁ ଜରୁରୀ ସମୟରେ ରିଷ୍ଟୋର କରି ନ ପାରିବାରୁ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା ବୋଲି ସଦ୍ୟ ପ୍ରକାଶିତ ଏ ସମ୍ପର୍କିତ ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି। ଦୁର୍ଘଟଣାର ମାସକ ପରେ ଭାରତ ସରକାରଙ୍କ ବିମାନ ଚଳାଚଳ ମନ୍ତ୍ରଣାଳୟ ଅଧୀନ ଏୟାର ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ୍ ବ୍ୟୁରୋ (ଏଏଆଇବି) ପକ୍ଷରୁ ପ୍ରକାଶ କରାଯାଇଥିବା ୧୫ ପୃଷ୍ଠା ସମ୍ବଳିତ ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ, ବିମାନ ଉଡ଼ାଣ କରିବା ମାତ୍ରେ ଉଭୟ ଇଞ୍ଜିନରେ ତାହା ଗତିଶୀଳ ହେବା ପାଇଁ ଆବଶ୍ୟକ ଥ୍ରଷ୍ଟ ଶେଷ ହୋଇଯାଇଥିଲା। ଫଳରେ ବିମାନଟି ଏକ ମେଡିକାଲ କଲେଜ ହଷ୍ଟେଲ ଉପରେ ଖସିପଡ଼ିଥିଲା। ଏଥିରେ ବିମାନର ୨୪୨ ଏବଂ ତଳେ ଥିବା ଅନ୍ୟ ୧୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସୌଭାଗ୍ୟବଶତଃ ଜଣେ ଯାତ୍ରୀ ବର୍ତ୍ତିଯାଇଥିଲେ। ଦଶନ୍ଧି ମଧ୍ୟରେ ଏହା ଥିଲା ସବୁଠୁ ଘାତକ ବିମାନ ଦୁର୍ଘଟଣା। ଏଏଆଇବି ରିପୋର୍ଟରେ ଦର୍ଶାଯାଇଛି ଯେ କକ୍‌ପିଟ୍ ଭଏସ୍ ରେକର୍ଡିଂରୁ ଜଣାପଡ଼ିଛି, ଜଣେ ପାଇଲଟ୍ ଅନ୍ୟ ପାଇଲଟ୍‌ଙ୍କୁ ଫୁଏଲ୍ କାହିଁକି କଟ୍‌ଅଫ୍ କଲେ ବୋଲି ପ୍ରଶ୍ନ କରିଥିଲେ। ଅନ୍ୟ ପାଇଲଟ୍ ଜଣକ କଟ୍‌ଅଫ୍ କରିନାହାନ୍ତି ବୋଲି ଉତ୍ତର ଦେଇଥିଲେ। ତେବେ ଫୁଏଲ୍ କିପରି ଭାବେ କଟ୍‌ଅଫ୍ ହୋଇଯାଇଥିଲା, ସେନେଇ ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇ ନାହିଁ। ଏଥିରେ କେବଳ ଦୁଇ ପାଇଲଟ୍‌ଙ୍କ ମଧ୍ୟରେ ହୋଇଥିବା କଥୋପକଥନର ଏକ ସୀମିତ ଚିତ୍ର ପ୍ରଦାନ କରାଯାଇଛି। ସାଧାରଣତଃ ଏକ ବିମାନ ଏୟାରପୋର୍ଟ ଗେଟ୍‌ରେ ପହଞ୍ଚିବା ପରେ ଏବଂ ଇଞ୍ଜିନରେ ନିଆଁ ଲାଗିବା ଭଳି କେତେକ ନିର୍ଦ୍ଦିଷ୍ଟ ଜରୁରୀ ସ୍ଥିତିରେ ଇନ୍ଧନ ଯୋଗାଣ ବନ୍ଦ କରିବା ପାଇଁ କଟ୍‌ଅଫ୍‌କୁ ଫ୍ଲିପ୍ କରାଯାଇଥାଏ। ତେବେ ବିମାନଟି ଉଡ଼ାଣ କରୁଥିବାବେଳେ ସେଥିରେ ଏମର୍ଜେନ୍ସି ସ୍ଥିତି ଉପୁଜିଥିଲା କି ନାହିଁ ତାହା ମଧ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇ ନାହିଁ। ଇତିମଧ୍ୟରେ ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି ଯେ, କମ୍ପାନୀ ନିୟନ୍ତ୍ରକଙ୍କ ସମେତ ସମସ୍ତ ପକ୍ଷଙ୍କ ସହ ଯୋଗାଯୋଗ ରଖି କାର୍ଯ୍ୟ କରୁଛି। ଏଏଆଇବି ଏବଂ ଅନ୍ୟ ତଦନ୍ତକାରୀ ଏଜେନ୍ସିଗୁଡ଼ିକର କର୍ତ୍ତୃପକ୍ଷଙ୍କ ସହ ତଦନ୍ତରେ ସହଯୋଗ ଜାରି ରହିବ।



ବିମାନର ଫୁଏଲ୍ ସୁଇଚ୍।

### ପାଇଲଟ୍ ଜାଣିଶୁଣି ଦୁର୍ଘଟଣା ଘଟାଇଥାଇପାରନ୍ତି: ବିଶେଷଜ୍ଞ

ଏୟାର ଇଣ୍ଡିଆ ଫ୍ଲାଇଟ୍ ୧୭୧ ଦୁର୍ଘଟଣାଗ୍ରସ୍ତ ହେବା ପଛରେ ପାଇଲଟ୍‌ଙ୍କ ଭୂମିକାକୁ ଅସ୍ୱୀକାର କରାଯାଇ ନ ପାରେ। ଫୁଏଲ୍ ସୁଇଚ୍ କଟ୍‌ଅଫ୍ ମୋଡ୍‌କୁ ସ୍ୱତଃ ଚାଲିଯାଇ ନ ଥାଏ। ଏହା ପାଇଲଟ୍‌ଙ୍କ ଦ୍ୱାରା କରାଯାଇଥିବା ଏକ ମାନବକୃତ ତ୍ରୁଟି ହୋଇଥାଇପାରେ ବୋଲି ବିମାନ ଚଳାଚଳ ସୁରକ୍ଷା ବିଶେଷଜ୍ଞ କ୍ୟାପ୍‌ଟେନ ମୋହନ ରଙ୍ଗନାଥନ୍ ଏକ ଟିଭି ଚ୍ୟାନେଲକୁ ସାକ୍ଷାତ୍‌କାର ଦେବାବେଳେ କହିଛନ୍ତି।

### ନିଷ୍କର୍ଷ ନ ବାହାର କରିବାକୁ କେନ୍ଦ୍ରର ପରାମର୍ଶ

ଜୁନ୍ ୧୨ରେ ୨୬୦ ଜଣଙ୍କ ଜୀବନ ଯାଇଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ପ୍ରାଥମିକ ରିପୋର୍ଟ ପ୍ରକାଶ ପାଇବା ପରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। ତେଣୁ ଚୂଡ଼ାନ୍ତ ରିପୋର୍ଟ ନ ଆସିବା ଯାଏ ଜନସାଧାରଣ ଓ ଗଣମାଧ୍ୟମ ଏଥିରୁ କୌଣସି ନିଷ୍କର୍ଷ ନ ବାହାର କରିବାକୁ ଶନିବାର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ପରାମର୍ଶ ଦେଇଛନ୍ତି। ନାଇଡୁ ଏହି ତଦନ୍ତକୁ ଆହ୍ୱାନପୂର୍ଣ୍ଣ ବୋଲି ଅଭିହିତ କରିବା ସହ କହିଛନ୍ତି, ଏଥିରେ ଅନେକ ବୈଷୟିକ ପ୍ରସଙ୍ଗ ରହିଛି। ତେଣୁ ରିପୋର୍ଟ ଉପରେ କୌଣସି ପ୍ରତିକ୍ରିୟା ଦେବା ଅନୁଚିତ। ମନ୍ତ୍ରଣାଳୟ ପକ୍ଷରୁ ରିପୋର୍ଟରେ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ଚାଲିଛି। ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ଯାହାକିଛି କୁହାଯାଇପାରିବ ବୋଲି ସେ ପ୍ରକାଶ କରିଛନ୍ତି।

## ଫ୍ଲାଇଟ୍ ଡିଜାଷ୍ଟର ଟାଇମ୍‌ଲାଇନ୍

**୧୧.୧୭:** ଏୟାର ଇଣ୍ଡିଆ ଡ୍ରିମ୍‌ଲାଇନର ଭିଟି-ଏଏନ୍‌ବି ନୂଆଦିଲ୍ଲୀରୁ ଅହମଦାବାଦ ବିମାନବନ୍ଦରରେ ପହଞ୍ଚିଥିଲା, ଏଆଇ୪୨୩ ରୂପେ ଉଡ଼ାଣ ଆରମ୍ଭ କରିଥିଲା।

**୧୩.୧୩.୦୦:** ଏୟାରକ୍ରାଫ୍ଟ ପୁଶ୍‌ବ୍ୟାକ୍ ଓ ଷ୍ଟାର୍ଟଅପ୍ ପାଇଁ ଅନୁରୋଧ କରିଥିଲା।

**୧୩.୧୩.୧୩:** ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି) ପୁଶ୍‌ବ୍ୟାକ୍ ପାଇଁ ଅନୁମତି ଦେଇଥିଲା।

**୧୩.୧୬.୫୯:** ଏଟିସି ଷ୍ଟାର୍ଟଅପ୍ ପାଇଁ ଅନୁମତି ଦେଲା।

**୧୩.୧୮.୩୮:** ବିମାନଟି ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦର ବେ'୩୪ରୁ ଉଡ଼ାଣ ଆରମ୍ଭ କଲା।

**୧୩.୧୯.୧୨:** ଏୟାରକ୍ରାଫ୍ଟ ସମ୍ପୂର୍ଣ୍ଣ ରନ୍‌ୱେ'ରେ ଗଡ଼ିବା ଆବଶ୍ୟକ କି ବୋଲି ଏଟିସି ଜାଣିବାକୁ ଚାହିଁଲା। ରନ୍‌ୱେ ୨୩ରେ ପୂରା ଗଡ଼ିବା ଆବଶ୍ୟକ ବୋଲି ଏୟାରକ୍ରାଫ୍ଟ ପକ୍ଷରୁ ସ୍ପଷ୍ଟ କରାଗଲା।

**୧୩.୨୫.୧୫:** ଏୟାରକ୍ରାଫ୍ଟ ଟ୍ୟାକ୍ସି କ୍ଲିୟରାନ୍ସ ପାଇଁ ଅନୁରୋଧ କଲା, ଯାହାକୁ ଏଟିସି ଅନୁମତି ଦେଲା।

**୧୩.୨୬.୦୦:** ରନ୍‌ୱେ ୨୩ରେ ଏୟାରକ୍ରାଫ୍ଟ ଟ୍ୟାକ୍ସିଗୁଡ଼ିକୁ ଘୁଞ୍ଚାଇ ଟେକ୍‌ଅଫ୍ ପାଇଁ ଧାଡ଼ିରେ ରଖାଗଲା।

**୧୩.୩୨.୦୩:** ଏୟାରକ୍ରାଫ୍ଟକୁ ଗ୍ରାଉଣ୍ଡରୁ ଟାୱାର କଣ୍ଟ୍ରୋଲକୁ ସ୍ଥାନାନ୍ତର କରାଗଲା।

**୧୩.୩୩.୪୫:** ଏୟାରକ୍ରାଫ୍ଟକୁ ରନ୍‌ୱେ ୨୩ରୁ ଉଡ଼ାଣ ପାଇଁ ଲାଇନ୍‌ଅପ୍ ହେବାକୁ ନିର୍ଦ୍ଦେଶ ଦିଆଗଲା।

**୧୩.୩୭.୩୭:** ଏଟିସି ଏୟାରକ୍ରାଫ୍ଟକୁ ଉଡ଼ାଣ ଅନୁମତି ଦେବା ପରେ ଏହା ଟେକ୍‌ଅପ୍ କଲା।

**୧୩.୩୮.୩୯:** ଟେକ୍‌ଅପ୍ ରୋଲ୍ ଆରମ୍ଭ ହେଲା।

**୧୩.୩୮.୩୯:** ରନ୍‌ୱେରୁ ଏୟାରକ୍ରାଫ୍ଟ ଉଡ଼ାଣ କଲା।

**୧୩.୩୮.୪୨:** ସର୍ବାଧିକ ୧୮୦ ନଟ୍ସ ସ୍ପିଡ୍‌ରେ ପହଞ୍ଚିଲା। ତତ୍‌କ୍ଷଣାତ୍ ବିମାନର ଉଭୟ ଇଞ୍ଜିନ୍ ୧ ଓ ଇଞ୍ଜିନ୍ ୨ ପାଇଁ ଉଦ୍ଦିଷ୍ଟ ଫୁଏଲ୍ ସୁଇଚ୍ ମାତ୍ର ୧ ସେକେଣ୍ଡ ମଧ୍ୟରେ ରନ୍ ମୋଡ୍‌ରୁ କଟ୍‌ଅଫ୍ ପୋଜିଶନ୍‌କୁ ଚାଲିଯାଇଥିଲା। ଇନ୍ଧନ ଯୋଗାଣ ହୋଇ ନ ପାରିବାରୁ ଦୁଇଟି ଯାକ ଇଞ୍ଜିନ ସ୍ଲୋ ହେବାରେ ଲାଗିଲା। ପ୍ରାରମ୍ଭିକ ଉଡ଼ାଣ ବେଳେ ଲଗାଯାଇଥିବା ରାମ୍ ଏୟାର ଟର୍ବାଇନ୍ (ଆର୍‌ଏଟି)କୁ ଏହା ପରେ ହଟାଇ ଦିଆଯାଇଥିଲା। ଜଣେ ପାଇଲଟ ଅନ୍ୟ ଜଣେ ପାଇଲଟଙ୍କୁ ଫୁଏଲ କାହିଁକି କଟ୍‌ଅଫ୍ କଲେ ବୋଲି ପ୍ରଶ୍ନ କରିଥିଲେ। ଅନ୍ୟ ଜଣକ କହିଥିଲେ, ସେ ସେପରି କରିନାହାନ୍ତି।

**୧୩.୩୮.୪୭:** ଉଭୟ ଇଞ୍ଜିନ୍ ଏନ୍୧ ଏବଂ ଏନ୍୨ ସର୍ବନିମ୍ନ ଆଇଡିଲ ସ୍ପିଡ୍‌ରୁ ତଳକୁ ଖସିଯାଇଥିଲା। ଆର୍‌ଏଟିର ପମ୍ପ୍ ହାଇଡ୍ରଲିକ୍ ପାୱାର ଯୋଗାଣ ଆରମ୍ଭ କଲା।

**୧୩.୩୮.୫୨:** ଇଞ୍ଜିନ୍ ଏନ୍୧ ଫୁଏଲ କଟ୍‌ଅଫ୍ ସୁଇଚ୍ ରନ୍‌ରୁ କଟ୍‌ଅଫ୍ ହୋଇଗଲା।

**୧୩.୩୮.୫୬:** ଇଞ୍ଜିନ୍ ଏନ୍୨ର ଫୁଏଲ୍ କଟ୍‌ଅଫ୍ ସୁଇଚ୍ ମଧ୍ୟ କଟ୍‌ଅଫ୍ ହୋଇଗଲା।

**୧୩.୩୯.୦୫:** ଦୁଇ ପାଇଲଟ୍‌ଙ୍କ ମଧ୍ୟରୁ ଜଣେ 'ମେ'ଡେ, ମେ'ଡେ, ମେ'ଡେ' ଡିଷ୍ଟ୍ରେସ୍ କଲ୍ ଦେଲେ।

**୧୩.୩୯.୧୧:** ଏୟାରକ୍ରାଫ୍ଟର ଡେଟା ରେକର୍ଡିଂ ବନ୍ଦ ହୋଇଗଲା।

**୧୩.୪୪.୪୪:** ଅଗ୍ନିଶମ ବାହିନୀ ବିମାନବନ୍ଦର ପରିସରରୁ ଉଦ୍ଧାର ଓ ନିଆଁ ଲିଭାଇବା ପାଇଁ ବାହାରିଲେ।

### କ୍ୟାପ୍‌ଟେନ ସୁମିତ୍ ସଭରୱାଲ



ମୁମ୍ବାଇର ୫୬ ବର୍ଷୀୟ ଏୟାରଲାଇନ୍ ଟ୍ରାନ୍ସପୋର୍ଟ ପାଇଲଟ୍ କ୍ୟାପ୍‌ଟେନ ସୁମିତ୍ ସଭରୱାଲଙ୍କ ପାଇଲଟ୍ ଲାଇସେନ୍ସ ୨୦୨୬ ମେ' ୧୪ ପର୍ଯ୍ୟନ୍ତ ବୈଧ ଥିଲା। ତାଙ୍କର ୧୫,୬୩୮ ଘଣ୍ଟାର ଉଡ଼ାଣ ଅନୁଭୂତି ରହିଥିଲା। ସେଥିରୁ ସେ ୮,୫୯୬ ଘଣ୍ଟା ବୋଇଂ ୭୮୭ ଉଡ଼ାଣ କରିଥିଲେ।

### ଫାଷ୍ଟ ଅଫିସର କ୍ଲାଇଭ୍ କୁନ୍ଦେର



୩୨ ବର୍ଷୀୟ ଫାଷ୍ଟ ଅଫିସର କ୍ଲାଇଭ୍ କୁନ୍ଦେରଙ୍କ ନିକଟରେ ଥିବା କମର୍ସିଆଲ ପାଇଲଟ୍ ଲାଇସେନ୍ସ ୨୦୨୦ରେ ଜାରି ହୋଇଥିଲା। ଏହାର ଅବଧି ୨୦୨୫ ସେପ୍ଟେମ୍ବର ୨୬ରେ ଶେଷ ହୋଇଥାଆନ୍ତା। କୁନ୍ଦେରଙ୍କ ୩,୪୦୩ ଘଣ୍ଟାର ଉଡ଼ାଣ ଅନୁଭୂତି ଥିବାବେଳେ ସେ ୧,୧୨୮ ଘଣ୍ଟା ବୋଇଂ ଉଡ଼ାଣ କରିଥିଲେ। ପିଲାଟି ଦିନରୁ ପାଇଲଟ୍ ହେବାକୁ ସ୍ୱପ୍ନ ଦେଖୁଥିବା କୁନ୍ଦେର ୨୦୧୭ରେ ଏୟାର ଇଣ୍ଡିଆରେ ଯୋଗଦେଇଥିଲେ।

## ପ୍ରତି କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି କରୁଛନ୍ତି ସରକାର: ମୋଦି

ନୂଆଦିଲ୍ଲୀ, ୧୨।୭



ନରେନ୍ଦ୍ର ମୋଦି

### ୧୦ ବର୍ଷରେ ୨୫ କୋଟି ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ୫୧ ହଜାରରୁ ଅଧିକ ଯୁବତୀଯୁବକଙ୍କୁ ନିଯୁକ୍ତିପତ୍ର ବିତରଣ କରିଛନ୍ତି। ଏହି ଅବସରରେ ସେ ନିଜ ସମ୍ବୋଧନରେ କହିଛନ୍ତି, ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି ଉପରେ କେନ୍ଦ୍ରର ଏନ୍‌ଡିଏ ସରକାର ଉପଯୁକ୍ତ ଧ୍ୟାନ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ କଲ୍ୟାଣକାରୀ ଯୋଜନାଗୁଡ଼ିକ ଅନେକ ଲକ୍ଷ ନୂତନ ନିଯୁକ୍ତି ସୃଷ୍ଟି କରିଛି। ଭାରତରେ ଗତ ୧୦ ବର୍ଷ ମଧ୍ୟରେ ୨୫ କୋଟିରୁ ଅଧିକ ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି। ଦେଶରେ ନିଯୁକ୍ତି ଏବଂ ଆୟର ଉତ୍ସ ସୃଷ୍ଟି ହୋଇଥିବାରୁ ଏହା ସମ୍ଭବ ହୋଇପାରିଥିବା ସେ କହିଛନ୍ତି। ମୋଦି ଆହୁରି କହିଛନ୍ତି, ମାନୁଫାକ୍ଚରିଂ ସେକ୍ଟରକୁ ତାଙ୍କ ସରକାର ପ୍ରୋତ୍ସାହନ ଦେଇଆସୁଛି। ବିଗତ ବର୍ଷଗୁଡ଼ିକରେ ମେକ୍ ଇଣ୍ଡିଆ ଅଭିଯାନକୁ ଶକ୍ତିଶାଳୀ କରାଯାଇଛି। ଗତ ୧୧ ବର୍ଷ ମଧ୍ୟରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ୫ ଗୁଣାରୁ ଅଧିକ ବୃଦ୍ଧି ପାଇଛି। ଦେଶରେ ଏବେ ମୋବାଇଲ ଉତ୍ପାଦନ ୟୁନିଟ୍ ସଂଖ୍ୟା ୩୦୦କୁ ବୃଦ୍ଧି ପାଇଛି, ଯାହା ଅନେକ ଲକ୍ଷ ଯୁବକଙ୍କୁ ରୋଜଗାର ଦେଇଛି ବୋଲି ସେ କହିଛନ୍ତି।

## କୋଠା ଭୁଶୁଡ଼ି ୬ ମୃତ

ନୂଆଦିଲ୍ଲୀ, ୧୨।୭ (ପି.ଟି.)

ଉତ୍ତର-ପୂର୍ବ ଦିଲ୍ଲୀର ୱେଲ୍‌କମ୍ ଏରିଆରେ ଶନିବାର ସକାଳେ ଏକ ୪ ମହଲା ବିଶିଷ୍ଟ କୋଠା ଭୁଶୁଡ଼ିପଡ଼ିବାରୁ ୬ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୮ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ୨ ବର୍ଷର ଶିଶୁକନ୍ୟା ରହିଛି। ସମସ୍ତ ଆହତଙ୍କୁ ସ୍ଥାନୀୟ ଜେପିସି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ଏବେ ମଧ୍ୟ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍), ଅଗ୍ନିଶମ ବାହିନୀ ଏବଂ ପୋଲିସ ପକ୍ଷରୁ ଉଦ୍ଧାରକାର୍ଯ୍ୟ ଜାରି ରହିଛି। ଏହି ଦୁର୍ଘଟଣାରେ ବିଲ୍ଡିଂ ମାଲିକ ମତଲୁବତ୍, ତାଙ୍କ ସ୍ତ୍ରୀ ରାବିଆତ୍, ତାଙ୍କ ୨ ପୁଅ ଜାଭେଦ ଏବଂ ଅବଦୁଲ୍ଲାଙ୍କର ମୃତ୍ୟୁ ଘଟିଛି।

## ଆଇଆଇଏମ୍‌ସିରେ ଛାତ୍ରୀଙ୍କୁ ନିଶାଦେଇ ବଳାତ୍କାର

କୋଲକାତା,୧୨।୭

ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (କଲିକତା)ରେ ଜଣେ ଛାତ୍ରୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ଅଭିଯୋଗକ୍ରମେ ହରିଦେବପୁର ଥାନାରେ ମାମଲା ରୁଜୁ ହେବା ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଯୁବତୀ ଜଣକ କୋଲକାତାର ଜଣାଶୁଣା ବିଜ୍‌ନେସ ସ୍କୁଲ ଆଇଆଇଏମ୍‌ସିରେ ପଢ଼ନ୍ତି। ଜଣେ ଛାତ୍ର ଶୁକ୍ରବାର ତାଙ୍କୁ କ୍ୟାମ୍ପସ୍ ପରିସରସ୍ଥିତ ବଏଜ୍ ହଷ୍ଟେଲକୁ କାଉନ୍‌ସେଲିଂ ସେସନ୍ ପାଇଁ ଡାକିଥିଲେ। ସେଠାରେ ତାଙ୍କୁ ନିଶାଯୁକ୍ତ ପାନୀୟ ଦେଇଥିଲେ। ଛାତ୍ରୀ ତାକୁ ପିଇବା ପରେ ସଂଜ୍ଞାହୀନ ହୋଇଯାଇଥିଲେ। ସଂଜ୍ଞା ଫେରିବା ପରେ ଛାତ୍ରୀ ବଳାତ୍କାରର ଶିକାର ହୋଇଥିବା ଅନୁଭବ କରିଥିଲେ। ଏପରି କି ଏହି ବିଷୟରେ ପ୍ରଘଟ କଲେ କିମ୍ବା ଥାନାକୁ ଗଲେ ପରିଣାମ ଭୋଗିବେ ବୋଲି ଛାତ୍ରୀଙ୍କୁ ଅଭିଯୁକ୍ତ ଧମକ ଦେଇଥିଲେ। ଶୁକ୍ରବାର ରାତିରେ ଅଭିଯୁକ୍ତ ଛାତ୍ରଙ୍କୁ ଅଟକ ରଖାଯାଇଥିବାବେଳେ ଶନିବାର ପୋଲିସ ତାଙ୍କୁ ଗିରଫ କରିଛି। କୋଲକାତାର ଏକ ଲ' କଲେଜରେ ଜଣେ ଛାତ୍ରୀଙ୍କୁ ଗଣବଳାତ୍କାର କରାଯିବା ଘଟଣାର ପ୍ରାୟ ୨ ସପ୍ତାହ ପରେ ଏହି ଘଟଣା ସାମ୍ନାକୁ ଆସିଛି। ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ଭୁଶୁଡ଼ିପଡ଼ିଥିବା ଦର୍ଶାଇ ବିରୋଧୀ କଂଗ୍ରେସ ଏବଂ ସିପିଆଇଏମ୍ ତୃଣମୂଳ କଂଗ୍ରେସ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଆଇଆଇଏମ୍‌ସି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ବାହାରେ ୨ ଦଳର ଶତାଧିକ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଇତିମଧ୍ୟରେ ପୀଡ଼ିତାଙ୍କ ବାପା ବଳାତ୍କାର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଶୁକ୍ରବାର ରାତି ୯.୩୪ରେ ତାଙ୍କ ପାଖକୁ ଫୋନ୍ କଲ୍ ଯାଇଥିଲା। ତାଙ୍କ ଝିଅ ଅଟୋରୁ ଖସି ସଂଜ୍ଞା ହରାଇଛନ୍ତି। ତେଣୁ ଝିଅଙ୍କୁ ଏସ୍‌ଏସ୍‌କେଏମ୍ ହସ୍ପିଟାଲରେ ଚିକିତ୍ସା କରାଯାଉଛି ବୋଲି ତାଙ୍କୁ କୁହାଯାଇଥିଲା। ତେବେ ବଳାତ୍କାରର ଶିକାର ହୋଇନାହାନ୍ତି ବୋଲି ଝିଅ ତାଙ୍କୁ କହିଥିବା ପୀଡ଼ିତାଙ୍କ ବାପା ପ୍ରକାଶ କରିଛନ୍ତି।

## ୭ ଦିନିଆ ରିହାବିଲିଟେଶନରେ ରହିବେ ଶୁଭାଂଶୁ

### ୧୫ରେ ଫ୍ଲୋରିଡା ଉପକୂଳରେ ଅବତରଣ କରିବେ

ୱାଶିଂଟନ୍/ନୂଆଦିଲ୍ଲୀ, ୧୨।୭



ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ୧୮ ଦିନ ରହିବା ପରେ ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ ତଥା ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ଆସନ୍ତା ୧୫ ତାରିଖ ଭାରତୀୟ ସମୟ ଅପରାହ୍ନ ୩ଟାରେ ଆକ୍ସିଓମ-୪ ମିଶନର ନିଜର ୩ ସାଥୀ କ୍ରିଉ ସଦସ୍ୟ ପେଗୀ ହ୍ୱିଟ୍‌ସନ୍, ସ୍ଲାଓଜ୍ ଉଜ୍‌ନାନ୍‌ସ୍କି ଏବଂ ଟିବୋର କାପୁଙ୍କ ସହ ଆମେରିକାର ଫ୍ଲୋରିଡାସ୍ଥିତ କାଲିଫର୍ନିଆ ଉପକୂଳରେ ଅବତରଣ କରିବେ। ନାସା ପକ୍ଷରୁ ଜାରି ସୂଚନା ଅନୁଯାୟୀ, ମିଶନର ୪ କ୍ରିଉ ସଦସ୍ୟ ଆସନ୍ତା ୧୪ ତାରିଖ ଭାରତୀୟ ସମୟ ଅପରାହ୍ନ ୪.୩୫ରେ ଆଇଏସ୍‌ଏସ୍ ଛାଡ଼ିବେ। ଅବତରଣ ପରେ ୪ ମହାକାଶଚାରୀ ଏକ ୭ ଦିନିଆ ରିହାବିଲିଟେଶନ୍ ପ୍ରୋଗ୍ରାମରେ ସାମିଲ ହେବେ। ଏହି କାର୍ଯ୍ୟକ୍ରମରେ ପୃଥିବୀର ଗୁରୁତ୍ୱାକର୍ଷଣ ସହ ଖାପ ଖୁଆଇବା ପାଇଁ ଜଣେ ଫ୍ଲାଇଟ ସର୍ଜନଙ୍କ ତତ୍ତ୍ୱାବଧାନରେ ଶୁଭାଂଶୁଙ୍କୁ ତାଲିମ ଦିଆଯିବ ବୋଲି ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) କହିଛି। ଇସ୍ରୋର ଫ୍ଲାଇଟ ସର୍ଜନଙ୍କ ପକ୍ଷରୁ ଲଗାତର ଭାବେ ଶୁଭାଂଶୁଙ୍କ ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ ଫିଟନେସ୍‌ର ନିରନ୍ତର ଯାଞ୍ଚ୍ କରାଯାଉଛି। ଶୁଭାଂଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି ଏବଂ ତାଙ୍କ ମନୋବଳ ମଧ୍ୟ ଉଚ୍ଚ ରହିଥିବା ଇସ୍ରୋ କହିଛି।

## ଖଳନାୟକ ଭୂମିକାରେ କରନ୍‌ବୀର



କରନ୍‌ବୀର ମେହରା


ମୁମ୍ବାଇ

ଅଭିନେତା ହର୍ଷବର୍ଦ୍ଧନ ରାଣେଙ୍କ ଆଗାମୀ 'ଶିଲା' ଫିଲ୍ମରେ ଅଭିନେତା ତଥା ବିଗବସ୍ ୧୮ର ବିଜେତା କରନ୍‌ବୀର ମେହରାଙ୍କୁ ଖଳନାୟକ ଭୂମିକାରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ତାଙ୍କର ପ୍ରଥମ ଲୁକ୍ ଉପରୁ ଶନିବାର ପରଦା ଉଠିଛି। 'ଶିଲା'ରେ କରନ୍‌ବୀର 'ଜହରାକ୍' ନାମରେ ଏକ ଖଳନାୟକ ଚରିତ୍ରକୁ ନିଭାଇବେ। ନିଜର ଏହି ଲୁକ୍‌କୁ ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି, ଯାହା ଭାଇରାଲ ହେବାରେ ଲାଗିଛି। ଏହି ଲୁକରେ ତାଙ୍କୁ ଆଦୌ ଚିହ୍ନି ହେଉନି। ଏହି ପୋଷ୍ଟରରେ କରନ୍‌ବୀରଙ୍କ ଭୟଙ୍କର ଅନ୍ଦାଜକୁ ସିନେପ୍ରେମୀ ବେଶ୍ ପସନ୍ଦ କରିଛନ୍ତି। ପୋଷ୍ଟରରେ ସେ ରକ୍ତାକ୍ତ ଶରୀର, ଲମ୍ବା କେଶ, ହାତରେ ଖଣ୍ଡା ଧରି ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥିବାର ଦେଖିବାକୁ ମିଳିଛି। ଓମଙ୍ଗ କୁମାରଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା ଏହି ଫିଲ୍ମରେ ହର୍ଷବର୍ଦ୍ଧନଙ୍କ ବିପକ୍ଷରେ ଅଭିନେତ୍ରୀ ସାଦିଆ ଖତିବ ନଜରକୁ ଆସିବେ। ୨୦୨୬ରେ ରିଲିଜ୍ ହେବାକୁ ଥିବା ଏହି ଫିଲ୍ମର କାହାଣୀକୁ ସମୀର ଯୋଶୀ ଏବଂ ଆରମ୍ଭ ଏମ୍ ସିଂ ଲେଖିଛନ୍ତି।

# ମହାକାଶ ଅର୍ଥନୀତି ବିକାଶରେ ଷ୍ଟାର୍ଟଅପ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୧୨।୭

ଆମାଜନ୍ ୱେବ୍ ସର୍ଭିସେସ୍ (ଏଡବ୍ଲ୍ୟୁଏସ୍) ପକ୍ଷରୁ ଏସିଆ ପାସିଫିକ୍ ଓ ଜାପାନ (ଏପିଜେ)ରେ ଷ୍ଟାର୍ଟଅପ୍‌ଗୁଡ଼ିକୁ ସହଯୋଗ କରିବା ପାଇଁ ଡିଜାଇନ କରାଯାଇଥିବା ଏକ ଏଡବ୍ଲ୍ୟୁଏସ୍ ସ୍ପେସ୍ ଆକ୍ସିଲରେଟର: ଏପିଜେ ୨୦୨୫ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଏସିଆ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଉଦ୍ଭାବନ ଓ ବିକଶିତ ସ୍ପେସ୍ ଅର୍ଥନୀତିକୁ ପ୍ରୋତ୍ସାହିତ କରି ସ୍ପେଶ ଟେକ୍ନୋଲୋଜି ଉପରେ ଗୁରୁତ୍ୱ ଦେଉଛି। ଏହି ୧୦ସପ୍ତାହର ଆକ୍ସିଲରେଟର ପ୍ରୋଗ୍ରାମ ପ୍ରାୟ ୪୦ ମନୋନୀତ ଷ୍ଟାର୍ଟଅପ୍‌କୁ ସେମାନଙ୍କର ମିଶନ ପ୍ରସ୍ତୁତ, ବିକଶିତ ଓ ବିସ୍ତାର କରିବା ପାଇଁ ଏଡବ୍ଲ୍ୟୁଏସ୍‌ର ବ୍ୟବହାର କରିବାରେ ସାହାଯ୍ୟ କରିବ ଏବଂ ଉତ୍ସର୍ଗୀକୃତ ବ୍ୟବସାୟିକ ସଂସାଧନ, ଟେକ୍ନୋଲୋଜି ଓ ବ୍ୟବସାୟ କ୍ଷମତାକୁ ନେଇ ବିଶେଷଜ୍ଞତା ଓ ମାର୍ଗଦର୍ଶନ ପ୍ରଦାନ କରିବ। ଏହି ଆକ୍ସିଲରେଟର ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ କିମ୍ବା ଜାପାନରେ ଅବସ୍ଥିତ ସମସ୍ତ ପର୍ଯ୍ୟାୟର ସ୍ପେସ୍-ସେକ୍ଟର ଷ୍ଟାର୍ଟଅପ୍‌ଗୁଡିକ ପାଇଁ ଖୋଲା ରହିଛି। ଏପରିକି ଅଂଶଗ୍ରହଣକାରୀମାନେ ନିଜର ଟେକ୍ନୋଲୋଜି ପ୍ଲାଟ୍‌ଫର୍ମ ନିର୍ମାଣ କରିବା ସହ ପରିଚାଳନା ବିସ୍ତାର କରିବା ଓ ନିବେଶ ସୁଯୋଗ ହାସଲ କରିବା ପାଇଁ ଏହି ପ୍ରୋଗ୍ରାମର ବ୍ୟବହାର କରିପାରିବେ। ଏଡବ୍ଲ୍ୟୁଏସ୍ ସ୍ପେଶ ଆକ୍ସିଲରେଟର: ଏପିଜେ ପାଇଁ ଆବେଦନ ଆରମ୍ଭ ହୋଇଯାଇଥିଲାବେଳେ ୨୦୨୫ ସେପ୍ଟେମ୍ବର ୫ରେ ଏହାର ଦାଖଲ ପ୍ରକ୍ରିୟା ଶେଷ ହେବ। ଏଡବ୍ଲ୍ୟୁଏସ୍ ସ୍ପେସ୍ ଆକ୍ସିଲରେଟର: ଏପିଜେ ୨୦୨୫କୁ ଏଡବ୍ଲ୍ୟୁଏସ୍ ପାର୍ଟନର ଟି-ହବ୍, ମିନ୍‌ଫାଏ, ଫ୍ୟୁଜିକ ଓ ଆନ୍‌ସିସ ସହିତ ଇନ୍-ସ୍ପେସ୍, ଦ ଅଷ୍ଟ୍ରେଲିଆ ସ୍ପେସ୍ ଏଜେନ୍ସି, ଆଇଲଞ୍ଚ ଓ ସ୍କାଏ ପର୍‌ଫେକ୍ଟ ଜେଏସ୍‌ଏଟି କୋଅପରେଶନ ଭଳି ଅଗ୍ରଣୀ ସ୍ପେଶ ଅର୍ଗାନାଇଜେଶନ ସହ ସହଭାଗିତାରେ ପ୍ରଦାନ କରାଯିବ। ଏହି ପ୍ରୋଗ୍ରାମକୁ ୨୦୨୫ ସେପ୍ଟେମ୍ବରରୁ ଭର୍ଚୁଆଲ ମାଧ୍ୟମରେ ଓ ବ୍ୟକ୍ତିଗତ ଭାବେ ପ୍ରଦାନ କରାଯିବ, ଯାହା ୨୦୨୫ ଡିସେମ୍ବରରେ ଏକ ଡେମୋ ଡେ'ରେ ଶେଷ ହେବ। ସେହିପରି ମନୋନୀତ ଷ୍ଟାର୍ଟଅପ୍‌ଗୁଡିକ ଏଡବ୍ଲ୍ୟୁଏସ୍ ଆକ୍ଟିଭେଟ୍‌ର ଅଂଶ ଭାବେ ୧ଲକ୍ଷ ଡଲାର ପର୍ଯ୍ୟନ୍ତ ଏଡବ୍ଲ୍ୟୁଏସ କ୍ରେଡିଟ୍ ହାସଲ କରିବେ। ଏଡବ୍ଲ୍ୟୁଏସ୍‌ରେ ସମାଧାନ ନିର୍ମାଣ କରିବା ପାଇଁ ଏଡବ୍ଲ୍ୟୁଏସ୍ ବିଶେଷଜ୍ଞ ଓ ସହଯୋଗୀଙ୍କଠାରୁ ବୈଷୟିକ ମାର୍ଗଦର୍ଶନ, ଶିଳ୍ପର ଅଭିଜ୍ଞ ବ୍ୟକ୍ତିବିଶେଷଙ୍କଠାରୁ ବ୍ୟବସାୟ ତାଲିମ ଓ ମାର୍ଗଦର୍ଶନ, ଭେଞ୍ଚର କ୍ୟାପିଟାଲ ଫାର୍ମ ଓ ସମ୍ଭାବ୍ୟ ଗ୍ରାହକଙ୍କ ସହ ସଂଯୋଗ ହାସଲ କରିପାରିବେ । ଏଡବ୍ଲ୍ୟୁଏସ୍ ଏରୋସ୍ପେସ୍ ଆଣ୍ଡ ସାଟେଲାଇଟ ବିଜ୍‌ନେସ୍ ବିଭାଗର ନିର୍ଦ୍ଦେଶକ କ୍ଲିଂଟ କ୍ରୋସିଏର କହିଛନ୍ତି, ଅଷ୍ଟ୍ରେଲିଆ ସ୍ପେସ୍ ଏଜେନ୍ସି, ଇନ୍-ସ୍ପେସ୍, ଆଇଲଞ୍ଚ ଓ ସ୍କାଏ ପର୍‌ଫେକ୍ଟ ଜିଏସ୍‌ଏଟି ସହ ସହଭାଗିତା ସେମାନଙ୍କ ନିଜ ନିଜ ଦେଶରେ ମହାକାଶ ଅର୍ଥନୀତିର ବିକାଶରେ ସହଯୋଗ କରିବା ପାଇଁ ସ୍ଥାନୀୟ ସ୍ପେସ୍ ଏଜେନ୍ସି ଓ ଇଣ୍ଡଷ୍ଟ୍ରି ଲିଡରଙ୍କ ସହ କାର୍ଯ୍ୟ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ସୂଚିତ କରୁଛି। ଏହି ଆକ୍ସିଲରେଟର ପ୍ରୋଗ୍ରାମ ମାଧ୍ୟମରେ ଆମେ କେବଳ ସ୍ୱାଧୀନ ଷ୍ଟାର୍ଟଅପ୍‌ଗୁଡିକୁ ସହଯୋଗ କରୁନାହୁଁ ବରଂ ଏକ ମଜଭୁତ ସମୁଦାୟ ନିର୍ମାଣରେ ମଧ୍ୟ ସାହାଯ୍ୟ କରୁଛୁ, ଯାହା ଏହି ଅଞ୍ଚଳଗୁଡିକରେ ଆର୍ଥିକ ଅଭିବୃଦ୍ଧି ଓ ବୈଷୟିକ ଅଗ୍ରଗତିକୁ ଆଗକୁ ବଢ଼ାଇପାରିବ।




## ବଜାରରେ ଏଆଇ+ ରେଞ୍ଜ

ଭୁବନେଶ୍ୱର,୧୨।୭

ନେକ୍ସଟ୍‌କ୍ୱାଣ୍ଟମର ବହୁ ପ୍ରତୀକ୍ଷିତ ତଥା ଏଆଇ+ର ନୂତନ ରେଞ୍ଜ 'ପଲ୍‌ସ ଓ ନୋଭା ୫ଜି'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଭାରତରେ ନିର୍ମିତ ଓ ଭାରତର ପ୍ରଥମ ସ୍ୱାଧୀନ ମୋବାଇଲ ଅପରେଟିଂ ସିଷ୍ଟମ ନେକ୍ସଟ୍‌କ୍ୱାଣ୍ଟମ ଓଏସ୍ ଦ୍ୱାରା ପରିଚାଳିତ ଏଆଇ+ ସ୍ମାର୍ଟଫୋନ ଉଚ୍ଚ କାର୍ଯ୍ୟଦକ୍ଷତା, ସୁଲଭତା ଓ ଗୋପନୀୟତାକୁ ଏକ ବାଧାମୁକ୍ତ ଅନୁଭୂତିରେ ଏକତ୍ରିତ କରିଛି। ଉଲ୍ଲେଖଯୋଗ୍ୟ, ଏଆଇ+ ନୂତନ ରେଞ୍ଜରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ଓ ଫିଚର ସାମିଲ ରହିଛି। ବିଶେଷକରି ପଲ୍‌ସ ଭାରିଆଣ୍ଟରେ ୬.୭ ଇଞ୍ଚ ଡିସ୍‌ପ୍ଲେ, ୧ ଟିବି ଏକ୍ସପାଣ୍ଡେବଲ ମେମୋରି, ୫୦ଏମ୍‌ପି ଡୁଆଲ ଏଆଇ କ୍ୟାମେରା, ୫୦୦୦ ଏମ୍‌ଏଏଚ୍ ବ୍ୟାଟେରି, ସାଇଡ୍ ଫିଙ୍ଗରପ୍ରିଣ୍ଟ ସେନ୍ସର ରହିଛି। ଏହା ବ୍ଲୁ, ବ୍ଲାକ୍, ଗ୍ରୀନ୍, ପର୍ପଲ ଓ ପିଙ୍କରେ ଉପଲବ୍ଧ। ସେହିପରି ନୋଭା ୫ଜି ଭାରିଆଣ୍ଟରେ ୬.୭ ଇଞ୍ଚ ଏଚ୍‌ଡି+ ଡିସ୍‌ପ୍ଲେ, ୧ ଟିବି ଏକ୍ସପାଣ୍ଡେବଲ ମେମୋରି, ୫୦ଏମ୍‌ପି ଡୁଆଲ ଏଆଇ କ୍ୟାମେରା, ୫୦୦୦ ଏମ୍‌ଏଏଚ୍ ବ୍ୟାଟେରି, ସାଇଡ୍ ଫିଙ୍ଗରପ୍ରିଣ୍ଟ ସେନ୍ସର ରହିଛି।

## ତନିସ୍କରେ ଫେଷ୍ଟିଭାଲ୍ ଅଫ୍ ଡାଏମଣ୍ଡ



ଭୁବନେଶ୍ୱର,୧୨।୭ (ଅଭୟ ଦାଶ)

ତନିସ୍କର ବହୁ ପ୍ରତୀକ୍ଷିତ ତଥା ନୂତନ ଅଭିଯାନ 'ଫେଷ୍ଟିଭାଲ୍ ଅଫ୍ ଡଏମଣ୍ଡ-ସାର୍କେଲ୍ ୟୋର୍ ୱେ'ର ୨୦୨୫ ସଂସ୍କରଣକୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ମାତ୍ର ୧୫,୦୦୦ଟଙ୍କାରୁ ଆରମ୍ଭକରି ହୀରା ଗହଣାର ବ୍ୟାପକ ସମ୍ଭାର ଉପଲବ୍ଧ ରହିଛି। ଏହି କ୍ୟାମ୍ପେନ ଫ୍ୟାଶନ ନେତୃତ୍ୱରେ ନେଉଛି, ଆଧୁନିକ ୱାର୍ଡ୍‌ରୋବର ହୀରାକୁ କିଭଳି ଷ୍ଟାଇଲ୍ କରାଯାଏ ତଥା ସାଇତି ରଖାଯାଏ ତାହାକୁ ଏହା ପରିଭାଷିତ କରୁଛି। ମହିଳାଙ୍କ ଚମକ ବ୍ୟକ୍ତିଗତ, ଉକ୍ତ ବିଶ୍ୱାସ ଆଧାରରେ ଏ କ୍ୟାମ୍ପେନ୍ ନୂତନ ପିଢ଼ି ହୀରା ପିନ୍ଧାଳିଙ୍କ ଉପରେ ଧ୍ୟାନକେନ୍ଦ୍ରିତ କରୁଛି। ସେମାନଙ୍କ ଉତ୍ସାହ, ଆତ୍ମନିର୍ଭରଶୀଳତା ଏବଂ ନିରପେକ୍ଷତା ଉପରେ ଏହା ଆଲୋକ ପ୍ରଦାନ କରୁଛି। ଏହି ସେଲିବ୍ରେଶନକୁ ଅଧିକ ଉତ୍ସବମୁଖର କରିବା ପାଇଁ ତନିସ୍କ ହୀରା ଗହଣାର ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି। ଏହି ରିହାତି ୨୦୨୫ ଅଗଷ୍ଟ ୨୫ ପର୍ଯ୍ୟନ୍ତ ଉପଲବ୍ଧ। ଏହି ଅଫର କେବଳ ଷ୍ଟୋନ୍ କିମ୍ବା କ୍ୟାରେଟ୍ ମୂଲ୍ୟ ଉପରେ ଉପଲବ୍ଧ ନୁହେଁ। ଏହା ସମ୍ପୂର୍ଣ୍ଣ ଗହଣା ପିସ୍ ଉପରେ ଉପଲବ୍ଧ ରହିଛି।

## ଟାଟା ପାୱାରର ତିରୁନେଲ୍‌ଭେଲି ସୌର ମଡ୍ୟୁଲ

ଭୁବନେଶ୍ୱର, ୧୨।୭

ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ମାଧ୍ୟମରେ ଓଡ଼ିଶା ସବୁଜ ଶକ୍ତିର ନେଟ୍ ରପ୍ତାନିକାରୀ ହେବାକୁ ଲକ୍ଷ୍ୟ ରଖିଛି। ଏହି ଲକ୍ଷ୍ୟରେ ଟାଟା ପାୱାରର ତାମିଲନାଡୁର ତିରୁନେଲ୍‌ଭେଲିସ୍ଥିତ ୪.୩ ଗିଗାୱାଟ୍ ସୌର ସେଲ୍ ଓ ମଡ୍ୟୁଲ ଉତ୍ପାଦନ କାରଖାନା ପ୍ରମୁଖ ଭୂମିକା ଗ୍ରହଣ କରିଛି। ଟାଟା ପାୱାର ଆସନ୍ତା ୩ ବର୍ଷରେ ଓଡ଼ିଶାରେ ୩ ଲକ୍ଷରୁ ଅଧିକ ରୁଫ୍‌ଟପ୍ ସୋଲାର ସିଷ୍ଟମ ସ୍ଥାପନ ପାଇଁ ଯୋଜନା ରଖିଛି। ଓଡ଼ିଶା ରିନ୍ୟୁଏବଲ ଏନର୍ଜି ଡେଭେଲପମେଣ୍ଟ ଏଜେନ୍ସି (ଓରେଡା) ସହ ମିଳିତ ଭାବେ ସଚେତନତା, ସ୍ଥାନୀୟ ତାଲିମ ଓ ସୁଲଭ ଅର୍ଥନୀତି ମାଧ୍ୟମରେ ସୌର ଶକ୍ତି ଗ୍ରହଣକୁ ତ୍ୱରାନ୍ୱିତ କରୁଛି। ପିଏମ୍ ସୂର୍ଯ୍ୟଘର ଯୋଜନା ଓ ରାଜ୍ୟ ସରକାରଙ୍କ ସମର୍ଥନ ସହ ଓଡ଼ିଶା ସବୁଜ ଶକ୍ତି କ୍ଷେତ୍ରରେ ଆଗେଇବାରେ ଲାଗିଛି। ଟିପି ସୋଲାର ଲିମିଟେଡ୍, ଟାଟା ପାୱାରର ସୌର ଶାଖା, ଟପ୍‌କନ ଓ ମୋନୋ ପର୍କ ପ୍ରଯୁକ୍ତି ସହ ଉଚ୍ଚ-ଦକ୍ଷତାଯୁକ୍ତ ସୌର ସେଲ୍ ଓ ମଡ୍ୟୁଲ ଉତ୍ପାଦନ କରୁଛି। ଏହା ଡିସିଆର୍ ଓ ଏଏଲ୍‌ଏମ୍‌ଏମ୍ ମାନ୍ୟତା ଅନୁସାରେ ସ୍ଥାନୀୟ ଉତ୍ପାଦନକୁ ସମର୍ଥନ କରିଥାଏ। କ୍ଲବ ଏନର୍ଜି ମାଧ୍ୟମରେ ଛାତ୍ରମାନଙ୍କୁ ସବୁଜ ଶକ୍ତି ଶିକ୍ଷା ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ସଶକ୍ତ କରାଯାଉଛି। ଓଡ଼ିଶାର ୪ଟି ଡିଷ୍ଟ୍ରିବ୍ୟୁଶନ କମ୍ପାନୀରେ ଟାଟା ପାୱାର ସ୍କିଲ୍ ଡେଭେଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ (ଟିପିଏସ୍‌ଡିଆଇ) ମାଧ୍ୟମରେ ୪ଟି ସ୍କିଲ୍ ସେଣ୍ଟର ଏକ ବର୍ଷରେ ୧୨,୦୦୦ ବ୍ୟକ୍ତିଙ୍କୁ ସୌର ସ୍ଥାପନା, ପରିଚାଳନା ଓ ରକ୍ଷଣାବେକ୍ଷଣ ତାଲିମ ଦେବ। ଏହା ସ୍ଥାନୀୟ ନିଯୁକ୍ତିକୁ ଶକ୍ତିଶାଳୀ କରିବ ବୋଲି ଆଶା କରାଯାଉଛି। ସୂଚନା ଥାଉକି, ତିରୁନେଲ୍‌ଭେଲି କାରଖାନା ୮୦% ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ। ଟାଟା ପାୱାର ଓଡ଼ିଶାର ଶକ୍ତି ଭିତ୍ତିଭୂମିରେ ଗ୍ରୀଡ୍ ଦକ୍ଷତା, ଏଟି ଆଣ୍ଡ ସି କ୍ଷତି ହ୍ରାସ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରୁଛି।

## ସିଆଇଆଇ ଆଇଡବ୍ଲ୍ୟୁଏନ୍ ଓଡ଼ିଶା ପକ୍ଷରୁ ଶକ୍ତି ସମ୍ମାନ



ଭୁବନେଶ୍ୱର,୧୨।୭

ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଇଣ୍ଡିଆନ ୱମେନ ନେଟ୍‌ୱର୍କ (ସିଆଇଆଇ ଆଇଡବ୍ଲ୍ୟୁଏନ୍)ର ଓଡ଼ିଶା ଶାଖା ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଶକ୍ତି ସମ୍ମାନ-୨୦୨୫'ର ୩ୟ ସଂସ୍କରଣ ନିକଟରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉକ୍ତ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ। ତାଙ୍କ ଉପସ୍ଥିତି ମହିଳାଙ୍କ ନେତୃତ୍ୱାଧୀନ ବିକାଶ ଓ ସ୍ୱୀକୃତି ଦିଗରେ ସଫଳତାକୁ ଆହୁରି ପ୍ରୋତ୍ସାହିତ କରିଛି। ଏହି କାର୍ଯ୍ୟକ୍ରମର ଅନ୍ୟତମ ବହୁ ପ୍ରତୀକ୍ଷିତ ଅଂଶ ଥିଲା 'ଶକ୍ତି ସମ୍ମାନ ୨୦୨୫', ଏକ ସମ୍ବର୍ଦ୍ଧନା ସମାରୋହ ଯାହା ସମାଜ ଓ ଶିଳ୍ପ ପ୍ରତି ଚମତ୍କାର ଯୋଗଦାନ ଦେଇଥିବା ମହିଳାମାନଙ୍କୁ ସମ୍ମାନିତ କରିଛି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଅନୁ ଗର୍ଗ ନିଜର ସ୍ୱତନ୍ତ୍ର ଅଭିଭାଷଣ ମାଧ୍ୟମରେ ସମାବେଶୀ ବିକାଶ ପାଇଁ ଏକାଭିମୁଖତା, ଯୋଜନା ଓ ସମ୍ବଳ ବିକାଶ କ୍ଷେତ୍ରରେ ରାଜ୍ୟର ପ୍ରୟାସଗୁଡ଼ିକୁ ଆଲୋକିତ କରିଥିଲେ। ସିଆଇଆଇ ଆଇଡବ୍ଲ୍ୟୁଏନ୍‌ର ଅଧ୍ୟକ୍ଷା ଜୁବିନା ଅଲୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ନେତୃତ୍ୱ ମାଧ୍ୟମରେ ସଶକ୍ତୀକରଣ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଥିଲେ।

## ଡିଜିଟାଲ ମାର୍କେଟିଂରେ ଦକ୍ଷତା ବିକାଶ

ଭୁବନେଶ୍ୱର,୧୨।୭

ବର୍ତ୍ତମାନ ସମୟରେ ଡିଜିଟାଲ କ୍ଷେତ୍ରର ଗୁରୁତ୍ୱ ବୃଦ୍ଧି ପାଉଛି। କାରଣ ସବୁ କ୍ଷେତ୍ରରେ ଡିଜିଟାଲ ବିକାଶକୁ ପ୍ରାଧାନ୍ୟ ଦିଆଯାଉଛି। ନିକଟରେ ନିଟ୍ ଫାଉଣ୍ଡେଶନ୍, ୟୁୱାଶ, ୟୁନିସେଫ ମିଳିତ ଭାବେ ହସ୍‌ଟ୍ୟାଗ୍ ନିୟ ଡିଜିଟାଲ ଦିଶା ଅଭିଯାନ ବ୍ୟାନର ଅଧୀନରେ ଡିଜିଟାଲ ମାର୍କେଟିଂରେ ଏକ ଓପନ ଅନ୍‌ଲାଇନ ପାଠ୍ୟକ୍ରମ ଆରମ୍ଭ କରିଛନ୍ତି। ଏହିପ୍ରୋଗ୍ରାମ ବର୍ତ୍ତମାନ ରାଜସ୍ଥାନ, ଝାଡ଼ଖଣ୍ଡ ଏବଂ ଓଡ଼ିଶାରେ କାର୍ଯ୍ୟକାରୀ ହେଉଛି, ଯାହାର ଲକ୍ଷ୍ୟ ହେଉଛି ଏକ ଡିଜିଟାଲ ସଶକ୍ତ ଏବଂ ନିଯୁକ୍ତି ପାଇଁ ପ୍ରସ୍ତୁତ ପିଢ଼ି ସୃଷ୍ଟି କରିବା। ଏହି ପାଠ୍ୟକ୍ରମଟି ଦୂରଦୂରାନ୍ତ କିମ୍ବା ସୀମାନ୍ତ ସମ୍ପ୍ରଦାୟର ଯୁବପିଢ଼ିଙ୍କ ପାଇଁ ଉଚ୍ଚମାନର ଡିଜିଟାଲ୍ ଶିକ୍ଷା ସୁଗମ କରିବା ପାଇଁ ଡିଜାଇନ କରାଯାଇଛି। ଏହି ପାଠ୍ୟକ୍ରମର ଅଂଶଗ୍ରହଣକାରୀମାନେ ଏକ ଏନ୍‌ସିଭିଇଟି-ମୂଲ୍ୟାୟନିତ ଏବଂ ଏନ୍‌ଏସ୍‌ଡିସି-ପ୍ରମାଣିତ ପ୍ରମାଣପତ୍ର ପାଇବେ, ଯାହା ସେମାନଙ୍କୁ ଡିଜିଟାଲ ମାର୍କେଟିଂ କ୍ଷେତ୍ରରେ ଦକ୍ଷତା ବିକାଶ ସହ ପ୍ରଭାବଶାଳୀ ଭାବେ କାର୍ଯ୍ୟ କରିବାକୁ ସକ୍ଷମ କରିବ। ଏହି ପାଠ୍ୟକ୍ରମ ଶିକ୍ଷାର୍ଥୀମାନଙ୍କୁ ସୋସିଆଲ ମିଡିଆ ଏବଂ ଇଣ୍ଟରନେଟ୍ ବ୍ୟବହାରକରି ମାର୍କେଟିଂ ରଣନୀତି ବିକଶିତ ଏବଂ କାର୍ଯ୍ୟକାରୀ କରିବା, ସଂଗଠନ ପାଇଁ ଗ୍ରାହକ ସଂଗ୍ରହ କରିବା ଏବଂ ନିରନ୍ତର ସେମାନଙ୍କର ବୃତ୍ତିଗତ ଏବଂ ବୈଷୟିକ ଦକ୍ଷତା ବୃଦ୍ଧି କରିବା ପାଇଁ ଦକ୍ଷତା ପ୍ରଦାନ କରିଥାଏ। ଏହି କାର୍ଯ୍ୟକ୍ରମ ୬ ମାସ ପାଇଁ ଚାଲିବ, ଯାହା ଭାରତର ୩ଟି ରାଜ୍ୟର ୫୦୦ରୁ ଅଧିକ ଯୁବକଙ୍କ ନିକଟରେ ପହଞ୍ଚିବ। ନିଟ୍ ଫାଉଣ୍ଡେଶନର କଂଟ୍ରି ଡାଇରେକ୍ଟର ଚାରୁ କପୁର କହିଛନ୍ତି, ଏହି କାର୍ଯ୍ୟକ୍ରମ ଭାରତର ଯୁବପିଢ଼ିଙ୍କୁ ବାସ୍ତବ-ବିଶ୍ୱ ଡିଜିଟାଲ ଦକ୍ଷତା ସହିତ ସଜ୍ଜିତ କରିବା ଦିଗରେ ଏକ ପଦକ୍ଷେପ, ଯାହା ସେମାନଙ୍କୁ ଏକ ପ୍ରଯୁକ୍ତିଚାଳିତ ଅର୍ଥନୀତିରେ ଉନ୍ନତି କରିବାରେ ସାହାଯ୍ୟ କରିବ।

**ଅପରାଧ**

# ଶୋଇଥିବା ମହିଳାଙ୍କୁ ଗଳାକାଟି ହତ୍ୟା

ଲାଞ୍ଜିଗଡ଼/ଭବାନୀପାଟଣା, ୧୨।୭ (ରମେଶ ଚନ୍ଦ୍ର ନାୟକ/ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ସୀମାନ୍ତ ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ମୂଷିଗୁଡ଼ା ଗାଁରେ ଏକ ହତ୍ୟାକାଣ୍ଡ ଘଟିଛି। ଶୁକ୍ରବାର ରାତିରେ ଶୋଇଥିବା ଅବସ୍ଥାରେ ବିଧବା ଜନନୀ ହରିଜନ (୬୧)ଙ୍କୁ ଗଳାକାଟି ହତ୍ୟା କରାଯାଇଛି। ସୂଚନାନୁସାରେ ଜନନୀଙ୍କ ଘର ଲାଞ୍ଜିଗଡ଼ ବ୍ଲକ ଲାଖବାହଲି ପଞ୍ଚାୟତ ତାଲବର ଗାଁରେ। ତାଙ୍କ ପରିବାର ୧୦ବର୍ଷ ହେବ ଭବାନୀପାଟଣା ବ୍ଲକ ଯୁଗସାଇ ପାଟଣା ପଞ୍ଚାୟତ ମୂଷିଗୁଡା ଗାଁରେ ରହି ପୋଡୁଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ଜନନୀଙ୍କ ସ୍ୱାମୀ ମଙ୍ଗଲୀ ହରିଜନଙ୍କ ୫ ବର୍ଷ ପୂର୍ବେ ମୃତ୍ୟୁ ଘଟିଥିବାବେଳେ ତାଙ୍କର ଗୋଟିଏ ପୁଅ ଓ ୩ ଝିଅ ବାହା ହୋଇ ନିଜ ଗାଁ ତାଲବରଠାରେ ରହୁଛନ୍ତି। ଜନନୀଙ୍କ ସହିତ ତାଙ୍କ ସମ୍ପର୍କୀୟ ମହିଳା ସୁଦାମା ହରିଜନ (୪୦)ମଧ୍ୟ ମୂଷିଗୁଡ଼ାରେ ରହୁଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଦୁଇଜଣ ମହିଳା ଘରେ ଶୋଇଥିବା ବେଳେ ସେହି ଗାଁର ଜଣେ ଯୁବକ ଜନନୀଙ୍କ ଗଳା କାଟି ହତ୍ୟା କରିଥିବା ପରିବାରଠାରୁ ସୂଚନା ମିଳିଛି। ହତ୍ୟାର କାରଣ ଜଣାପଡ଼ି ନ ଥିବାବେଳେ ଅଭିଯୁକ୍ତ ଫେରାର ଥିବା ସୂଚନା ମିଳିଛି। ଶନିବାର ସକାଳେ ପରିବାର ଲୋକଙ୍କଠାରୁ ଖବର ପାଇ ଭବାନୀପାଟଣା ସଦର ଏସ୍‌ଡିପିଓ ନରେଶ କୁମାର ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଟିମ୍ ଓ ଡଗ୍ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିଲେ। ପରିବାର ଲୋକେ ଦୋଷୀଙ୍କୁ ଗିରଫ କରି ଫାଶୀଦଣ୍ଡ ଦିଆଯାଉ ବୋଲି ଦାବି କରୁଛନ୍ତି। ଏ ନେଇ ବିଏନ୍‌ଏସ୍ ଦଫା ୧୦୩(୧) ଅନୁଯାୟୀ ହତ୍ୟା ମାମଲା (ନଂ.୩୨୪/୨୫) ରୁଜୁ ହୋଇ ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଭାରପ୍ରାପ୍ତ ଅଧିକାରୀ ସୋମ୍ୟରଞ୍ଜନ ପଧାନଙ୍କଠାରୁ ପ୍ରକାଶ।

## ଚାକିରି କରାଇଦେବାକୁ କହି ଯୁବତୀଙ୍କୁ ବିକ୍ରି ଅଭିଯୋଗ, ଦମ୍ପତି ଗିରଫ

କୋରାପୁଟ,୧୨।୭(ଅମିତାଭ ବେହେରା)

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଚାକିରି କରାଇ ଦେବାକୁ କହି କୋଲକାତାର ଜୈନିକ ଯୁବତୀଙ୍କୁ ବିକ୍ରି କରିବାକୁ ନେଉଥିବା ଦମ୍ପତିଙ୍କୁ ଟାଉନ ପୋଲିସ ଶନିବାର ଗିରଫ କରିଛି। ଅଭିଯୁକ୍ତ ଦମ୍ପତି ହେଲେ କୋରାପୁଟ ପୂଜାରିପୁଟ ଅଞ୍ଚଳ ବିଶ୍ୱାଳ କଲୋନୀର ଅରୁଣ କୁମାର ସାହୁ(୫୨) ଓ ତାଙ୍କ ସ୍ତ୍ରୀ ପଲ୍ଲବୀ ବେହେରା(୪୫)। ସୂଚନା ଅନୁଯାୟୀ, ଅରୁଣ କୋଲକାତାର ସୋମା ଘୋଷ(୩୬)ଙ୍କୁ ଫୋନ୍ କରି କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟରେ ଚାକିରି କରାଇ ଦେବାକୁ କହି କୋରାପୁଟକୁ ଡକାଇଥିଲେ। ଏଠାରେ ରହିବା ପାଇଁ ଲଗେଜ ନେଇ ଆସିବାକୁ ମଧ୍ୟ କହିଥିଲେ। ଏହା ପରେ ସୋମା ସମସ୍ତ ପ୍ରସ୍ତୁତି ସହ ୨ ଦିନ ପୂର୍ବରୁ କୋରାପୁଟ ଆସି ଅରୁଣଙ୍କ ବାସଭବନରେ ରହିଥିଲେ। ଶୁକ୍ରବାର ରାତିରେ ଅରୁଣ ଓ ତାଙ୍କ ସ୍ତ୍ରୀ ପଲ୍ଲବୀ ଯୁବତୀଙ୍କୁ କୌଣସି ଏକ ବ୍ୟକ୍ତିଙ୍କୁ ବିକ୍ରି କରିବାକୁ ଏକ ବାଇକ ଯୋଗେ ନେଇଥିଲେ। ଏହି ସମୟରେ ପୋଲିସ ପାଟ୍ରୋଲିଂ ଗାଡିକୁ ଦେଖି ସୋମା ପାଟି କରିଥିଲେ। ପୋଲିସ ଯୁବତୀଙ୍କୁ ଉଦ୍ଧାର କରିବା ସହ ଉଭୟ ଦମ୍ପତିଙ୍କୁ ଥାନାକୁ ଆଣିଥିଲେ। ଯୁବତୀଙ୍କ ଅଭିଯୋଗ ପରେ ଟାଉନ ଥାନାରେ ୧୪୪/୨୫ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚଲାଣ କରାଯାଇଥିବା ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି। କୋରାପୁଟ ଟାଉନ ଥାନାର ସବ ଇନିସପେକ୍ଟର ଏଲ୍.ବୈଦ୍ୟ ମାମଲାର ତଦନ୍ତ କରୁଛନ୍ତି।

## ଭଟିଗାଁ ସରପଞ୍ଚ ଗିରଫ

**ୱାର୍ଡମେମ୍ବରଙ୍କୁ ଆକ୍ରମଣ ଘଟଣା**

ବରପାଲି,୧୨।୭(ଚିତ୍ତରଞ୍ଜନ ସାହୁ)

ୱାର୍ଡମେମ୍ବରଙ୍କୁ ଆକ୍ରମଣ ଓ ଜାତିଆଣ ଗାଳିଗୁଲଜ କରିବା ଅଭିଯୋଗରେ ବରପାଲି ପୋଲିସ ଶୁକ୍ରବାର ଭଟିଗାଁ ସରପଞ୍ଚ ହିମାଞ୍ଚଳ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେଠାରୁ ତାଙ୍କୁ ବରଗଡ଼ ଜେଲ୍‌କୁ ପଠାଯାଇଛି। ଭଟିଗାଁ ଗ୍ରାମପଞ୍ଚାୟତ ୧୩ ନମ୍ବର ୱାର୍ଡର ୱାର୍ଡମେମ୍ବର ପ୍ରଭାକର କୌଣସି କାମରେ ଗତ ୩୦ ତାରିଖରେ ବରପାଲି ବ୍ଲକ୍ ଅଫିସକୁ ଆସିଥିଲେ। ଏହି ସମୟରେ ହିମାଞ୍ଚଳ ପହଞ୍ଚି ତାଙ୍କୁ ଗାଳିଗୁଲଜ ସହ ଆକ୍ରମଣ କରିଥିଲେ। ଏ ନେଇ ପ୍ରଭାକରଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ. ୧୮୪/୨୫) ରୁଜୁ କରି ତଦନ୍ତ ଚଳାଇଥିଲା। ସେହିପରି ପ୍ରଭାକର ମଧ୍ୟ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ନେଇ ହିମାଞ୍ଚଳ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମକଦ୍ଦମା (ନଂ.୧୮୩/୨୦୨୫) ରୁଜୁ କରିଥିଲା। ଉଭୟ ପକ୍ଷର ଏତଲାକୁ ଆଧାର କରି ପୋଲିସ ତଦନ୍ତ ଚଳାଇଥିଲା। ତଦନ୍ତ ପରେ ପୋଲିସ ହିମାଞ୍ଚଳଙ୍କ ନାମରେ ଗିରଫ ୱାରେଣ୍ଟ ଜାରିକରିଥିଲା।

# ଖଣିଜ ବୋଝେଇ ଟ୍ରେଲର ଜବତ, ଜଣେ ଗିରଫ

**ପୁଣି ଗଚ୍ଛିତ ଲୁହାପଥର ଚୋରି**

ଯୋଡ଼ା,୧୨।୭(ମାନସ ମହାନ୍ତି)



ଜବତ ଟ୍ରେଲର।

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ତଥା ବାମେବାରି ଥାନା ଅନ୍ତର୍ଗତ ନୟାଗଡ଼ସ୍ଥିତ ଶିବ ମନ୍ଦିର ସମ୍ମୁଖରେ ଗଚ୍ଛିତ ଗୁଣ୍ଡ ଲୁହାପଥର ପୁଣି ଚୋରା ହୋଇଛି। ଖଣିଜ ଚୋରାଚାଲାଣ ବେଳେ ପୋଲିସ ଚଢ଼ାଉ କରି ଏକ ଟ୍ରେଲର ଜବତ କରିଛି। ଡ୍ରାଇଭରଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଉକ୍ତ ଟ୍ରେଲରରେ ପ୍ରାୟ ୩୫ ମେଟ୍ରିକ ଟନ୍ ଲୁହାପଥର ବୋଝେଇ ହୋଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଶୁକ୍ରବାର ବିଳମ୍ବିତ ରାତିରେ ଉକ୍ତ ଖଣିଜ ଡିପୋରୁ ଟ୍ରେଲର (ନଂ. ୟୁପି ୮୨ ଏଟି ୪୮୬୦)ଯୋଗେ ଲୁହାପଥର ଚୋରାଚାଲାଣ ନିମନ୍ତେ ବୋଝେଇ ହେଉଥିଲେ। ସ୍ଥାନୀୟ ଲୋକ ଜାଣିବା ପରେ ପୋଲିସ ପାଟ୍ରୋଲିଂ ଟିମ୍‌କୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବା ପରେ ଖଣିଜ ଚୋରା ବ୍ୟବସାୟୀ ଫେରାର ହୋଇଯାଇଥିବା ବେଳେ ପୋଲିସ ଡ୍ରାଇଭରଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଟ୍ରେଲର ଜବତ କରି ଥାନାକୁ ଆଣିଥିଲା। ଡ୍ରାଇଭରଙ୍କୁ ପଚରାଉଚରା କରାଯାଉଥିବା ବେଳେ ଜବତ ଖଣିଜର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବବୋଲିପୋଲିସ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ନୟାଗଡ଼ ରେଳ ସାଇଡିଂ ନିକଟସ୍ଥ ବିଭିନ୍ନ ବ୍ୟକ୍ତିଗତ ପ୍ଲଟ୍‌ରେ ଲୁହାପଥର ପରିବହନ ହୋଇ ଗଚ୍ଛିତ ରହିଥିଲା। ଏହାର କେହି ଦାବିଦାର ନ ଥିବାରୁ ଖଣି ବିଭାଗ ଏହାକୁ ଜବତ କରିଥିଲା। ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ତଥା ରକ୍ଷଣାବେକ୍ଷଣ ଅଭାବରୁ ତାହା ପରିତ୍ୟକ୍ତ ହୋଇପଡ଼ିରହିଛି। ଚୋରା ଖଣିଜ ବ୍ୟବସାୟୀ ମେଶିନ ଲଗାଇ ଟ୍ରକ ଯୋଗେ ଖଣି ବୋହି ନେଉଛନ୍ତି। ପୋଲିସ ପୂର୍ବରୁ ନୟାଗଡ଼ ରେଳ ସାଇଡିଂ ନିକଟରେ ଚଢ଼ାଉ କରି ଗାଡ଼ି, ମେଶିନ ଓ ଖଣିଜ ଚୋରା ବ୍ୟବସାୟୀଙ୍କୁ ଗିରଫ କରିଛି। ଖଣି ବିଭାଗ ଜବତ କରି ଅତୀତରେ ରଖିଥିବା ଲୁହାପଥରକୁ କାହିଁକି ଖଣି ନିଗମକୁ ହସ୍ତାନ୍ତର କରୁ ନାହିଁ ଏବଂ ନିଗମ ଏହାକୁ କାହିଁକି ନିଲାମ କରୁନାହିଁ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲ କହିଛନ୍ତି, ଯେହେତୁ ପୋଲିସ ଧରିଛି, ପୋଲିସ ଏ ନେଇ ମାମଲା ରୁଜୁ କରିବ।

## ମାଓବାଦୀଙ୍କ ନାଁରେ ୫୦ ଲକ୍ଷ ଚାନ୍ଦା ମାଗି ୨ ଗିରଫ

**ବାଳ ସୁଧାର ଗୃହକୁ ଗଲେ ନାବାଳକ**

ରାୟଗଡ଼ା/ଟିକିରି,୧୨।୭(ଆଶିଷ ରଞ୍ଜନ ପଣ୍ଡା/ପ୍ରଫୁଲ୍ଲ କୁମାର ବେହେରା)

ନିୟମଗିରି ମାଓବାଦୀଙ୍କ ନାଁରେ ଧମକ ଦେଇ ୫୦ ଲକ୍ଷ ଚାନ୍ଦା ମାଗିବା ଅଭିଯୋଗରେ ୨ ଯୁବକଙ୍କୁ ରାୟଗଡା ଜିଲା ଦୋରାଗୁଡ଼ା ପୋଲିସ ଶନିବାର ଗିରଫ କରିବା ସହ ଅନ୍ୟ ଜଣେ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଇଛି। ଗିରଫ ଦୁଇଜଣ ହେଲେ କୁପାଖାଲ ଗ୍ରାମର ବିନୋଦ ବାଗ ଓ ମାଳିଗୁଡ଼ାର ନରେଶ ନାଏକ। ଅନ୍ୟଜଣେ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଯାଇଛି। ଦାରାଗୁଡ଼ା ଥାନା ଅନ୍ତର୍ଗତ ହାତୀମୁଣ୍ଡା ଟିକିରି ଗ୍ରାମର ଚନ୍ଦ୍ରଶେଖର ବିଶୋଇଙ୍କୁ ୩ ଜଣ ନିୟମଗିରି ଅଞ୍ଚଳର ମାଓବାଦୀ ପରିଚୟ ଦେଇ ଚିଠି ଓ ଫୋନ୍ କରି ୫୦ଲକ୍ଷ ଟଙ୍କା ଚାନ୍ଦା ମାଗିଥିଲେ । ଏ ନେଇ ଚନ୍ଦ୍ରଶେଖର ଦୋରାଗୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଆଇଆଇସି କିରଣବାଳା ସାମଲ ନଂ. ୮୮/୨୫ରେ ମାମଲା ରୁଜୁ କରି ତଦନ୍ତ କରିଥିଲେ। ତଦନ୍ତରୁ ବିନୋଦ ଓ ନରେଶଙ୍କ ସହିତ ଜଣେ ନାବାଳକ ସାମିଲ ଥିବା ଜଣାପଡ଼ିବା ପରେ ପୋଲିସ ୩ ଜଣଙ୍କୁ ଧରିଥିଲା। ତଦନ୍ତରେ ରାୟଗଡ଼ା ସାଇବର ସେଲ୍ ଟିମ୍ ଓ ଟିକିରି ଥାନା ପୋଲିସ ସହାୟତା କରିଥିବା ଆଇଆଇସି ସାମଲ କହିଛନ୍ତି ।

## ପରକୀୟା ପ୍ରୀତି ଲୁଚାଇବା ପାଇଁ ଲୋକ ଲଗାଇ ସ୍ୱାମୀଙ୍କ ଫୋନ୍ ଚୋରାଇଲେ

ନୂଆଦିଲ୍ଲୀ, ୧୨।୭

ଦିଲ୍ଲୀ ପୋଲିସ ଶନିବାର ଏକ ରୋଚକପୂର୍ଣ୍ଣ ଫୋନ୍ ଚୋରି ଘଟଣାର ପର୍ଦ୍ଦାଫାଶ କରିଛି। ଜଣେ ମହିଳା ତାଙ୍କ ପରକୀୟା ପ୍ରୀତି ସମ୍ପର୍କିତ ଫଟୋଗୁଡ଼ିକୁ ସ୍ୱାମୀଙ୍କ ଫୋନ୍‌ରୁ ଡିଲିଟ୍ କରିବାକୁ ଚାହୁଁଥିଲେ। ତେଣୁ ସେ ଭଡ଼ାରେ ଲୋକ ଲଗାଇ ସ୍ୱାମୀଙ୍କ ଫୋନ୍‌କୁ ଚୋରି କରାଇଥିଲେ। ପ୍ରାୟ ୭୦ ସିସିଟିଭି କ୍ୟାମେରାର ଫୁଟେଜ୍‌କୁ ଯାଞ୍ଚ କରିବା ପରେ ପୋଲିସ ଏହି ମାମଲାର ପର୍ଦ୍ଦାଫାଶ କରିଛି।

ଦକ୍ଷିଣ ଦିଲ୍ଲୀର ଡିସିପି ଅଙ୍କିତ ଚୌହାନ କହିଛନ୍ତି, ଗତ ୧୯ ତାରିଖରେ ସ୍ଥାନୀୟ ସୁଲତାନପୁରସ୍ଥିତ ଓଲ୍ଡ ଯୁକେ ପେଣ୍ଟ ଫ୍ୟାକ୍ଟ୍ରି ନିକଟରେ ସ୍କୁଟରରେ ୨ ଜଣ ଆସି ଜଣେ ବ୍ୟକ୍ତିଙ୍କ ଫୋନ୍ ଛଡ଼ାଇ ନେଇଥିଲେ। ଫୋନ୍ ଚୋରିକୁ ନେଇ ବ୍ୟକ୍ତି ଜଣକ ନିଜ ଭାଗ୍ୟକୁ ଦାୟୀ କରିବା ସହ ଥାନାରେ ଏତଲା ଦେଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସିସିଟିଭି କ୍ୟାମେରାରୁ ଅଭିଯୁକ୍ତ ବ୍ଲ୍ୟୁ ଟି ଶାର୍ଟ ପିନ୍ଧିଥିବା ଜଣାପଡ଼ିଥିଲା। ସ୍କୁଟରର ନମ୍ବରରୁ ପୋଲିସ ଅଭିଯୁକ୍ତ ଅଙ୍କିତ ଗେହଲଟଙ୍କ ନିକଟରେ ପହଞ୍ଚିଥିଲା। ପୋଲିସ ତାଙ୍କୁ ରାଜସ୍ଥାନର ବାର୍‌ମେରରୁ ଗିରଫ କରିଥିଲା। ପଚରାଉଚରା ସମୟରେ ଅଙ୍କିତ ଚୋରି ପଛର କଥା ବଖାଣିଥିଲେ। ଏହି ଚୋରି ପାଇଁ ଅଭିଯୋଗକାରୀଙ୍କ ସ୍ତ୍ରୀ ତାଙ୍କୁ ଭଡ଼ାରେ ନେଇଥିବା ଅଙ୍କିତ କହିଥିଲେ। ପ୍ରେମିକଙ୍କ ସହ ମହିଳାଙ୍କର ଥିବା ଅନ୍ତରଙ୍ଗ ଫଟୋକୁ ତାଙ୍କ ସ୍ୱାମୀ ନିଜ ଫୋନ୍‌ରେ ସେଭ୍ କରି ରଖିଥିବା ନେଇ ସେ ଜାଣିବାକୁ ପାଇଥିଲେ। ସେ ଉକ୍ତ ଫଟୋଗୁଡ଼ିକୁ ସ୍ୱାମୀଙ୍କ ଫୋନ୍‌ରୁ ଡିଲିଟ୍ କରିବାକୁ ଚାହୁଁଥିଲେ। ତେଣୁ ସେ ସ୍ୱାମୀଙ୍କ ଫୋନ୍ ଚୋରି ପାଇଁ ଷଡ଼ଯନ୍ତ୍ର ରଚିଥିଲେ। ମହିଳା ଜଣକ ଅଙ୍କିତଙ୍କୁ ଟଙ୍କା ଦେଇ ତାଙ୍କ ସ୍ୱାମୀଙ୍କ ଦୈନନ୍ଦିନ କାର୍ଯ୍ୟସୂଚୀ, ଅଫିସ୍ ସମୟ ଏବଂ ଅଫିସ୍‌ରୁ ଘରର ରୁଟ୍ ସମ୍ପର୍କରେ ଜଣାଇଥିଲେ। ପୋଲିସ ଅଙ୍କିତଙ୍କଠାରୁ ଚୋରି ହୋଇଥିବା ମୋବାଇଲ ଫୋନ୍‌କୁ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରୀ ବ୍ୟକ୍ତି ଜଣକ ତଙ୍କ ସ୍ତ୍ରୀଙ୍କ ପରକୀୟା ପ୍ରୀତି ସମ୍ପର୍କରେ କିଛିଦିନ ତଳେ ଜାଣିବାକୁ ପାଇଥିଲେ। ତେଣୁ ସ୍ତ୍ରୀ ଶୋଇଥିବା ସମୟରେ ତାଙ୍କ ଫୋନ୍‌ରେ ପ୍ରେମିକଙ୍କ ସହ ଥିବା ଅନ୍ତରଙ୍ଗ ଫଟୋଗୁଡ଼ିକୁ ବ୍ୟକ୍ତି ଜଣକ ନିଜ ଫୋନ୍‌କୁ ନେଇଯାଇଥିଲେ। ଯେତେବେଳେ ମହିଳା ଜଣକ ଏ ବିଷୟରେ ଜାଣିଲେ, ପ୍ରେମିକଙ୍କ ସହ ତାଙ୍କର ଅବୈଧ ସମ୍ପର୍କ ଲୋକଲୋଚନକୁ ଆସିବା ଆଶଙ୍କା କରି ସେ ଭୟଭୀତ ହୋଇଯାଇଥିଲେ ଏବଂ ସ୍ୱାମୀଙ୍କ ଫୋନ୍ ଚୋରି ପାଇଁ ଯୋଜନା କରିଥିଲେ। ପୋଲିସ ଅଭିଯୁକ୍ତ ମହିଳାଙ୍କୁ ପଚରାଉଚରା କରି ତଦନ୍ତ ଜାରି ରଖିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜ୍ୟୋତି ସୁରେଖାଙ୍କୁ ହ୍ୟାଟ୍ରିକ୍ ପଦକ



ଜ୍ୟୋତି ସୁରେଖା ଭେନମ୍

### ଆର୍ଚେରୀ ବିଶ୍ୱକପ୍ ଷ୍ଟେଜ୍-୪

**ମାଡ୍ରିଡ୍, ୧୨।୭(ପି.ଟି.)**

ଜ୍ୟୋତି ସୁରେଖା ଭେନମ୍ ଏଠାରେ ଚାଲିଥିବା ଆର୍ଚେରୀ ବିଶ୍ୱକପ୍ ଷ୍ଟେଜ୍-୪ ଟିମ୍ ଇଭେଣ୍ଟରେ ୨ ରୌପ୍ୟ ଏବଂ କୋଟିଏ ବ୍ରୋଞ୍ଜ ସହ ହ୍ୟାଟ୍ରିକ ପଦକ ହାସଲ କରିଛନ୍ତି। ପ୍ରଥମେ ସେ ଭାରତର ମହିଳା କମ୍ପାଉଣ୍ଡ ଦଳ ସହ ରୌପ୍ୟ ପଦକ ଲାଭକରିଥିଲେ। ମିକ୍ସଡ ଟିମ୍ ଇଭେଣ୍ଟ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବ୍ୟକ୍ତିଗତ କମ୍ପାଉଣ୍ଡ ଇଭେଣ୍ଟ ଫାଇନାଲରେ ବ୍ରିଟେନର ଇଲା ଗିବ୍‌ସନଙ୍କଠାରୁ ୧୪୭-୧୪୮ରେ ଅଳ୍ପକେ ପରାସ୍ତ ହୋଇ ରୌପ୍ୟ ପଦକ ହାସଲ କରିଥିଲେ। ଟିମ୍ ଇଭେଣ୍ଟରେ ସଙ୍କଟଜନକ ପରିସ୍ଥିତିରେ ଭାରତ ପୁଣି ବିଫଳ ହୋଇଥିବା ଶନିବାରର ଏହି ଫଳାଫଳ ସୂଚିତ କରୁଛି। ଜ୍ୟୋତି ସୁରେଖା ଭେନମ୍, ପରଣିତ କୌର ଏବଂ ୧୬ ବର୍ଷୀୟା ନବାଗତ ପ୍ରତୀକ୍ଷା ପ୍ରଦୀପଙ୍କୁ ନେଇ ଭାରତୀୟ ଦଳ ମୋଟ ୨୧୧୬ ପଏଣ୍ଟ ସହ କ୍ୱାଲିଫିକେଶନ ରାଉଣ୍ଡର ଶୀର୍ଷରେ ରହିଥିଲା। ତେଣୁ ଦଳଠାରୁ ସ୍ୱର୍ଣ୍ଣ ପଦକ ଆଶା କରାଯାଉଥିଲା। ମାତ୍ର ଦଳ ଫାଇନାଲରେ ହୁଆଙ୍ଗ ଆଇ-ଜୋ, ଚେନ୍ ୟି ହୁଆନ୍ ଓ ଚିଉ ୟୁ-ଏରଙ୍କୁ ନେଇ ଚାଇନିଜ୍ ତାଇପେ ଦଳଠାରୁ ୨୨୫-୨୨୭ରେ ହାରିଯାଇଥିଲା। ସେ ରିଷଭ ଯାଦବଙ୍କୁ ସାଥୀକରି ୧୦ମ ସିଡ୍ ଏଲ୍ ସାଲ୍‌ଭାଡରର ଯୋଡ଼ି ପାଓଲା କୋରାଡୋ ଓ ଡଗ୍‌ଲାସ ଭ୍ଲାଦିମିର ନୋଲାସ୍କୋଙ୍କୁ ୧୫୬-୧୫୩ରେ ପରାଜିତକରି ମିକ୍ସଡ ଟିମ୍ ବ୍ରୋଞ୍ଜ ପ୍ଲେ-ଅଫ୍ ଜିତିଛନ୍ତି।

### ସର୍ବଭାରତୀୟ ସିନିୟର ର୍ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ

# ପ୍ରି-କ୍ୱାର୍ଟର ଫାଇନାଲ ଲାଇନ ଅପ୍ ଚୂଡ଼ାନ୍ତ

**ଭୁବନେଶ୍ୱର,୧୨।୭ (ବିଜୟ ରଣା)**

କଳିଙ୍ଗ ଷ୍ଟାଡିୟମସ୍ଥିତ ବ୍ୟାଡ୍‌ମିଣ୍ଟନ ଇନ୍‌ଡୋର ଷ୍ଟାଡିୟମ 'ସଟଲ'ରେ ଆୟୋଜିତ ୟୋନେକ୍ସ ସନ୍‌ରାଇଜ ସର୍ବଭାରତୀୟ ସିନିୟର ର୍ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମୁଖ୍ୟ ଡ୍ର ପ୍ରତିଯୋଗିତା ଆରମ୍ଭ ହୋଇଛି। ମିକ୍ସଡ ଡବଲ୍ସ ବିଭାଗର ପ୍ରି-କ୍ୱାର୍ଟର ଲାଇନ ଅପ୍ ଚୂଡ଼ାନ୍ତ ହୋଇଯାଇଅଛି।

ଏଥିରେ ଓଡ଼ିଶା ଯୋଡ଼ି ତନ୍ମୟ ସାହୁ ଓ ହର୍ଷିତା ରାଉତ ତାଙ୍କ ତାମିଲନାଡୁ ପ୍ରତିଦ୍ୱନ୍ଦ୍ୱୀ ହରିଭାରତି ବି. ଓ ଧନ୍ୟା ଏନ୍‌ଙ୍କଠାରୁ ୨୧-୧୮, ୧୭-୨୧ ଓ ୧୯-୨୧ରେ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଉତ୍ତରପ୍ରଦେଶ ଯୋଡ଼ି ଧ୍ରୁବ ରାୱତ ଓ ମନୀଷା କେ. ଆନ୍ଧ୍ର-କେରଳ ଯୋଡ଼ି ଭି.ଭି. ଓ ଏନ୍. ଓଏସିସ୍‌ଙ୍କୁ ୨୧-୧୬, ୨୨-୨୪ ଓ ୨୧-୧୪ ଗେମ୍‌ରେ ପରାସ୍ତ କରିଛନ୍ତି। ସେହିପରି ଦ୍ୱିତୀୟ ସିଡ କର୍ନାଟକର ଆସିଥ ସୂର୍ଯ୍ୟା ଓ ଅମୃଥା ପି. ଏବଂ ପଞ୍ଚମ ସିଡ୍ ମହାରାଷ୍ଟ୍ର-ଦିଲ୍ଲୀ ଯୋଡ଼ି ନିତିନ କୁମାର ରୀତିକା ଥାକ୍‌ରେ ନିଜ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ପ୍ରି-କ୍ୱାର୍ଟର ଫାଇନାଲରେ ନିଜ ସ୍ଥାନ ସୁରକ୍ଷିତ ରଖିଛନ୍ତି। ମହିଳା ସିଙ୍ଗଲ୍ସରେ ପ୍ରଥମ ସିଡ୍ ଉତ୍ତରପ୍ରଦେଶର ମାନସୀ ସିଂ, ଦ୍ୱିତୀୟ ସିଡ ଗୁଜରାଟର ଶ୍ରେୟା ଲେଲେ, ତୃତୀୟ ସିଡ୍ ଆସାମର ଇଷାରାଣୀ ବରୁଆ ଓ ଚତୁର୍ଥ ସିଡ୍ ହରିୟାଣାର ଜିୟା ରାୱତ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ରାଉଣ୍ଡ ଅଫ୍-୩୨ରେ ପହଞ୍ଚିଛନ୍ତି।



ମହିଳା ଡବଲ୍ସ ମ୍ୟାଚ୍‌ରେ ଅଂଶ ଗ୍ରହଣ କରିଥିବା ଦୁଇ ଖେଳାଳି।

ପୁରୁଷ ସିଙ୍ଗଲ୍ସରେ ପ୍ରଥମ ସିଡ କର୍ନାଟକର ରଘୁନାଥ ଏମ୍., ଦ୍ୱିତୀୟ ସିଡ୍ ମହାରାଷ୍ଟ୍ରର ଦର୍ଶନ ପୂଜାରୀ, ତୃତୀୟ ସିଡ୍ ମହାରାଷ୍ଟ୍ରର କୌଶଳ ଧର୍ମମେର ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରି ରାଉଣ୍ଡ ଅଫ୍-୩୨ରେ ପହଞ୍ଚିଥିବା ବେଳେ ଅଣ ସିଡେଡ୍ ଖେଳାଳି କର୍ନାଟକର ହେମନ୍ତ ଏମ୍. ଜି. ଚତୁର୍ଥ ସିଡ୍ ରାଜସ୍ଥାନର ସଂସ୍କାର ସାରସ୍ୱତଙ୍କୁ ୧୩-୨୧, ୨୧-୧୭ ଓ ୨୧-୮ରେ ହରାଇ ପ୍ରତିଯୋଗିତାରେ ଏକ ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି।

ମହିଳା ଡବଲ୍ସରେ ପ୍ରଥମ ସିଡ୍ କର୍ନାଟକର ଶିଖା ଗୌତମ ଓ ଅଶ୍ୱିନୀ ଭଟ୍ଟ, ଦ୍ୱିତୀୟ ସିଡ ତାମିଲନାଡୁର ଶ୍ରେୟା ବାଲାଜୀ ଓ ଏସ୍. ଦୀପ୍ତା, ତୃତୀୟ ସିଡ୍ କର୍ନାଟକ-ଉତ୍ତର ପ୍ରଦେଶର ଅମୃଥା ପି. ଓ ସୋନାଲି ସିଂ, ଚତୁର୍ଥ ସିଡ ମହାରାଷ୍ଟ୍ରର ଅନଘା କାରଣ୍ଡିକାର ଓ ସିୟା ସିଂ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ପ୍ରି-କ୍ୱାର୍ଟର ଫାଇନାଲରେ ସେମାନଙ୍କ ସ୍ଥାନ ସୁରକ୍ଷିତ ରଖିଛନ୍ତି। ରାଜ୍ୟ ସରକାରଙ୍କ ସହଯୋଗରେ ଆୟୋଜିତ ଏହି ସର୍ବଭାରତୀୟ ପ୍ରତିଯୋଗିତା (ଓସ୍‌ବା) ସଭାପତି ରାଜେଶ ପ୍ରଭାକର ପାଟିଲ ଏବଂ ଓସବା ରାଜ୍ୟ ସଂପାଦକ ନଳିନ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି।

### ଇଣ୍ଡିଆନ ଓପନ ପାରା ଆଥ୍‌ଲେଟିକ୍ସ

# ଓଡ଼ିଶାକୁ ୪ ସ୍ୱର୍ଣ୍ଣ, ୫ ରୌପ୍ୟ, ୨ ବ୍ରୋଞ୍ଜ

**ଭୁବନେଶ୍ୱର, ୧୨।୭ (ବିଜୟ ରଣା)**

ବେଙ୍ଗାଲୁରୁରେ ଅନୁଷ୍ଠିତ ୭ମ ଇଣ୍ଡିଆନ ଓପନ ପାରା ଆଥଲେଟିକ୍ସ ଇଣ୍ଟରନ୍ୟାଶନାଲ ଚାମ୍ପିୟନଶିପ୍‌ରେ ଓଡ଼ିଶାକୁ ୪ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୨ ବ୍ରୋଞ୍ଜ ସହ ୧୧ଟି ପଦକ ମିଳିଛି। ଜୟନ୍ତୀ ବେହେରା ମହିଳା ଟି-୪୭ କାଟେଗୋରି ୧୦୦ ଓ ୨୦୦ମିଟରରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଟି-୪୭ ୪୦୦ ମିଟରରେ ରୌପ୍ୟ ପାଇଛନ୍ତି। ସୁଚିତ୍ରା ପରିଡ଼ା ମହିଳା ଏଫ୍-୫୫ ଜାଭେଲିନ୍‌ରେ ସ୍ୱର୍ଣ୍ଣ ଏବଂ ଏଫ୍-୫୫ ଶଟ୍‌ପୁଟରେ ରୌପ୍ୟ ହାସଲ କରିଛନ୍ତି। ସେହିପରି ଓଡ଼ିଶାର ଜାନକୀ ଓରାମ ମହିଳା ଟି-୧୨ କାଟେଗୋରୀ ୧୦୦ମିଟର ଦୌଡ଼ରେ ରୌପ୍ୟ ଏବଂ ୨୦୦ମିଟରରେ ବ୍ରୋଞ୍ଜ ହାସଲ କରିଥିଲେ। ସାହିଲ କିରୋ ତାଙ୍କର ଗାଇଡ୍ ରନର ଥିଲେ। ସେ ଟି୨୦ ଲଙ୍ଗ ଜମ୍ପରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। କମଳାକାନ୍ତ ନାୟକ ପୁରୁଷ ଏଫ୍ ୫୪/୫୫ କାଟେଗୋରୀ ଜାଭେଲିନ୍‌ରେ ରୌପ୍ୟ ଜିତିଥିବା ବେଳେ ୮୦୦ମିଟରରେ ରୌପ୍ୟ ଏବଂ ୪୦୦ ମିଟରରେ ବ୍ରୋଞ୍ଜ ପାଇଥିଲେ।



ଓଡ଼ିଶାର ପଦକ ବିଜେତା ପାରା ଆଥ୍‌ଲେଟ୍।

### କ୍ଲବ୍ ବିଶ୍ୱକପ୍ ଫାଇନାଲ

# ରେଫରି ଦାୟିତ୍ୱରେ ଅଲିରେଜା



**ଇଷ୍ଟ ରଥରଫୋର୍ଡ(ୟୁଏସ୍‌ଏ), ୧୨।୭(ଏପି)**

ଅଷ୍ଟ୍ରେଲିଆର ଅଲିରେଜା ଫାଘାନି ରବିବାର ଚେଲ୍‌ସୀ ଓ ପ୍ୟାରିସ୍ ସେଣ୍ଟ ଜର୍ମେନ୍ ମଧ୍ୟରେ ଖେଳାଯିବାକୁଥିବା କ୍ଲବ ବିଶ୍ୱକପ୍ ଫାଇନାଲରେ ରେଫରି ଦାୟିତ୍ୱ ତୁଲାଇବେ। ୪୭ ବର୍ଷୀୟ ଫାଘାନିଙ୍କ ଜନ୍ମସ୍ଥାନ ହେଉଛି ଇରାନରେ। ପୂର୍ବରୁ ସେ ୨୦୧୬ ଅଲିମ୍ପିକ୍ସ ପୁରୁଷ ଫୁଟ୍‌ବଲ ଜର୍ମାନୀ ବିପକ୍ଷରେ ବ୍ରାଜିଲର ପେନାଲ୍ଟି କିକ୍ ବିଜୟ ଫାଇନାଲ ମ୍ୟାଚରେ ରେଫରି ଦାୟିତ୍ୱ ତୁଲାଇଥିଲେ। ସେ ଚଳିତ ବର୍ଷ ମାୟାମି ଓ ଅଲ୍ ଆଲି, ବୋକା ଜୁନିୟର୍ସ ବିପକ୍ଷ ବେୟର୍ନ ମ୍ୟୁନିକ୍‌ର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ଏବଂ ପାମିରାସ ବିପକ୍ଷରେ ଚେଲ୍‌ସୀର କ୍ୱାର୍ଟରଫାଇନାଲ ବିଜୟ ମ୍ୟାଚ୍‌ରେ ସଫଳତାର ସହିତ ରେଫରି ଦାୟିତ୍ୱ ତୁଲାଇଛନ୍ତି। ସେ ଆହୁରି ମଧ୍ୟ ୨୦୧୮ ଓ ୨୦୨୨ ବିଶ୍ୱକପ୍‌ରେ ରେଫରି ଭାବେ କାର୍ଯ୍ୟ କରିଛନ୍ତି।

# ଜୋଟାଙ୍କ ଜର୍ସି ନମ୍ବରକୁ ବାଦ୍‌ଦେଲା ଲିଭରପୁଲ୍

**ଲିଭରପୁଲ୍,୧୨।୭(ଏପି)**

ଗତ ସପ୍ତାହରେ ଏକ କାର୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଡିଏଗୋ ଜୋଟା ପିନ୍ଧୁଥିବା ନଂ.୨୦ ଜର୍ସିକୁ ଲିଭରପୁଲ ପକ୍ଷରୁ ଗୁରୁବାର ରିଟାୟର କରାଯାଇଛି। ୨୮ ବର୍ଷୀୟ ଜୋଟା ଓ ତାଙ୍କ ଭାଇ ଆନ୍ଦ୍ରେ ସିଲ୍‌ଭା(୨୫) ସ୍ପେନ୍‌ର ଉତ୍ତର ପଶ୍ଚିମ ସହର ଜମୋରାରେ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ଏହି ୨୦ ନମ୍ବର ଜର୍ସିକୁ ଜୋଟା ଗର୍ବର ସହ ପିନ୍ଧୁଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଆମେ ଅନେକ ସ୍ମରଣୀୟ ବିଜୟ ହାସଲକରିଛୁ। ଜୋଟା ସର୍ବଦା ଲିଭରପୁଲ ଫୁଟ୍‌ବଲ କ୍ଲବର ନଂ.୨୦ ହୋଇ ରହିବେ ବୋଲି କ୍ଲବ ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି। କ୍ଲବର ସିଇଓ ମାଇକେଲ ଏଡ୍‌ୱାର୍ଡ୍ସ କହିଛନ୍ତି, ଜୋଟାଙ୍କ ପରିବାର ସହ ପରାମର୍ଶ କରାଯିବା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଏକ କ୍ଲବ ଭାବେ ଆମେ ସମର୍ଥକଙ୍କ ଭାବାବେଗ ବୁଝିପାରୁଛୁ। ଆମେ ବି ସମାନ ଅନୁଭବ କରୁଛୁ। ମୋ ମତରେ ଲିଭରପୁଲ ଫୁଟ୍‌ବଲ କ୍ଲବ ଇତିହାସରେ କୌଣସି ଖେଳାଳିଙ୍କୁ ଏଭଳି ସମ୍ମାନ ଦିଆଯାଇନାହିଁ। ଜୋଟାଙ୍କ ଲାଗି ଗତ ସିଜନ କ୍ୟାରିୟରର ସବୁଠୁ ସଫଳ ସିଜନ ଥିଲା। ତାଙ୍କ ପ୍ରତିନିଧିତ୍ୱରେ ଲିଭରପୁଲ ରେକର୍ଡ ସମକକ୍ଷ ୨୦ତମ ପ୍ରିମିୟର ଲିଗ୍ ଓ ପର୍ତ୍ତୁଗାଲ ସହ ୟୁଇଫା ନେଶନ୍ସ ଲିଗ୍ ଜିତିଥିଲା। ମୋଟ ଉପରେ ସେ ଲିଭରପୁଲ ପାଇଁ ୧୮୨ ମ୍ୟାଚ୍ ଖେଳି ୬୫ ଗୋଲ କରିଥିଲେ।

# ସିରାଜଙ୍କ ଶ୍ରଦ୍ଧାଞ୍ଜଳି

**ଲଣ୍ଡନ,୧୨।୭(ପି.ଟି.)**

ନିକଟରେ ଏକ କାର୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପର୍ତ୍ତୁଗୀଜ୍ ଫୁଟ୍‌ବଲର ଡିଏଗୋ ଜୋଟାଙ୍କ ପ୍ରତି ଭାରତୀୟ ପେସର ମହମ୍ମଦ ସିରାଜ୍ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟର ଦ୍ୱିତୀୟ ଦିନରେ ସିରାଜ୍ ଘରୋଇ ଦଳର ଉଇକେଟ୍‌କିପର ବ୍ୟାଟର ଜେମି ସ୍ମିଥ୍‌ଙ୍କୁ ଆଉଟ୍ କରିବା ପରେ ଦୁଇହାତର ଆଙ୍ଗୁଠି ଜରିଆରେ ନମ୍ବର ୨୦ ସଙ୍କେତ ଦେଖାଇଥିଲେ, ଯାହା ଜୋଟାଙ୍କ ଜର୍ସିର ନମ୍ବର ଥିଲା। ପରେ ସିରାଜ ଉଭୟ ହାତ ଟେକି ଫୁଟ୍‌ବଲରଙ୍କ ପ୍ରତି ସମ୍ମାନ ଜଣାଇଥିଲେ। ଆମେ ଗତ ମ୍ୟାଚ୍ ବେଳେ ଦୁର୍ଘଟଣାରେ ଜୋଟାଙ୍କ ମୃତ୍ୟୁ ଖବର ପାଇଥିଲୁ। ମୁଁ ଜଣେ ପର୍ତ୍ତୁଗାଲ ଦଳର ଫ୍ୟାନ୍ ଏବଂ କ୍ରିଷ୍ଟିଆନୋ ରୋନାଲ୍ଡୋ ମଧ୍ୟ ସମାନ ଦଳ ପାଇଁ ଖେଳନ୍ତି। ଏଣୁ ଏହି ଖବର ମୋତେ ଭାବବିହ୍ୱଳ କରିଥିଲା। ମୁଁ ଗତ ମ୍ୟାଚ୍‌ରେ ତାଙ୍କୁ ସମ୍ମାନ ଜଣାଇବାକୁ ଚାହୁଁଥିଲି। ପରେ ଏ ସମ୍ପର୍କରେ କୁଲଦୀପ ଯାଦବଙ୍କ ସହ କଥା ମଧ୍ୟ ହୋଇଥିଲି। ଏଣୁ ମୁଁ ଉଇକେଟ ପାଇବା ପରେ ସେଭଳି ସଙ୍କେତ କରିଥିଲି ବୋଲି ସିରାଜ କହିଛନ୍ତି। ଏତଦ୍‌ବ୍ୟତୀତ ଜୀବନର ଅନିଶ୍ଚିତତା ସମ୍ପର୍କରେ ସେ ପ୍ରକାଶ କରିଛନ୍ତି, ଜୀବନ ଅତ୍ୟନ୍ତ ଅପ୍ରତ୍ୟାଶିତ। ଆମେ କାହା ପାଇଁ ଲଢୁଛୁ, କାହା ପାଇଁ କରୁଛୁ, କିନ୍ତୁ ଆସନ୍ତା କାଲି କଥା କାହାକୁ ଜଣାନାହିଁ। ଜୀବନରେ କିଛି ବି ନିଶ୍ଚିତ ନୁହେଁ।


# Classified Everyday

**0674-2580101, 9692975378**



MATRIMONIAL

## BRIDE WANTED

Govt. Civil Contractor କୁମୁଟି ଜାତିର ଏକମାତ୍ର ପୁଅ 1987, 5'6" ପାଇଁ ସୁନ୍ଦରୀ ପାତ୍ରୀ ଆବଶ୍ୟକ। 9337186871, 9861834722. D-76291

## GROOM WANTED

Beautiful Bhandari girl 1997, 5'1", MBA, B. COM. need the same caste well established 8249059188. D- 1050

Wanted Govt. Service groom for beautiful Brahmin Girl 1998, 5'4", BA, PGDCA, "SUNASANSAR". 9937512659. D-76282



## REAL ESTATE SALE

Bhubaneswar Sum Hospital-2, ତ୍ରିନାଥବଜାର ନିକଟରେ ଘରବାରି ପ୍ଲଟ୍ 1350sqft. ଏବଂ Cuttack Sri Sri University, ତ୍ରିଶୁଳିଆରେ 1900sqft.ରେ ଉପଲବ୍ଧ। Whatsapp: 9437011506, 6371462496. D-1257

Book fully furnished super luxury tetraplex, GA freehold plots, Bhubaneswar, 8.9cr, Biswakarma Constructions 9040059040. D-1274

B.D.A. plot for sale- 40'x60' B.D.A. allotted plot for sale at Prachi Enclave, Chandrasekharpur at a cost of 2.5 crore (Non-negotiable). Only intending buyers (Not brokers) can contact to Mob No.- 9078562890 between 4P.M. to 5 P.M. D-76474

3 BHK ready to move flat for sale at Sundarpada. Price-60 Lakhs. Contact- 7606024182. D-1273

Buy Or Sale Property: 8984071303 Wanted Yellow Zone Gharabari Land on Outright Basis, minimum 30' Road around Bhubaneswar for Simplex/ Duplex/ Apartment Projects for our Clients. Only Land Owner can Contact. D-1258

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/- . 8328868883. D-76284

ସ୍ଥିତିବାନ ଘରବାରି ପାଚେରି ପ୍ଲଟ୍ ବ୍ରାହ୍ମଣଝରିଲୋ ନଖରାରୁ 5K.M 1500sqft. କିଣି ଘର କରନ୍ତୁ। 7978947520 D-76283

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338401309. D-71398

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ 1300sqft. 5,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76288

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

Commercial land sale Area 2047sqft. NH-57 Pitapalli, Bhubaneswar with boundarywall. 7008634668. D-76287

କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834. D-76286

Duplex sale near AIIMS Hospital Bhubaneswar, apartment Sum Hospital. 9777433701. D-76285

3BHK ready to move flat for sale at Jayadev Vihar Square, 2/4 BHK flat for sale at Hansapal Square, NH facing. Contact No.- 9437307086, 7008789347. D-1241

## AFFIDAVIT

Manasi Patra, aged about 33+ years, W/o- Late Pandaba Patra, At/P.O.- Khandahata, Via- Tora, Dist.- Bargarh, PIN- 768040, Odisha declare by this affidavit No.- C.F. No.- 787, dated- 23.06.2025. That now onwards I shall be known as Manabhangi Naik for all future purpose. D-1269

By virtue of an affidavit sworn before the Executive Magistrate, Belpada, No.-110, date- 11.07.2025, I, Nilakantha Nag, R/o. At- Chacherbeng, P.O.- Sarmuhan, P.S.- Belpada, Dist.- Balangir, Odisha, PIN- 767026 declare that I have changed my daughter's name from Sania Nag to Sandhya Nag. Henceforth, she shall be known as Sandhya Nag for all purposes.
Nilakantha Nag D-1270

By virtue of an affidavit sworn before the Executive Magistrate, Thuamul Rampur, dated 18.06.2025, I, Parama Naik, R/o. At- Jamguda, P.O./P.S.- Th. Rampur, District.- Kalahandi, PIN- 766037, Odisha declare that I have changed the name of my son from Pratarajan Naik to Praptaranjan Naik. Henceforth, he shall be known as Praptaranjan Naik for all purposes.
Parama Naik D-1271

By virtue of an affidavit sworn before the Exec- utive Magistrate, Keonj- har, No.- 013, dated- 13.03.2025, I, Pradeep Kumar Biswal, S/o-Sanatan Biswal, resident of Village/ P.O.- Udayapur, P.S.- Patna, Dist.- Keonjhar, Odisha-758045 State that, in Aadhaar Card of my son his name is wrongly mentioned as Sahim Biswal instead of Swastik Biswal. Hence, Sahim Biswal and Swastik Biswal is one and same person. D-1276

I, Pramod Kumar Mohanty, S/o- Kapila Charan Mohanty, Resident of plot No.- 327/A-65, At-Kantilo, P.O.-Kuha, Sunderpada, Bhubaneswar, Odisha declare by this affidavit No.- 65, dated- 20.01.2025. That now onwards I shall be known as Pramod Mohanty for all future purposes. D-76472

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate, BHUBANESWAR, dated- 23.05.2025, I, LAXMIBALA SAHOO, Address: AT/P.O.- GOHIRIAPADA, P.S.- FATEGARH, DIST.- NAYAGARH, ODISHA, PIN-752077 declare that I have changed my name from TUNI SAHOO to LAXMIBALA SAHOO. Henceforth, I shall be known as LAXMIBALA SAHOO for all purposes.
Laxmibala Sahoo (New Name) D-1275

I, Karim Nassar, S/o- Kasamali Nassar, resident of At- Flat No.- A/7, Platinum Group Co Op Housing Society, beside Kitab Mahal, P.O.-College Square, P.S.-Malgodown, Dist.- Cuttack-753003, Odisha declare by this affidavit No.- 73AA110707, dated- 11.07.2025 and affidavit No.- 72AA112158, dated- 12.07.2025. That now onwards I shall be known as Karim Kassamali Nassar for all future purposes. D-1267

I, Laila Karim, W/o- Karim Kassamali Nassar, resident of At- Flat No.- A/7, Platinum Group Co Op Housing Society, beside Kitab Mahal, P.O.-College Square, P.S.-Malgodown, Dist.-Cuttack-753003, Odisha declare by this affidavit No.- 73AA110708, dated- 11.07.2025. That now onwards I shall be known as Laila Karim Nassar for all future purposes. D-1266

## LEGAL NOTICE

ମାନ୍ୟବର, ଦେୱାନୀ ଅଦାଲତ
ବରିଷ୍ଠ ବିଭାଗ, ବୌଦ୍ଧ
ସିଭିଲ୍ ସୁଟ୍ ନଂ. -୮୬/୨୦୨୪
ସ୍ୱର୍ଣ୍ଣଲତା ସାହୁ ....ବାଦୀ
ବନାମ
ମୁରଲୀଧର ପ୍ରଧାନ ....ପ୍ରତିବାଦୀ

ଏତଦ୍ୱାରା ଏସ୍. କେ. ସଫିଉଲ୍ଲ, ପିତା: ଏସ୍. କେ. ମାନନ, ସା: କଳାଖଣ୍ଡି (ଚାରିଛକ), ପୋଷ୍ଟ: ଝଡ଼ ରାଜିଙ୍ଗ, ଥାନା: ପୁରୁଣା କଟକ, ଜିଲ୍ଲା: ବୌଦ୍ଧ, ବର୍ତ୍ତମାନ ସା/ପୋଷ୍ଟ: କେରଙ୍ଗ, ଥାନା/ଜିଲ୍ଲା- ଖୋର୍ଦ୍ଧାଙ୍କୁ ଜଣାଇ ଦିଆଯାଉଛି କି ସ୍ୱର୍ଣ୍ଣଲତା ସାହୁ ତୁମ୍ଭ ନାମରେ ଉପରୋକ୍ତ ମକଦ୍ଦମା ଦାଏର କରିଛନ୍ତି। ଉକ୍ତ ମକଦ୍ଦମା ତା08.08.2025ରିଖ 10.30AM ଘଟିକା ସମୟରେ ଆପଣ ନିଜେ କିମ୍ବା ଓକିଲଙ୍କ ଜରିଆରେ ହାଜର ହୋଇ ନିଜ ପକ୍ଷ ରଖିବେ। ଅନ୍ୟଥା ଆପଣଙ୍କ ଅନୁପସ୍ଥିତିରେ ଅଦାଲତ ଆଇନ ଅନୁଯାୟୀ ଉପରୋକ୍ତ ମକଦ୍ଦମା ବିଚାର କରିବାକୁ ବାଧ ହେବ।
ତା୦୮।୦୭।୨୦୨୫
ବୌଦ୍ଧ
ସ୍ୱା./- ବରିଷ୍ଠ ଦେୱାନୀ ଅଦାଲତ, ବୌଦ୍ଧ
ଧ-୧୨୬୮

**ଧରିତ୍ରୀ DHARITRI**

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ସ୍ମାର୍ଟ ୱାଚ୍







**ରିଷ୍ଟ ୱାଚ୍ ବା ହାତଘଣ୍ଟା ପିନ୍ଧିବା ଅଧିକାଂଶଙ୍କର ସଉକ। ସମୟ ଦେଖିବା ସହ ଷ୍ଟାଇଲିଶ୍ ଲୁକ୍ ପାଇଁ ସେମାନେ ବିଭିନ୍ନ ଡିଜାଇନ୍‌ର ୱାଚ୍ ବ୍ୟବହାର କରିଥା'ନ୍ତି। ବର୍ତ୍ତମାନ ଏହାର ଫଙ୍କ୍‌ଶନ କେବଳ ସମୟ ଦେଖିବାରେ ସୀମିତ ନାହିଁ, ବରଂ ଫିଟ୍‌ନେସ୍ ଟ୍ରାକ୍ କରିବା, ଫୋନ୍ କଲ୍ ରିସିଭ୍ କରିବା ଭଳି ମଲ୍ଟିପଲ୍ ଫଙ୍କ୍‌ଶନ ପାଇଁ ସ୍ମାର୍ଟ ୱାଚ୍‌ର ଡିମାଣ୍ଡ ବଢ଼ିବାରେ ଲାଗିଛି....**



ଦିନଥିଲା, ହାତରେ ଘଣ୍ଟା ନ ପିନ୍ଧିଲେ ଅନେକେ ବାହାରକୁ ଯାଉ ନ ଥିଲେ। ବିଶେଷକରି ପରୀକ୍ଷାର୍ଥୀଙ୍କର ଏହା ସବୁଠୁ ଜରୁରୀ। କାରଣ ସମୟ ଜାଣିବା ଲାଗି ଏହାହିଁ ଥିଲା ଏକମାତ୍ର ବିକଳ୍ପ। ଯଦିଓ ମୋବାଇଲ୍ ଫୋନ୍ ଆସିବା ପରେ ଏହାର ବ୍ୟବହାର କିଛି ମାତ୍ରାରେ କମିଥିଲା, ହେଲେ ବର୍ତ୍ତମାନ କେବଳ ସମୟ ଜାଣିବା ଲାଗି ନୁହେଁ, ଫିଟ୍‌ନେସ୍ ଟ୍ରାକ୍ କରିବା, ଫୋନ୍ କଲ୍ ରିସିଭ୍ କରିବା ଭଳି ମଲ୍ଟିପଲ୍ ଫଙ୍କ୍‌ଶନ ସହିତ ବିଭିନ୍ନ ନାମୀଦାମୀ କମ୍ପାନୀର ସ୍ମାର୍ଟ ୱାଚ୍ ମାର୍କେଟ୍‌ରେ ଉପଲବ୍ଧ। ମେଟାଲିକ୍ ଚେନ୍‌ଠୁ ଆରମ୍ଭ କରି ଡିଫରେଣ୍ଟ ଡିଫରେଣ୍ଟ କଲରର ଲେଦର ଏବଂ ପ୍ଲାଷ୍ଟିକ୍ ବ୍ୟାଣ୍ଡ ଥିବା ତଥା ଡିଜିଟାଲ ଅପରେଟେଡ୍ ସ୍ମାର୍ଟ ୱାଚ୍ ଏବେ ପାଲଟିଛି ଯୁବପିଢ଼ିଙ୍କର ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ। ତେବେ ଗ୍ଲୋବାଲ ସ୍ମାର୍ଟ ୱାଚ୍ ମାର୍କେଟ ତରଫରୁ ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ବର୍ଷରେ ସମୁଦାୟ ହାତଘଣ୍ଟାର ପ୍ରାୟ ୪୦%ରୁ ଉର୍ଦ୍ଧ୍ୱ ହେଉଛି କେବଳ ସ୍ମାର୍ଟ ୱାଚ୍। ତେବେ ଗ୍ଲୋବାଲ୍ ମାର୍କେଟରେ ସବୁଠୁ ଅଧିକ ବିକ୍ରି ହେଉଥିବା ଟପ୍ ସ୍ମାର୍ଟ ୱାଚ୍ ବ୍ରାଣ୍ଡ ହେଉଛି ଆପଲ୍, ସାମ୍‌ସଙ୍ଗ୍, ହୁଆଇ, ଇମୁ, ଆମାଜ୍‌ଫିଟ୍, ଗାର୍ମିନ୍, ଫିଟ୍‌ବିଟ୍, ଜାଓମି, ନଏଜ୍ ଇତ୍ୟାଦି।

**ମଲ୍ଟିପୁଲ୍ ଫାସିଲିଟି କରିଛି ଲୋକପ୍ରିୟ:** ହାତରେ କେବଳ ଘଣ୍ଟାଟିଏ ବାନ୍ଧି ଦିନକୁ ଆପଣ କେତେ ଷ୍ଟେପ୍ ଚାଲିଲେ, କେତେ କ୍ୟାଲୋରି ବର୍ନ କଲେ, ହାର୍ଟ ରେଟ୍‌ଠାରୁ ଆରମ୍ଭ କରି ବ୍ଲଡ୍‌ପ୍ରେସର ପର୍ଯ୍ୟନ୍ତ ସବୁକିଛି ଏଥିରୁ ଖୁବ୍ ସହଜରେ ଜାଣିପାରିବା ସ୍ୱାସ୍ଥ୍ୟ ପ୍ରତି ସଚେତନ ଥିବା ପ୍ରତ୍ୟେକ ଯୁବପିଢ଼ିଙ୍କ ପାଇଁ କୌଣସି ବରଦାନଠୁ କମ୍ ନୁହେଁ। ତେଣୁ ଜିମ୍ ଯାଉଥିବା କିମ୍ବା ଜଗିଂ, ରନିଂ, ସାଇକ୍ଲିଂ କରୁଥିବା ଯୁବପିଢ଼ିଙ୍କର ଏହା ପ୍ରତି କ୍ରେଜ୍ ଖୁବ୍ ଅଧିକ। ଏଥିରେ ଥିବା ଡିଜିଟାଲ୍ ହେଲ୍‌ଥ ସେନ୍‌ସର ଦ୍ୱାରା ହୃଦ୍‌ରୋଗର ପୂର୍ବ ସୂଚନା ମଧ୍ୟ ଜାଣି ହୋଇ ପାରୁଥିବାରୁ ଯଥା ସମୟରେ ଚିକିତ୍ସା ସହଜ ହୋଇପାରୁଛି ଏବଂ ରୋଗୀର ଜୀବନ ରକ୍ଷା ହୋଇପାରୁଛି। ଏଥିରେ ରୋଗୀକୁ ମେଡିସିନ୍ ଖାଇବାର ସମୟ ସୂଚନା ଦେବାର ମଧ୍ୟ ସୁବିଧା ରହିଛି। କେତେକ ସ୍ମାର୍ଟ ୱାଚ୍‌ରେ ପଡ଼ିଯିବା କ୍ଷଣି ଆମ୍ବୁଲାନ୍ସ ସହ ପରିବାର ଲୋକଙ୍କୁ ସୂଚନା ପହଞ୍ଚାଇବାର ସୁବିଧା ମଧ୍ୟ ଉପଲବ୍ଧ। କେବଳ ଏତିକି ନୁହେଁ, ଏଥିରେ ଯୁବତୀମାନଙ୍କୁ ମାସିକ ଋତୁସ୍ରାବ ସୂଚନା ବା ମେନ୍‌ଷ୍ଟ୍ରୁଆଲ୍ ପିରିୟଡ୍ ରିମାଇଣ୍ଡର ଦେବା ପାଇଁ ମଧ୍ୟ ସୁବିଧା ରହିଛି। ଏହାଛଡ଼ା ବର୍ତ୍ତମାନ ଆସୁଥିବା ବିଭିନ୍ନ ଲାଟେଷ୍ଟ ସ୍ମାର୍ଟ ୱାଚ୍‌ରେ ଏସି, ଫ୍ୟାନ୍, ଲାଇଟ୍, ଡୋର୍, ମାଇକ୍ରୋୱେଭ୍ ଓଭନ୍, ଟିଭି, ଫ୍ରିଜ୍ ଭଳି ସ୍ମାର୍ଟ ହୋମ୍ ଆପ୍ଲାଏନ୍‌ସେସ୍‌ଗୁଡ଼ିକୁ କଣ୍ଟ୍ରୋଲ୍ କରିବାର ଅପ୍ସନ ମଧ୍ୟ ଏଥିରେ ଉପଲବ୍ଧ।




**ଫୋନ୍‌ର ଛୋଟ ରୂପ:** ଏଥିରେ ୧୨ କିମ୍ବା ୨୪ ଘଣ୍ଟିଆ ଟାଇମ୍ ସେଟ୍ କରିବା ଅପ୍ସନଠୁ ଆରମ୍ଭ କରି ଆଲାର୍ମ ସେଟ୍ କରିବା, ମୋବାଇଲ୍‌ରେ ଆସୁଥିବା କଲ୍ ରିସିଭ୍ କରିବା, ମେସେଜ୍, ସୋସିଆଲ୍ ମିଡିଆର ବିଭିନ୍ନ ନୋଟିଫିକେଶନ୍ ଦେଖି ଫୋନ୍ ନ ଧରି ଏଥିରୁ ହିଁ ଇନ୍‌ଷ୍ଟାଣ୍ଟ ରିପ୍ଲାଏ କରିବାର ଅପ୍ସନ ରହିଛି। କେବଳ ଏତିକି ନୁହେଁ, ଏଥିରେ ବିଭିନ୍ନ ଆପ୍ ମଧ୍ୟ ବ୍ୟବହାର କରିପାରିବେ। ଏମିତିକି କେତେକ ସ୍ମାର୍ଟ ୱାଚ୍‌ରେ ସ୍ମାର୍ଟ ଆପ୍ ବେସ୍‌ଡ ଇ-ପେମେଣ୍ଟ ସିଷ୍ଟମ ମଧ୍ୟ ଉପଲବ୍ଧ। ତେଣୁ ଆପଣ ଏହା ସାହାଯ୍ୟରେ କ୍ୟାଶ୍‌ଲେସ୍ ଶପିଂର ବି ଫାଇଦା ଉଠାଇ ପାରିବେ।

**ଖୋଜିବ ଚୋରି ହୋଇଥିବା ଫୋନ୍:** ହଠାତ୍ ଫୋନ୍ ହଜିଗଲେ ଯେକେହି ବ୍ୟସ୍ତ ହୋଇପଡ଼ିବା ସ୍ୱାଭାବିକ କଥା। ହେଲେ ଯଦି ଆପଣ ସ୍ମାର୍ଟ ୱାଚ୍ ବ୍ୟବହାର କରୁଛନ୍ତି, ତେବେ ସେଥିରେ ରହିଛି 'ଫାଇଣ୍ଡ ଫୋନ୍' ନାମକ ଏକ ଆପ୍ଲିକେଶନ୍। ନିଜ ସ୍ମାର୍ଟ ୱାଚ୍‌କୁ ଫୋନ୍ ସହିତ କନେକ୍ଟ କରିଥିଲେ ଏହାଦ୍ୱାରା ଫୋନ୍‌କୁ ଟ୍ରାକ୍ କରି ସହଜରେ ଖୋଜିପାରିବେ ଏବଂ ଆବଶ୍ୟକ ସ୍ଥଳେ ସିମ୍ ଓ ଫୋନ୍ ବ୍ଲକ୍ ମଧ୍ୟ କରିପାରିବେ।

**ଚାର୍ଜେବଲ୍ ଏହି ୱାଚ୍:** ସାଧାରଣତଃ ରିଷ୍ଟ ୱାଚ୍‌ଗୁଡ଼ିକ ତୁଳନାରେ ଏଥିରେ ଫଙ୍କଶନ୍ ଅଧିକ ଥିବାରୁ ଚାର୍ଜ ମଧ୍ୟ ଅଧିକ ଖର୍ଚ୍ଚ ହୋଇଥାଏ। କିନ୍ତୁ ସବୁଠୁ ବଡ଼ କଥା ହେଉଛି, ଏହା ଚାର୍ଜେବଲ୍ ହୋଇଥିବାରୁ ବାରମ୍ବାର ବ୍ୟାଟେରି କିଣିବାର ଟେନ୍‌ସନ୍ ବି ନାହିଁ। ଏଣୁ ଏହାର ଡିମାଣ୍ଡ ଖୁବ୍ ଅଧିକ।

**ୱାଟରପ୍ରୁଫ୍:** ଅଧିକାଂଶ ସ୍ମାର୍ଟୱାଚ୍ ୱାଟରପ୍ରୁଫ୍। ତେଣୁ ଏହାକୁ ରେନି ଡେ'ରେ ପିନ୍ଧିବାରେ କୌଣସି ଅସୁବିଧା ନାହିଁ। ତା'ଛଡା ସ୍ୱିମରମାନେ ଏହାକୁ ପିନ୍ଧି ସ୍ୱିମିଂ ବି କରିପାରୁଛନ୍ତି।

**ରାତିରେ ବି ଦେଖିବା ସହଜ:** ସ୍ମାର୍ଟ ୱାଚ୍ ଗୁଡିକର ଆଉ ଏକ ସ୍ପେଶାଲ ଫିଚର ହେଉଛି ଲାଇଟ୍। ତେଣୁ ରାତି ଅନ୍ଧାରରେ ବି ସମୟ ଜାଣି ନ ପାରିବା ହେଉ ଅବା କିଏ କଲ୍ କରୁଛି ନ ଦେଖାଯିବାର ଟେନ୍‌ଶନ୍ ନାହିଁ। ତା'ଛଡା ଏଥିରେ ୱାଲ୍‌ପେପର୍ ସେଟିଂ କରି ନିଜ ହେଉ କିମ୍ବା ପସନ୍ଦର ଫଟୋ ବି ରଖିହେବ। ତେବେ ଏଭଳି ବିଭିନ୍ନ ଫିଚର ପାଇଁ ଏହା ଲୋକପ୍ରିୟ ହୋଇପାରିଛି।





# ହାତଲେଖା ଦିଏ ବ୍ୟକ୍ତିତ୍ୱର ପରିଚୟ

**ଲେଖିବାର ଶୈଳୀ ଏବଂ ହସ୍ତାକ୍ଷର ସମସ୍ତଙ୍କର ଭିନ୍ନ ଭିନ୍ନ ହୋଇଥାଏ। ତେବେ ଏକ ଗବେଷଣା ମୁତାବକ ହାତଲେଖାରୁ ମଧ୍ୟ ଜଣଙ୍କର ବ୍ୟକ୍ତିତ୍ୱ ଜଣାପଡ଼ିଥାଏ ...**



- ଗବେଷଣାରୁ ଜଣାପଡ଼ିଛି ଗୋଲ ଗୋଲ ଅକ୍ଷରରେ ଲେଖୁଥିବା ବ୍ୟକ୍ତି ଅଧିକ କଳାତ୍ମକ ହୋଇଥା'ନ୍ତି।
- ଯେଉଁମାନଙ୍କ ଅକ୍ଷର ଛୋଟ ଛୋଟ, ସେମାନେ ସାଧାରଣତଃ ଅନ୍ତର୍ମୁଖୀ ସ୍ୱଭାବର ହୋଇଥିବା ବେଳେ ବଡ଼ ଅକ୍ଷର ଲେଖୁଥିବା ବ୍ୟକ୍ତି ବହିର୍ମୁଖୀ ହୋଇଥାନ୍ତି।
- ଅନେକେ ଜାକି ଜାକି ଲେଖିବାକୁ ଭଲପାଆନ୍ତି। ଅର୍ଥାତ୍ ସେମାନଙ୍କ ଲେଖାରେ ଶବ୍ଦ-ଶବ୍ଦ ମଧ୍ୟରେ କମ୍ ଅନ୍ତର ରହିଥାଏ। ତେବେ ଏଭଳି ମଣିଷ ସଭିଙ୍କ ସହ ଏକାଠି ରହିବାକୁ ପସନ୍ଦ କରିଥା'ନ୍ତି। ହେଲେ ଯେଉଁମାନଙ୍କ ଲେଖା ମଧ୍ୟରେ ଅନ୍ତର ବେଶି, ସେମାନେ ଅଧିକ ଭିଡ଼ରେ ରହିବା ଅପେକ୍ଷା ଏକାକୀ ଆଜାଦ୍ ଜୀବନ ଜିଇବାକୁ ପସନ୍ଦ କରିଥା'ନ୍ତି।
- ସ୍ପଷ୍ଟ ଦସ୍ତଖତ କରୁଥିବା ବ୍ୟକ୍ତିମାନେ ଆତ୍ମବିଶ୍ୱାସୀ ହୋଇଥିବା ବେଳେ ଅସ୍ପଷ୍ଟ ଅକ୍ଷରରେ ଲେଖୁଥିବା ବ୍ୟକ୍ତି ଏକାକୀ ଏବଂ ଦୁର୍ବଳମନା ହୋଇଥା'ନ୍ତି। ସେହିପରି ଦସ୍ତଖତ ତଳେ ଗାର ପକାଉଥିବା ବ୍ୟକ୍ତି ଆତ୍ମସମ୍ମାନପ୍ରିୟ ହୋଇଥା'ନ୍ତି।
- ଧାଡ଼ି ସିଧା କରି ଲେଖୁଥିବା ବ୍ୟକ୍ତି ସର୍ବଦା ପ୍ରାକ୍ଟିକାଲ୍ ହୋଇଥା'ନ୍ତି।



ହେଲେ ଯେଉଁମାନେ ସାମାନ୍ୟ ଡାହାଣକୁ ଢଳିଲା ଭଳି ଅକ୍ଷର ଲେଖନ୍ତି, ସେମାନେ ସର୍ବଦା ନୂଆ ନୂଆ ଲୋକଙ୍କୁ ଭେଟିବା ସହ ନୂଆ ଅନୁଭବ ନେବାରେ ରୁଚି ରଖନ୍ତି। ସେହିପରି ବାମକୁ ଢଳିଲା ବା ବଙ୍କା ଭଳି ଅକ୍ଷର ଲେଖୁଥିବା ବ୍ୟକ୍ତି ନିଜ ଭାବନାରେ ରହିବାକୁ ପସନ୍ଦ କରୁଥିବା ବେଳେ କେବେକେବେ ବିଦ୍ରୋହୀ ସ୍ୱଭାବର ମଧ୍ୟ ହୋଇଥା'ନ୍ତି।

- ଖୁବ୍‌ଶୀଘ୍ର ଏବଂ ତରତର ହୋଇ ଲେଖୁଥିବା ବ୍ୟକ୍ତି ଅସ୍ଥିର ହୋଇଥିବା ବେଳେ ଧୀରେ ଲେଖୁଥିବା ବ୍ୟକ୍ତି ବ୍ୟବସ୍ଥିତ, ସ୍ଥିରମନା ଏବଂ କଳାତ୍ମକ ହୋଇଥା'ନ୍ତି।
- କଲମକୁ ଅଳ୍ପ ଦବାଇ ଲେଖୁଥିବା ବ୍ୟକ୍ତି ଅତ୍ୟନ୍ତ ପ୍ରତିଶ୍ରୁତିବଦ୍ଧ ହୋଇଥିବା ବେଳେ ପ୍ରତ୍ୟେକ କଥାକୁ ଗଭୀର ଭାବେ ଗ୍ରହଣ କରିଥା'ନ୍ତି। ଯେଉଁମାନେ ଅତ୍ୟଧିକ ଦବାଇ ଲେଖନ୍ତି ସେମାନେ ବ୍ୟସ୍ତ ବିବ୍ରତ ସ୍ୱଭାବର ହୋଇଥିବା ବେଳେ ଅବସାଦଗ୍ରସ୍ତ ରହିଥା'ନ୍ତି। ଯେଉଁମାନେ କଲମକୁ ନ ଦବାଇ ଆରାମରେ ଲେଖିଥା'ନ୍ତି, ସେମାନେ ଅନ୍ୟମାନଙ୍କ ପ୍ରତି ସହାନୁଭୂତି ସମ୍ପନ୍ନ ହୋଇଥା'ନ୍ତି।

## ଏ ସପ୍ତାହର ପ୍ରଶ୍ନ

୧- .................... ପକ୍ଷରୁ ଫାଇନାନ୍ସିଆଲ୍ ଫ୍ରଡ୍ ରିସ୍କ ଇଣ୍ଡିକେଟର ଆରମ୍ଭ କରାଯାଇଛି ?
୨- ବୁକାପାଟ୍‌ନା ଚିଙ୍କାରା ୱାଇଲ୍ଡଲାଇଫ୍ ସାଞ୍ଚୁଆରୀ ....... ରାଜ୍ୟରେ ଅବସ୍ଥିତ ?
୩- ୱାଣ୍ଡାନ୍ ମଡ୍ ଭଲ୍‌କାନୋ ............ ଠାରେ ଅବସ୍ଥିତ ?
୪- ତିରୁଚେନ୍ଦୁର ସୁବ୍ରମଣ୍ୟ ସ୍ୱାମୀ ମନ୍ଦିର ........... ରାଜ୍ୟରେ ଅବସ୍ଥିତ ?
୫- ଭାରତରତ୍ନ ସର୍ବପ୍ରଥମେ ........... ମସିହାରେ ପ୍ରଦାନ କରାଯାଇଥିଲା ?

## ଗତ ଥରର ଉତ୍ତର

୧ ଗାଜିଆବାଦ
୨ ମିନିଷ୍ଟ୍ରି ଅଫ୍ ଏକ୍ସଟର୍ନାଲ୍ ଆଫାୟାର୍ସ
୩ କର୍ନାଟକ
୪ ଦ୍ୱାରକା ଏକ୍ସପ୍ରେସ୍ ୱେ
୫ ଜମ୍ମୁ

## ଉତ୍ତରଦାତା


ପ୍ରକାଶ ପ୍ରଧାନ, ଢେଙ୍କାନାଳ


ରବୀନ୍ଦ୍ର କୁମାର ତ୍ରିପାଠୀ, ଭଦ୍ରକ


ମାନସ ରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ -ମେଲ୍ ଠିକଣା:dharitriagamiasha@gmail.com

## ଟପ୍ ୧୦
### ପୃଥିବୀରେ ସର୍ବାଧିକ ସଂଖ୍ୟକ ପକ୍ଷୀ



| | |
|---|---|
| ୧- ଡୋମେଷ୍ଟିକ୍ ଚିକେନ୍ | ୩୦ ବିଲିୟନ |
| ୨- ରେଡ୍-ବିଲ୍ଡ କ୍ୱିଲିଆ | ୧.୫ ବିଲିୟନ |
| ୩- ମୌର୍ନିଂ ଡୋଭ୍ | ୪୫୭ ମିଲିୟନ |
| ୪- ଆମେରିକାନ୍ ରବିନ୍ | ୩୧୦ ମିଲିୟନ |
| ୫- କମନ୍ ଫିଜାଣ୍ଟ | ୧୬୦-୨୨୦ ମିଲିୟନ |
| ୬- ରେଡ୍-ୱିଙ୍ଗ୍‌ଡ ବ୍ଲାକ୍‌ବାର୍ଡ | ୨୧୦ ମିଲିୟନ |
| ୭- ଚିପିଂ ସ୍ପାରୋ | ୨୦୦ ମିଲିୟନ |
| ୮- କମନ୍ ଷ୍ଟାର୍ଲିଂ | ୧୦୦-୧୯୯ ମିଲିୟନ |
| ୯- କମନ୍ ସ୍ୱିଫ୍ଟ | ୯୫-୧୬୪ ମିଲିୟନ |
| ୧୦- ୟେଲୋ-ରମ୍ପ୍‌ଡ ୱାର୍‌ବ୍ଲର୍ | ୧୩୦ ମିଲିୟନ |

## ୟୁଥ୍ ଆଲର୍ଟ
# ହାନିକାରକ ପ୍ୟାକେଟ୍ ଫ୍ରୁଟ୍ ଜୁସ୍

**ଫ୍ରୁଟ୍‌ଜୁସ୍ ପିଇବା ଅନେକଙ୍କୁ ଖୁବ୍ ପସନ୍ଦ। ହେଲେ ଫଳ ଆଣି କାଟି, ଗ୍ରାଇଣ୍ଡ କରି ଜୁସ୍ ପ୍ରସ୍ତୁତ କରି ପିଇବା ଭଳି ଲମ୍ବା କାମ ଅପେକ୍ଷା ଶର୍ଟ ଉପାୟରେ ମାର୍କେଟ୍‌ରେ ମିଳୁଥିବା ପ୍ୟାକେଟ୍ ଜୁସ୍ ପିଇଦେବା ଅଧିକ ସହଜ ବୋଲି ଅନେକେ ବିଶେଷକରି ଯୁବପିଢ଼ି ଭାବନ୍ତି। ହେଲେ ଏହା ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ...**



- ପ୍ରତିଦିନ ପ୍ୟାକେଟ୍ ଜୁସ୍ ପିଇବା ଦ୍ୱାରା ଗ୍ୟାସ୍ ସମସ୍ୟା, ଡାଇରିଆ ଏବଂ ବଦହଜମି ହୋଇଥାଏ।
- ପ୍ୟାକେଟ୍ ଫ୍ରୁଟ୍ ଜୁସ୍‌ରେ ମିଶାଯାଉଥିବା ଆର୍ଟିଫିସିଆଲ୍ କଲର୍ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ।
- ଫ୍ରୁଟ୍‌ଜୁସ୍‌ରେ କ୍ୟାଡମିୟମ, ଆର୍ସେନିକ୍ ଏବଂ ସୀସା ଇତ୍ୟାଦି ମିଶାଯାଇଥାଏ, ଯାହାକୁ ପିଇବା ଦ୍ୱାରା ମସ୍ତିଷ୍କର କାର୍ଯ୍ୟପ୍ରଣାଳୀ ଉପରେ ଖରାପ ପ୍ରଭାବ ପକାଇଥାଏ। କେବଳ ଏତିକି ନୁହେଁ, ଏହିସବୁ ହାନିକାରକ ଉପାଦାନ କ୍ୟାନ୍‌ସର ଆଶଙ୍କାକୁ ମଧ୍ୟ ବଢ଼ାଇଥାଏ।



- ଏଥିରେ ଶର୍କରା ଏବଂ କ୍ୟାଲୋରିର ମାତ୍ରା ଅଧିକ ଥିବାରୁ ମେଦବହୁଳତା ଦେଖାଯାଏ।

ଶର୍କରାର ମାତ୍ରା ଅଧିକ ଥିବାରୁ ଓଜନ ବୃଦ୍ଧି ଏବଂ ଉଚ୍ଚ ରକ୍ତଚାପ ପରି ସମସ୍ୟା ଦେଖାଦିଏ।

- ପ୍ୟାକେଟ୍ ଜୁସ୍‌କୁ ଅଧିକ ସମୟଯାଏଁ ଷ୍ଟୋର୍ କରି ରଖିବାକୁ ସେଥିରେ ବିଭିନ୍ନ କେମିକାଲ୍ ସହିତ ପ୍ରଚୁର ମାତ୍ରାରେ କୃତ୍ରିମ ମିଠା ଥିବା ବେଳେ ଫାଇବର୍ ମାତ୍ରା କମ୍ ରହିବା ଯୋଗୁ ଶରୀରରେ ଇନସୁଲିନ୍‌ର ମାତ୍ରା ବଢ଼ିଥାଏ।
- ପ୍ୟାକେଡ୍ ଜୁସ୍ ପିଇବା ପରିବର୍ତ୍ତେ ତଟକା ଫଳ ଖାଇବା ଶରୀର ପାଇଁ ହିତକର। ଜୀବନ ଯେତେ ବ୍ୟସ୍ତବହୁଳ ହୋଇ ଥାଉନା କାହିଁକି, ସୁସ୍ଥ ରହିବାକୁ ଚାହୁଁଥିଲେ ପ୍ୟାକେଟ୍ ଫ୍ରୁଟ୍‌ଜୁସ୍ ବଦଳରେ ଘରେ ପ୍ରସ୍ତୁତ ଫ୍ରୁଟ୍‌ଜୁସ୍ ପିଇବା ସବୁଠୁ ଭଲ।




# ତୃତୀୟ ଟେଷ୍ଟ: ରାହୁଲଙ୍କ ଶତକ

**ଲର୍ଡ୍ସ, ୧୨।୭**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ତୃତୀୟ ଟେଷ୍ଟ ତୃତୀୟ ଦିନ ଟି' ବ୍ରେକ୍ ସୁଦ୍ଧା ବରାବର ସ୍ଥିତିରେ ରହିଛି। ପ୍ରଥମ ଇନିଂସରେ ଇଂଲଣ୍ଡ ୩୮୭ ରନ୍ କରିଥିଲ। ଜବାବରେ ଭାରତୀୟ ଦଳ ତୃତୀୟ ଦିନରେ ବ୍ୟାଟିଂ ଜାରି ରଖି ୧୦୧ ଓଭର ଶେଷ ସୁଦ୍ଧା ୬ ଉଇକେଟ ହରାଇ ୩୩୮ ରନ୍ କରିଛି। ଭାରତ ପାଇଁ ଓପନର ଲୋକେଶ ରାହୁଲ ଶତକ ହାସଲ କରିଛନ୍ତି। ରିପୋର୍ଟ ଲେଖା ହେବା ସୁଦ୍ଧା ରବୀନ୍ଦ୍ର ଜାଡେଜା ୫୧ ଓ ୱାଶିଂଟନ ସୁନ୍ଦର ୪ ରନ୍‌ରେ ବ୍ୟାଟିଂ କରୁଛନ୍ତି। ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିବା ପାଇଁ ଭାରତୀୟ ଦଳକୁ ୪୯ ରନ୍ ଦରକାର ଥିବାବେଳେ ହାତରେ ୪ ଉଇକେଟ ରହିଛି।



ଶତକ ହାସଲ ପରେ ଉଲ୍ଲସିତ ଲୋକେଶ ରାହୁଲ।

ଶନିବାର ଭାରତୀୟ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୪୫/୩ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ରାହୁଲ ଓ ରିଷଭ ପନ୍ତ ଆରମ୍ଭରୁ ଅତ୍ୟନ୍ତ ଧୈର୍ଯ୍ୟର ସହ ବ୍ୟାଟିଂ କରିଥିଲେ। ସେଟ୍ ହେବା ପରେ ଦୁହେଁ ଆଟାକିଂ ବ୍ୟାଟିଂ କରିଥିଲେ। ପ୍ରଥମ ସେଶନର ଅନ୍ତିମ ବଲରେ ରାହୁଲଙ୍କ ସହ ଭୁଲ୍ ବୁଝାମଣା କାରଣରୁ ପନ୍ତ ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ୍ ହୋଇଥିଲେ। ପନ୍ତ ୮ ଚୌକା ଓ ୨ ଛକା ସହିତ ୭୪ ରନ୍ କରି ଆଉଟ୍ ହୋଇଥିଲେ। ସେ ରାହୁଲଙ୍କ ସହ ମିଶି ଚତୁର୍ଥ ଉଇକେଟରେ ୧୪୧ ରନ୍ ଯୋଡ଼ିଥିଲେ। ଦ୍ୱିତୀୟ ସେଶନରେ ରାହୁଲ ଶତକ ପୂରଣ କରିବା ପରେ ଆଉଟ୍ ହୋଇଥିଲେ। ସେ ୧୩ ଚୌକା ସହ ୧୦୦ ରନ୍ କରିଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ଦଶମ ଓ ଇଂଲଣ୍ଡରେ ଚତୁର୍ଥ ଶତକ ଥିଲା। ଐତିହାସିକ ଲର୍ଡ୍ସ ଭେନ୍ୟୁରେ ଏହା ତାଙ୍କର ଦ୍ୱିତୀୟ ଶତକ। ଦୀଲିପ ଭେଙ୍ଗସରକାରଙ୍କ ପରେ ରାହୁଲ ଦ୍ୱିତୀୟ ଭାରତୀୟ ଭାବେ ଏଭଳି ସଫଳତା ପାଇଛନ୍ତି। ଏହାପରେ ଜାଡେଜା ଓ ନୀତିଶ କୁମାର ରେଡ୍ଡୀ ଷଷ୍ଠ ଉଇକେଟରେ ୭୨ ରନ୍ ଯୋଡ଼ିଥିଲେ। କ୍ରିଜ୍‌ରେ ସେଟ୍ ଜଣାପଡୁଥିବା ରେଡ୍ଡୀ ୩୦ ରନ୍ କରି ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ବଲରେ ଉଇକେଟ୍ ପଛରେ କ୍ୟାଚ୍ ଆଉଟ୍ ହୋଇଥିଲେ। ରେଡ୍ଡୀ ଆଉଟ୍ ହେବା ପରେ ଜାଡେଜାଙ୍କ ସହ ୱାଶିଂଟନ କ୍ରିଜ୍‌ରେ ଯୋଗ ଦେଇଥିଲେ। ଇଂଲଣ୍ଡ ପକ୍ଷରୁ ଅଧିନାୟକ ଷ୍ଟୋକ୍ସ ଦୁଇଟି ଉଇକେଟ ନେଇଥିବା ବେଳେ କ୍ରିସ ୱୋକ୍ସ, ଜୋଫ୍ରା ଆର୍ଚ୍ଚର ଓ ଶୋଏବ ବସୀର ଗୋଟିଏ ଲେଖାଏ ଉଇକେଟ ହାତେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୮୭/ଅଲଆଉଟ୍।

ଭାରତ ପ୍ରଥମ ଇନିଂସ: ୧୦୧ ଓଭରରେ ୩୩୮/୬ (ଲୋକେଶ ରାହୁଲ-୧୦୦, ରିଷଭ ପନ୍ତ-୭୪, ରବୀନ୍ଦ୍ର ଜାଡେଜା-୫୧*, ନୀତିଶ କୁମାର ରେଡ୍ଡୀ-୩୦, ବେନ୍ ଷ୍ଟୋକ୍ସ-୨/୫୯, ଜୋଫ୍ରା ଆର୍ଚ୍ଚର-୧/୪୫, ଶୋଏବ ବସୀର-୧/୫୯)।

# କ୍ୟାଶ-ଗ୍ଲାସପୁଲ ପୁରୁଷ ଡବଲ୍ସ ଚାମ୍ପିୟନ

**ଲଣ୍ଡନ, ୧୨।୭**

ପଞ୍ଚମ ସିଡ୍ ବ୍ରିଟେନର ଜୁଲିଆନ କ୍ୟାଶ ଓ ଲୟଡ ଗ୍ଲାସପୁଲ ୱିମ୍ବଲଡନ ଚାମ୍ପିୟନଶିପ୍‌ରେ ପୁରୁଷ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ଏହା ଉଭୟ ଖେଳାଳିଙ୍କ ଲାଗି ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ। କ୍ୟାଶଙ୍କ ଲାଗି ଅଷ୍ଟମ ଟାଇଟଲ ହୋଇଥିବା ବେଳେ ଗ୍ଲାସପୁଲଙ୍କର ଏହା ଦଶମ ଟ୍ରଫି। ଗତ ୮୯ ବର୍ଷରେ ପ୍ରଥମ ବ୍ରିଟିଶ ଯୋଡ଼ି ଭାବେ କ୍ୟାଶ ଓ ଗ୍ଲାସପୁଲ ୱିମ୍ବଲଡନରେ ପୁରୁଷ ଡବଲ୍ସ ଟ୍ରଫି ଉଠାଇଛନ୍ତି। ଅନ୍ତିମ ଥର ୧୯୩୬ରେ ବ୍ରିଟେନର ପ୍ୟାଟ ହଗ୍ସ ଓ ରେମଣ୍ଡ ଟକି ପୁରୁଷ ଡବଲ୍ସ ଟାଇଟଲ ଜିତିଥିଲେ। ଶନିବାର ଖେଳାଯାଇଥିବା ପୁରୁଷ ଡବଲ୍ସ ଫାଇନାଲରେ କ୍ୟାଶ ଓ ଗ୍ଲାସପୁଲଙ୍କ ଯୋଡ଼ି ୬-୨, ୭-୬ (୭/୩) ସିଧାସଳଖ ସେଟ୍‌ରେ ଅଣସିଡ୍ ଯୋଡ଼ି ନେଦରଲାଣ୍ଡସର ଡେଭିଡ୍ ପେଲ ଓ ଅଷ୍ଟ୍ରେଲିଆର ରିଙ୍କି ହିଜିକାଟାଙ୍କୁ ହରାଇଛନ୍ତି। ବ୍ରିଟିଶ ଯୋଡ଼ି ପ୍ରଥମ ସେଟ୍‌କୁ ମାତ୍ର ୨୭ ମିନିଟ୍ ମଧ୍ୟରେ ଜିତି ନେଇଥିଲା। ଦ୍ୱିତୀୟ ସେଟ୍ ଉଭୟ ଯୋଡ଼ି ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା।

# ସ୍ୱିଟେକଙ୍କୁ ପ୍ରଥମ ୱିମ୍ବଲଡନ ଟାଇଟଲ

**ଲଣ୍ଡନ, ୧୨।୭**

ଟେନିସ ସିଜନର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବଲଡନ ଚାମ୍ପିୟନଶିପ୍‌ରେ ଅଷ୍ଟମ ସିଡ୍ ଇଗା ସ୍ୱିଟେକ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଏହା ତାଙ୍କ କ୍ୟାରିୟରର ଷଷ୍ଠ ଗ୍ରାଣ୍ଡସ୍ଲାମ ଓ ପ୍ରଥମ ୱିମ୍ବଲଡନ ଟାଇଟଲ। ସେ ପୋଲାଣ୍ଡର ପ୍ରଥମ ଖେଳାଳି ଭାବେ ୱିମ୍ବଲଡନ ସିଙ୍ଗଲ୍ସରେ ଚାମ୍ପିୟନ ହୋଇଛନ୍ତି। ଏହି ବିଜୟ ସହ ସ୍ୱିଟେକ ୨୦୨୨ଠାରୁ ପ୍ରତିବର୍ଷ ଅତିକମ୍‌ରେ ଗୋଟିଏ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ଧାରା ଜାରି ରଖିଛନ୍ତି। ଅନ୍ୟପକ୍ଷରେ ସେମିଫାଇନାଲରେ ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କାଙ୍କୁ ଚକିତ କରିଥିବା ୨୩ ବର୍ଷୀୟା ଆମାଣ୍ଡା ଆନିସିମୋଭା ରନରଅପରେ ସନ୍ତୁଷ୍ଟ ରହିଛନ୍ତି।


ଟ୍ରଫି ସହ ଇଗା ସ୍ୱିଟେକ୍।

ଶନିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲରେ ସ୍ୱିଟେକ ୬-୦, ୬-୦ ସିଧାସଳଖ ସେଟ୍‌ରେ ୧୩ତମ ସିଡ୍ ଆନିସିମୋଭାଙ୍କୁ ହରାଇଛନ୍ତି। ମ୍ୟାଚ୍ ଆରମ୍ଭରୁ ସ୍ୱିଟେକ ପୂରା ପ୍ରଭାବ ବିସ୍ତାର କରି ଖେଳିଥିଲେ। ଏପରିକି ସେ ପ୍ରତିପକ୍ଷ ଖେଳାଳିଙ୍କୁ ଗୋଟିଏ ହେଲେ ଗେମ୍ ଜିତିବାକୁ ଦେଇନଥିଲେ। ଏହି ଏକତରଫା ମ୍ୟାଚ୍ ଜିତିବା ପାଇଁ ତାଙ୍କୁ ମାତ୍ର ୫୭ ମିନିଟ୍ ଲାଗିଥିଲା। ୧୯୧୧ରୁ ଖେଳାଯାଉଥିବା ୱିମ୍ବଲଡନ ଚାମ୍ପିୟନଶିପ୍‌ରେ ଏଭଳି ଏକତରଫା ବିଜୟ ପୂର୍ବରୁ କୌଣସି ଖେଳାଳି ହାସଲ କରି ନଥିଲେ।

# ଓଡ଼ିଶା ନାଭାଲ ଟାଟା ହକି ଗ୍ରାସ୍‌ରୁଟ୍ ଲିଗ୍ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୧୨।୭ (ବିଜୟ ରଣା)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୫ମ ଓଡ଼ିଶା ନାଭାଲ ଟାଟା ହକି ଗ୍ରାସ୍‌ରୁଟ୍ ଚାମ୍ପିୟନଶିପ୍‌ର ଫାଇନାଲ ପର୍ଯ୍ୟାୟର ବାଳିକା ବିଭାଗରେ ଶନିବାର ବ୍ରୋଞ୍ଜ ପଦକ ପାଇଁ ଖେଳାଯାଇଥିବା ମ୍ୟାଚରେ ବାମ୍‌ରା ଏଚ୍‌ଟିସି ୧-୦ ଗୋଲ୍‌ରେ ବାରଗାଁଓ ଏଚ୍‌ଟିସିକୁ ହରାଇ ଦେଇଛି। ଏଥିରେ ପରାଜିତ ଦଳର ମନୀଷା କିଷାନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବାଳିକା ବିଭାଗ ଗ୍ରାଣ୍ଡ ଫିନାଲେରେ ଲାଠିକଟା ଏଚ୍‌ଟିସି ୧ (୨)-(୧) ୧ରେ ଗୁରୁଣ୍ଡିଆ ଏଚ୍‌ଟିସିକୁ ପରାସ୍ତ କରିଛି। ଚାମ୍ପିୟନଶିପ୍‌ର ବାଳିକା ବିଭାଗରେ ଲାଠିକଟା ଏଫ୍‌ସି ଚାମ୍ପିୟନ ହୋଇଥିବା ବେଳେ ଗୁରୁଣ୍ଡିଆ ପ୍ରଥମ ରନରଅପ୍ ଏବଂ ବାମ୍‌ରା ଦ୍ୱିତୀୟ ରନରଅପ୍ ହୋଇଥିଲା।

# ଦେବାଶିଷ ଚାମ୍ପିୟନ



ଦେବାଶିଷ ସାହୁ

**ଭୁବନେଶ୍ୱର, ୧୨।୭(ଅନାଦି କର):** ଓଡ଼ିଶାର ଟେନିସ୍ ଖେଳାଳି ଦେବାଶିଷ ସାହୁ ଏଆଇଟିଏ ଓ ଓଟିଏ ଆନୁକୂଲ୍ୟରେ କେଟି ଗ୍ଲୋବାଲ ସ୍କୁଲ ଟେନିସ୍ କୋର୍ଟରେ ଖେଳାଯାଇଥିବା ଏଆଇଟିଏ ମେନ୍ସ ୧ ଲକ୍ଷ କାଟେଗୋରି ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ସେ ୬-୪, ୬-୨ ସିଧାସଳଖ ସେଟ୍‌ରେ ମହାରାଷ୍ଟ୍ରର ଅନୁରାଗ ରେଡ୍ଡୀଙ୍କୁ ହରାଇଛନ୍ତି। ଦେବାଶିଷ ତାଙ୍କ ସଫଳତା ଲାଗି ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ), ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ, କିଟ୍ ୟୁନିଭରସିଟ୍ ଟେନିସ ଏକାଡେମୀ କୋଚ୍ ଟଡ୍, ଗଗନେନ୍ଦୁ ଦାଶ ଓ କିଟ୍ ଏବଂ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଦେବାଶିଷ ଆଗାମୀ ଦିନରେ ଆଇଟିଏଫ୍ ପୁରୁଷ ସର୍କିଟରେ ଖେଳିବାକୁ ଲକ୍ଷ୍ୟ ରଖିଛନ୍ତି।

# ଫ୍ରାନ୍ସକୁ ହରାଇଲା ଭାରତ 'ଏ'

**ଇଣ୍ଡୋଭେନ୍(ନେଦରଲାଣ୍ଡସ), ୧୨।୭(ପି.ଟି.):** ଭାରତ ଏ' ହକି ଦଳ ୟୁରୋପିଆନ୍ ଟୁର୍‌ରେ କ୍ରମାଗତ ତୃତୀୟ ବିଜୟ ହାସଲ କରିଛି। ସ୍ଥାନୀୟ ହମି କ୍ଲବ ଓରାଞ୍ଜେ ରୁଡ୍‌ଠାରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଦଳ ୩-୨ ଗୋଲ୍‌ରେ ଫ୍ରାନ୍ସକୁ ହରାଇଦେଇଛି। ଭାରତ ତରଫରୁ ଫରୱାର୍ଡ ଆଦିତ୍ୟ ଅର୍ଜୁନ ଲାଲ୍‌ଗେ ଡବଲ ଗୋଲ୍‌ସ୍କୋର କରିଥିବା ବେଳେ ବବି ସିଂ ଧାମି ଗୋଟିଏ ଗୋଲ୍ ଦେଇଥିଲେ। ଲାଲ୍‌ଗେଙ୍କ ପ୍ରଥମଟି ଫିଲ୍ଡଗୋଲ୍ ଥିଲା। ଦ୍ୱିତୀୟଟି ପେନାଲ୍‌ଟି କର୍ନରକୁ କନ୍‌ଭର୍ଟ କରିଦେଇଥିଲେ। ବବିଙ୍କର ମଧ୍ୟ ଫିଲ୍ଡଗୋଲ୍ ଥିଲା। ଫ୍ରାନ୍ସ ପକ୍ଷରୁ କ୍ଲେମେଣ୍ଟ ୨ଟିଯାକ ଗୋଲ୍ ସ୍କୋର କରିଥିଲେ। ଭାରତ ଏ' ରବିବାର ପୁନର୍ବାର ଫ୍ରାନ୍ସ ସହ ମୁକାବିଲା କରିବ। ୟୁରୋପ ଟୁର୍‌ରେ ଥିବା ଦଳକୁ ଆହୁରି ୫ଟି ମ୍ୟାଚ୍ ଖେଳିବାକୁ ବାକି ରହିଛି। ଭାରତ ଏ' ପୂର୍ବରୁ ଆୟର୍ଲାଣ୍ଡକୁ ୨ଥର ଏବଂ ଫ୍ରାନ୍ସକୁ ଥରେ ପରାସ୍ତ କରିସାରିଛି। ଫ୍ରାନ୍ସ ବିପକ୍ଷ ରିଭର୍ସ ମ୍ୟାଚ୍ ବ୍ୟତୀତ ଦଳ ନେଦରଲାଣ୍ଡସ ବିପକ୍ଷରେ ଦୁଇଟି ଏବଂ ଇଂଲଣ୍ଡ ଓ ବେଲ୍‌ଜିୟମ ବିପକ୍ଷରେ ଗୋଟିଏ ଲେଖାଏ ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଛି।




# ଟି୨୦ ବିଶ୍ୱକପ୍ ଖେଳିବ ଇଟାଲୀ

**ନୂଆଦିଲ୍ଲୀ, ୧୨।୭:** ଆସନ୍ତା ବର୍ଷ ହେବାକୁଥିବା ଟି୨୦ ବିଶ୍ୱକପ୍ ଲାଗି ଇଟାଲୀ ଯୋଗ୍ୟତା ହାସଲ କରିଛି। ଶୁକ୍ରବାର ହେଗ୍‌ଠାରେ ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ଲାଗି ଖେଳାଯାଇଥିବା ୟୁରୋପ ଯୋଗ୍ୟତା ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ନେଦରଲାଣ୍ଡସଠାରୁ ଇଟାଲୀ ପରାସ୍ତ ହୋଇଛି। ହେଲେ ନେଟ୍ ରନ୍‌ରେଟ୍ ଯଥେଷ୍ଟ ଭଲ ଥିବାରୁ ଦଳ ପ୍ରଥମଥର ପାଇଁ କ୍ରିକେଟ ବିଶ୍ୱକପ୍‌ରେ ସ୍ଥାନ ପକ୍କା କରିଛି। ୨୦୨୬ରେ ଭାରତ ଓ ଶ୍ରୀଲଙ୍କାରେ ଟି୨୦ ବିଶ୍ୱକପ୍ ଖେଳାଯିବ। ପୂର୍ବରୁ ନେଦରଲାଣ୍ଡସ ଯୋଗ୍ୟତା ହାସଲ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଇଟାଲୀ ୨୦ ଓଭରରେ ୭ ଉଇକେଟରେ ୧୩୪ ରନ୍ କରିଥିଲା। ଯୋଗ୍ୟତା ହାସଲ କରିବା ପାଇଁ ପ୍ରତିପକ୍ଷ ନେଦରଲାଣ୍ଡସକୁ ଅତିକମ୍ ୧୪ ଓଭର ପର୍ଯ୍ୟନ୍ତ ଖେଳାଇବାର ଥିଲା। କିନ୍ତୁ ନେଦରଲାଣ୍ଡସ ୧୭ତମ ଓଭରରେ ମ୍ୟାଚ୍ ଜିତିଥିଲା। ୨୦୨୬ ଟି୨୦ ବିଶ୍ୱକପ୍ ଲାଗି ଏପର୍ଯ୍ୟନ୍ତ ୧୫ଟି ଦଳ ଯୋଗ୍ୟତା ହାସଲ କରିସାରିଛନ୍ତି। ଏହି ତାଲିକାରେ ଆୟୋଜକ ଭାରତ ସମେତ ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, କାନାଡା, ଇଂଲଣ୍ଡ, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ଆମେରିକା ଓ ୱେଷ୍ଟଇଣ୍ଡିଜ୍ ଭଳି ଦେଶ ରହିଛନ୍ତି। ଇଷ୍ଟ ଏସିଆ ଓ ପାସିଫିକ୍ (ଇଏପି)ରୁ ୩ ଓ ଆଫ୍ରିକା କ୍ୱାଲିଫାୟରରୁ ୨ ଦଳ ବିଶ୍ୱକପ୍ ଲାଗି ଟିକେଟ୍ ହାସଲ କରିବେ।



Central Honda - Bhubaneshwar: City Centre Sachivalaya Marg Ph: 8657588464, 9078000333; Sambalpur: Bareipalli Ph.: 8657588467, 7682857806; Angul: Nalconagar Ph: 8657588465; Highway Honda - Bhubaneshwar: Rudrapur Ph.: 8657588896; Lewis road Ph: 8657589227; Near Patia Square Ph.: 8657589228; Jajpur: Pani koili Ph.: 8657588901; Cuttack: Cantonment Road Ph.: 8657589226; Balasore: Hiratikiri, Ph: 8657731130; Krishna Honda - Rourkela: Beldihi, Ph: 8657588922.

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ